R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୯୦
ତିଥି : ସପ୍ତମୀ
୧୫ ଏପ୍ରିଲ ୨୦୨୪, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 190
15 April 2024, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

# ଇସ୍ରାଏଲ ଉପରେ ଇରାନର ମିଶାଇଲ ମାଡ



ନୂଆଦିଲ୍ଲୀ, ୧୪।୪ : ଇରାନ ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି । ଇରାନ ପକ୍ଷରୁ ୩୦୦ ଡ୍ରୋନ ଓ ମିଜାଇଲ ଦ୍ୱାରା ଇସ୍ରାଏଲ୍ ଉପରେ ଅତର୍କିତ ଆକ୍ରମଣ କରାଯାଇଛି । ଇସ୍ରାଏଲ ସେନା ପକ୍ଷରୁ ଦୀର୍ଘ ସମୟ ଧରି ଚାଲିଥିବା ଛାୟା ଯୁଦ୍ଧର ଜବାବ ଦିଆଯିବ ବୋଲି କୁହାଯାଇଛି । ତେବେ ଆଉ ଆକ୍ରମଣ ନକରିବା ପାଇଁ ଇରାନ୍ ପକ୍ଷରୁ କୁହାଯାଇଛି । ଯଦି ଇସ୍ରାଏଲ ପାଲଟା ଆକ୍ରମଣ କରେ ତେବେ ଆମେ ପୁଣି ଆକ୍ରମଣ ହେବ ବୋଲି ଧମକ ଦିଆଯାଇଛି ।

ଇସାଏଲ୍ ସେନା ମୁଖପାତ୍ର କହିଛନ୍ତି ଯେ, ୯୯% ଆକ୍ରମଣକୁ ଇଣ୍ଟରସେପ୍ଟ ଦ୍ୱାରା ଅକାମୀ କରାଯାଇଛି । ୧୭୦ ଡ୍ରୋନ ଓ ୩୦ ମିଜାଇଲ ଇସ୍ରାଏଲ୍ ଉପରେ ପଡ଼ିଛି । ୧୧୦ ବାଲାଷ୍ଟିକ ମିଜାଇଲ ମଧ୍ୟ ଇସ୍ରାଏଲ୍ ଉପରେ ମାଡ଼ କରାଯାଇଛି ଓ ୧୨ ଜଣ ଆହତ ହୋଇଛନ୍ତି । ଇରାନ ପକ୍ଷରୁ ଏହାର ଦୃଢ଼ ଜବାବ ଦିଆଯିବ ବୋଲି ବାରମ୍ବାର ଚେତାବନୀ ଦିଆଯାଉଛି । ମଧ୍ୟପ୍ରାଚ୍ୟରେ ଗାଜାରେ ଚାଲିଥିବା ଉତ୍ତେଜନା ଯୋଗୁ ଏବେ ଇରାନ ଓ ଇସ୍ରାଏଲ୍ ମଧ୍ୟରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି । ତେବେ ଏହି ଦୁଇ ଦେଶରେ ଭାରତର ନିର୍ମାଣ ଶ୍ରମିକଙ୍କ ସୁରକ୍ଷା ନେଇ ଚିନ୍ତା ବଢ଼ିଛି । ଉଭୟ ଇରାନ ଓ ଇସ୍ରାଏଲ ଧୈର୍ଯ୍ୟ ଧରିବାକୁ ଭାରତ ପକ୍ଷରୁ କୁହାଯାଇଛି । ଯେଉଁ ସମସ୍ୟା ରହିଛି, କୁଟନୀତି ଓ ଆଲୋଚନା ଦ୍ୱାରା ସମାଧାନ ହୋଇପାରିବ ବୋଲି ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଇରାନ ପକ୍ଷରୁ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଏବେ ଏହି ଅଞ୍ଚଳ ଓ ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଛି । ଏହି ଦୁଇ ଦେଶ ମଧ୍ୟରେ ବୃଦ୍ଧି ପାଉଥିବା ଉତ୍ତେଜନା ଏବେ ବିଶ୍ୱ ପାଇଁ ବିପଦ ହୋଇପାରେ । ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ନିଜ ନାଗରିକମାନଙ୍କୁ (୯ ପୃଷ୍ଠାରେ)

## ମୁକାବିଲା ଲାଗି ଆମେ ପ୍ରସ୍ତୁତ : ନେତନ୍ୟାହୁ

## ଆମେ ଆଉ ଆକ୍ରମଣ କରିବୁନି : ଇରାନ

## ଭାରତୀୟ ଦୂତାବାସ ପକ୍ଷରୁ ହେଲ୍ପଲାଇନ୍

ନୂଆଦିଲ୍ଲୀ, ୧୪।୪ (ସବ୍ୟୁ) : ଇରାନ ଓ ଇସ୍ରାଏଲ ଉତ୍ତେଜନା ପରିସ୍ଥିତି ପରେ ଭାରତୀୟ ଦୂତାବାସ ପକ୍ଷରୁ ହେଲ୍ପ ଲାଇନ ଜାରି କରାଯାଇଛି । ତେହେରାନରେ ଏହି ହେଲ୍ପଲାଇନ ଜାରି ହୋଇଛି । ଇରାନ ପକ୍ଷରୁ ଶନିବାର ରାତିରେ ମିସାଇଲ ଆକ୍ରମଣ ପରେ ଏବେ ସେଠାରେ ଉତ୍ତେଜନା ପରିସ୍ଥିତି ଜାରି ହୋଇଛି । ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଦୁଇ ଦେଶ ମଧ୍ୟରେ ହୋଇଥିବା ସ୍ଥିତି ପାଇଁ ଆମେ ଗୁରୁତର ସହ ଚିନ୍ତା ପ୍ରକଟ କରୁଛୁ । ଆମେ ତୁରନ୍ତ ସେଠାରେ ଶାନ୍ତି ଫେରାଇବା ପାଇଁ ଅନୁରୋଧ କରୁଛୁ । ପରିସ୍ଥିତିକୁ ନିୟନ୍ତ୍ରଣ ରଖିବା ଲାଗି ଉଭୟ ଦେଶକୁ ଅନୁରୋଧ କରୁଛୁ ।

# ତାପମାତ୍ରା ବଢ଼ିବ ୪–୬°



ଭୁବନେଶ୍ୱର, ୧୪।୪ (ସବ୍ୟୁ) : ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବାରେ ଲାଗିଛି । ଆଗାମୀ ୪ ଓ ୫ ଦିନରେ ସର୍ବନିମ୍ନ ଦିନ ତାପମାତ୍ରା ୪ରୁ ୬ଡିଗ୍ରୀ ବୃଦ୍ଧି ପାଇପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସେହିପରି ରାତି ତାପମାତ୍ରା ମଧ୍ୟ ୩ ଦିନ ଯାଏ ୨ରୁ ୪ ଡିଗ୍ରୀ ବଢ଼ିପାରେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ସେହିଭଳି ଆସନ୍ତାକାଲି ଲାଗି ଗ୍ରୀଷ୍ମପ୍ରବାହ ସ୍ଥିତି ପାଇଁ କଟକ, ନୟାଗଡ଼, ଢେଙ୍କାନାଳ, ଭଦ୍ରକ ଓ ଯାଜପୁର ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି । ଏହାଛଡ଼ା ତାତି ଓ ଆର୍ଦ୍ରତା ଲାଗି ଭଦ୍ରକ, ଯାଜପୁର, ଜଗତସିଂହପୁର, କେନ୍ଦ୍ରାପଡ଼ା, ବାଲେଶ୍ୱର, ମୟୂରଭଞ୍ଜ, ଖୋର୍ଦ୍ଧା, କଟକ, ଅନୁଗୁଳ ଓ ନୟାଗଡ଼ ଜିଲ୍ଲା ଲାଗି ମଧ୍ୟ ୟେଲୋ ୱାର୍ଣ୍ଣିଂ ରହିଛି । ୧୬, ୧୭ ତାରିଖ ଯାଏ ମଧ୍ୟ ବିଭିନ୍ନ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି ।

ଆଜି ରାଜ୍ୟରେ ୧୦ ସହରର ତାପମାତ୍ରା ୩୯°ରୁ (୯ ପୃଷ୍ଠାରେ)

## ରାତି ତାପମାତ୍ରାରେ ୪° ବୃଦ୍ଧି

## ହିଟ୍‌ୱେଭ୍ ଲାଗି ସତର୍କ କଲା ଆଇଏମ୍‌ଡି

## ୩୯° ଉପରେ ଆଜି ୧୦ ସହର

## ପାରଳାଖେମଣ୍ଡିରେ ସର୍ବାଧିକ ତାପମାତ୍ରା ୪୦.୫°

### ପଣା ସଂକ୍ରାନ୍ତିରୁ ଶ୍ରୀମନ୍ଦିରରେ ଚଳିଲା ନୂଆ ପଞ୍ଜିକା

# ଗୋଟିଏ ଦିନରେ ନେତ୍ରୋତ୍ସବ, ନବଯୌବନ ଦର୍ଶନ, ରଥଯାତ୍ରା

ଭୁବନେଶ୍ୱର, ୧୪।୪ (ସବ୍ୟୁ) : ପବିତ୍ର ପଣା ସଂକ୍ରାନ୍ତିରେ ଆଜିଠାରୁ ନୂତନ ପଞ୍ଜିକା ପ୍ରଚଳନ ହୋଇଛି । ପଞ୍ଜିକା ଅନୁସାରେ ଚଳିତ ବର୍ଷ ଗୋଟିଏ ଦିନରେ ତିନି ତିନୋଟି ବଡ଼ ଉତ୍ସବ ତିଥି ପଡୁଛି । ଜୁଲାଇ ୭ତାରିଖରେ ମହାପ୍ରଭୁଙ୍କ ନେତ୍ରୋତ୍ସବ, ନବଯୌବନ ଦର୍ଶନ ଓ ରଥଯାତ୍ରା ପଡୁଛି । ଏଭଳି ସ୍ଥିତି ୧୯୭୧ ମସିହାରେ ହୋଇଥିଲା ।

ସେତେବେଳେ ଚତୁର୍ଦ୍ଧାମୂର୍ତ୍ତି ରଥରେ ବସିବା ବେଳକୁ ବିଳମ୍ବ ହୋଇସାରିଥିଲା । କେବଳ ରଥରେ ଦଉଡ଼ି ଲଗାଯାଇ ଟିକିଏ ବାଟ ଟଣା ହୋଇଥିଲା । ଚଳିତ ବର୍ଷ ୧୩ ଦିନିଆ ଅନବସର ପକ୍ଷ ବି ପଡୁଛି । ବାହୁଡା ଯାତ୍ରା ପର ଦିନ ସୁନା ବେଶ ନହୋଇ ତା ପରଦିନ ସୁନା ବେଶ ହେବ । ଏହାକୁ ନେଇ ସମସ୍ତେ ଚିନ୍ତାରେ ପଡ଼ିଥିବା ବେଳେ ପଞ୍ଜିକା ଭୁଲ ହୋଇଛି ବୋଲି କହିଛନ୍ତି ବଳଭଦ୍ରଙ୍କ ବାଡ଼ଗ୍ରାହୀ । କିନ୍ତୁ ଦଇତାପତି ନିଯୋଗ ଓ ଶ୍ରୀମନ୍ଦିର ପ୍ରଶାସନ ଆଲୋଚନା ପରେ ଏ ନେଇ ବାଟ ଫିଟିବ ଆଶା କରାଯାଉଛି । ଆଷାଢ଼ ମାସ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥି ପରମ୍ପରା ଓ ବିଧି ଅନୁସାରେ ଜୁଲାଇ ୭ରେ ପାଳନ ହେବ ଘୋଷ ଯାତ୍ରା । ଅନ୍ୟପଟେ ଆଜି ପ୍ରଚଳିତ ହୋଇଥିବା ପଞ୍ଜିକା ଅନୁସାରେ ସେହି ଦିନ ବା ଜୁଲାଇ ୭ରେ ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ ପଡୁଛି । ତେଣୁ କିଭଳି ନେତ୍ରୋତ୍ସବ ଶେଷ ହେବ ଓ ଆଉ କେତେ ବେଳେ ନବଯୌବନ ବେଶ ହେବ ଏବଂ ମହାପ୍ରଭୁଙ୍କ ବିରଳ ନବଯୌବନ ବେଶକୁ ଭକ୍ତ କେମିତି ଦର୍ଶନ କରିପାରିବେ ସେ ନେଇ ନେଇ ପ୍ରଶ୍ନ ଉଠିଛି । ଜୁନ ୨୨ ଦେବସ୍ନାନ ପୂର୍ଣ୍ଣିମା ଦିନରୁ ଆରମ୍ଭ ହେବ ଶ୍ରୀଜିଉଙ୍କ ଅନବସର । ଏଥର ଅନବସର ୧୩ ଦିନିଆ ପକ୍ଷ ପଡୁଛି । ରଥଯାତ୍ରାର ଗୋଟିଏ ଦିନ ପୂର୍ବରୁ ରଥଖଳାରୁ ସିଂହଦ୍ୱାରକୁ ରଥଟଣା ହେବାର ବିଧି ରହିଛ । ଏଥିପାଇଁ ମହାପ୍ରଭୁଙ୍କ ଆଜ୍ଞାମାଳ ଆସିଥାଏ । କିନ୍ତୁ ଶ୍ରୀଜିଉ ଏଥର ସେହି ସମୟରେ ଅନବସରରେ ରହିଥିବେ । ତେଣୁ ଜୁଲାଇ ୬ ତାରିଖରେ ପଟିଦିଅଁଙ୍କ ଠାରୁ ଆଜ୍ଞାମାଳ ଆସିବା ପରେ ତିନି ରଥକୁ ସିଂହଦ୍ୱାର ଅଣାଯିବ ବୋଲି ବରିଷ୍ଠ ଦଇତାପତି କହିଛନ୍ତି ।

### ୨୦୨୪ ନିର୍ବାଚନ ଲାଗି ବିଜେପିର ଇସ୍ତାହାର

# ୟୁସିସି, ଗୋଟିଏ ରାଷ୍ଟ୍ର ଗୋଟିଏ ନିର୍ବାଚନକୁ ଫୋକସ



ନୂଆଦିଲ୍ଲୀ, ୧୪।୪ : ୨୦୨୪ ସାଧାରଣ ନିର୍ବାଚନ ଲାଗି ବିଜେପି ତା'ର ଇସ୍ତାହାର ଜାରି କରିଛି । ଇସ୍ତାହାରରେ ବିଶେଷକରି ସମାନ ଆଚରଣ ସଂହିତା (ୟୁସିସି) ଓ ଗୋଟିଏ ରାଷ୍ଟ୍ର, ଗୋଟିଏ ନିର୍ବାଚନକୁ ଗୁରୁତ୍ୱ ଦିଆଯାଇଛି । ଏହାଛଡ଼ା ମୋଦିଙ୍କ ଗ୍ୟାରେଣ୍ଟିକୁ ସଂକଳ୍ପପତ୍ରରେ ଉଲ୍ଲେଖ କରାଯିବା ସହ ଫୋକସରେ ଜିୱାଇଏଏନ୍ ରଖାଯାଇଛି । ଜି'କୁ ଗରିବ, ୱାଇ'କୁ ଯବ, ଏ'କୁ ଅନ୍ନଦାତା ଓ ଏନ୍'କୁ ନାରୀ ଭାବେ କୁହାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଏହି ଇସ୍ତାହାରକୁ ଦିଲ୍ଲୀସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଉନ୍ମୋଚନ କରିଛନ୍ତି । ଏହି ଅବସରରେ ବିଜେପି ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା, କେନ୍ଦ୍ରମନ୍ତ୍ରୀ ଅମିତ ଶାହା, ରାଜନାଥ ସିଂହ, ନିର୍ମଳା ସୀତାରମଣ, ଏସ୍.ଜୟଶଙ୍କର ଉପସ୍ଥିତ ଥିଲେ ।

ପ୍ରଧାନମନ୍ତ୍ରୀ ମଧ୍ୟ ତାଙ୍କ ଭାଷଣରେ ୟୁସିସି ଉପରେ ଗୁରୁତ୍ୱ ଦେଇଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ, ଦେଶବାସୀଙ୍କ ସ୍ୱପ୍ନକୁ ବାସ୍ତବ ରୂପ ଦେବାକୁ ଏହି ସଂକଳ୍ପପତ୍ର ଆସିଛି । ଗୋଟିଏ ରାଷ୍ଟ୍ର, ଗୋଟିଏ ନିର୍ବାଚନ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି । ଏଥିଲାଗି ଆବଶ୍ୟକୀୟ ଭିତ୍ତିଭୂମି ଓ ବାତାବରଣ ସୃଷ୍ଟି ଲାଗି ପଦକ୍ଷେପ ନେବା ସହ ଭଲ ପ୍ରଶାସନକୁ ଶକ୍ତିଶାଳୀ କରିବୁ । ସେହିଭଳି ୟୁସିସି ପ୍ରଣୟନ ଉପରେ ଗୁରୁତ୍ୱ ଦିଆଯାଇଛି । ୟୁସିସି ପ୍ରଣୟନ ଦ୍ୱାରା ଭଲ ପ୍ରଶାସନ ଆସିପାରିବ । ଆମେ ଏହାକୁ ଲାଗୁ କରିବା ପାଇଁ ବିଚାର କରୁଛୁ । ଏହାର ଅର୍ଥ ହେଉଛି ସବୁ ଧର୍ମ ସମ୍ପ୍ରଦାୟ ପାଇଁ ଗୋଟିଏ ଆଇନ ରହିବ । ଏହି ସଂକଳ୍ପପତ୍ର ବିକଶିତ ଭାରତ ଗଠନକୁ ସହାୟକ କରିବ । ୧୦ବର୍ଷ ଧରି ବିଜେପି ଯେଉଁ କଥା କହିଥିଲା, ତାହାର ଗ୍ୟାରେଣ୍ଟି କରାଯାଇଛି । ଯୁବ ଶକ୍ତି, ମହିଳା ଶକ୍ତି, ଗରିବ ଓ ଚାଷୀଙ୍କ ଉପରେ ଆମ ଫୋକସ ରହିଛି । ସେମାନଙ୍କ ଜୀବନ ଧାରଣର ମାନ ପରିବର୍ତ୍ତନ କରାଯିବ । ସେହିଭଳି ଚାକିରୀ କ୍ଷେତ୍ରରେ ନିବେଶ (୯ ପୃଷ୍ଠାରେ)

# ସଡକ ଦୁର୍ଘଟଣା : ୨ ମୃତ, ୩ ଗୁରୁତର

ଭଦ୍ରକ, ୧୪।୪ (ସବ୍ୟୁ) : ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ଯଶୋଟିକିରି ହାଇସ୍କୁଲ ଛକ ନିକଟରେ ରବିବାର ମଧ୍ୟାହ୍ନ ସାଢ଼େ୨ଟାରେ ସଡକ ଦୁର୍ଘଟଣା ଘଟି ୨ ଜଣ ମୃତ୍ୟୁବରଣ କରିଥିବା ବେଳେ ୩ ଜଣ ଗୁରୁତର ଆହତ ହୋଇ ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ପଶ୍ଚିମବଙ୍ଗ ଆସାନସୋଲ ଅଂଚଳର ଶୁଭାଶିଷ ଗାଙ୍ଗୁଲି ସପରିବାରେ ଗୋଆରୁ ଖଡଗପୁର ଫେରୁଥିବା ବେଳେ ଏଭଳି ଦୁର୍ଘଟଣା ଘଟିଛି। ଏମପି ୨୦ ଜେଡ ଏ ୪୬୨୩ କାର ଯୋଗେ ଶୁଭାଶିଷ(୩୮), ପତ୍ନୀ ଅର୍ପିତା(୩୨), କନ୍ୟା କୋଏଲ(୪), ଶ୍ୱଶୁର ନିମାଇଁ ଗାଙ୍ଗୁଲି(୬୭)ଓ ଶାଶୁ ରାକ୍ଷୀ(୬୨) ଗୋଆରୁ ପୁରୀ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରି ଖଡଗପୁର ଫେରୁଥିଲେ। ସଂପୃକ୍ତ ସ୍ଥାନରେ ଚାଳକ ଶୁଭାଶିଷ ନିଦ୍ରାଶକ୍ତ ହେବାରୁ ଦ୍ରୁତଗାମୀ କାରଟି ବାମପାର୍ଶ୍ୱ ଲୁହାବାଡରେ ପିଟିହୋଇ ଚଢିଯାଇଥିଲା। ଫଳରେ କାରଟି ଚୁରମାର ହୋଇଯାଇଥିଲା। ସ୍ଥାନୀୟ ଲୋକେ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ୫ଜଣ ଯାତ୍ରୀଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଭଦ୍ରକ ପଠାଇଥିଲେ। ସେଠାରେ ଶୁଭାଶିଷ ଓ ଶିଶୁକନ୍ୟା କୋଏଲକୁ ଡାକ୍ତର ମୃତ ଘୋଷଣା କରିଥିଲେ। ଆହତମାନେ ଗୁରୁତର ଅବସ୍ଥାରେ ଭଦ୍ରକରେ ଚିକିତ୍ସିତ ହେଉଛନ୍ତି। ପୁଲିସ ଦୁର୍ଘଟଣାଗ୍ରସ୍ତ କାରକୁ ଜବତ କରି ତଦନ୍ତ ଚଳାଇଛି ।

# ସିଂହଦ୍ୱାରରେ ପ୍ରତିହାରୀ ସେବା ଆରମ୍ଭ

ଭୁବନେଶ୍ୱର, ୧୪।୪ (ସବ୍ୟୁ) : ଆଜିଠାରୁ ଶ୍ରୀମନ୍ଦିରରେ ପୁଣି ଥରେ ସିଂହଦ୍ୱାର ପ୍ରତିହାରୀ ସେବା ଆରମ୍ଭ ହୋଇଛି । ସିଂହଦ୍ୱାର ନିକଟରେ ପ୍ରତିହାରୀ ସେବକ ଜଗିରହିଛନ୍ତି । ଶ୍ରଦ୍ଧାଳୁଙ୍କ ଉପରେ ସେମାନେ ନଜର ରଖିଛନ୍ତି । କୌଣସି ଅଣହିନ୍ଦୁ ଯେପରି ମନ୍ଦିର ଭିତରକୁ ପ୍ରବେଶ ନକରନ୍ତି, ସେଥିପାଇଁ ନଜର ରଖିଛନ୍ତି । ଆଜିଠାରୁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ସକାଳୁ ଦ୍ୱାର ଫିଟା ସମୟରେ ଦୁଇ ଜଣ ଓ ସନ୍ଧ୍ୟାରେ ଆଳତି ସମୟରେ ୨ଜଣ ପ୍ରତିହାରୀ ସେବକ ମୁତୟନ ରହିବେ । ନିକଟ ଅତୀତରେ ବାରମ୍ବାର ଅଣହିନ୍ଦୁ ମାନଙ୍କର ଶ୍ରୀମନ୍ଦିର ପ୍ରବେଶ ଓ ସେଥିଯୋଗୁଁ ନୀତିକାନ୍ତି ପ୍ରଭାବିତ ହେବା ଘଟଣା ସାମ୍ନାକୁ ଆସିବା ପରେ, ଏଭଳି ନିଷ୍ପତ୍ତି ନିଆଯାଇଛି । ପୂର୍ବକାଳରେ ମଧ୍ୟ ଶ୍ରୀ ଜଗନ୍ନାଥଙ୍କ ଓ ଶ୍ରୀମନ୍ଦିରର ସୁରକ୍ଷା ପାଇଁ ପ୍ରତିହାରୀ ସେବକମାନେ ଦାୟିତ୍ୱ ନିର୍ବାହ କରୁଥିଲେ । ତେବେ କାଳକ୍ରମେ ସିଂହଦ୍ୱାର ପ୍ରତିହାରୀ ସେବା ବନ୍ଦ ହୋଇଯାଇଥିଲା । ସେମାନେ କେବଳ ଶ୍ରୀମନ୍ଦିର ଭିତରେ ଏବଂ ରଥଯାତ୍ରା ସମୟରେ ସେବା ଯୋଗାଉଥିଲେ । ତେବେ ଅଣହିନ୍ଦୁଙ୍କୁ ଚିହ୍ନଟ କରି ସେମାନଙ୍କୁ ଶ୍ରୀମନ୍ଦିରରେ ପ୍ରବେଶ କରିବାକୁ ନଦେବା ପାଇଁ ସିଂହଦ୍ୱାର ପ୍ରତିହାରୀ ସେବାର ପୁନଃପ୍ରଚଳନ ହୋଇଛି ।

# ବିଜେପିର ପ୍ରାର୍ଥୀ ଘୋଷଣା ବିଳମ୍ବ ନେଇ ବିଜେଡିର କଟାକ୍ଷ

ଭୁବନେଶ୍ୱର, ୧୪।୪ (ସବ୍ୟୁ) : ବିଜେପିର ପ୍ରାର୍ଥୀ ତାଲିକା ବିଳମ୍ବକୁ ନେଇ ବିଜେଡି ପୁଣି ଟାର୍ଗେଟ କରିଛି । ଓଡ଼ିଶା ଲାଗି ବିଜେପିର ବଳକା ପ୍ରାର୍ଥୀ ତାଲିକା ଆଜି କି କାଲି ଆସିବ ବୋଲି ଏପରି ଶୁଣିବାକୁ ମିଳୁଛି । ଦିନ ଗଡୁଛି, ନାମାଙ୍କନ ଦାଖଲ ସମୟ ଆସୁଛି ତଥାପି ବିଜେପି ପ୍ରାର୍ଥୀ ତାଲିକା ପ୍ରକାଶ ପାଉନାହିଁ । ଓଡ଼ିଶା ବିଜେପିର ପ୍ରାର୍ଥୀ ଖୋଜା ଅଭିଯାନ ସରିନି ବୋଲି ଲାଗୁଛି ବିଜେଡି ମୁଖପାତ୍ର ଇପ୍‌ସିତା ସାହୁ କଟାକ୍ଷ କରିଛନ୍ତି ।

ସୋସିଆଲ ମିଡିଆରେ ସେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି ଯେ, ବିଜେପି ଯାହାକୁ ଯେଉଁଠୁ ପାରିଲା, ତୁରନ୍ତ ଆଣି ଦଳରେ ସିନା ମିଶାଇ ଦେଲା, ହେଲେ ସେମାନେ ପ୍ରାର୍ଥୀ ହେବାକୁ ରାଜି ନାହାନ୍ତି । ରାଜ୍ୟ ବିଜେପିର ସ୍ଥିତି ଦେଖି ପରାଜୟ ଭୟରେ ବିଜେଡି ପ୍ରାର୍ଥୀଙ୍କୁ ସାମ୍ନା କରିବାକୁ ଅସମର୍ଥ ଥିବା ଦଳୀୟ ନେତୃତ୍ୱକୁ ଜଣାଇ ସାରିଲେଣି । ଆଶା କରୁଛୁ ନାମାଙ୍କନ ଦାଖଲ ପୂର୍ବରୁ ଓଡ଼ିଶା ବିଜେପି ତା'ର ପ୍ରାର୍ଥୀପତ୍ର ପ୍ରକାଶ କରିବ ।

# ଗୋଷ୍ଠୀ ସଂଘର୍ଷ : ଢେଲାପଥର ମାଡରେ ୫୦ରୁ ଉର୍ଦ୍ଧ୍ୱ ଆହତ



ବାଲେଶ୍ୱର, ୧୪।୪ (ସବ୍ୟୁ) : ହିନ୍ଦୁ ନବ ବର୍ଷ ଅବସରରେ ବଜରଙ୍ଗ ଦଳ ପକ୍ଷରୁ ରବିବାର ରେମୁଣା ଥାନା ଅର୍ନ୍ତଗତ ରେମୁଣା ମନ୍ଦିର ଛକ ଠାରୁ ଏକ ଶୋଭାଯାତ୍ରା ଗନିପୁର ହୋଇ କନକଦୁର୍ଗା ମନ୍ଦିର ପର୍ଯ୍ୟନ୍ତ ଯିବାର କାର୍ଯ୍ୟକ୍ରମ ରହିଥିଲା । ଏହି ଅବସରରେ ମନ୍ଦିର ଛକ ଠାରୁ ଏହି ଶୋଭାଯାତ୍ରା ବାହାରି ଗନିପୁର ବସ୍ତି ମଧ୍ୟରେ ପ୍ରବେଶ କରିବା ପରେ ସେହି ବସ୍ତିର କିଛି ଲୋକେ ଅଚାନକ ଏହି ଶୋଭାଯାତ୍ରା ଉପରେ ପଥରମାଡ କରିଥିବା ଅଭିଯୋଗ ହୋଇଥିଲା । ଏହା ପରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ଆରମ୍ଭ ହୋଇଥିଲା।

ସୂଚନା ଅନୁସାରେ,ଆଜି ବଜରଙ୍ଗ ଦଳ ପକ୍ଷରୁ ହିନ୍ଦୁ ନବ ବର୍ଷ ଅବସରରେ ଏକ ଶୋଭାଯାତ୍ରା ମନ୍ଦିର ଛକରୁ ବାହାରି ଗନିପୁର ହୋଇ କୁଟପୋଖରୀ ସ୍ଥିତ କନକ ଦୁର୍ଗା ମନ୍ଦିର ହୋଇ ସେଠାରୁ ଫେରିବାର କାର୍ଯ୍ୟକ୍ରମ ରହିଥିଲା। ଏହି ଅନୁସାରେ ଆଜି ଶୋଭାଯାତ୍ରା ମଧ୍ୟ ବାହାରିଥିଲା। ହେଲେ ଏହି ଶୋଭାଯାତ୍ରା ଗନିପୁର ବସ୍ତି ମଧ୍ୟରେ ପ୍ରବେଶ କରିବା ପରେ ବାଲିପାଟଣା ପ୍ରାଥମିକ ବିଦ୍ୟାଳୟ ନିକଟରେ କିଛି ଲୋକେ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିବା ସାଉଣ୍ଡକୁ କମାଇବା ପାଇଁ କହିଥିଲେ। ଏପରିକି ସେମାନେ ସମ୍ପୂର୍ଣ୍ଣ ଭାବେ ମାଇକ ବନ୍ଦ କରିବାକୁ କୁଆଡ଼େ ଉଦ୍ୟମ କରିଥିଲେ। ତେବେ ସେଠାରେ ଏହି ଶୋଭାଯାତ୍ରା ଅଟକି ଯିବା ଫଳରେ (୯ ପୃଷ୍ଠାରେ)

# ୭୫ ବିଧାନସଭା ଆସନ ଲାଗି କଂଗ୍ରେସର ପ୍ରାର୍ଥୀ ଘୋଷଣା



ଭୁବନେଶ୍ୱର, ୧୪।୪ (ସବ୍ୟୁ) : କଂଗ୍ରେସ ପକ୍ଷରୁ ୭୫ ବିଧାନସଭା ଆସନ ଲାଗି ପ୍ରାର୍ଥୀ ଘୋଷଣା କରାଯାଇଛି । ପୂର୍ବରୁ କଂଗ୍ରେସ ପକ୍ଷରୁ ୩୯ ପ୍ରାର୍ଥୀ ବିଧାନସଭା ଆସନ ଲାଗି ଘୋଷଣା ହୋଇଥିଲା । ଆଜି ଘୋଷିତ ହୋଇଥିବା ପ୍ରାର୍ଥୀଙ୍କ ମଧ୍ୟରେ ଯୁବକ ଓ ବରିଷ୍ଠ ନେତାଙ୍କୁ ସାମିଲ କରାଯାଇଛି । ଏହାଛଡ଼ା ୩ ଆସନରେ ପୂର୍ବ ଘୋଷିତ ପ୍ରାର୍ଥୀଙ୍କ ପରିବର୍ତ୍ତନ ହୋଇଛନ୍ତି । କବିସୂର୍ଯ୍ୟନଗରରେ ଚିରଞ୍ଜୀବ ବିଶୋଇଙ୍କ ସ୍ଥାନରେ ବିପୀନ ବିହାରୀ ସ୍ୱାଇଁଙ୍କୁ ପ୍ରାର୍ଥୀ କରାଯାଇଥିଲାବେଳେ ତଲସରାରେ ପ୍ରବୋଧ ତିର୍କୀଙ୍କ ସ୍ଥାନରେ ଦେବେନ୍ଦ୍ର ବିତରିଆଙ୍କୁ ପ୍ରାର୍ଥୀ କରାଯାଇଛି । ସେହିଭଳି ବାଲିଗୁଡ଼ାରେ ସୁରୁଦା ପ୍ରଧାନଙ୍କ ଜାଗାରେ ଉପେନ୍ଦ୍ର ପ୍ରଧାନଙ୍କୁ ପ୍ରାର୍ଥୀ କରାଯାଇଛି । ଏଥର ତାଲିକାରେ ଦଳର ପୂର୍ବ ପିସିସି ସଭାପତି ତଥା ବରିଷ୍ଠ ନେତା ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା ପ୍ରମୁଖଙ୍କ ନାମ ରହିଛି ।

ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଥିବା କେନ୍ଦ୍ରୀୟ ନିର୍ବାଚନ କମିଟି ବୈଠକ ପରେ ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ ହୋଇଛି । ଏବେ ସୁଦ୍ଧା କଂଗ୍ରେସର ଆଉ ୩୬ ଆସନ ଲାଗି ପ୍ରାର୍ଥୀ ଘୋଷଣା ବାକି ରହିଛି । ଏଆଇସିସି ସାଧାରଣ ସମ୍ପାଦକ କେସି ବେନୁଗୋପାଳଙ୍କ ସ୍ୱାକ୍ଷରରେ ଏହି ପ୍ରାର୍ଥୀଙ୍କ ନାମ ପ୍ରକାଶ କରାଯାଇଛି । ଆନନ୍ଦପୁରରୁ ଜୟଦେବ ଜେନାଙ୍କୁ ପ୍ରାର୍ଥୀ କରାଯାଇଥିଲାବେଳେ ପାଟନାରୁ ହୃଷିକେଶ ନାୟକ, ଚମ୍ପୁଆରୁ ଯଶୋବନ୍ତ ଲାଗୁରି, ଭଣ୍ଡାରୀପୋଖରୀରୁ ନିରଞ୍ଜନ ପଟ୍ଟନାୟକ, ସିମୁଳିଆରୁ ହିମାଂଶୁ ଶେଖର ବେହେରା, ବରୀରୁ ଆରତୀ ଦେଓ, ଢେଙ୍କାନାଳରୁ ସୁସ୍ମିତା ସିଂହଦେଓ, ବାଙ୍କୀରୁ (୯ ପୃଷ୍ଠାରେ)

## ୩ ଆସନରେ ପ୍ରାର୍ଥୀ ବଦଳିଲେ

## ଭଣ୍ଡାରିପୋଖରୀରୁ ନିରଞ୍ଜନ

## ଆନନ୍ଦପୁରରୁ ଜୟଦେବ

## ବାକି ରହିଲା ଆଉ ୩୬ ବିଧାନସଭା, ୪ ଲୋକସଭା ଆସନ

## ବେଗୁନିଆରୁ ଲଢ଼ିବେ ପୃଥ୍ୱୀବଲ୍ଲଭ

## ଇତିହାସ

୧୪୫୨: ଇଟାଲୀର ପ୍ରସିଦ୍ଧ ଚିତ୍ରକର ଲିଓନାର୍ଡୋ ଦା ଭିଞ୍ଚିଙ୍କ ଜନ୍ମ ।

୧୪୬୯: ଶିଖ୍ ଧର୍ମ ସଂସ୍ଥାପକ ତଥା ପ୍ରଥମ ଗୁରୁ ନାନକଙ୍କ ଜନ୍ମ ।

୧୬୮୯: ସ୍ପେନ୍ ବିରୋଧରେ ଫ୍ରାନ୍ସର ଯୁଦ୍ଧ ଘୋଷଣା ।

୧୯୪୮: ରାଜ୍ୟ ମାନ୍ୟତା ପାଇଲା ହିମାଚଳ ପ୍ରଦେଶ ।

୧୯୯୦: ସୋଭିଏତ୍ ସଂଘର ପ୍ରଥମ ଓ ଶେଷ ରାଷ୍ଟ୍ରପତି ହେଲେ ମିଖାଇଲ ଗୋର୍ବାଚୋଭ ।

୧୯୭୬: ବେଜିଂକୁ ୧୫ ବର୍ଷ ପରେ ରାଷ୍ଟ୍ରଦୂତ ପଠାଇଲା ଭାରତ ।

୧୯୮୦: ସରକାରୀ ହେଲେ ୬ ଘରୋଇ ବ୍ୟାଙ୍କ ।

୨୦୧୦: ଭାରତରେ ନିର୍ମିତ ପ୍ରଥମ କ୍ରାୟୋଜେନିକ (କମ୍ ତାପମାନଯୁକ୍ତ ଇଞ୍ଜିନର ଉପଯୋଗ) ରକେଟ୍ ଜିଏସ୍ଏଲ୍ଭି-ଡି୩ର ପ୍ରକ୍ଷେପଣ ବିଫଳ ।

## ସୋସିଆଲ କୋଟ୍ସ



ଉପବାସ ରଖିବା ଦ୍ୱାରା ମନକୁ ଶାନ୍ତି ମିଳିଥାଏ । ଏହା ଆମ ଶରୀର ପାଇଁ ମଧ୍ୟ ଖୁବ ଲାଭଦାୟକ ହୋଇଥାଏ । ପ୍ରାର୍ଥନା କରିବା କିମ୍ବା ନମାଜ ପଢିବା ମେଡିଟେସନ ଭଳି କାମ କରିଥାଏ ।

**ନୋରା ଫତେହି, ଅଭିନେତ୍ରୀ**



ଯେତେବେଳେ ଫିଲ୍ମ ବାଛେ ସେତେବେଳେ କ୍ୟାରେକ୍ଟର ପ୍ରତି ବିଶେଷ ଧ୍ୟାନ ଦିଏ । ଯଦି କ୍ୟାରେକ୍ଟର ଟିକେ ହଟ୍‌କେ ଥାଏ ତେବେ ଇଚ୍ଛା ହୁଏ ଫିଲ୍ମ କରିବାକୁ ।

**ପ୍ରାଚୀ ଦେଶାଇ, ଅଭିନେତ୍ରୀ**



ଆଗକୁ ଅଭିନୟ କରିବି କି ନାହିଁ ଏ ପର୍ଯ୍ୟନ୍ତ ଭାବି ନାହିଁ । ଆଗରୁ ଅନେକ ଥର ଟିକେଟ ଅଫର ଆସିଥିଲା । ଚଳିତଥର ନିଜ ମନ କଥା ଶୁଣିଛି ।

**ଅରୁଣ ଗୋଭିଲ, ଅଭିନେତା**

# ବାର୍ଡ ଫ୍ଲୁ



**ବର୍ତ୍ତମାନ ବିଭିନ୍ନ ସ୍ଥାନରେ ବାର୍ଡ ଫ୍ଲୁ'ର ଆତଙ୍କ ଦେଖିବାକୁ ମିଳୁଛି । ଯେଉଁଥିପାଇଁ କିଛି ସ୍ଥାନରେ ଚିକେନ୍ ଖାଇବାକୁ ବାରଣ ମଧ୍ୟ ହେଉଛି । ତେବେ ଆସନ୍ତୁ ଜାଣିବା କଣ ଏହି ବାର୍ଡ ଫ୍ଲୁ ଏବଂ ଏହା କିଭଳି ବ୍ୟାପିଥାଏ ।**

ବାର୍ଡ ଫ୍ଲୁର ଅନ୍ୟନାମ ହେଉଛି ଏଭିଆନ୍ ଫ୍ଲୁ । ତେବେ ଏହି ବିଶେଷଭାବେ ପାଣିରେ ରହୁଥିବା ପକ୍ଷୀଙ୍କୁ ହୋଇଥାଏ, କିନ୍ତୁ ଏହା ଘରେ ରହୁଥିବା ପୋଷା ପକ୍ଷୀଙ୍କୁ ହେବାର ନଜିର ରହିଛି । ଏଥିରେ ଆମ ଆଖପାଖରେ ରହୁଥିବା ପାରା, କୁକୁଡା ଭଳି ପକ୍ଷୀ ପ୍ରଭାବିତ ହେବାର ଦେଖିବାକୁ ମିଳିଥାଏ । ଏହି ରୋଗର ଜୀବାଣୁ ଇନ୍‌ଫ୍ଲୁଏଞ୍ଜା ଏ ଟାଇପ୍‌ର ଭାଇରସ । ତେବେ ଏହି ରୋଗ ଯେ କେବଳ ପକ୍ଷୀଙ୍କୁ ହୋଇଥାଏ ତାହା ନୁହେଁ ଏହା ସେମାନଙ୍କ ଠାରୁ ମଣିଷମାନଙ୍କୁ ହେବା ମଧ୍ୟ ଦେଖିବାକୁ ମିଳିଥାଏ । ଏହି ଭାଇରସର ଏ(ଏଚ୍୫ଏନ୍୧), ଏ(ଏଚ୍୭ଏନ୍୯) ଏବଂ ଏ(ଏଚ୍୯ଏନ୍୨) ଏହି ପ୍ରକାର ଗୁଡିକ ମଣିଷଙ୍କୁ ପ୍ରଭାବିତ କରିବାର ଆଶଙ୍କା ରହିଛି ।

**କାହାକୁ କରିପାରେ ପ୍ରଭାବିତ–** ବାର୍ଡ ଫ୍ଲୁ ଭାଇରସ ବିଶେଷ ଭାବେ ଯେଉଁ ବ୍ୟକ୍ତି ଏହି ରୋଗରେ ପୀଡିତ ପକ୍ଷୀଙ୍କର ସଂସ୍ପର୍ଶରେ ଆସିଥାଆନ୍ତି, ସେମାନଙ୍କୁ ହୋଇଥାଏ । ଏହି ପକ୍ଷୀ ତାଲିକାରେ କୁକୁଡା, ବତକ, ପାରା ଆଦି ସାମିଲ ଅଛନ୍ତି । ସେହିଭଳି କୌଣସି ପୀଡିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଲେ ମଧ୍ୟ ଏହା ହେବାର ସମ୍ଭାବନା ରହିଛି । ବିଶେଷଭାବେ ଗର୍ଭବତୀ, ରୋଗପ୍ରତିରୋଧକ ଶକ୍ତି ଦୁର୍ବଳ ଥିବା ବ୍ୟକ୍ତି ଏବଂ ବୟସ୍କଙ୍କ କ୍ଷେତ୍ରରେ ଏହି ସଂକ୍ରମଣ ହେବାର ସମ୍ଭାବନା ରହିଛି ।

**ଲକ୍ଷଣ**

- ଜ୍ୱର
- କାଶ
- ହାତଗୋଡ ବିନ୍ଧା ହେବା
- ଡାଇରିଆ
- ଥଣ୍ଡା
- ଆଖି ଲାଲ ପଡିବା
- ନିମୋନିଆ
- ନିଃଶ୍ୱାସ ନେବାରେ ଅସୁବିଧା

ଯଦି ଏହି ସମସ୍ୟାର କୌଣସି ଲକ୍ଷଣ ଦେଖୁଛନ୍ତି, ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ସେହିଭଳି ଯେତେବେଳେ ବି ଚିକେନ୍ ଖାଉଛନ୍ତି ତେବେ ଭଲ କରି ରାନ୍ଧି ଖାଆନ୍ତୁ । ଚେଷ୍ଟା କରନ୍ତୁ ଭଲ ସ୍ଥାନରୁ ମାଂସ ଆଣି ଖାଇବାକୁ । ମଲା ପକ୍ଷୀ ଖାଇବାରୁ ନିବୃତ୍ତ ରୁହନ୍ତୁ । ଯେଉଁ ସମୟରେ ଆପଣଙ୍କ ଅଞ୍ଚଳରେ ବାର୍ଡ ଫ୍ଲୁ ଦେଖିବାକୁ ମିଳୁଛି, ସେହି ସମୟରେ ଚିକେନ୍ ଓ ଅଣ୍ଡା ଖାଆନ୍ତୁ ନାହିଁ । ଯଦି ଖାଉଛନ୍ତି ତେବେ ଘରେ ଭଲ କରି ରାନ୍ଧି କିମ୍ବା ଡାକ୍ତରଙ୍କ ପରାମର୍ଶ ନେଇ ଖାଆନ୍ତୁ ।




## ପିଲାଙ୍କ ପ୍ରତି ସାଙ୍ଗ ଭଳି ମିଶନ୍ତୁ



ପିଲାଙ୍କୁ ବଡ କରିବା ଏକ କଷ୍ଟକର କଥା । ଏଥିପାଇଁ ଅଭିଭାବକ ମାନଙ୍କୁ ଅନେକ କଥା ପ୍ରତି ଧ୍ୟାନ ଦେବାକୁ ହୋଇଥାଏ । ବେଳେବେଳେ ଆମେ ପିଲାଙ୍କୁ ଶାସନ କରିବା ପାଇଁ ସେମାନଙ୍କ ପ୍ରତି ରୁକ୍ଷ ବ୍ୟବହାର କରିଥାଉ । ଏହା ଆମେ ପିଲାଙ୍କ ଭଲ ପାଇଁ କରିଥାଉ ହେଲେ ଏହା ବେଳେବେଳେ ସେମାନଙ୍କ ପାଇଁ ଖରାପ ହୋଇଥାଏ । ପିଲା ଏହି କାରଣରୁ ମାନସିକ ସ୍ତରରେ ଦୁର୍ବଳ ହେବାକୁ ଲାଗିଥାଏ । ତେଣୁ ଯେ କୌଣସି କଥା ପିଲାକୁ କହିବା ପୂର୍ବରୁ ୨ଥର ଭାବନ୍ତୁ । ଏହା ସେମାନଙ୍କୁ ଅନୁଶାସନ ବଦଳରେ ଆପଣଙ୍କ ଠାରୁ ଦୂରେଇବାରେ ଲାଗିଥାଏ । ପିଲାଙ୍କୁ ଶାସନ କରିବା ସହିତ ସେମାନଙ୍କ ସହିତ ସାଙ୍ଗ ଭଳି ମିଶନ୍ତୁ । ସେମାନଙ୍କ ସହ ସମୟ ବିତାଇବା ସହିତ ସେମାନଙ୍କ ସମସ୍ତ କଥା ଶୁଣନ୍ତୁ । ଯାହାଫଳରେ ପିଲାମାନେ ଆପଣଙ୍କୁ ନିଜର ସମସ୍ତ ସମସ୍ୟା ଜଣାଇବା ପାଇଁ ସକ୍ଷମ ହେବେ ।

## ୨୦ ବର୍ଷ ପରେ ପ୍ୟାଚ୍‌ଅପ



ଦୀର୍ଘ ୨୦ ବର୍ଷ ପରେ ଇମ୍ରାନ ହାସମି ଓ ମଲ୍ଲିକା ଶେରାୱତଙ୍କ ଏକାଠି ଦେଖିବାକୁ ମିଳିଛି । ନିକଟରେ ଏକ ବିବାହ ଭୋଜିରେ ବି ଟାଉନ୍‌ର ଅନେକ ସେଲିବ୍ରିଟି ଏକାଠି ହୋଇଥିଲେ। ଯେଉଁଥିରେ ଇମ୍ରାନ ହାସମି ଓ ମଲ୍ଲିକା ଶେରାୱତ ସାମିଲ ଥିଲେ । ତେବେ ଦୀର୍ଘ ୨୦ ବର୍ଷ ହେଲାଣି ଉଭୟ ଷ୍ଟାରଙ୍କ ମଧ୍ୟରେ ଝଗଡା ଚାଲିଥିଲା, ଯେଉଁ କାରଣରୁ ଉଭୟଙ୍କୁ ନା ରିଲ୍ ନା ରିଅଲ କେଉଁଠାରେ ଏକାଠି ଦେଖିବାକୁ ମିଳୁନଥିଲା । ହେଲେ ଏହି ବିବାହରେ ନିଜର ମନ ମାଳିନ୍ୟକୁ ଭୁଲି ଦୁଇଷ୍ଟାରଙ୍କୁ ହାତ ମିଶାଇଥିବା ଦେଖିବାକୁ ମିଳିଥିଲା । ଯାହା ବର୍ତ୍ତମାନ ବି ଟାଉନ୍‌ର ସବୁଠାରୁ ଚର୍ଚ୍ଚିତ ଖବର ମିଳିଛି । ଗୋଟିଏ ଫିଲ୍ମର ପ୍ରମୋସନ ସମୟରେ ଉଭୟଙ୍କ ମଧ୍ୟରେ ହୋଇଥିବା ଭୁଲବୁଝାମଣା କାରଣରୁ ଉଭୟ ଆଉ ଏକାଠି ନଜର ଆସିନଥିଲେ । ୨୦୦୦ ମସିହାରୁ ଏହି ଯୋଡି ଭିତରେ ଫାଟ ସୃଷ୍ଟି ହୋଇଥିଲା ।

## ୬ ବର୍ଷରେ ରେକର୍ଡ

ଗୁଜୁରାଟର ତକ୍ଷଭୀ ଭଗାନୀ ନାମକ ଜଣେ ୬ବର୍ଷର ବାଳିକା ନିଜ ନାଁରେ ବିଶ୍ୱ ରେକର୍ଡ ସାମିଲ କରିଛନ୍ତି । ସୋସିଆଲ ମିଡିଆରେ ଗିନିଜ୍ ୱାର୍ଲ୍ଡ ରେକଡ ପକ୍ଷରୁ ସେୟାର ହୋଇଥିବା ଭିଡିଓରେ ବାଳିକା ଜଣଙ୍କ ସବୁଠାରୁ ଛୋଟ ଲିମ୍ବୋ ସ୍କେଟିଂ କରୁଥିବାର ଦେଖିବାକୁ ମିଳିଛି । ବାଳିକା ଜଣଙ୍କ ୨୫ ମିଟରର ଉଚ୍ଚାରେ ଥିବା ବାଡି ତଳେ ଏହି ସ୍କେଟିଂ ପ୍ରଦର୍ଶିତ କରିଛନ୍ତି । ଭିଡିଓଟି ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ଭିଡିଓଟିକୁ ପାଖାପାଖି ୧.୫ ମିଲିଅନରୁ ଅଧିକ ଭ୍ୟୁ ମିଳୁଛି । ସମସ୍ତେ ବାଳିକାଙ୍କର ସାହସ ଓ ସ୍କିଲ୍‌କୁ ବେଶ୍ ପ୍ରଶଂସା କରୁଛନ୍ତି । ଏତେ କମ ବୟସରେ ଏଭଳି କଳା ପ୍ରଦର୍ଶନ କରିପାରିଥିବାରୁ ଅନେକଙ୍କ ପାଇଁ ସେ ପ୍ରେରଣା ମଧ୍ୟ ସାଜିଛନ୍ତି ।



## ଲାହୋରୀ ଆଳୁ

**ସାମଗ୍ରୀ–** ୯ରୁ ୧୦ଟି ଆଳୁ, ୨ଟି ବଡ ପିଆଜ, ଅଧା ଚାମଚ ରସୁଣ ଅଦା ପେଷ୍ଟ, ୨ଟି ଟମାଟୋ ରସ, ଅଧା କପ ଖୀର, ତେଜପତ୍ର, କାଶ୍ମୀରି ଲଙ୍କା ଗୁଣ୍ଡ ଏକ ଚାମଚ, ଧନିଆ ପତ୍ର, ୨ ଚାମଚ ଗୋଟା ଜିରା ଓ ଧନିଆ, ୨ ଚାମଚ ପାନ ମଧୁରୀ, ଶୁଖିଲା ନଡିଆ ପାଉଡର ୨ ଚାମଚ, ଚାରମଗଜ ୨ ଚାମଚ (ଭିଜା ଯାଇଥିବା) ।

**ପ୍ରଣାଳୀ–** ପ୍ରଥମେ ଆଳୁକୁ ସିଝାଇ ନିଅନ୍ତୁ । ଏହାପରେ ସମସ୍ତ ମସଲାକୁ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ବର୍ତ୍ତମାନ ପ୍ୟାନରେ ତେଲରେ ତେଜପତ୍ର, ପିଆଜ ଓ ନଡିଆ ପାଉଡରକୁ ଭାଜନ୍ତୁ । ଏହାପରେ ଏଥିରେ ଅଦା ରସୁଣ ପେଷ୍ଟ ପକାଇ ଭାଜନ୍ତୁ । କିଛି ସମୟ ପରେ ଟମାଟୋ ବଟା ପକାଇ କଷନ୍ତୁ । ବର୍ତ୍ତମାନ ଏଥିରେ ପ୍ରସ୍ତୁତ ପେଷ୍ଟ ପକାଇ କଷନ୍ତୁ । ଆବଶ୍ୟକ ଅନୁସାରେ ଲୁଣ,ହଳଦୀ ପକାନ୍ତୁ । ସବୁ ମସଲା ଭଲକରି ଭାଜି ହୋଇଯିବା ପରେ ଏଥିରେ ସିଝା ଆଳୁ ପକାଇ ଭାଜନ୍ତୁ । ଶେଷରେ ଧନିଆ ପତ୍ର ପକାଇ ପରଷନ୍ତୁ ଲାହୋରୀ ଆଳୁ ।



## ପାଣିରେ ଲେଖୁଥିବା ପେନ୍

ପାଣିରେ କେବେ ବି ଲେଖାଯାଇପାରିବ ସେକଥା କେହି କଳ୍ପନା କରିନଥିବେ, କିନ୍ତୁ ଆଜିକାଲିର ବିଜ୍ଞାନ ଯୁଗରେ ଏଭଳି ପେନ୍‌ର ଉଦ୍ଭାବନ ହୋଇଛି ଯାହା ସାହାଯ୍ୟରେ ପାଣିରେ ଲେଖିହେବ । ଜର୍ମାନୀ ଓ ଚୀନର କିଛି ବୈଜ୍ଞାନିକ ମିଶି ମାଇକ୍ରୋସ୍କୋପିକ୍ ପେନ୍‌ର ଉଦ୍ଭାବନ କରିଛନ୍ତି ଯାହା ପାଣିରେ ଲେଖିବାରେ ସାହାଯ୍ୟ କରିବ । ଏହି ପେନ୍‌କୁ ଏକ ପ୍ରକାରର ସ୍ୱତନ୍ତ୍ର ଧରଣର ଫ୍ଲୁଇଡ୍‌କୁ ବ୍ୟବହାର କରି ନିର୍ମାଣ କରାଯାଇଛି, ଯାହା ପାଣିରେ ଆଇଅନ୍ ପରିବର୍ତ୍ତନରେ ସାହାଯ୍ୟ କରିଥାଏ । ଏହି କାରଣରୁ ଏକ ପ୍ରକାରର ଜୋନ୍ ସୃଷ୍ଟି ହୋଇଥାଏ, ଯାହାର ପିଏଚ୍ ସ୍ତର କମ ରହିଥାଏ । ଏହିଭଳି ଭାବରେ ପେନ୍‌ଟି ବିଭିନ୍ନ ବୈଜ୍ଞାନିକ ପ୍ରତିକ୍ରିୟା କାରଣରୁ ପାଣିରେ ଲେଖିବାର କାର୍ଯ୍ୟ କରିଥାଏ । ପାଣିରେ ଲେଖାକୁ ଷ୍ଟେବଲ୍ କରିବା ପାଇଁ ମଧ୍ୟ ବିଭିନ୍ନ ପ୍ରୋଟୋଟାଇପ୍‌କୁ ବ୍ୟବହାର କରାଯାଇଛି । ଏହି ପେନ୍‌ର ପରୀକ୍ଷା ବୈଜ୍ଞାନିକମାନେ କରି ସାରିଛନ୍ତି । ସେହି ପେନ୍‌କୁ ବ୍ୟବହାର କରି ଗୋଟିଏ କଏନ୍‌ରେ ଇଂରାଜୀ ଅକ୍ଷର 'ଆଇ' ଲେଖିବାରେ ସଫଳ ହୋଇଛନ୍ତି । ତେବେ ଏହା ବର୍ତ୍ତମାନ ପ୍ରାଥମିକ ପର୍ଯ୍ୟାୟରେ ରହିଛି ବୋଲି ବୈଜ୍ଞାନିକ ମତ ଦେଇଛନ୍ତି । ବର୍ତ୍ତମାନ ପାଣିରେ ଏହି ଲେଖା ମାତ୍ର ୧୫ ମିନିଟ୍ ପର୍ଯ୍ୟନ୍ତ ଦୃଶ୍ୟ ହେଉଛି । ଏହି ପ୍ରକ୍ରିୟାକୁ ନେଇ ଗବେଷଣା ଜାରି ରହିଛି, ଆଗକୁ ଏଥିରେ ଆହୁରି ଅନେକ ପରିବର୍ତ୍ତନ ହେବ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି ।





'ସମୟ' କାର୍ଯ୍ୟାଳୟରେ ପଣା ଉତ୍ସବ



ଭୁବନେଶ୍ୱର : ବିଷୁବ ସଂକ୍ରାନ୍ତି ଅବସରରେ ଝାମୁ ଯାତ୍ରା



ମହାବିଷୁବ ସଂକ୍ରାନ୍ତିରେ ରାମମନ୍ଦିରରେ ଭକ୍ତଙ୍କ ଗହଳି

# ୭୨ ଜଣିଆ ପ୍ରାର୍ଥୀ ତାଲିକା ଘୋଷଣା କଲା କଂଗ୍ରେସ

**ଅତାବିରା** – ଅଭିଶେକ୍ ସେଠ୍
**ତଳସରା** – ଦେବେନ୍ଦ୍ର ଭିତରିଆ
**କୁଚିଣ୍ଡା** – କେଦାରନାଥ ବରିହା
**ରେଙ୍ଗାଲି** – ଦିଲ୍ଲୀପ କୁମାର ଦୁରିଆ
**ସମ୍ବଲପୁର** – ଦୁର୍ଗା ପ୍ରସାଦ ପାଢ଼ି
**ରାଇରଖୋଲ** – ଆସପଲ୍ଲି ଖାନ୍
**ଦେଓଗଡ** – ସେମ୍ ହେମ୍ବ୍ରମ
**ତେଲକୋଇ** –ଢ ନିର୍ମଳ ଚନ୍ଦ୍ର ନାଏକ
**ଘଷିପୁରା** – ସୁବ୍ରତ ଚକ୍ର
**ଆନନ୍ଦପୁର** – ଜୟଦେବ ଜେନା
**ପାଟଣା** – ହୃଷିକେଶ ନାୟକ
**କେନ୍ଦୁଝର** – ପ୍ରତିଭା ମଞ୍ଜରୀ ନାୟକ
**ଚମ୍ପୁଆ** – ଯଶ୍ୱବନ୍ତ ଲାଗୁରୀ
**ଯସିପୁର** – ଶ୍ରୀମତୀ ଶ୍ୱେତା ଛତର
**ସାରସକଣା** – ରାମ କୁମାର ସୋରେନ୍
**ରାଇରଙ୍ଗପୁର** – ଯୋଗେନ୍ଦ୍ର ବନ୍‌ରା
**ବାଙ୍ଗିରିପୋଷି**– ମୁରଲିଧର ନାୟକ
**କରଞ୍ଜିଆ** – ଲକ୍ଷ୍ମୀଧର ସିଂହ
**ଉଦଳା** – ଦୁର୍ଗା ଚରଣ ଟୁଡୁ
**ବାରିପଦା** – ବାଦଲ ହେମ୍ବ୍ରମ
**ମୋରଡା** – ପ୍ରଭାଷକର୍ ମହାପାତ୍ର
**ଭୋଗରାଇ** – ସତ୍ୟଶିବ ଦାସ
**ବସ୍ତା** – ବିଜନ ନାୟକ
**ରେମୁଣା** – ସୁଦର୍ଶନ ଜେନା
**ସୋର** – ସୁବ୍ରତ ଧଡା
**ସିମୁଳିଆ** – ହିମାଂସୁ ଶେଖର ବେହେରା
**ଭଣ୍ଡାରିପୋଖରୀ** – ନିରଞ୍ଜନ ପଟ୍ଟନାୟକ
**ଭଦ୍ରକ** – ଅସିତ ପଟ୍ଟନାୟକ
**ବାସୁଦେବପୁର** – ଅଶୋକ କୁମାର ଦାସ
**ଧାମନଗର** – ରଞ୍ଜନ କୁମାର ବେହେରା
**ଚାନ୍ଦବାଲି** – ଅମୀୟ କୁମାର ମହାପାତ୍ର
**ବିଞ୍ଝାରପୁର** – ଶ୍ରୀମତୀ କନକଲତା ମଲ୍ଲିକ
**ବରୀ** – ଶ୍ରୀମତୀ ଆରତୀ ଦେଓ
**ଧର୍ମଶାଳା** – କିଶନ ପଣ୍ଡା
**ଯାଜପୁର** – ସୁଦିପ କୁମାର କର
**କୋରେଇ** – ଶ୍ରୀମତୀ ବନ୍ଦିତା ପରିଡା
**କାମାକ୍ଷାନଗର** – ବିପ୍ରବର ସାହୁ
**ପରଜଙ୍ଗ** – ରଞ୍ଜିତା କୁମାର ସାହୁ
**ତାଳଚେର** – ପ୍ରଫୁଲ୍ଲ ଚନ୍ଦ୍ର ଦାସ
**ଅନୁଗୁଳ** – ଅମ୍ବିକା ପ୍ରସାଦ ଭଞ୍ଜ
**ଛେଣ୍ଡିପଦା** – ନରୋତମ ନାୟକ
**ଆଠମଲିକ** – ବିଜୟା ନନ୍ଦ ଚାଉଳିଆ
**ବୀରମହାରାଜପୁର** – ପ୍ରଦୀପ ସେଠୀ
**ସୋନପୁର** – ପ୍ରୀୟବ୍ରତ ସାହୁ
**ଟିଟିଲାଗଡ** – ବିରେନ୍ଦ୍ର ବାଗ୍
**ଖରିଆର** – କମଳା ଚରଣ ତାଣ୍ଡି
**ବାଲିଗୁଡା** – ଉପେନ୍ଦ୍ର ପ୍ରଧାନ
**ବଡମ୍ବା** – ସଞ୍ଜୟ କୁମାର ସାହୁ
**ବାଙ୍କି** – ଦେବାଶିଷ ପଟ୍ଟନାୟକ
**ଆଠଗଡ** – ମେହେବୁବ୍ ଅହମ୍ମଦ ଖାନ୍
**ଚୌଦ୍ୱାର-କଟକ** – ଶ୍ରୀମତୀ ମୀରା ମଲ୍ଲିକ
**ନିଆଳି** – ଜ୍ୟୋତି ରଞ୍ଜନ ମଲ୍ଲିକ
**କଟକ ସଦର** – ରାମଚନ୍ଦ୍ର ଗୋଛାୟତ
**ସାଲେପୁର** – ଆକ୍ୟୁବ୍ ଉଜ୍‌ମାନ୍ ଖାନ୍
**ପାଟକୁରା**– ରତିକାନ୍ତ କାନୁନ୍‌ଗୋ
**ଆଳି** –ଢ ଡ. ଶ୍ରୀମତୀ ଦେବସ୍ମିତା ଶର୍ମା
**ପାରାଦୀପ** – ନିରଞ୍ଜନ ନାୟକ
**ତିର୍ତ୍ତୋଲ** – ହିମାଂସୁ ଭୂଷଣ ମଲ୍ଲିକ
**ବାଲିକୁଦା** – ଏରସମା ଢ ଇଂ. ନଳିନି ସ୍ୱାଇଁ
**ପୁରୀ** – ସୁଜିତ୍ ମହାପାତ୍ର
**ବ୍ରହ୍ମଗିରି** – ମିତ୍ରଭାନୁ ମହାପାତ୍ର
**ଜୟଦେବ** – ଜୟନ୍ତ କୁମାର ଭୋଇ
**ଏକାମ୍ର** – ଭୁବନେଶ୍ୱର – ପ୍ରଶାନ୍ତ କୁମାର ଚମ୍ପତି
**ଜଟଣୀ** – ସନ୍ତୋଷ ଜେନା
**ବେଗୁନିଆ** – ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ
**ରଣପୁର** – ବିଭୂ ପ୍ରସାଦ ମିଶ୍ର
**ନୟାଗଡ** – ରଞ୍ଜିତ ଦାସ
**କବିସୂର୍ଯ୍ୟନଗର** – ବିପିନ ବିହାରୀ ସ୍ୱାଇଁ
**ଖଲିକୋଟ** – ଚିତ୍ରସେନ ବେହେରା
**ଆସ୍କା** – ସୁରଭି ବିଶୋଇ
**ହିଞ୍ଜିଳି** – ରଜନୀକାନ୍ତ ପାଢ଼ି
**ବ୍ରହ୍ମପୁର** – ଦିପକ ପଟ୍ଟନାୟକ
**ଦିଗପହଣ୍ଡି** – ଶ୍ରୀଧର ଦେବ

## ଫିନ୍‌ଟେକ ସପୋର୍ଟ ବୃଦ୍ଧି କରିଛି ୱାନ୍ ପଏଂଟ୍ ୱାନ ସଲ୍ୟୁଶନ୍ସ

ଭୁବନେଶ୍ୱର (ସବ୍ୟୁ): ଟେକ୍ନୋଲୋଜି ସକ୍ଷମ ବିଜ୍‌ନେସ ପ୍ରୋସେସ ମ୍ୟାନେଜମେଂଟ୍ (ବିପିଏମ୍) ସର୍ଭିସ୍ କ୍ଷେତ୍ରରେ ଏକ ଅଗ୍ରଣୀ ସଂସ୍ଥା ୱାନ ପଏଂଟ୍ ୱାନ୍ ସଲ୍ୟୁଶନ୍ସ ଲିମିଟେଡ ପକ୍ଷରୁ ଘୋଷଣା କରାଯାଇଛି ଯେ, ଏହା ସମ୍ପ୍ରତି ପରିଚାଳନା କ୍ଷେତ୍ରର ଏକ ପ୍ରମୁଖ ସଂସ୍ଥା ସହିତ ନୂଆ ଗ୍ରାହକ-ବିଜୟ ହାସଲ କରିଛି। ଏଥିସହିତ ୱାନ୍ ପଏଂଟ୍ ୱାନ୍ ଦେଶର ଅଗ୍ରଣୀ ଫିନ୍‌ଟେକ ସଂସ୍ଥାଗୁଡିକ ପାଇଁ ସିଟ କ୍ଷମତାକକୁ ମଧ୍ୟ ବୃଦ୍ଧି କରିଛି। ୭ଟି ସିଟ୍‌ରୁ ୧୬୦ ସିଟ୍‌କୁ ଏହାର ପରିଚାଳନାଗତ କ୍ଷମତାର ବିସ୍ତାର ଘଟିଛି। ରେଜର୍‌ପେ (ପେମେଂଟ୍ ସମାଧାନ ପ୍ରଦାତା) ସହ ଏକ ଚୁକ୍ତି ଅଧିନରେ ୱାନ ପଏଂଟ୍ ୱାନ ସଲ୍ୟୁଶନ୍ସକୁ ଏହାର ବେଙ୍ଗାଲୁରୁ ଡେଲିଭରି ସେଂଟର ମାଧ୍ୟମରେ ବ୍ୟବସାୟିକ ସଂସ୍ଥା ଓ ସେବାର ପରିଚାଳନା ପାଇଁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ପ୍ରାରମ୍ଭିକ ଚୁକ୍ତିରୁ ଏହି ଉଲ୍ଲେଖନୀୟ ବହୁଗୁଣ ବୃଦ୍ଧି ୱାନ ପଏଂଟ୍ ୱାନ୍ ସଲ୍ୟୁଶନ୍ସର ସେବାର କ୍ଷମତା ଓ ନିର୍ଭରଯୋଗ୍ୟତା ଉପରେ ଗ୍ରାହକଙ୍କର ବିଶ୍ୱାସକୁ ସୂଚିତ କରୁଛି।

## ସାରସକଣା ନିର୍ବାଚନମଣ୍ଡଳୀରେ ଟିକେଟ୍‌କୁ ନେଇ ବଢୁଛି ଦ୍ୱନ୍ଦ୍ୱ, ଚର୍ଚ୍ଚାରେ ରାମଚନ୍ଦ୍ର ହାଁସଦାଃ

ବାରିପଦା, (ସବ୍ୟୁ) : ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ସାରସକଣା ନିର୍ବାଚନ ମଣ୍ଡଳୀରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇବାରେ ଲାଗିଛି । ବିଭିନ୍ନ ଦଳର ଆଶାୟୀଙ୍କ ମନରେ ଛକାପଞ୍ଝା। ଆରମ୍ଭ ହୋଇଯାଇଛି। ତିନି ପ୍ରମୁଖ ଦଳ ଲୋକଙ୍କ ହୃଦୟ ଜିଣିବା ଓ କର୍ମୀଙ୍କୁ ଏକଜୁଟ କରିବାରେ ଲାଗିପଡିଛନ୍ତି। ଯେଉଁ ଦଳୀୟ କର୍ମୀଙ୍କୁ ଦଳ ଚାରିବର୍ଷ ଧରି ବାସିପାଣିରେ ପଚାରୁ ନଥିଲା ସେମାନଙ୍କୁ ଏବେ ଠାରୁ ବିଭିନ୍ନ ଲୋଭ ଦେଖାଇ ଦଳରେ ସ୍ଥାନ ଦେବା ସହିତ ସୁନାମୁଣ୍ଡା ଭଳି କର୍ମୀଙ୍କୁ ସାଉଣ୍ଟୁଥିବା ଦେଖିବାକୁ ମିଳୁଛି। ତିନି ପ୍ରମୁଖ ଦଳ ବିଜେପି, ବିଜେଡି ଓ ଜେଏମଏମ କସରତ ଆରମ୍ଭ କରିଦେଇଛନ୍ତି ସାରସକଣା ବିଧାନସଭା ଆସନକୁ କବଜା କରିବାପାଇଁ । ଗତ ବିଧାନସଭା ନିର୍ବାଚନରେ ବିଜେଡି ଗୋଡ଼ ଟଣାଟଣି ନୀତି ପାଇଁ ନିଜର ପୂର୍ବ ଆସନ ହରାଇଥିଲା ବେଳେ ଚଳିତବର୍ଷ ଫୁଲ୍ ଦମରେ କସରତ ଆରମ୍ଭ କରିଦେଇଛନ୍ତି। ସେପଟେ ବିଜେପି ମଧ୍ୟ ନିଜର ଆସନ ବଜାଇରଖିବାକୁ ପୂର୍ଣ୍ଣ ବିଶ୍ୱାସରେ ରହିଛି। ଅନ୍ୟପଟେ ଜେଏମଏମ ବିଜାତଲା ବ୍ଲକ ଓ କୁସୁମିର କିଛି ଅଞ୍ଚଳ ସମ୍ପୂର୍ଣ୍ଣ ଅର୍ଦ୍ଧଆରରେ ରଖିଥିବା ବେଳେ ଗତ ପଞ୍ଚାୟତ ନିର୍ବାଚନରେ ଭଲ ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଛି।



ଦ୍ୱିତୀୟ, ତୃତୀୟ ସ୍ଥାନରେ ରହୁଥିବା ଜେଏମଏମ ମଧ୍ୟ ଏଥର ପୁରା କସରତ ଆରମ୍ଭ କରିଦେଇଛି ଜିତିବାପାଇଁ। ହେଲେ ଗତ ନିର୍ବାଚନରେ ଚତୁର୍ଥ ସ୍ଥାନରେ ରହିଥିବା ପୂର୍ବତନ ସାଂସଦ ଇଂଜିନିୟର ରାମଚନ୍ଦ୍ର ହାଁସଦାଙ୍କ ଲୋକପ୍ରିୟତା ଏବେ ବଢିଥିବା ଦେଖିବାକୁ ମିଳୁଛି। ଗତ କିଛିଦିନ ତଳେ ସାଂସଦ ହାଁସଦା ବିଜେପିରେ ମିଶିବା ନେଇ ଚର୍ଚ୍ଚା ଚାଲିଥିବାବେଳେ ଏବେ କିନ୍ତୁ ରାଜନୈତିକ ପବନ ବିପରିତ ଦିଗରେ ବହୁଥିବାବେଳେ ବିଜେଡିରେ ମଧ୍ୟ ଟିକେଟ ପାଇ ପାରନ୍ତି ବୋଲି ଶୁଣାଯିବା ସହିତ ଜେଏମଏମ ଦଳ ମଧ୍ୟ ସାରସକଣା ବିଧାନସଭା ଓ ମୟୂରଭଞ୍ଜ ଲୋକସଭା ଆସନ ପାଇଁ ଅଫର୍ କରୁଥିବା ଜଣାପଡିଛି। ଏପଟେ ତିନି ପ୍ରମୁଖ ଦଳର କିଛି କର୍ମଚାରୀ ଓ ପଞ୍ଚାୟତ ପ୍ରତିନିଧିଗଣ ଖୋଲାଖୋଲି ନହେଲେ ମଧ୍ୟ ଭିତିରିଆ ପୂର୍ବତନ ସାଂସଦଙ୍କ ଗୁଣଗାନ କରୁଥିବା ଦେଖିବାକୁ ମିଳୁଛି। ଯଦି ପ୍ରାକ୍ତନ ସାଂସଦ ରାମଚନ୍ଦ୍ର ହାଁସଦା ପୁନଃ ସ୍ୱାଧୀନ ବିଧାୟକ ପ୍ରାର୍ଥି ଭାବରେ ଛିଡ଼ା ହୁଅନ୍ତି, କି ଦଳୀୟ ଭାବରେ ଛିଡ଼ା ହୁଅନ୍ତି ତାହାଲେ ସୁନିଶ୍ଚିତ ଗତଥର ଅପେକ୍ଷା ଅଧିକ ଭୋଟରଙ୍କ ସମର୍ଥନ ପାଇବା ଓ ଜିତିବାର ସମ୍ଭାବନା ଢେର ଅଧିକ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ସେପଟେ ମୟୂରଭଞ୍ଜ ସମେତ ରାଜ୍ୟରେ ଦୁଇ ଶାସକ ଓ ବିରୋଧି ଦଳ ବିଜେପି ଓ ବିଜେଡି ଅଧାରୁ ଅଧିକ ଆସନରେ ବିଧାନସଭା ଟିକେଟ୍ ନାମ ଘୋଷଣା କରିସାରିଥିବା ବେଳେ ସାରସକଣା ବିଧାନସଭା ଆସନ ପାଇଁ ପ୍ରାର୍ଥିଙ୍କ ନାମ ଘୋଷଣା କରିପାରିନାହାଁ। ଏପଟେ ପାଞ୍ଚ ବର୍ଷିଆ ନିର୍ବାଚନ ପର୍ବରେ ଭୋଟର ନିଜକୁ ସାମିଲ୍ ହେବାକୁ ଚାହୁଁଥିବାବେଳେ ଟିକେଟ ନାମ ଘୋଷଣା କରିବାକୁ ତିନି ପ୍ରମୁଖ ଦଳକୁ କାଠିକର ପାଠ ହୋଇପଡିଛି।

## ନିର୍ବାଚନୀ ସଭାରେ ବିଜେପି ସପକ୍ଷ ଓ ବିପକ୍ଷ ବାଦି ମଧ୍ୟରେ ଧସ୍ତାଧସ୍ତି

କଟକ,(ସବ୍ୟୁ): ସାରା ରାଜ୍ୟରେ ବିଜେପିରେ ବିବାଦ ଉତ୍କଟ ରୂପ ଧାରଣ କରୁଥିବା ବେଳେ କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟ ସମ୍ମୁଖସ୍ଥ ନେତାଜୀଙ୍କ ଷ୍ଟାଚ୍ୟୁ ନିକଟରେ ହୋଇଥିବା ନିର୍ବାଚନୀ ସଭା ରଣକ୍ଷେତ୍ର ପାଲଟିଛି । ଚୌଦ୍ୱାର-କଟକ ବିଜେପି ବିଧାୟକ ପ୍ରାର୍ଥୀ ନୟନ ମହାନ୍ତି ଓ ବିପକ୍ଷବାଦୀ ମୁହାଁମୁହିଁ ହୋଇଥିଲେ । ଉପସ୍ଥିତ ବିଜେପି କର୍ମୀ ରକ୍ତମୁଖା ହୋଇ ପଡ଼ିଥିଲେ । ବିଜେପିର ଦୁଇ ଗୋଷ୍ଠୀ ମଧ୍ୟରେ ପ୍ରଥମେ ଯୁକ୍ତିତର୍କ, କଥା କଟାକଟି ଏବଂ ଶେଷରେ ଢେଲା ପଥର ମାଡ ହୋଇଥିଲା । ଏହି ଗଣ୍ଡଗୋଳରେ ଗୋଟିଏ ଗୋଷ୍ଠୀର ୫ଜଣ ଗୁରୁତର ଆହତ ହୋଇଥିବା ବେଳେ ସେମାନଙ୍କୁ ଏସ୍‌ସିବିରେ ଭର୍ତ୍ତି କରାଯାଇଛି । ସଭାରେ ଆକ୍ରମଣ ଓ ପ୍ରତିଆକ୍ରମଣ ଏତେ ଜୋରରେ ଥିଲା ଯେ, ଉକ୍ତ ରାସ୍ତା ଅଢେଇ ଘଣ୍ଟା କାଳ ବନ୍ଦ ହୋଇ ଯାଇଥିଲା । ସେଠାରେ ଉତ୍ତେଜନା ଅଣାୟତ୍ତ ହେବାରୁ ମାଲଗୋଦାମ ଥାନା ପୁଲିସ ଘଟଣାସ୍ଥଳୀରେ ପହଞ୍ଚି ଉତ୍ୟକ୍ତ କର୍ମୀଙ୍କୁ ବୁଝାସୁଝା କରିଥିଲା ।

## ଆମ୍ବେଦକର ଦେଶକୁ ସର୍ବସମାବେଶୀ ଓ ପ୍ରଗତିଶୀଳ ସମ୍ବିଧାନ ଦେଇଛନ୍ତି : ଧର୍ମେନ୍ଦ୍ର



ଭୁବନେଶ୍ୱର (ସବ୍ୟୁ): ସାମାଜିକ ନ୍ୟାୟର ପୁରୋଧା, ସମ୍ବିଧାନ ପ୍ରଣେତା ଭାରତ ରତ୍ନ ବାବାସାହେବ ଭୀମରାଓ ଆମ୍ବେଦକର ଆମକୁ ନ୍ୟାୟ ଏବଂ ସମାନତା ଉପରେ ଆଧାରିତ ଏକ ସର୍ବସମାବେଶୀ ଏବଂ ପ୍ରଗତିଶୀଳ ସମ୍ବିଧାନ ଦେଇଛନ୍ତି । ଯେଉଁ ସମ୍ବିଧାନ ଭାରତର ସମସ୍ତ ନାଗରିକଙ୍କ ପାଇଁ ସ୍ୱତନ୍ତ୍ରତା, ସମାନତା, ଭାଇଚାରା ଏବଂ ସାମାଜିକ ନ୍ୟାୟକୁ ସୁନିଶ୍ଚିତ କରିପାରିଛି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ରବିବାର ସମ୍ବଲପୁରରେ ଡକ୍ଟର ଆମ୍ବେଦକରଙ୍କ ପୁଣ୍ୟ ଜୟନ୍ତୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଛନ୍ତି କେନ୍ଦ୍ରମନ୍ତ୍ରୀ । ସେ କହିଛନ୍ତି ଦେଶର ବଞ୍ଚିତ ବର୍ଗର ବିକାଶକୁ ମୁଖ୍ୟସ୍ରୋତରେ ଯୋଡ଼ି ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ବାବାସାହେବଙ୍କ ଚିନ୍ତାଧାରାକୁ ଆଗକୁ ବଢାଇବା ସହ ଭାରତକୁ ନେଇ ସେ ଦେଖିଥିବା ସ୍ୱପ୍ନକୁ ପୂରଣ କରିବା ପାଇଁ କାମ କରୁଛନ୍ତି । ଏକ ଶ୍ରେଷ୍ଠ, ଶିକ୍ଷିତ, କୁଶଳୀ ଏବଂ ବିକଶିତ ଭାରତ ଗଠନ କରିବା ବାବାସାହେବଙ୍କ ପ୍ରତି ଉଚିତ୍ ଶ୍ରଦ୍ଧାଞ୍ଜଳି ହେବ । ବାବାସାହେବଙ୍କ ବିଚାର ଓ ଆଦର୍ଶ ସମସ୍ତଙ୍କ ପାଇଁ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ । ଆଜିର ଯୁବପିଢି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ଆବଶ୍ୟକ । ଆମ୍ବେଦକରଙ୍କ ପୁଣ୍ୟ ଜୟନ୍ତୀ ଅବସରରେ ଶ୍ରୀ ପ୍ରଧାନ ମୁଦିପଡା ଠେଲକୋପଡା ଠାରେ ଏସସି ମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ଅଜୁ ତାଣ୍ଡିଙ୍କ ଘରେ ଜଳଖିଆ କରିଥିଲେ । ତାଙ୍କର ସ୍ନେହ, ଶ୍ରଦ୍ଧା ଓ ଅମାୟିକ ବ୍ୟବହାର ପାଇଁ ଧନ୍ୟବାଦ ଜଣାଇବା ସହ ସବକା ସାଥ୍, ସବକା ବିକାଶ, ସବକା ବିଶ୍ୱାସ ଓ ସବକା ପ୍ରୟାସ ମୋଦିଜୀଙ୍କ ଶାସନର କେନ୍ଦ୍ରବିନ୍ଦୁ ହୋଇଛି ବୋଲି କହିଥିଲେ । ଅନୁରୂପ ଭାବରେ କେନ୍ଦ୍ରମନ୍ତ୍ରୀ 'ମୋଦୀ ବିଜୟ ପ୍ରଚାର' ଅଭିଯାନ ଅନ୍ତର୍ଗତ ଠେଲକୋପଡ଼ା ଠାରେ ବିଜେପି ଅନୁସୂଚିତ ଜାତି ସମାଜର ପୁରାତନ କାର୍ଯ୍ୟକର୍ତ୍ତା ସ୍ୱର୍ଗତ ଦୟାସାଗର ବେହେରାଙ୍କ ସୁପୁତ୍ର ଦୁଷ୍ମନ୍ତ ବେହେରା ଓ ତାଙ୍କ ପରିବାରର ସଦସ୍ୟମାନଙ୍କୁ ଭେଟିଥିଲେ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ଙ୍କ କଲ୍ୟାଣକାରୀ ବାର୍ତ୍ତା ଓ ଯୋଜନା ଗୁଡିକ ଉପରେ ଆଲୋକପାତ କରିବା ସହ ଗୁରୁଜନଙ୍କ ଆଶୀର୍ବାଦ ନେଇଥିଲେ ।

## ରସୁଲପୁର ବ୍ଲକ : ବିଜେପି ପାର୍ଥୀ ଆକାଶଙ୍କ ନିର୍ବାଚନ ପ୍ରଚାର

କୁଆଖିଆ ,(ସବ୍ୟୁ) :କୋରେଇ ନିର୍ବାଚନ ମଣ୍ଡଳୀ ଅଧୀନ ରସୁଲପୁର ବ୍ଲକର ବଡକଇଁଚି ପଞ୍ଚାୟତରେ କୋରେଇ ବିଧାନସଭାର ବିଜେପି ପାର୍ଥୀ ଆକାଶ ଦାସ ନାୟକ ଶନିବାର ସନ୍ଧ୍ୟାରେ ଆସି ବିଭିନ୍ନ ସ୍ଥାନରେ ନିର୍ବାଚନ ପ୍ରଚାରକରିଛନ୍ତି । ଏହି ମର୍ମରେ ରସୁଲପୁର ବ୍ଲକର ପୂର୍ବତନ ବ୍ଲକ ଅଧକ୍ଷ ତଥା ବିଜେପି ନେତା ଶଶିଭୂଷଣ ସାହୁଙ୍କ ଅଧକ୍ଷତାରେଗୋପୀନାଥପୁର ଠାରେ ବିଜେପିର ଏକ ବନ୍ଧୁ ମିଳନ କର୍ମୀ ସମାବେଶ ଅନୁଷ୍ଠିତ ହୋଇଥିଲା । ଏହି ସମାବେଶରେ ବିଜେପି ନେତାପ୍ରହଲ୍ଲାଦ ପଣ୍ଡା, ସୁବାସ ନାୟକ, ଶିଶିର ମହାନ୍ତି ପ୍ରମୁଖ ଯୋଗଦେଇ ବିଜେପି ପାର୍ଥୀଙ୍କୁ କୋରେଇରେ ନିର୍ବାଚିତ କରିବାସହରାଜ୍ୟ ଓ କେନ୍ଦ୍ରରେ ବିଜେପି ସରକାର ଆଣିବାକୁ ଆହ୍ୱାନ ଦେଇଥିଲେ । ସମାବେଶ ପୂର୍ବରୁ ଶ୍ରୀ ନାୟକଙ୍କୁ ବିଜେପି ନେତା ଓ ବଡକଇଁଚି ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରକାଶ ସାହୁଙ୍କ ନେତୃତ୍ୱରେଏକ ବାଇକ ଶୋଭାଯାତ୍ରାରେ କର୍ମୀମାନେ ପାଛୋଟି ନେଇଥିଲେ । ପାର୍ଥୀ ଶ୍ରୀ ନାୟକ ମଧୁବନ ପାଳସାହିର ମା ମଙ୍ଗଳା ଓପାଞ୍ଚଗୋଛିଆର ହନୁମାନ ଜିଉଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

## ଜାଗୁଳାଇଙ୍କ ପୀଠରେ ବାସନ୍ତୀକ ଦୁର୍ଗାପୂଜା, କାଳରାତ୍ରି ବେଶରେ ଦର୍ଶନ ଦେଲେ ମା'

ଜଟଣୀ(ସବ୍ୟୁ): ଜଟଣୀ କୁଦିଆରୀସ୍ଥିତ ମାଆ ଜାଗୁଳାଇଙ୍କ ପୀଠରେ ଚାଲିଥିବା ବାସନ୍ତୀକ ଦୁର୍ଗାପୂଜା ଓ ନବରାତ୍ର ମହୋତ୍ସବର ଆଜି ସପ୍ତମୀ ତିଥିରେ ମାଆ କାଳରାତ୍ରି ବା କାଳୀ ବେଶରେ ଦର୍ଶନ ଦେଇଥିଲେ । ଆଜି ସକାଳୁ ମାଆଙ୍କର ସାଲା ମଣ୍ଡନ ସୂର୍ଯ୍ୟପୂଜା ପରେ ସଂଧ୍ୟାରେ ମାଆଙ୍କୁ ମହାସ୍ନାନ କରାଯାଇ କାଳରାତ୍ରି ବେଶରେ ସଜ୍ଜିତ କରାଯାଇ ବିଭିନ୍ନ ପୂଜାନୀତି ସଂପନ୍ନ କରାଯାଇଥିଲା। ଗୁପ୍ତପୂଜା ପରେ ଆଳତି ସହିତ ଦ୍ୱାର ଖୋଲାଯାଇ ମା ଦର୍ଶନ ଦେଇଥିଲେ । ମା ଆଜି ତ୍ରିନୟନା ଚତୁର୍ଭୁଜା ମୁଣ୍ଡମାଳା ବିଭୂଷିତା, ବ୍ୟାଘ୍ର ଛାଲରେ ପରିହିତା ଗଧର୍ବୀ ବାହାନେ ଗତା ଉପର ବାମ ହସ୍ତ ଖଡ୍ଗ ତଳେ ହସ୍ତେ ବର୍ଚ୍ଛା, ଡାହାଣ ଉପର ହସ୍ତେ ବରଦ ଓ ତଳ ହସ୍ତେ ଅଭୟ ଆର୍ଶୀବାଦ ମୁଦ୍ରାରେ ଦର୍ଶନ ଦେଇଥିଲେ । ଷୋଡ଼ଶ ଉପଚାର ପୂଜା ମହା ସପ୍ତସତି ସଂପୂର୍ଣ୍ଣ ଚଣ୍ଡୀ ଆହୂତି ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିଲା । ଆସନ୍ତାକାଲିମା ମହାଗୌରୀ ବେଶରେ ଦର୍ଶନ ଦେବେ ବୋଲି ମୁଖ୍ୟ ପୂଜକ ମନୋରଂଜନ ପଣ୍ଡା କହିଥିଲେ । ଏହି କାର୍ଯ୍ୟକ୍ରମକୁ ସଭାପତି ରାଧାମୋହନ ପଟ୍ଟନାୟକ,ଅଶୋକ ଦାଶ, ଭାଗୀରଥୀ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ସାହାଣୀ, ଆଡଭୋକେଟ୍ ସୁରେଶ ଚନ୍ଦ୍ର ମିଶ୍ର, ଚନ୍ଦ୍ରଶେଖର ପଣ୍ଡା, ମୀରାଦଳାଇ, ରାନୁ ମଙ୍ଗରାଜ, ପ୍ରମିଳା ସାହାଣୀ, ଶଶାଙ୍କ ରାୟ, ଅନନ୍ତ ବେହେରା, ନାଗଭୂଷଣ ରାୟ ପ୍ରମୁଖ ପରିଚାଳନା କରିଥିଲେ ବୋଲି ସଂପାଦକ ଏଲ୍‌ଡି ମହାନ୍ତି ସୂଚନା ଦେଇଛନ୍ତି ।

# ଆମ୍ବେଦକରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ
# ରାମଜୀ ଥିଲେ ସାମାଜିକ ନ୍ୟାୟ ଆନ୍ଦୋଳନର ଅନନ୍ୟ ରୂପକାର

ଭୁବନେଶ୍ୱର (ସବ୍ୟୁ): ଭାରତରତ୍ନ ବାବାସାହେବ ଡ. ଭୀମରାଓ ରାମଜୀ ଆମ୍ବେଦକର ସ୍ୱତନ୍ତ୍ରତା, ସମତା ଓ ସାମାଜିକ ନ୍ୟାୟ ଆଧାରିତ ସମାଜ ନିର୍ମାଣ କରିବା ପାଇଁ ଆଜୀବନ ପ୍ରଚେଷ୍ଟା କରିଥିଲେ । ସାମାଜିକ ନ୍ୟାୟ ପ୍ରତିଷ୍ଠା ପାଇଁ ଅସ୍ପୃଶ୍ୟତା ଦୂର କରିବା କେବଳ ଆବଶ୍ୟକତା ନୁହେଁ, ମାନବକଲ୍ୟାଣ ପାଇଁ ମଧ୍ୟ ଏହା ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଉପଲବ୍ଧି କରିଥିଲେ ବୋଲି ଅତିଥିମାନେ ବାବାସାହେବ ଡ. ଭୀମରାଓ ରାମଜୀ ଆମ୍ବେଦକରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀରେ ମତପ୍ରଦାନ କରିଛନ୍ତି । ସୂଚନା ଓ ଲୋକସଂପର୍କ ବିଭାଗ ଆନୁକୂଲ୍ୟରେ ଆଜି ସ୍ଥାନୀୟ ଜୟଦେବ ଭବନଠାରେ ଆୟୋଜିତ ଭାରତରତ୍ନ ବାବାସାହେବ ଡ. ଭୀମରାଓ ରାମଜୀ ଆମ୍ବେଦକରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ମାନବାଧିକାର କମିଶନ ଶ୍ରୀ ଅସୀମ ଅମିତାଭ ଦାଶ କହିଲେ ଯେ ସାମାଜିକ ନ୍ୟାୟ ଆନ୍ଦୋଳନର ପ୍ରବକ୍ତା, ସମ୍ବିଧାନ ପ୍ରଣେତା, ସମତାଭିତ୍ତିକ ସମାଜ ପ୍ରତିଷ୍ଠାର




ଅନନ୍ୟ ରୂପକାର ଥିଲେ ଭାରତରତ୍ନ ବାବାସାହେବ ଡ. ଭୀମରାଓ ରାମଜୀ ଆମ୍ବେଦକର । ସବୁ ଦେଶପ୍ରେମୀ ଭାରତୀୟଙ୍କ ପାଇଁ ସମ୍ବିଧାନ ହେଉଛି ପବିତ୍ର ଗ୍ରନ୍ଥ । ଭାରତୀୟ ସମ୍ବିଧାନ ସମଗ୍ର ବିଶ୍ୱରେ ଏକ ଆଦର୍ଶ ସମ୍ବିଧାନ ଭାବେ ଗ୍ରହଣୀୟ ହୋଇପାରିଛି । ଏହି ସମ୍ବିଧାନର ସଂପୂର୍ଣ୍ଣ ଚିଠା ପ୍ରଣୟନ କରିବାରେ ତାଙ୍କର ଉଲ୍ଲେଖ ଯୋଗ୍ୟ ଅବଦାନ ଥିଲା । ସମାଜରୁ ଅସମାନତା ଦୂର କରି ଭାରତକୁ ଏକ ସଂଗଠିତ ଓ ସଶକ୍ତ ରାଷ୍ଟ୍ର ରୂପେ ନିର୍ମାଣ କରିବାକୁ ସେ ଚାହୁଁଥିଲେ ବୋଲି ଶ୍ରୀ ଦାଶ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବରିଷ୍ଠ ସାମ୍ବାଦିକ ଏବଂ ସ୍ତମ୍ଭକାର ଶ୍ରୀ ପ୍ରଦୋଷ ପଟ୍ଟନାୟକ ବାବସାହେବ ଡ. ଭୀମରାଓ ରାମଜୀ ଆମ୍ବେଦକରଙ୍କ ଜୀବନୀ ଓ ଆଦର୍ଶ ବାବଦରେ ଉଲ୍ଲେଖ କରିଥିଲେ । ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଲେ ଯେ ଭାରତର ସମ୍ବିଧାନ କେବଳ ଏକ ଆଇନ ପୁସ୍ତକ ନୁହେଁ ଏହା ଭାରତୀୟଙ୍କ ଆସ୍ଥା, ବିଶ୍ୱାସ ଏବଂ ଜୀବନର ପ୍ରତିଫଳନ । ପ୍ରାରମ୍ଭରେ ଅତିଥିମାନେ ଭାରତରତ୍ନ ବାବାସାହେବ ଡ. ଭୀମରାଓ ରାମଜୀ ଆମ୍ବେଦକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସୂଚନା ଓ ଲୋକସଂପର୍କ ବିଭାଗ ନିର୍ଦ୍ଦେଶକ (ବୈଷୟିକ) ଶ୍ରୀ ସୁରେନ୍ଦ୍ରନାଥ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ । ସକାଳ ୮ ଘଟିକା ସମୟରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଏଜି ଛକସ୍ଥିତ ଡ. ବାବାସାହେବ ଭୀମରାଓ ରାମଜୀ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ହୋଇଯାଇଛି ।

# ନିଗମାନନ୍ଦଙ୍କ ନୀଳାଚଳ କୁଟୀର ଶୁଭ ପଦାର୍ପଣ ଶତବାର୍ଷିକୀ

ଭୁବନେଶ୍ୱର (ସବ୍ୟୁ): ପବିତ୍ର ଚାରିଧାମ ମଧ୍ୟରୁ କ୍ଷେତ୍ର ପୁରୀ ଧାମ ଅନ୍ୟତମ । ଅନେକ ମହାପୁରୁଷ, ସାଧୁସନ୍ଥ ଏହି ଧାମକୁ ଆସିଛନ୍ତି। ନୀଳାଚଳ ସାରସ୍ୱତ ସଂଘ, ପୁରୀର ପ୍ରାଣ ପ୍ରତିଷ୍ଠାତା ପରମହଂସ ସଦଗୁରୁ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଏହି ଧାମରେ ନିଜ ଜୀବନର ୧୨ ବର୍ଷ କଟାଇଥିଲେ। ସାଧନା ସମୟରେ ଗୁରୁ ସଚ୍ଚିଦାନନ୍ଦ ସରସ୍ୱତୀଙ୍କ ଆଦର୍ଶରେ ଚାରିଧାମ ଭ୍ରମଣ କରି ଶେଷରେ ପୁରୀ ଧାମରେ ପହଞ୍ଚିଥିଲେ। ଏହି ଧାମର ମହାମନ୍ତ୍ର ହେଉଛି ପ୍ରଜ୍ଞାନମ ବ୍ରହ୍ମ। ପରିବ୍ରାଜକ ଅବସ୍ଥାରେ ନିଗମାନନ୍ଦ ବଗଲା ଧର୍ମଶାଳାରେ ଅବସ୍ଥାନ କରିଥିଲେ। ଏହି ସମୟକ୍ଷର ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରିବା ସମୟରେ ଆକସ୍ମିକ ଭାବରେ ମହାପ୍ରଭୁଙ୍କ ମହାପ୍ରସାଦ ପ୍ରାପ୍ତ ହୋଇଥିଲେ। ଶ୍ରୀ ଶ୍ରୀ ଠାକୁର ତାଙ୍କ ଜୀବନର ଶେଷ ୧୨ ବର୍ଷରୁ ବିଭିନ୍ନ ସ୍ଥାନରେ ଅବସ୍ଥାନ କରିଥିଲେ। ଏହି ସମୟ ମଧ୍ୟରେ ସେ ମହୋଦଧି କୂଳରେ ରହିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ଏଥିପାଇଁ ସେ ସ୍ୱର୍ଗଦ୍ୱାରରେ ଏକ ସ୍ଥାୟୀ ଘର କିଣିବା ପାଇଁ ଚିନ୍ତା କଲେ ଏବଂ ୧୯୨୪ ମସିହାରେ ଯେଉଁ ଘରଟି କିଣିଲେ ତାର ନାମ ଦେଲେ ନୀଳାଚଳ କୁଟୀର। ଏହି ନୀଳାଚଳ କୁଟୀରକୁ ଶ୍ରୀ ଶ୍ରୀ ଠାକୁର ପବିତ୍ର ବିଷୁବ ସଂକ୍ରାନ୍ତି ଦିନ ଶୁଭ ପଦାପର୍ଣ କରିଥିଲେ। ଏହି କୁଟୀରରେ ୧୯୩୪ ମସିହା ପବିତ୍ର ରକ୍ଷା ବନ୍ଧନ ପୂର୍ଣ୍ଣିମା ଦିନ ଶ୍ରୀ ଶ୍ରୀ ଠାକୁର ତାଙ୍କ ଜନ୍ମ ଦିନରେ ଭଗବତ ପ୍ରେରଣାରେ ଉଦବୁଧ ହୋଇ ନୀଳାଚଳ ସାରସ୍ୱତ ସଂଘ ପ୍ରତିଷ୍ଠା କରିଥିଲେ। ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦଙ୍କ ଉତ୍କଳ ଆଗମନର ଶତବାର୍ଷିକୀ ଉତ୍ସବ ଚଳିତବର୍ଷ ପାଳନ ହେଉଛି। ଶ୍ରୀ ଶ୍ରୀ ଠାକୁର ୧୯୨୪ ମସିହାରେ ପୁରୀ ଆଗମନ କରି ପବିତ୍ର ବିଷୁବ ସଂକ୍ରାନ୍ତି ଏପ୍ରିଲ ମାସ ୧୪ ତାରିଖରେ ନୀଳାଚଳ କୁଟୀରରେ ପ୍ରବେଶ କରିଥିଲେ। ଏହି ସ୍ମରଣୀୟ ଉତ୍ସବର ଶତକ ଜୟନ୍ତୀ ବଗଲା ଧର୍ମଶାଳାରେ ପାଳନ କରାଯାଇଛି।



ଏପ୍ରିଲ ମାସ ୧୩ ତାରିଖ ଶନିବାର ଅଧିବାସ ପୂଜା ଅନୁଷ୍ଠିତ ହୋଇଥିଲା। ଏହି ଉପେକ୍ଷେ ଭକ୍ତମାନେ ଶ୍ରୀ ଶ୍ରୀ ଠାକୁର ମହାରାଜଙ୍କୁ ଏକ ସୁସଜ୍ଜତି ରଥରେ ବିଜେ କରାଇ ଶୋଭାଯାତ୍ରାରେ ନାମ ସଂକୀର୍ତ୍ତନ ସହିତ ନିଳାଚଳ କୁଟୀରରୁ ବଗଲା ଧର୍ମଶାଳା ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ। ପରେ ଅଧିବାସ ପୂଜା ଅନୁଷ୍ଠିତ ହୋଇଥିଲା। ଅଧିବାସ ସଭାର ସଂଘର ସଭ୍ୟ ଅତନୁ ସବ୍ୟସାଚୀ ନାୟକ ଓ ଆସାମ ବଙ୍ଗୀୟ ସାରସ୍ୱତ ମଠର ଟ୍ରଷ୍ଟି ମହେଶ୍ୱର ସ୍ୱାଇଁ ଶ୍ରୀ ଶ୍ରୀ ଠାକୁରଙ୍କ ପୁରୀ ଆଗମନ ମଧୁର ସ୍ମୃତି ସ୍ମରଣ କରାଇ ଭକ୍ତମାନଙ୍କୁ ଭାବବିହ୍ୱଳ କରିଥିଲେ। ଦ୍ୱିତୀୟ ଦିବସ ରବିବାର ପବିତ୍ର ବିଷୁବ ସଂକ୍ରାନ୍ତି ପ୍ରାତଃ ପ୍ରାର୍ଥନା ସଭାରେ ମଙ୍ଗଳ ଆରତୀ ଓ ବୈଦିକ ପ୍ରାର୍ଥନା କାର୍ଯ୍ୟକ୍ରମ ପରେ ଦିବା ୯ଟା ସମୟରେ ସ୍ମାରକ ସଭା ଅନୁଷ୍ଠିତ ହୋଇଥିଲା। ସନାତନ ଧର୍ମ ଏହି ମହାନ ଧର୍ମ ସଭାରେ ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦଙ୍କ ଆର୍ଦଶ ଓ ଆର୍ଯ୍ୟନ୍ଥ ଧର୍ମ ଧାରା ଉପରେ ଆଲୋଚନା କରାଯାଇଥିଲା। ଏହି ସଭାରେ ଦିବ୍ୟ ଜୀବନ ସଂଘର ସ୍ୱାମୀ ଶିବ ଚିଦାନନ୍ଦ ମହାରାଜ ସଭାପତିତ୍ୱ କରିଥିଲେ । ସଂଘର ସଭାପତି ସନ୍ତୋଷ କୁମାର ମହାନ୍ତି ଉଦବୋଧନ ଦେଇଥିଲା ବେଳେ ସଂଘର ପରିଚାଳକ ଶରତ ଚନ୍ଦ୍ର ସିଂ ଦେଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ସଭାରେ ଆସାମ ବଙ୍ଗୀୟ ସାରସ୍ୱତ ମଠର ପ୍ରତିନିଧି ସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀ ମହାରାଜ,ଭାଗବତ ଆଶ୍ରମ ପୁରୀର ଅଧକ୍ଷ ବ୍ରଜ ଦାସ ମହାରାଜ, ସାଂସଦ ଶୁଭାଶିଷ ଖୁଣ୍ଟିଆ, ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ପ୍ରଫୁଲ୍ଲ କୁମାର ମିଶ୍ର, ରାମଚନ୍ଦ୍ର ମିଶ୍ର, ସୁଭଦ୍ରା ବାଡ଼ଗ୍ରାହୀ, ପଣ୍ଡିତ ସୂର୍ଯ୍ୟନ୍ଥ ନାରାୟଣ ରଥ ଶର୍ମା ପ୍ରମୁଖ ଉପସ୍ଥିତ ରହି ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ସଂଘ ତରଫରୁ ଏକ ସ୍ମରଣିକା ' ଶତାବ୍ଦୀ ସୌରଭ ଉନ୍ମୋଚିତ ହୋଇଛି। ଶେଷରେ ନୀଳାଚଳ ସାରସ୍ୱତ ସଂଘର ସମ୍ପାଦକ ନରେଶ ଚନ୍ଦ୍ର ପତି କୃତଜ୍ଞତା ଜ୍ଞାପନ କରିଥିଲେ ।

# ଝାମୁ ଦେଖିବାବେଳେ ଅଘଟଣ, ୭ ଆହତ




ଭୁବନେଶ୍ୱର, (ସବ୍ୟୁ) : ଝାମୁଯାତ୍ରା ଦେଖିବାବେଳେ ଅଘଟଣ ଘଟିବାରୁ ୭ ନାବାଳକ, ନାବାଳିକା ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ଥିବା ହସ୍ପିଟାଲ୍ ସୂତ୍ରରୁ ଜଣାପଡ଼ିଛି।

କ୍ୟାପିଟାଲ ଥାନା ଅନ୍ତର୍ଗତ କେଦାରପଲ୍ଲୀ ବସ୍ତିରେ ରବିବାର ଅପରାହ୍ନରେ ଝାମୁଯାତ୍ରା ହୋଇଥିଲା। ଝାମୁଯାତ୍ରା ଦେଖିବା ପାଇଁ ସେଠାରେ ପ୍ରବଳ ଗହଳି ହୋଇଥିବାରୁ କିଛି ନାବାଳକ, ନାବାଳିକା ସେଠାରେ ଥିବା ପରିତ୍ୟକ୍ତ ସ୍କୁଲ ଘରର ଆଜ୍‌ବେଷ୍ଟସ୍ ଉପରେ ଚଢ଼ି ଝାମୁଯାତ୍ରା ଦେଖୁଥିଲେ। ମାଇକ୍‌ରେ ପ୍ରଚାର ସାଙ୍ଗକୁ ଗୁରୁଜନମାନେ ବାରଣ କରିଥିଲେ ମଧ ପିଲାମାନେ ଆଜବେଷ୍ଟସ୍ ଉପରେ ଚଢ଼ି ଝାମୁଯାତ୍ରା ଦେଖୁଥିଲେ। ସ୍କୁଲ୍ ଘର ବହୁତ ଦିନ ହେବ ପରିତ୍ୟକ୍ତ ଅବସ୍ଥାରେ ରହିଥିବାରୁ ପୁରୁଣା ଆଜବେଷ୍ଟସ୍ ଭୁଶୁଡ଼ି ପଡ଼ିଥିଲା। ଯାହାଫଳରେ ଆଜବେଷ୍ଟସ୍ ଉପରେ ଚଢ଼ିଥିବା ପିଲାମାନେ ତଳେ ପଡ଼ିଯାଇଥିଲେ।

ତଳେ ପଡ଼ିଥିବା ପିଲାମାନଙ୍କ ମଧ୍ୟରୁ ୭ ଜଣ ଆହତଙ୍କୁ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ୭ ଜଣ ଆହତଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ଥିବାବେଳେ ସିଟିସ୍କାନ୍ ଓ ଆବଶ୍ୟକୀୟ ପରୀକ୍ଷା ନିରୀକ୍ଷା କରାଯାଇଛି। ଆହତ ପିଲାମାନଙ୍କ ମୁଣ୍ଡ, ପିଠି, ଗୋଡ଼, ଛାତି, ହାତ ପ୍ରଭୃତି ସ୍ଥାନରେ ଗୁରୁତର ଆଘାତ ଲାଗିଛି। ଏହି ଘଟଣା ପରେ ସେଠାରେ ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। ଝାମୁଯାତ୍ରା ପାଖକୁ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଅତିଥି ହୋଇ ଯାଇଥିବାରୁ ସେ ମଧ ପିଲାଙ୍କୁ ଚିକିତ୍ସାରେ ସହାୟତା କରିଥିବା ଖବର ମିଳିଛି। କ୍ୟାପିଟାଲ ହସ୍ପିଟାଲ ପକ୍ଷରୁ ଆହତ ପିଲାମାନଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଆହତଙ୍କ ଅଭିଭାବକ ବିଚଳିତ ବ୍ୟତିବ୍ୟସ୍ତ ହେଉଥିଲେ ମଧ ହସ୍ପିଟାଲ କର୍ମଚାରୀ ତାଙ୍କୁ ବୁଝାସୁଝା କରୁଥିବା ଦେଖିବାକୁ ମିଳିଥିଲା।

# ପ୍ରକାଶ ବେହେରାଙ୍କ ଦଳୀୟ କାର୍ଯ୍ୟାଳୟ ଉଦ୍‌ଘାଟିତ

କଟକ: (ସବ୍ୟୁ) ବାରବାଟୀ କଟକ ବିଧାୟକ ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବେହେରାଙ୍କ ଦଳୀୟ କାର୍ଯ୍ୟାଳୟ ଆଜି ସିଡିଏ-୬ ନମ୍ବରରେ ଉଦ୍‌ଘାଟିତ ହୋଇଛି । ଦଳୀୟ କାର୍ଯ୍ୟକୁ ଅଧିକ ତ୍ୱରାନିତ ପାଇଁ ଏହି କାର୍ଯ୍ୟାଳୟ ଖୋଲା ଯାଇଛି । କାର୍ଯ୍ୟାଳୟରେ ବାରବାଟୀ କଟକ ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରା, ସାଂସଦ ପ୍ରାର୍ଥୀ ସଂତୃପ୍ତ ମିଶ୍ର, ରାଜ୍ୟ ସଭା ସାଂସଦ ତଥା କଟକ ଜିଲ୍ଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟ, କଟକ ମେୟର ସୁବାସ ସିଂହ, କଟକ ନଗର ବିଜେଡି ସଭାପତି ମଧୁସୂଦନ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। କର୍ମୀ ବା ନେତାମାନେ ଏଠାରେ ଶ୍ରୀ ବେହେରାଙ୍କୁ ଭେଟି ବିଭିନ୍ନ ଦଳୀୟ ସାଂଗଠନିକ ଆଲୋଚନା କରିପାରିବେ । ପବିତ୍ର ପଣା ସଂକ୍ରାନ୍ତି ଅବସରରେ ଶ୍ରୀ ବେହେରା ବିଭିନ୍ନ ୱାର୍ଡ ପରିଦର୍ଶନ କରି ନିଜର ପ୍ରଚାର କୁ ମଧ୍ୟ ଜାରି ରଖିଥିଲେ ।

## ଓଡ଼ିଆ ନବବର୍ଷ, ମହାବିଷୁବ ସଂକ୍ରାନ୍ତିର ଶୁଭେଚ୍ଛା ଜଣାଇଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

# ଓଡ଼ିଆ ପର୍ବପର୍ବାଣୀ ଓ ଲୋକପରମ୍ପରା ସମାଜରେ ଭକ୍ତି ସହ ଆଧାତ୍ମିକ ଚେତନାକୁ ଉଜାଗର କରୁଛି

ଭୁବନେଶ୍ୱର (ସବ୍ୟୁ): ଓଡ଼ିଆ ସଂସ୍କୃତି ଓ ପରମ୍ପରା ଅନନ୍ୟ । ଆମର ପର୍ବପର୍ବାଣୀ ସ୍ୱତନ୍ତ୍ର । ମେରୁ ଯାତ୍ରା, ଦଣ୍ଡ ନାଚ ଭଳି ଲୋକକଳା ଓ ଲୋକପରମ୍ପରା ଗୁଡିକ ସମାଜରେ ଭକ୍ତି, ନିଷ୍ଠା ଓ ଆଧାତ୍ମିକ ଚେତନାକୁ ଉଜାଗର କରିବାର ମହାନ ଅବସର ଦେଉଅଛି ବୋଲି ମହାବିଷୁବ ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷର ଶୁଭେଚ୍ଛା ଜଣାଇବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଏହି ପବିତ୍ର ଅବସରରେ ସମ୍ବଲପୁର ସ୍ଥିତ ହନୁମାନ ମନ୍ଦିର, ଅଇଁଠାପାଲିସ୍ଥ କାମାକ୍ଷା ମନ୍ଦିର, ହୀରାକୁଦରେ ମା' ଦଣ୍ଡକାଳୀ ମନ୍ଦିର, ଧମା ଓ ସାହସପୁର ସମେତ ଅନେକ ସ୍ଥାନରେ ବିଭିନ୍ନ ମନ୍ଦିର ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ । ଦେଓଗାଁ, ଯୁଯୁମୁରା ରସିଆପାଲିରେ ଅନୁଷ୍ଠିତ ନାମଯଜ୍ଞ ଓ ନାମ ସଂକୀର୍ତ୍ତନରେ ସାମିଲ ହୋଇଥିଲେ । ଚାରମାଳ ଖୁବେଲ ଓ ହୀରାକୁଦରେ ମେରୁ ଯାତ୍ରା ଓ ଦଣ୍ଡନାଚରେ ଯୋଗଦେଇଥିଲେ କେନ୍ଦ୍ରମନ୍ତ୍ରୀ । ଚାରବାଟି ଠାରେ ହନୁମାନ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେବା ସହ ସମ୍ବଲପୁର ଜିଲ୍ଲା ହାଇସ୍କୁଲ ଛକ ଠାରେ ଥିବା ହନୁମାନ



ମନ୍ଦିରରେ ମହାଆଳତି କରିବାର ସୌଭାଗ୍ୟ ଲାଭ କରିଥିବା କହିଥିଲେ । ଅଯୋଧାରେ ରାମଲାଲାଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା ହୋଇଥିବା ବେଳେ ଆଜିର ଦିନଟିକୁ ଲୋକମାନେ ବଡ ଉତ୍ସାହର ସହ ହନୁମାନ ଜୟନ୍ତୀ ପାଳନ କରୁଛନ୍ତି । ସେ କହିଛନ୍ତି ଆମର ମନ୍ଦିର ଓ ଧାର୍ମିକ ସ୍ଥଳୀ ଗୁଡିକ ଧାର୍ମିକ ଓ ଆସ୍ଥାର ଅନନ୍ୟ କେନ୍ଦ୍ର । ମେରୁ ଯାତ୍ରାରେ ହଜାର ହଜାର ସଂଖ୍ୟାରେ ନାଗରିକମାନେ ସମବେତ ହେବା ସମାଜରେ ଭକ୍ତି, ନିଷ୍ଠା ଓ ଆଧାତ୍ମିକତା ଭାବାବେଗର ପରିଚୟ ଦେଉଛି । ଦଣ୍ଡନାଚ ମଧ ସାମାଜିକ ସମରସତାର ଅନନ୍ୟ ପରମ୍ପରା । ଆଧାତ୍ମିକ ଓ ତପସ୍ୟାର ଅନ୍ୟ ନାଁ ହେଲା ଦଣ୍ଡନାଚ । ଭରସା ଓ ବିଶ୍ୱାସର ଏହି ଯାତ୍ରାରେ ସାମିଲ ହେବା ମୋର ସୌଭାଗ୍ୟ । ଭଗବାନଙ୍କ ପ୍ରତି ଲୋକଙ୍କ ଆସ୍ଥା ସମ୍ପନ୍ନତାରେ ପରିପୂର୍ଣ୍ଣ ହେଉ ବୋଲି ଶ୍ରୀ ପ୍ରଧାନ କାମନା କରିଛନ୍ତି । ସେ କହିଛନ୍ତି ଯେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ, ମା' ସମଲେଇଙ୍କ କରୁଣାରୁ ଓଡ଼ିଆ ନୂଆବର୍ଷ ଆମ ସମସ୍ତଙ୍କ ଜୀବନରେ ଆନନ୍ଦ ଓ ଉଲ୍ଲାସ ଆଣିଦେଉ । ଆଜିର ଦିନରେ 'ବିକଶିତ ଭାରତ, ବିକଶିତ ଓଡ଼ିଶା' ଗଠନ କରିବା ପାଇଁ ସାମୂହିକ ସଂକଳ୍ପ ନେବାକୁ ଶ୍ରୀ ପ୍ରଧାନ ରାଜ୍ୟବାସୀଙ୍କୁ ଆହ୍ୱାନ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଆହୁରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତି ସବୁଠି ଅଭୁତପୂର୍ବ ଜନସମର୍ଥନ, ଆଶୀର୍ବାଦ ଓ ଭଲପାଇବା ଦେଖାଯାଇଛି । ଓଡ଼ିଶାରେ ପରିବର୍ତ୍ତନ ହେବ । ମୋଦୀଙ୍କ ଡବଲ ଇଞ୍ଜିନ ସରକାର ହେବ ବୋଲି ସେ କହିଥିଲେ ।

# କଟକରେ ଶ୍ରାଦ୍ଧ ସଭା ଓ ଜାନକୀବଲ୍ଲଭ ସ୍ମାରକୀ ବକ୍ତୃତା ୨୧ ରେ

କଟକ (ସବ୍ୟୁ): ଆସନ୍ତା ୨୧ ତାରିଖ ସନ୍ଧ୍ୟା ସାଢ଼େ ୬ ଟାରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମର ପୂର୍ବତନ ରାଜ୍ୟପାଳ ବିଶିଷ୍ଟ ଜନନେତା ଜାନକୀବଲ୍ଲଭ ପଟ୍ଟନାୟକଙ୍କର ନବମ ବାର୍ଷିକ ଶ୍ରାଦ୍ଧ ସଭା କଟକ ବିଜୁ ପଟ୍ଟନାୟକ ଛକସ୍ଥିତ ସାରଳା ଭବନରେ ଅନୁଷ୍ଠିତ ହେବ । ଜାନକୀବଲ୍ଲଭ ସ୍ମାରକୀ ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ଚଳିତବର୍ଷର କାର୍ଯ୍ୟକ୍ରମରେ ଓଡିଶା ହାଇକୋର୍ଟର ମାନ୍ୟବର ପ୍ରାକ୍ତନ ନ୍ୟାୟମୂର୍ତ୍ତି ବୀରକିଶୋର ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେବେ ଓ ଜାନକୀବଲ୍ଲଭ ସ୍ମାରକୀ ବକ୍ତୃତା ପ୍ରଦାନ କରିବେ ସୁଖ୍ୟାତ କବି ଓ ଚିନ୍ତକ ହର ପ୍ରସାଦ ଦାସ । ପ୍ରତିଷ୍ଠାନର ସଭାପତି ପ୍ରଫେସର ଡକ୍ଟର ବୈଷ୍ଣବ ଚରଣ ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହେବାକୁ ଥିବା ଏହି ସମାରୋହରେ ସାହିତ୍ୟ, ସାମ୍ବାଦିକତା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ଅବଦାନ ପାଇଁ ଓଡ଼ିଶାର ୩ ଜଣ ସଫଳ ବ୍ୟକ୍ତିଙ୍କ ନାମ ଖୁବ୍ ଶୀଘ୍ର ଘୋଷଣା କରାଯିବ ବୋଲି ପ୍ରତିଷ୍ଠାନର ସାଧାରଣ ସଂପାଦକ ସାହିତ୍ୟିକ ଡକ୍ଟର ଗୋବିନ୍ଦ ଭୂୟାଁ ସୂଚନା ପ୍ରଦାନ କରିଛନ୍ତି ।

# ପିସିସି ପକ୍ଷରୁ ଡ. ବି. ଆର୍ ଆମ୍ବେଦକର ଜୟନ୍ତୀ

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ରବିବାର ଭାରତର ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ. ବି. ଆର ଆମ୍ବେଦକଙ୍କର ଜୟନ୍ତୀ ଉତ୍ସବ ଭୁବନେଶ୍ୱର କଂଗ୍ରେସ ଭବନ ଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳେ ପ୍ରଦେଶ କଂଗ୍ରେସ ବରିଷ୍ଠ ଉପସଭାପତି ଶିବାନନ୍ଦ ରାୟଙ୍କ ନେତୃତ୍ୱରେ କଂଗ୍ରେସ ନେତାଗଣ ଏଜି ଛକସ୍ଥିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ କଂଗ୍ରେସ ନେତୃବୃନ୍ଦ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଠାରେ ଆମେଦକରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କଂଗ୍ରେସ



ନେତୃବୃନ୍ଦ ସର୍ବଶ୍ରୀ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ମନୋରଞ୍ଜନ ଦାଶ, ଆଲୋକ ମହାନ୍ତି, ମିହିର ଆଚାର୍ଯ୍ୟ, ଜ୍ୟୋତିଷ ସାହୁ, ସଂକୁନା କହଁର, ସଂଜୟ ମିଶ୍ର, ଖଗେଶ୍ୱର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

# ଝୁଲିଲା ବାରବାଟୀ କଂଗ୍ରେସ୍ ଟିକେଟ

କଟକ (ପ୍ରଫୁଲ୍ଲ ମହାନ୍ତି) ଆଜି କଂଗ୍ରେସ ଦଳ ତାର ବିଧାନସଭା କ୍ଷେତ୍ର ପାଇଁ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି । କଟକ ଜିଲ୍ଲାର ସାତ ଗୋଟି ନିର୍ବାଚନମଣ୍ଡଳୀରୁ ବାଙ୍କୀ, କଟକ ଚୌଦ୍ୱାର, କଟକ ସଦର, ସାଲେପୁର, ନିଆଳି, ଆଠଗଡ଼ରୁ ନାମ ଘୋଷଣା କରିଥିବା ବେଳେ ଅଟକିଛି ବାରବାଟୀ କଟକର ପ୍ରାର୍ଥୀଙ୍କ ନାମ । କଟକ ଜିଲ୍ଲାରୁ ଗତ ନିର୍ବାଚନରେ ସବୁ ଆସନ ବିଜେଡି ହାତକୁ ଯାଇଥିବା ବେଳେ କେବଳ ବାରବାଟୀ କଟକ କଂଗ୍ରେସ ହାତରେ ଥିଲା । ଏଠାରୁ ମହମ୍ମଦ ମୋକିମ କଂଗ୍ରେସ ଦଳ କୁ ଜିତାଇଥିଲେଛ ତେବେ ଦୁଇ ଦୁଇଟି ମାମଲାରେ ଫସି ଥିବାରୁ ଦଳ ବୋଧେ ତାଙ୍କ ଉପରେ ଭରସା କରିପାରୁନି । ଯଦିଓ ମୋକୀମ ବାବୁଙ୍କ ଉପରୁ ନିଲମ୍ବନ ଉଠିଲା ପରେ ଦଳୀୟ କାର୍ଯ୍ୟକ୍ରମ କୁ ଜାରି ରଖି ସଙ୍ଗଠନ କୁ ସେ ମଜବୁ କରି ଆସିଛନ୍ତି । କିନ୍ତୁ ସହରର ୫ ବର୍ଷ ମଧରେ ସେଭଳି ଆଖିଦୃଶିଆ କାମ କରିପାରି ନାହାନ୍ତି । ଗୋଟିଏ ପଟେ ତାଙ୍କର ପିସିସି ସଭାପତିଙ୍କ ସହ ମନୋମାଳିନ୍ୟ ମଧ୍ୟ ଟିକେଟ ହାତେଇବାରେ ବାଧା ସୃଷ୍ଟି କରିଛି । ତେବେ ତାଙ୍କ ନାମରେ ଦୁଇଟି ମାମଲାରେ ଦଣ୍ଡ ଘୋଷଣା ହୋଇଥିବା ବେଳେ ଗୋଟିଏ ମାମଲାରେ ସୁପ୍ରିମ କୋର୍ଟ ରୁ ରହିତାଦେଶ ଆଣିଛନ୍ତି । ଅନ୍ୟପଟେ ଆଉ ଏକ ମାମଲାରେ ମଧ୍ୟ ସେ ଦୋଷୀ ସାବ୍ୟସ୍ତ ହୋଇ ସାରିଛନ୍ତି । ଏହି ମାମଲାରେ ସେ ମଧ୍ୟ ସୁପ୍ରିମ କୋର୍ଟର ଦ୍ୱାରସ୍ଥ ହୋଇ ରିଲିଫ ପାଇବାକୁ ଅପେକ୍ଷା କରିବେ । ଯଦି ସେ ଦଳରୁ ଟିକେଟ ନ ପାଆନ୍ତି ତେବେ ତାଙ୍କର ଏକାନ୍ତ ଅନୁଗତକୁ ଟିକେଟ ଦେବାରେ ସେ ସକ୍ଷମ ହେବେ। ମୋକିମ୍ବଙ୍କ ବିନା ସଂକେତରେ ଯଦି ଦଳ କାହାକୁ ପ୍ରାର୍ଥୀ କରେ ତେବେ ଦଳ ଆତ୍ମସମର୍ପଣ କଲା ବୋଲି ଧରି ନେବାକୁ ହେବ । ତେବେ ମୋକିମ୍ବ ସଙ୍ଗଠନ କୁ ହାତଛଡ଼ା ନ କରିବା ପାଇଁ ଯଦି କାହାକୁ ପସନ୍ଦ କରିବେ ତାହେଲେ ଗିରିବାଳା ବେହେରା ହିଁ ତାଙ୍କର ପସନ୍ଦର ପ୍ରଥମ ପ୍ରାର୍ଥୀ ହେବେ ବୋଲି ଆଲୋଚନା ହେଉଛି । ତେବେ ଆଗାମୀ ଦିନରେ କଂଗ୍ରେସ ଦଳ ସେଠାରୁ କାହାକୁ ପ୍ରାର୍ଥୀ କରୁଛି ତାହା ଦେଖିବାକୁ ବାକି ରହିଲା ।

# ମା ରାମଚଣ୍ଡୀ ପୀଠରେ ଝାମୁଯାତ୍ରାରେ ଅତନୁ ଓ ଅଂଶୁମାନ

ମହାକାଳପଡ଼ା ,(ସବ୍ୟୁ) : ରବିବାର ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ରାମନଗର ସ୍ଥିତ ଦରିଆପାରି ମା' ରାମଚଣ୍ଡୀଙ୍କ ପୀଠରେ ପ୍ରସିଦ୍ଧ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ତଥା ଜିଲ୍ଲା ବାହାରର ହଜାର ହଜାର ଶ୍ରଦ୍ଧାଳୁ ମା'ଙ୍କ ପୀଠରେ ପହଂଚି ମା'ଙ୍କୁ ଦର୍ଶନ କରି ମା'ଙ୍କ ଆଶିର୍ବାଦ ଭିକ୍ଷା କରିଥିଲେ । ଝାମୁଯାତ୍ରା ଅନୁଷ୍ଠିତ ହେବା ପୂର୍ବରୁ ମା'ଙ୍କୁ ଏକ ସୁସଜ୍ଜିତ ବିମାନରେ ବସାଯାଇ ମନ୍ଦିର ବେଢ଼ା ପରିକ୍ରମା କରାଯାଇଥିଲା । ଏହି ସମୟରେ ମହାକାଳପଡ଼ା



ବିଧାୟକ ତଥା ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ କେନ୍ଦ୍ରାପଡ଼ା ଲୋକସଭା ବିଜେଡ଼ି ପ୍ରାର୍ଥୀ ଅଂଶୁମାନ ମହାନ୍ତି ମା'ଙ୍କୁ ଦର୍ଶନ କରିଥିଲେ । ମା'ଙ୍କ ବେଢ଼ା ପରିକ୍ରମା ସମୟରେ ଏଥିରେ ସାମିଲ ହୋଇଥିଲେ । କୋଚିଳା ଗ୍ରାମର ହୁରିଆ କାନ୍ଧିଆମାନେ ମା'ଙ୍କୁ ବିମାନରେ ବସାଇ ପରିକ୍ରମା କରିଥିଲେ । ଶହଶହ ଭକ୍ତ ଓ ସଂକୀର୍ତନ ମଣ୍ଡଳୀ ଏଥିରେ ଯୋଗ ଦେଇଥିଲେ । ଉଭୟ ନେତା ମା'ଙ୍କୁ ଦର୍ଶନ କରି ଆଶିର୍ବାଦ ଭିକ୍ଷା କରିଛନ୍ତି । ପରେ ଖୁରୁସିଆ ସ୍ଥିତ ବ୍ରହ୍ମାଣୀ ଠାରେ ପହଂଚି ଦର୍ଶନ କରି କୃପାଭିକ୍ଷା କରିଛନ୍ତି । ମହାକାଳପଡ଼ା ତଥା କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରସିଦ୍ଧ ଶକ୍ତିପୀଠ ଭାବେ ମା ରାମଚଣ୍ଡୀଙ୍କ ପୀଠ ରହିଛି । ମା'ଙ୍କୁ ଦର୍ଶନ କଲେ ଜନ୍ମ ଜନ୍ମର ଆଶିର୍ବାଦ ମିଳେ ବୋଲି ଭକ୍ତମାନଙ୍କ ମନରେ ବିଶ୍ୱାସ । ଏହି ଯାତ୍ରା ପ୍ରାୟ ଏକ ସପ୍ତାହ ଧରି ପ୍ରତିବର୍ଷ ଚାଲିଥାଏ । ଚଳିତ ବର୍ଷ ପୂଜାରେ ୧୦ ହଜାରରୁ ଅଧିକ ଭକ୍ତ ମା'ଙ୍କ ପୀଠରେ ପହଂଚି ମା'ଙ୍କୁ ଦର୍ଶନ କରିଥିବା ନେଇ ଆକଳନ କରାଯାଇଛି । ବ୍ଲକ ଅଧକ୍ଷା କଳ୍ପନା ରାଉତ, ଉପାଧକ୍ଷ ବିଜୟ ଶୁକ୍ଳା, ଅଶୋକ ମହାପାତ୍ର, ବିଜୟ ଜେନା, ଅମରେନ୍ଦ୍ର ସାମଲ, ମୃତ୍ୟୁଞ୍ଜୟ ମଣ୍ଡଳ, ମିଳନ ଦେବନାଥ, ରତିକାନ୍ତ ପଣ୍ଡା, ରଞ୍ଜନ ଦାସଙ୍କ ସମେତ ବହୁ ନେତୃମଣ୍ଡଳୀ ଓ କର୍ମୀମାନେ ଉଭୟ ନେତାଙ୍କ ସହିତ ଯାଇ ମା'ଙ୍କୁ ଦର୍ଶନ କରିଥିଲେ ।

# ଦଳୀୟ ପାଣ୍ଠି ନିଜ ହାତରେ ରଖିବାକୁ କସରତ, ଚକ୍ରବ୍ୟୂହରେ ପ୍ରକାଶ !

କଟକ ( ପ୍ରଫୁଲ୍ଲ ମହାନ୍ତି) କଟକ ବାରବାଟୀ ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ମାହୋଲ ଏବେ ସରଗରମ ହେବାରେ ଲାଗିଛି ।ବିଜୁ ଜନତା ଦଳ ପକ୍ଷରୁ ପ୍ରାର୍ଥୀ ଭାବେ ଏଠାରୁ ପ୍ରକାଶ ଚନ୍ଦ୍ର ବେହେରା ଦଳୀୟ ହାଇକମାଣ୍ଡଙ୍କ ଆଶିର୍ବାଦ ପାଇ ସାଲେପୁର ଅଞ୍ଚଳରୁ ଆସି ଏଠାରେ ନିଜର ଭାଗ୍ୟ ଲଢ଼ାଉଛନ୍ତି ।ଯଦିଓ ଅନ୍ୟ ଦୁଇ ପ୍ରତିଦ୍ୱନ୍ଦୀ ଦଳ ଏ ଯାଏ ତାଙ୍କର ପ୍ରାର୍ଥୀ ଘୋଷଣା କରିବାକୁ ସକ୍ଷମ ହୋଇପାରି ନାହାନ୍ତି । କିନ୍ତୁ ଦଳୀୟ ଛାମୁଆ ନେତାଙ୍କ ମଧରେ ରହିଥିବା ଅହଂ ଭାବ ଯୋଗୁ ପ୍ରଚାର ଫାଇଦା ନବା ବଦଳରେ ନିଜ ନିଜ ଭିତରେ ଛକାପଞ୍ଝା ଲାଗି ରହିଛି ।ଏପରିକି ଦଳୀୟ ଟିକେଟ ଦୌଡରେ ଥିବା ପ୍ରାର୍ଥୀମାନେ ଟିକେଟ ପାଇବାରୁ ବଞ୍ଚିତ ହୋଇ ଏବେ ଗୋତ୍ରମାରୁ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି । ସଂସଦ ଦେବାଶିଷ ସାମନ୍ତରାୟଙ୍କ ହାତରେ ମୂଳ ସଂଗଠନ ରହିଥିବା ବେଳେ ମେୟର ହେବାପରେ ସୁବାସ ସିଂଙ୍କ ହାତରେ ଆଉଗୋଟିଏ ଏବଂ ଓସିଏ ର ସେକ୍ରେଟାରୀ ଥିବା ଆଶିର୍ବାଦ ଓ ତାଙ୍କ ପୁଅ ବର୍ତ୍ତମାନର ସେକ୍ରେଟାରୀ ଥିବା ସଞ୍ଜୟଙ୍କ ଦ୍ୱାରା ଗୋଟିଏ ଗୋଷ୍ଠୀ ପରିଚାଳିତ ହେଉଛନ୍ତି । ଅବଶ୍ୟ ଟିକେଟ ପାଇବା ପରେ ପ୍ରଥମ ଦଳୀୟ ବୈଠକ ସାରଳାଭବନରେ ଦେବାଶିଷଙ୍କ ଆହ୍ୱାନରେ ପ୍ରାର୍ଥୀ ମାନଙ୍କର ଛାମୁଆ ନେତାଙ୍କ ସହ ପରିଚୟ କରାଯାଇଥିଲା ସେଠାରେ ସୁବାସ ସିଂ ଉପସ୍ଥିତ ଥିଲେ କିନ୍ତୁ ସଂଜୟ ବେହେରାଙ୍କୁ ଡକାଯାଇନଥିଲା ।ସେହିପରି ଦଳୀୟ କାର୍ଯ୍ୟକ୍ରମରେ ଏକ ସ୍ୱତନ୍ତ୍ର ନେତୃତ୍ୱ ନେଉଥିବା ବିଶ୍ୱଜିତ୍ ମହାନ୍ତି ମଧ ଉପସ୍ଥିତ ନଥିବା ସ୍ପଷ୍ଟ ବାରିହୋଇ ପଡୁଥିଲା । ସେହି ପରିଚୟ ସଭାରେ ଦେବାଶିଷ ବାବୁ ପ୍ରାର୍ଥୀ ମାନଙ୍କର ସମନ୍ୱୟ ଦାୟିତ୍ୱ ରଞ୍ଜନ ବିଶ୍ୱାଳ,ଶୁଭାଶଂ ମହାନ୍ତିଙ୍କ ଉପରେ ନ୍ୟସ୍ତ କରାଯିବାକୁ ଘୋଷଣା କରିଥିଲେ ।ଯାହାକି ଅନ୍ୟଗୋଷ୍ଠୀ ସହଜରେ ଗ୍ରହଣ କରିପାରି ନଥିଲେ । ପରବର୍ତ୍ତୀ ଅବସ୍ଥାରେ ଏହାର ପ୍ରତିଫଳନ ଏକାଦିନରେ ମହିଳା ସମାବେଶ ସାରଳାଭବନରେ ଦେବାଶିଷଙ୍କ ନେତୃତ୍ୱରେ ଓ କଟକ ଇନ୍ କଟକରେ ସୁବାସ ସିଂଙ୍କ ନେତୃତ୍ୱରେ ସମାନ୍ତରାଳ ଇଫତାର ପାର୍ଟି ଆୟୋଜନ ଦଳ ଭିତରେ ରହିଥିବା ଫାଟକୁ ଜଳଜଳ ପ୍ରମାଣ କରିଥିଲା ।ଅବଶ୍ୟ ସାଂସଦ ପ୍ରାର୍ଥୀ ସଂତୃପ୍ତ ମିଶ୍ର ଓ ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରା ସମନ୍ୱୟ ରକ୍ଷାକରି ଉଭୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଦଳ ଭିତରେ ରହିଥୁବା ଅହଂ ପ୍ରତିଯୋଗିତା ଯୋଗୁଁ ଗତ ୨୦୧୯ ନିର୍ବାଚନରେ ବିଜୁଜନତା ଦଳର ଦେବାଶିଷ ବାବୁ କମ୍ ବ୍ୟବଧାନରେ କଂଗ୍ରେସର ମହମ୍ମଦ ମୋକିମଙ୍କ ଠାରୁ ପରାଜିତ ହୋଇଥିଲେ ।ଚଳିତ ନିର୍ବାଚନରେ ଏହି ଧାରା ବଜାୟ ରହିଲେ ବିରୋଧୀ ଏହାର ଫାଇଦାନବା ଥୟ । ଏପରି ସ୍ଥଳେ ନବାଝତ କେଉଁ ଗୋଷ୍ଠୀକୁ ସାଙ୍ଗରେ ନେଇ ଆଗକୁ ମାଡିବେ ବା ସମନ୍ୱୟ ରଖି ନିର୍ବାଚନ ବୈତରଣୀ ପାରହେବେ ତାକୁ ଆକଳନ କରିପାରିବେତ । ଏ ସବୁ କଥାକୁ ଯଦି ବିଶ୍ଳେଷଣ କରାଯାଏ ପ୍ରକାଶ ଏବେ ଚକ୍ରବ୍ୟୁହରେ ଫସିଯାଇଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଯୋର ଧରିଥିବାବେଳେ ଆଉକିଛି ବ୍ୟକ୍ତି ନିର୍ବାଚନରେ ଆସିବାକୁ ଥିବା ଦଳୀୟ ପାଣ୍ଠିର ପରିଚାଳନା ପାଇଁ ଛାମୁଆ ନେତାମାନେ ପରସ୍ପର ବିରୋଧୀ ହୋଇଥିବା ମଧ କୁହାଯାଉଛି ।ଅବଷ୍ୟ ଏସବୁ କାର୍ଯ୍ୟଧାରାରେ ଯବନିକା ଟାଣିବା ପାଇଁ ସୁପ୍ରିମୋ ଫେଜ୍ ପରେ ଫେଜ ନେତା କର୍ପୋରେଟର ମାନଙ୍କୁ ଡାକି ସମାଧାନ କରିବାରେ ଲାଗି ପଡିଛନ୍ତି । ଦେଖାଯାଉ ଏହି ଚକ୍ରବ୍ୟୁହରୁ କେଉଁ ଅସ୍ତ୍ର ପ୍ରୟୋଗ କରି ପ୍ରକାଶ ବାବୁ ସମ୍ମାନଜନକ ବାରବାଟୀ କଟକକୁ ହାତେଉ ସୁପ୍ରିମୋଙ୍କ ଟେକ ରଖିବେ ତାହା ଜୁନ ୪ରେ ଜଣାପଡିବ ।

## ଶ୍ରମିକ ସାମାଜିକ କଲ୍ୟାଣ ଯୋଜନାରେ ଓଡ଼ିଶା ଭାରତରେ ଏକ ନମ୍ବର

# ୫୦ ବର୍ଷରେ ୧ ଶହ ଟଙ୍କା ଦୈନିକ ମଜୁରି ବୃଦ୍ଧି କରି ଇତିହାସ ରଚିଛି ଓଡ଼ିଶା

ପୁରୀ (ସବ୍ୟୁ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୀର୍ଘ ପଚାଶ ବର୍ଷ ମଧ୍ୟରେ ରାଜ୍ୟରେ ଶ୍ରମିକ ମାନଙ୍କ ପାଇଁ ଏକ କାଳୀନ ଦୈନିକ ମଜୁରି ୧ ଶହ ଟଙ୍କା ବୃଦ୍ଧି କରି ଇତିହାସ ରଚିଛନ୍ତି । ମୁଖ୍ୟମନ୍ତ୍ରୀ ରାଜ୍ୟରେ ନିର୍ମାଣ ଶ୍ରମିକ ମାନଙ୍କ ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଠାରୁ ଆରମ୍ଭ କରି ବିଭିନ୍ନ ଜନ କଲ୍ୟାଣ କାରି ଯୋଜନା କରିଛନ୍ତି । ରାଜ୍ୟର ସମସ୍ତ ଶ୍ରମିକ ମାନେ ଏକ ଜନ କଲ୍ୟାଣକାରୀ ସରକାର ଗଠନ କରିବା ପାଇଁ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରନ୍ତୁ ବୋଲି ରବିବାର ସନ୍ଧ୍ୟାରେ ସ୍ଥାନୀୟ ବଗଲା ଧର୍ମଶାଳା ଠାରେ ବିଜୁ ଶ୍ରମିକ ସାମୁଖ୍ୟ, ଓଡ଼ିଶା ରାଜ୍ୟ କମିଟି ତରଫରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ ଏହା କହିଛନ୍ତି ରାଜ୍ୟ ସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଓ ସାମୁଖ୍ୟର ମହାସଚିବ ତଥା କଟକ ମେୟର ସୁଭାସ ସିଂହ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାରେ ଶ୍ରମିକ ମାନଙ୍କ ଦୈନିକ ମଜୁରି ୩୪୬ ଟଙ୍କାରୁ ୪୫୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ଯାହା ଫଳରେ ସରକାରୀ, ଅର୍ଦ୍ଧ ସରକାରୀ ଓ ଶିଳ୍ପ ସଂସ୍ଥା, ଘରୋଇ କାର୍ଯ୍ୟ ଏବଂ ସବୁ ସ୍ତରରେ ପ୍ରାୟ ୧ କୋଟି ଶ୍ରମିକ ଏହି ମଜୁରି ବୃଦ୍ଧିରେ ଉପକୃତ ହେବେ । ବିଶେଷ କରି ମ୍ୟୁନିସପାଲିଟିରେ କାର୍ଯ୍ୟରତ ଶ୍ରମିକ, ବିଦ୍ୟୁତ୍ ବିଭାଗରେ କାର୍ଯ୍ୟରତ ଶ୍ରମିକ, ପରିବହନ ବିଭାଗରେ କାର୍ଯ୍ୟରତ ଶ୍ରମିକ, ବିଭିନ୍ନ କମ୍ପାନୀ




ଓ ଘରୋଇ ସଂସ୍ଥାର କାର୍ଯ୍ୟରତ ଶ୍ରମିକ ଏହି ଯୋଜନା ଦ୍ୱାରା ଉପକୃତ ହେବେ । ମୁଖ୍ୟମନ୍ତ୍ରୀଙ୍କ ନୂଆ ଓଡ଼ିଶା ରାଜ୍ୟ ତମାମ ରୂପାନ୍ତକରଣ, ଶିଳ୍ପ ବିକାଶ ଧାରାରେ ଶ୍ରମିକ ମାନଙ୍କର ଭୂମିକା ସବୁଠାରୁ ପ୍ରଶଂସନୀୟ ଅଟେ । ସେମାନଙ୍କର ମଜୁରି ଓ ସାମାଜିକ ସୁରକ୍ଷା ଯୋଗାଇବା ରାଜ୍ୟ ସରକାରଙ୍କ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଅଟେ । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମା ମାନଙ୍କ ପାଇଁ ଏବଂ ସମ୍ପୂର୍ଣ୍ଣ ପରିବାର ପାଇଁ ୫ ଲକ୍ଷ ଟଙ୍କା, ଶ୍ରମିକ ଶ୍ରେଣୀର ଲୋକଙ୍କ ପାଇଁ ଏକ ବଡ଼ ସୁରକ୍ଷା ପ୍ରଦାନ କରି ପାରିଛି। ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ମାଧ୍ୟମରେ ସମଗ୍ର ରାଜ୍ୟରେ ଆଜି ସୁଦ୍ଧା ୪୨ ଲକ୍ଷ ୪୮ ହଜାର ଶ୍ରମିକ ପଂଜିକୃତ ହୋଇଛନ୍ତି । ସେମାନଙ୍କୁ ବିଭିନ୍ନ ଯୋଜନାରେ ୩ ହଜାର ୫୨୪ କୋଟି ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଅଣସଂଗଠିତ ଶ୍ରମିକ କଲ୍ୟାଣ ବୋର୍ଡ ଗଠନ କରା ଯାଇଛି । ଏହା ଦ୍ୱାରା ସବୁ ସ୍ତରର ଶ୍ରମିକ ଏପରିକି ଡୋମେଷ୍ଟିକ ଶ୍ରମିକ ପର୍ଯ୍ୟନ୍ତ ସାମାଜିକ ସୁରକ୍ଷା ପ୍ରଦାନ କରାଯାଇଛି । ଓଡ଼ିଶାରେ ପରିବହନ କ୍ଷେତ୍ରରେ କାର୍ଯ୍ୟରତ ସବୁ ପ୍ରକାର ଚାଳକ ଓ ଶ୍ରମିକ ମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେବା ପାଇଁ ସ୍ୱତନ୍ତ୍ର କଲ୍ୟାଣ ବୋର୍ଡ ଗଠନ କରାଯାଇଛି । ଏହି ବୋର୍ଡ ମାଧ୍ୟମରେ ବିଭିନ୍ନ ସୁବିଧା ସୁଯୋଗ ପ୍ରଦାନ କରାଯାଉଛି । କେନ୍ଦୁପତ୍ର ତୋଳାଳୀ ଓ ବୁଣାକାର ମାନଙ୍କୁ ସବୁ ପ୍ରକାର ସହାୟତା ପ୍ରଦାନ କରା ଯାଇଛି । ଚଳିତ ବର୍ଷ ୫୦ ଭାଗ ରାଶି ବୃଦ୍ଧି କରା ଯାଇଛି । ପୁରୀ ସହରରେ କାର୍ଯ୍ୟରତ ମ୍ୟୁନିସପାଲିଟି କର୍ମଚାରୀ, ହୋଟେଲ ବ୍ୟବସାୟୀରେ କାର୍ଯ୍ୟରତ ଶ୍ରମିକ , ବିଭିନ୍ନ ଦୋକାନ ବଜାର ଓ କମ୍ପାନୀରେ କାର୍ଯ୍ୟରତ ଦୈନିକ ମଜୁରୀ ବୃଦ୍ଧିର ବଡ଼ ସହାୟତା ପାଇ ପାରିବେଛ ଏହା ଛଡ଼ା ଅଟୋ ଚାଳକ, ଫୋଟୋଗ୍ରାଫର, ଘରୋଇ କାର୍ଯ୍ୟରତ ଶ୍ରମିକ, ଅଣ ସଂଗଠିତ ଶ୍ରମିକ ବୋର୍ଡରେ ସାମିଲ ହୋଇ ସବୁ ପ୍ରକାର ସହାୟତା ପାଇ ପାରିବେ । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ବିଶିଷ୍ଟ ଶ୍ରମିକ ନେତା ବିଜୁ ଶ୍ରମିକ ସମୁଖ୍ୟର ଖୋର୍ଦ୍ଧା ଜିଲ୍ଲା ସଭାପତି ନବ କିଶୋର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# କ୍ଷୀରଚୋରା ମନ୍ଦିରରୁ ଲେଖାଶ୍ରୀ ଆରମ୍ଭ କଲେ ପ୍ରଚାର ଅଭିଯାନ

ବାଲେଶ୍ୱର , (ସବ୍ୟୁ) :ବାଲେଶ୍ୱର ଲୋକସଭା ଆସନ ପାଇଁ ବହୁ ଚର୍ଚ୍ଚା ଆଲୋଚନା ପରେ ବିଜେଡ଼ି ଡ.ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ଦଳୀୟ ପ୍ରାର୍ଥୀ ଭାବରେ ଘୋଷଣା କରିବା ପରେ ୧୪ ତାରିଖ ରବିବାର ମଧ୍ୟାହ୍ନରେ ବିଧିବଦ୍ଧଭାବରେ ସେ ରେମୁଣାର କ୍ଷୀରଚୋରା ଗୋପୀନାଥଙ୍କ ଠାରେ ପହଞ୍ଚି ପୂଜାର୍ଚ୍ଚନା କରିବା ସଂଗେ ସଂଗେ କୃପା ଭିକ୍ଷା କରି ଆନୁଷ୍ଠାନିକ ଭାବରେ ତାଙ୍କର ପ୍ରଚାର କାର୍ଯ୍ୟ ଆରମ୍ଭ କରିଥିଲେ । ଲେଖାଶ୍ରୀ କ୍ଷୀରଚୋରା ମନ୍ଦିରରେ ପହଞ୍ଚିବା ବେଳକୁ ସେଠାରେ ବାଲେଶ୍ୱର ସଦର, ରେମୁଣା,



ଜଳେଶ୍ୱର, ଭୋଗରାଇ, ନୀଳଗିରି ଏପରିକି ବଡ଼ସାହି ନିର୍ବାଚନ ମଣ୍ଡଳୀରୁ ଶତାଧିକ କର୍ମୀ ଓ ନେତୃବୃନ୍ଦ ପହଞ୍ଚି ସ୍ଲୋଗାନ ଦେଇ ତାଙ୍କୁ ସ୍ୱାଗତ କରିଥିଲେ । ଏହାପରେ ଲେଖାଶ୍ରୀ କ୍ଷୀରଚୋରା ଗୋପୀନାଥଙ୍କ ଠାରେ ପୂଜାର୍ଚ୍ଚନା କରିସାରିବା ପରେ ଗଣମାଧ୍ୟମଙ୍କୁ ଭେଟିଥିଲେ। ଆଜି ମୁଁ ଏହି ପୀଠରୁ ବିଧିବଦ୍ଧ ଭାବରେ ପ୍ରଚାର କାର୍ଯ୍ୟ ଆରମ୍ଭ କଲି । ମୁଁ ଜଣେ ପଛୁଆବର୍ଗର ମହିଳା ହୋଇଥିବା ବେଳେ ମାନ୍ୟବର ନବୀନ ପଟ୍ଟନାୟକ ମୋତେ ବାଲେଶ୍ୱର ଲୋକସଭା କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ସୁଯୋଗ ଦେଇଥିବାରୁ ମୁଁ ତାଙ୍କ ନିକଟରେ କୃତଜ୍ଞ । ରେମୁଣା କ୍ଷୀରଚୋରା ମନ୍ଦିରର ରୂପାନ୍ତରୀକରଣ କାର୍ଯ୍ୟ ଆରମ୍ଭ ହୋଇଛି, ସେହି କାର୍ଯ୍ୟକୁ ସଠିକ୍ ଭାବରେ ଆଗେଇ ନେବା ପାଇଁ ମୁଖ୍ୟମନ୍ତ୍ରୀ ମୋତେ ନିର୍ଦ୍ଦେଶ ଦେଇଛନ୍ତି । ମୁଁ ବିଜେଡ଼ିର ଜଣେ ସିପାହୀ ଭାବରେ ଦଳ ପାଇଁ କାର୍ଯ୍ୟ କରିବି ଏବଂ ବାଲେଶ୍ୱରର ସର୍ବାଙ୍ଗୀନ ଉନ୍ନତି ପାଇଁ ନିଜକୁ ନିୟୋଜିତ କରିବି । ବିଶେଷ କରି ମୋତେ ଦଳରେ କାର୍ଯ୍ୟ କରିବା ପାଇଁ ସୁଯୋଗ ଦେଇଥିବା ଭି.କେ. ପାଣ୍ଡିଆନ ମହୋଦୟ ଏବଂ ପ୍ରଣବ ପ୍ରକାଶ ଦାସ ମହୋଦୟଙ୍କ ନିକଟରେ ଚିରକୃତଜ୍ଞ ରହିବି ବୋଲି ଲେଖାଶ୍ରୀ ଗଣମାଧ୍ୟମଙ୍କୁ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ବିଧାୟକ ସ୍ୱରୂପ ଦାସଙ୍କ ସମେତ ଦଳୀୟ ବରିଷ୍ଠ କର୍ମକର୍ତ୍ତାମାନେ ବହୁ ସଂଖ୍ୟାରେ ଯୋଗଦାନ କରିଥିଲେ ।

# ଓଡ଼ିଆ ନବବର୍ଷ, ମହାବିଷୁବ ପଣା ସଂକ୍ରାନ୍ତି



ବ୍ରହ୍ମପୁର, (ସବ୍ୟୁ): ଓଡ଼ିଆ ନବବର୍ଷ, ମହା ବିଷୁବ ପଣା ସଂକ୍ରାନ୍ତି ଏବଂ ହନୁମାନ ଜୟନ୍ତୀ ଅବସରରେ ବ୍ରହ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ବିଧାନସଭା ପ୍ରାର୍ଥୀ କେ.ଅନିଲ କୁମାରଙ୍କ ନେତୃତ୍ୱରେ ଦଳୀୟ କାର୍ଯ୍ୟକର୍ତ୍ତା ମାନେ ବ୍ରହ୍ମପୁର ସହରର ବିଭିନ୍ନ ମଠ ମନ୍ଦିର ବୁଲି ପ୍ରଭୁଙ୍କ ଦର୍ଶନ କରିବା ସହ ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କ ମଙ୍ଗଳ ପାଇଁ ଆର୍ଶିବାଦ ଭିକ୍ଷା କରିଥିଲେ । ପ୍ରଥମେ ଗାନ୍ଧୀନଗର ସ୍ଥିତ ବିଧାନସଭା ନିର୍ବାଚନ କାର୍ଯ୍ୟାଳୟ ଠାରୁ ଶୋଭାଯାତ୍ରାରେ ବାହାରି ସହରର ଗୌତମ ସିନେମା ହଲ ରୋଡ଼ ସ୍ଥିତ ହନୁମାନ ମନ୍ଦିର, ରାମଲିଙ୍ଗେଶ୍ୱର ରୋଡ଼,ପୁରୁଣା ବ୍ରହ୍ମପୁର ସଂସ୍କୃତ ମହାବିଦ୍ୟାଳୟ ନିକଟସ୍ଥ ହନୁମାନ ମନ୍ଦିର, ଖାସ୍ପା ସାହି ସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିର,ବାଲୁଙ୍କେଶ୍ୱର ଛକ, ହରିଡ଼ାଖଣ୍ଡି ଛକ ସ୍ଥିତ ହନୁମାନ ମନ୍ଦିର,ତାଲୁକା ସ୍ଥିତ ହନୁମାନ ମନ୍ଦିର, ସାନ୍ତାରାଣୀ ସାହି, ହନୁମାନ ବଜାର, ମିଲ୍ଟ୍ରିଲେନ୍, ବେଙ୍କ୍ କଲୋନୀ, ବ୍ରହ୍ମା ନଗର,ବାବାଜୀ ତୋଟା ସାହି, ଗୋସାଇଁନୂଆଗାଁ ବୈଦ୍ୟ ସାହି, ବିଲ ସାହି, ଚଣ୍ଡୀ ମନ୍ଦିର,ବିଜିପୁର କାଲୁଆ ମନ୍ଦିର ନିକଟସ୍ଥ ହନୁମାନ ମନ୍ଦିର, ହୋଟେଲ୍ ମୋତି ନିକଟସ୍ଥ ହନୁମାନ ମନ୍ଦିର, ଷ୍ଟେସନ ଗୋଡ଼, ଗୁଡ୍ସରୋଡ଼, ହିଲପାଟଣା, କୋର୍ଟପଟା, ଗୋଇଲୁଣ୍ଡି ସ୍ଥିତ ହନୁମାନ ମନ୍ଦିର ପରିକ୍ରମା କରିଥିଲେ । ଅପରାହ୍ଣରେ ପବିତ୍ର ମେରୁ ଅବସରରେ ବିଜେପି ବିଧାନସଭା ପ୍ରାର୍ଥୀ କେ.ଅନିଲ କୁମାର ଦଳୀୟ କାର୍ଯ୍ୟକର୍ତ୍ତା ସହ ପାଣିଗ୍ରାହୀ ପେଣ୍ଠ ସ୍ଥିତ ମାଁ ଦକ୍ଷିଣ କାଳୀଙ୍କ ଦର୍ଶନ କରିଥିଲେ । ଆଜିର ଏହି ଶୋଭାଯାତ୍ରାରେ ଗଞ୍ଜାମ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀ, ବରିଷ୍ଠ ନେତା ତଥା ବ୍ରହ୍ମପୁର ଜୋନ୍ ମିଡ଼ିଆ ସଂଯୋଜକ ସୁନିଲ କୁମାର ସାହୁ, ମଣ୍ଡଳ ସଭାପତି କେ.ଟୁଙ୍ଗୁରୁ ପାତ୍ର,ପୂର୍ବତନ କର୍ପୋରେଟର ଅଶୋକ ଶୁକ୍ଲା, ବଦ୍ରି ନାରାୟଣ ନାୟକ, ରଞ୍ଜିତ ପଟ୍ଟନାୟକ, ପ୍ରଦୀପ ନାୟକ, ସଞ୍ଜୟ ଜେନା, ପତିତପାବନ ଗନ୍ତାୟତ, ସୁଧାଂଶୁ ସେଠୀ,ଚିତ୍ତରଞ୍ଜନ ସାହୁ, ଜଗନ୍ନାଥ ଜେନା, ମଦନ ସାହୁ, କେ.ଶାଇ କୁମାର, ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ କେ.ରବି ରାଓ, ଦେବୁନ୍ ପଟ୍ଟନାୟକ, କୃଷ୍ଣ ପଲେଇ,ଏସ୍.ଶ୍ରୀନିବାସ୍, ମିଲନ ସିଂ, ବିଜୟ ସାବତ, ଡ଼ି.ଶ୍ରୀନିବାସ ରାଓ ,ତ୍ରିନାଥ ମହାପାତ୍ର ପ୍ରମୁଖ କାର୍ଯ୍ୟକର୍ତ୍ତା ସାମିଲ୍ ହେଇଥିଲେ।

# ମୟୂରଭଞ୍ଜ ଜିଲ୍ଲାରେ ଆରମ୍ଭ ହେଲା ଭୋଟର ସଚେତନତା କାର୍ଯ୍ୟକ୍ରମ



ବାରିପଦା, (ସବ୍ୟୁ) : ଆଗାମୀ ମଇ ୨୫ତାରିଖ ଠାରୁ ମୟୂରଭଞ୍ଜ ଜିଲ୍ଲାରେ ଏକାଦ୍ରି କ୍ରମେ ଉଭୟ ଲୋକସଭା ଓ ବିଧାନସଭା ଲାଗି ନିର୍ବାଚନ ଅନୁଷ୍ଠିତ ହେବା ପୂର୍ବ ନିର୍ବାଚନ ଅପେକ୍ଷା ଏଥର ବହୁ ସଂଖ୍ୟାରେ ଭୋଟର ମାନେ ଯେପରି ନିଜ ମତଦାନ ସାବ୍ୟସ୍ତ କରି ପାରିବେ ସେଥିଲାଗି ଜିଲ୍ଲା ପ୍ରଶାସନ ବ୍ୟାପକ ରଣନୀତି ପ୍ରସ୍ତୁତ କରିଛି। ପ୍ରଭାବଶାଳୀ ବ୍ୟବସ୍ଥିତ ଭୋଟର ଶିକ୍ଷା ଏବଂ ନିର୍ବାଚନ ଅଂଶଗ୍ରହଣ (ସୁଇପ୍) ମାଧ୍ୟମରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାରେ ଭୋଟ ହାର ବୃଦ୍ଧି ପାଇଁ ବିଶେଷ କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯାଉଛି। ଭୋଟର ମାନଙ୍କୁ ନିଜ ମତଦାନ ସାବ୍ୟସ୍ତ କରିବା ପାଇଁ ଅନୁପ୍ରାଣୀତ କରିବା ଏବଂ ଗଣତାନ୍ତ୍ରିକ ରାଷ୍ଟ୍ରରେ ଭୋଟର ମହତ୍ତ୍ୱ ବାବଦରେ ବ୍ୟାପକ ଜନସଚେତନତା କରାଯାଉଛି। ଏହି ପରିପ୍ରେକ୍ଷୀରେ, ସମଗ୍ର ଜିଲ୍ଲାରେ ଝଠରରଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ବିଭିନ୍ନ ବ୍ଲକ ରେ ଏବଂ ତହସିଲରେ ଯୁବ ଭୋଟର ମାନଙ୍କୁ ନିର୍ବାଚନର ମହତ୍ତ୍ୱ ଏବଂ ଏହି ସାମ୍ବିଧାନିକ ଅଧିକାରର ପ୍ରକୃତ ଉପାଦେୟତା ବିଷୟରେ ଅବଗତ କରାଇବା ପାଇଁ ବିଭିନ୍ନ ରଚନାତ୍ମକ କ୍ରିୟା କଳାପ ଆୟୋଜନ କରାଯାଉଛି। ଏଥିସହିତ, ସ୍କୁଲ ପିଲା ମାନଙ୍କ ମାଧ୍ୟମରେ ପ୍ରତିଟି ପରିବାରରୁ ମତଦାନ କରିବାପାଇଁ ସ୍ୱତନ୍ତ୍ର ପୋଷ୍ଟ କାର୍ଡ କ୍ୟାମ୍ପେନ ମଧ ବ୍ଲକସ୍ତରରେ କରାଯାଉଛି। ନିଜ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ, ଜିଲ୍ଲାପାଳ ଶ୍ରୀ ସିନ୍ଧେ ବିଭିନ୍ନ ନିର୍ବାଚନ ମଣ୍ଡଳୀ ପରିଦର୍ଶନ କରି ପିଲାମାନଙ୍କ ସହିତ କଥା ହୋଇଥିବାର ସୂଚନା ପ୍ରାପ୍ତ। ପ୍ରକାଶ ଥାଉକି, ଜିଲ୍ଲାପାଳ ଉଦଳା ନିର୍ବାଚନ ମଣ୍ଡଳୀ ପରିଦର୍ଶନ କରି ବିଭିନ୍ନ ସ୍କୁଲ ବୁଲି ସମସ୍ତ ପ୍ରତିଯୋଗିତାରେ ନିଜେ ଛାତ୍ରଛାତ୍ରୀଙ୍କୁ ପ୍ରଶ୍ନ ପଚାରିବା ସହିତ ସେମାନଙ୍କୁ ଭୋଟର ସଚେତନତା ବିଷୟରେ ବୁଝାଇଥିଲେ। ଉଦଳାରେ ଥିବା ବିଭିନ୍ନ ସ୍କୁଲ ଏବଂ କଲେଜ ଛାତ୍ରଛାତ୍ରୀ ମାନଙ୍କ ସକ୍ରିୟ ଅଂଶଗ୍ରହଣ ଏବଂ ପ୍ରତ୍ୟୁତ୍ପନ୍ନମତିତା ଦେଖି ଜିଲ୍ଲାପାଳ ଖୁସି ହେବା ସହିତ ସେମାନଙ୍କୁ ପୁରସ୍କୃତ କରିଥିଲେ। ପୂର୍ବରୁ, ଏହି ପରିପ୍ରେକ୍ଷୀରେ ସମସ୍ତ ବ୍ଲକରେ ଏବଂ ଉପଖଣ୍ଡରେ ନିର୍ବାଚନ ଆୟୋଗଙ୍କ ଦ୍ୱାରା ପ୍ରସ୍ତୁତ ମତଦାନର ଶପଥ ପାଠ ହୋଇଥିଲା। ନିର୍ବାଚନ କମିଶନଙ୍କ ଦ୍ୱାରା ପ୍ରସ୍ତୁତ ଭୋଟର ସଚେତନତା ସ୍ଲୋଗାନ 'ମତେ ହେଲା ଅଠର... ଭୋଟ ଦେବି ଏଥର ବାର୍ତ୍ତା ଦ୍ୱାରା ସମସ୍ତ ଘରୋଇ ଗ୍ୟାସ ସିଲିଣ୍ଡର ଏବଂ ଇନ୍ଧନ ଷ୍ଟେସନ ଠାରେ ନିର୍ବାଚନ କମିଶନଙ୍କ ବାର୍ତ୍ତା ପହଂଚାଇବା ପାଇଁ ଜିଲ୍ଲାପ୍ରଶାସନ ଅନେକ ପଦକ୍ଷେପ ନେଇଥିବାର ସୂଚନା ପ୍ରାପ୍ତ ହୋଇଛି। ଏହି ପରିଦର୍ଶନରେ ଶ୍ରୀ ସିନ୍ଧେଙ୍କ ସହିତ, ମୁଖ୍ୟ ଉନ୍ନୟନ ଅଧିକାରୀ ରଜନୀକାନ୍ତ ସ୍ୱାଇଁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ, କପ୍ତିପଦା ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ, କପ୍ତିପଦା ପିଏ,ଆଇଟିଡିଏ ନରେନ୍ଦ୍ର ଖମାରି, ଉଦଳା ତହସିଲଦାର ସତ୍ୟଜିତ ମହାନ୍ତି, ବିଡ଼ିଓ ତୃପ୍ତି ବରାଇ, ଅତିରିକ୍ତ ତାହାସଲଦାର ଦିବ୍ୟ ରତ୍ନା ଦାସ ଏବଂ ଅନ୍ୟାନ୍ୟ ପ୍ରମୁଖ ପ୍ରଶାସନିକ ଅଧିକାରୀ ଯୋଗ ଦେଇଥିବାର ସୂଚନା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣିଙ୍କ ଠାରୁ ପ୍ରକାଶ। ସୂଚନାଥାଉକି ଜିଲ୍ଲାପାଳ ଶ୍ରୀ ସିନ୍ଧେ ସମସ୍ତ ଭୋଟରଙ୍କୁ ଭୋଟ ଦେଇ ଗଣତନ୍ତ୍ରର ମହାପର୍ବରେ ସାମିଲ ହେବାକୁ ନିଜର ପ୍ରତ୍ୟେକ କାର୍ଯ୍ୟକ୍ରମରେ ନିବେଦନ କରି ଆସୁଛନ୍ତି।

# ବାରିପଦାରେ ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ୧୩୩ତମ ଡଃ ବି.ଆର. ଆମ୍ବେଦକର ଜୟନ୍ତୀ

ବାରିପଦା, (ସବ୍ୟୁ) : ଆଦର୍ଶ ଆଚରଣ ବିଧି ଅନୁପାଳନ କରିବା ସହ ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦାସ୍ଥ ପୂର୍ଣ୍ଣଚନ୍ଦ୍ରପୁର ୱାର୍ଡ ନମ୍ବର ୧୫ ଠାରେ ଭାରତ ସମ୍ବିଧାନର ପ୍ରଣେତା ତଥା ଭାରତରତ୍ନ ବାବାସାହେବ ଡଃ ଭୀମରାଓ ଆମ୍ବେଦକରଙ୍କ ଜିଲ୍ଲାସ୍ତରୀୟ ୧୩୩ତମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ, ପୂର୍ଣ୍ଣଚନ୍ଦ୍ରପୁର ଠାରେ ଡଃ ଆମ୍ବେଦକରଙ୍କର ପ୍ରତିମୂର୍ତ୍ତିରେ ମୁଖ୍ୟଅତିଥି ଏବଂ ସମସ୍ତ ମାନ୍ୟଗଣ୍ୟ ପ୍ରଶାସନିକ ଅଧିକାରୀ ମାନଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯାଇଥିଲା। ଅନୁଷ୍ଠିତ ଜୟନ୍ତୀ ସମାରୋହ ସଭାରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଉମେଶ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଭାରତରତ୍ନ ଡଃ ଆମ୍ବେଦକର ଆମ ସମସ୍ତଙ୍କ ପାଇଁ ପ୍ରେରଣା ହୋଇଥିବାବେଳେ ତାଙ୍କ ଦର୍ଶନ ଓ ଶିକ୍ଷାକୁ ଆମେ ବାସ୍ତବ ଜୀବନରେ କାର୍ଯ୍ୟରେ ଲଗାଇବାକୁ ପ୍ରୟାସ କରିବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ। ସମସ୍ତ ପ୍ରକାର ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଦୃଢ଼ ଇଚ୍ଛାଶକ୍ତି ଓ ସାମର୍ଥ୍ୟ ବଳରେ ଯେ କୌଣସି ବ୍ୟକ୍ତି ସଫଳତାର ଶୀର୍ଷକୁ ପହଞ୍ଚି ପାରିବ, ଏହା ଆମ୍ବେଦକରଙ୍କ ଜୀବନୀ ଆମକୁ ଶିକ୍ଷା ଦେଇଛି ବୋଲି ସେ କହିଥିଲେ। ବାରିପଦା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟ, ପ୍ରତିନିଧି ଜିଲ୍ଲାପାଳ ସୁଶ୍ରୀ ଶ୍ରଦ୍ଧା ସୁମନ ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ଅନନ୍ତ ପ୍ରସାଦ ସେଠି ଏହି ଜୟନ୍ତୀ ସଭାରେ ବିଶିଷ୍ଟ ଅତିଥି ଏବଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଡଃ ଆମ୍ବେଦକରଙ୍କ ବହୁମୁଖୀ ପ୍ରତିଭା ଏବଂ ଘଟଣାବହୁଳ ଜୀବନୀ ଉପରେ ଆଲୋକପାତ କରିବା ସହିତ ତାଙ୍କ ପ୍ରଦର୍ଶିତ ମାର୍ଗକୁ ଅନୁସରଣ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଦିବସରେ ସମ୍ମାନିତ ଅତିଥି ଭାବେ ରାଇରଙ୍ଗପୁର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଯୋଗ ଦେଇଥିବା ବେଳେ ନିମନ୍ତ୍ରିତ ଅତିଥି ଭାବେ ବିଭିନ୍ନ ବିଭାଗୀୟ ପଦାଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଗୃହରେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଡଃ ବି.ଆର. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ଏବଂ ପରିଶେଷରେ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ ହୋଇଥିଲା ଟାଟା ସହିତ ଜୟନ୍ତୀ ଉପଲକ୍ଷେ ବିଦ୍ୟାଳୟ ସ୍ତରରେ ଆୟୋଜିତ ରଚନାତ୍ମକ ଲେଖନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଅବିନାଶ ପାଣି ଏହି କାର୍ଯ୍ୟକ୍ରମର ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

## କୋଟିଏ ରୁଦ୍ରାକ୍ଷରେ ହନୁମାନ ବିଗ୍ରହ

# ନଅ ଶହ କୋଟି ନାମ ଉନ୍ମୋଚନ : ଲକ୍ଷେ ବେଲପତ୍ର ଅର୍ପଣ

ଆସିକା, (ସବ୍ୟୁ): ସ୍ଥାନୀୟ ବାଣୀବିହାର ଗୁରୁକୃପା ଆଶ୍ରମ ରେ ଚାଲିଛି ନିଆରା ଢଙ୍ଗରେ ହନୁମାନ ଜୟନ୍ତୀ ପୂଜା। କୋଟିଏ ରୁଦ୍ରାକ୍ଷରେ ହନୁମାନ ବିଗ୍ରହ ସ୍ଥାପନ କରାଯାଇଛି। ବେଲପତ୍ର ଉପରେ ହନୁମାନ ସିନ୍ଦୁରରେ ତୁଳସୀ କାଠି ସାହାଯ୍ୟରେ ଏକ ଲକ୍ଷ ରାମନାମ ଲେଖା ପତ୍ରକୁ ପ୍ରଭୁ ହନୁମାନଙ୍କୁ ଅର୍ପଣ କରାଯାଇଥିଲା। ଏପରିକି ୧୦୮ ଥର ଗାୟତ୍ରୀ ପାଠ ଓ ୨୧ଥର ହନୁମାନ ଚାଳିଶା ଭକ୍ତମାନେ ପଠନ କରିଥିଲେ। ହନୁମାନ ଜୟନ୍ତୀ ପାଇଁ ସଂଗୃହିତ ହୋଇଛି କୋଟିଏ ରୁଦ୍ରାକ୍ଷ। ଏହି ରୁଦ୍ରାକ୍ଷକୁ ସଂଗ୍ରହ କରାହୋଇଛି ନେପାଳ, ଋଷିକେଶ ଓ ହରିଦ୍ୱାର ଅଂଚଳରୁ। ସେଭଳି ଦେଶର କୋଣ ଅନୁକୋଣରେ ଥିବା ସାଧକଙ୍କ ଦ୍ୱାରା ଭିନ୍ନ ଭିନ୍ନ ଭାଷାରେ ଲେଖିଥିବା ରାମନାମ ପତ୍ରିକା ଆସିଛି । ଯାହାକି ନାମ ମନ୍ଦିର ନିର୍ମାଣ ଉଦ୍ଦେଶ୍ୟରେ ଆସିଥିବାରୁ ଏସବୁକୁ ପୂଜା କରାଯାଇଛି । ଯାହାସବୁ ଗଚ୍ଛିତ ହୋଇଛି ଏବେ ଗୁରୁକୃପା ଆଶ୍ରମରେ। ଆସିକା ବାଣୀବିହାର ସ୍ଥିତ ଗୁରୁକୃପା ଆଶ୍ରମରେ ହନୁମାନ ଜୟନ୍ତୀ ଅବସରରେ ଏଠାରେ ନଅ ଶହ କୋଟି ଗଚ୍ଛିତ ନାମ ପତ୍ରିକାକୁ ପୂଜା ହୋଇଛି। ଆଶ୍ରମ ପ୍ରତିଷ୍ଠାତା ସଦଗୁରୁ ଶ୍ରୀ ଆତ୍ମାରାମ ମହାରାଜଙ୍କ ନିର୍ଦ୍ଦେଶରେ ଉଦ୍ଦେଶ୍ୟ ରହିଛି ମର୍ଯ୍ୟାଦା ପୁରୁଷ ଶ୍ରୀରାମଚନ୍ଦ୍ରଙ୍କ ଭାବ ଧାରାର ପ୍ରସାର। ଆଉ ଭକ୍ତ ଶ୍ରେଷ୍ଠ ହନୁମାନଙ୍କ ପ୍ରତି ଅଗାଧ ଭଲ ପାଇବାର ନିଦର୍ଶନ। ଏହାର ଗୂଢ଼ କଥା ହେଲା ଭଗବାନଙ୍କ ସାନିଧ୍ୟ ନିମନ୍ତେ ଜପ, ତପ, ଓ ଧ୍ୟାନର ପନ୍ଥା ସାଧୁସନ୍ଥ ମାନେ ଆରମ୍ଭ କରିଥିଲେ। ମନୁଷ୍ୟର ମନ ଏଥିରୁ ବିଚ୍ୟୁତ ହେବାରୁ ରାମ ନାମକୁ ଲେଖା ମାଧ୍ୟମରେ ପ୍ରକାଶ କରି ସଂଯମତାର ମନ୍ତ୍ର ଶିକ୍ଷା ଦେଇଥିଲେ। ମଧ୍ୟପ୍ରଦେଶର ସତାନାର ମାନସଂଘ ସ୍ଥିତ ରାମବନରେ ୧୫୦ କୋଟି ସ୍ଥାପନ ହୋଇ ତିଆରି ହୋଇଛି ନାମ ମନ୍ଦିର। ଯେସେହିଭଳି କଲିକତାରେ ହରିନାମ ସଂକୀର୍ତ୍ତନ ଭବନରେ ମଧ ରାମ ପତ୍ରିକା ପୂଜା ପାଉଛି। ନେପାଳ ପଶୁପତିଙ୍କ ନିକଟରେ ଅଛି ନାମ ପତ୍ରିକା ସ୍ତୁପ। ଦକ୍ଷିଣ ଆଫ୍ରିକା ଓ ନାଇରୋବିର କେତେକ ସ୍ଥାନରେ ୧୨୫ କୋଟି ନାମ ପତ୍ରିକା ସଂଗୃହିତ ହୋଇ ମନ୍ଦିର ପ୍ରତିଷ୍ଠା କରାଯାଇଛି। ତେବେ ଆସିକା ଗୁରୁକୃପା ଆଶ୍ରମରେ ପୃଥିବୀର ସର୍ବାଧିକ ୯ଶହ କୋଟି ନାମ ସଂଗୃହିତ ହୋଇ ଗଚ୍ଛିତ କରାଯାଇ ଥିବା ଭକ୍ତ ଓ ନାମ ପ୍ରେମୀଙ୍କ ମଧ୍ୟରେ ଆଧାତ୍ମିକ ଉଲ୍ଲାସ ସୃଷ୍ଟି କରିଛି। ସେହିଭଳି ସହର ର ଲାଲା ଗୋର୍ଜି ଛକ, ଅଶୋକ ସିନେମା ହଲ, ଗାନ୍ଧୀ ନଗର, ସବ୍ ଜେଲ ପରିସର ଓ ଜଗନ୍ନାଥ ମନ୍ଦିରରେ ଥିବା ହନୁମାନ ମନ୍ଦିରରେ ମଧ ଶତାଧିକ ଭକ୍ତଙ୍କ ଉପସ୍ଥିତି ରେ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ହନୁମାନ ଜୟନ୍ତୀ ସହ ପଣା ସଂକ୍ରାନ୍ତି ପାଳିତ ହୋଇଛି।

# ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ବିଧାୟକ ପ୍ରାର୍ଥୀ ବିକ୍ରମ ପଣ୍ଡାଙ୍କ ଯୋଗଦାନ

ରଙ୍ଗେଇଲୁଣ୍ଡା, (ସବ୍ୟୁ): ଆଜି ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରଣ୍ଟା ପଞ୍ଚାୟତର ପଞ୍ଚମା ଗ୍ରାମର ପ୍ରଭୁ ଶ୍ରୀ ହନୁମାନଙ୍କ ମନ୍ଦିର ପ୍ରତିଷ୍ଠାରେ ଯୋଗଦାନ କରିଥିଲେ । ଗୋପାଳପୁରର ଯୁବ ବିଧାୟକ ପ୍ରାର୍ଥୀ ବିକ୍ରମ କୁମାର ପଣ୍ଡା ଏବଂ ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସି ପାତ୍ର। ପ୍ରଥମେ ଗ୍ରାମବାସିଙ୍କ ତରଫରୁ ଉଭୟ ନେତାଙ୍କୁ ପ୍ରତିଷ୍ଠା ସ୍ଥଳ କୁ ପାଛୋଟି ନେବା ସହ ପୁରୋହିତ ମାନେ ବେଦ ମନ୍ତ୍ର ଉଚ୍ଚାରଣ କରି ପ୍ରଭୁଙ୍କ ଦର୍ଶନ କରାଇଥିଲେ। ଉଭୟ ପ୍ରାର୍ଥୀ ପ୍ରଭୁ ହନୁମାନ ଙ୍କ ଆଶିଷ ଲାଭ କରି ନିଜ କୁ ଧନ୍ୟ ମନେ କରିଥିଲେ। ପରେ ଚିକରଡ଼ା ଗ୍ରାମ ରେ ଅନୁଷ୍ଠିତ ହେଉ ଥିବା ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ରେ ମଧ ଯୋଗଦାନ କରି ପ୍ରଭୁ ଙ୍କ କୃପା ଲାଭ କରି ଥିଲେ। ଆଜିର ଉକ୍ତ କାର୍ଯ୍ୟକ୍ରମ ରେ ଲୋକଙ୍କ ସ୍ନେହ ଓ ଭଲ ପାଇବା ଦେଖି ଦୁଇ ପ୍ରାର୍ଥୀ ଅଭିଭୂତ ହୋଇ ଯାଇ ଥିଲେ। ଆଜିର ଉକ୍ତ କାର୍ଯ୍ୟକ୍ରମରେ ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କ ସହ ବ୍ଲକ ବିଜେଡି ସଭାପତି ଅଜିତ କୁମାର ଦାସ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ରାଜେଶ୍ୱରୀ ଦୋରା, ୫୪ନମ୍ବର ଜିଲ୍ଲା ପରିଷଦ ଦୀପକ ସାମନ୍ତ, ଯୁବ ନେତା ସୁଭାଶିଷ ସାହୁ, (ବଣ୍ଟି ), ଭକ୍ତ ବତ୍ସଳ ନାୟକ, ଛାତ୍ର ସଭାପତି ମିଲେନ୍ଦ୍ର ପ୍ରଧାନ, ସ୍ଥାନୀୟ ସରପଞ୍ଚ ଅଜିତ ରାଉଳ, ବ୍ଲକ ଉପାଧ୍ୟକ୍ଷା ଅନିତା ମହାଙ୍କୁଡ, ବରିଷ୍ଠ ନେତା ଭରତ ପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ରାମହରି ପାତ୍ର, ବରିଷ୍ଠ ନେତା ପ୍ରତାପ ଚନ୍ଦ୍ର କୋଠିଆ, ପ୍ରମୁଖ ଯୋଗ ଦେଇ ଥିଲେ।

# ୧୨ବର୍ଷରେ ଉପନୀତ ହେଲା ଅମେ ୮୦ ଜଳସେବା

ବାରିପଦା, (ସବ୍ୟୁ): ୧୨ବର୍ଷରେ ଉପନୀତ ହେଲା ଅମେ ୮୦ ଜଳସେବା । ୮୦ ମସିହା ମାଟ୍ରିକ ବ୍ୟାଚ୍‌ର ବନ୍ଧୁ ମାନଙ୍କ ଦ୍ୱାରା ପଣା ସଂକ୍ରାନ୍ତି ରୁ ରଜ ସଂକ୍ରାନ୍ତି ପର୍ଯ୍ୟନ୍ତ ଦୀର୍ଘ ଦୁଇମାସ ଧରି ଚାଲୁଥିବା ଏହି ନିଆରା ଜଳସେବା ବାରିପଦା ସହରରେ ପ୍ରତ୍ୟେକ ଦିନ ୨ହଜାର ରୁ ଅଧିକ ଲୋକଙ୍କୁ ସୁସ୍ୱାଦୁ ଦହି ପାଣି, ଜଳଜିରା ପାଣି ଓ ରସନା ପାଣି ଯୋଗାଇ ଦେଇ ଆସୁଅଛି। ଆଜି ଏହି କାର୍ଯ୍ୟକ୍ରମକୁ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଓ ଉପ ନଗରପାଳ ସୀମା ଦାସ ଉଦ୍ଘାଟନ କରିଥିଲେ। ଏହିବର୍ଷ ରୁ ପ୍ରଥମଥର ପାଇଁ ପରିବେଶ ସୁରକ୍ଷା ନିମନ୍ତେ ପ୍ଲାଷ୍ଟିକ ଗ୍ଲାସ ବଦଳରେ କାଗଜ ଗ୍ଲାସର ବ୍ୟବହାରକୁ ଅତିଥି ମାନେ ପ୍ରଶଂସା କରିଥଲେ।

# ଗଣପର୍ବ ଦଣ୍ଡଯାତ୍ରା ଉଦ୍‌ଯାପିତ ମେରୁ ପର୍ବ ପାଳିତ

ବୁଗୁଡା, (ସବ୍ୟୁ): ବୁଗୁଡା ଏବଂ ଏହାର ଆଖପାଖ ଅଞ୍ଚଳରେ ଚାଲିଆସିଥିବା ଗଣପର୍ବ ଦଣ୍ଡଯାତ୍ରା ପବିତ୍ର ମେରୁ ମାସନ୍ତ ଏବଂ ସଂକ୍ରାନ୍ତିରେ ଉଦଯାପିତ ହୋଇଯାଇଥିଲା ବେଳେ ଉତ୍ସାହର ସହ ମେରୁ ପର୍ବ ପାଳିତ ହୋଇଯାଇଛି। ଚଳିତ ବର୍ଷ ପ୍ରବଳ ଜନ ସମାଗମ ସହ ଆନନ୍ଦ ଓ ଉଲ୍ଲାସରେ ତାଳସାକର ଓ ଡାକରାବାଡି ଗ୍ରାମରେ ମାସନ୍ତ ମେରୁ ଏବଂ ବୁଗୁଡ଼ା ସମେତ ଚିରିକିପଡା, ମରେଇପଲ୍ଲୀ, ଗୋଲିଆ, ଭାମଶ୍ୟାଳି, ପଙ୍କଲବାଡି,ଆଶ୍ରମ କରଡ଼ାବାଡ଼ି, ପୋଚାଲୁଣ୍ଡି, ବକ୍ସିପଲ୍ଲୀ , ବଣପଲ୍ଲୀ, ପାଣିକେଶର, ଭାବସର, ଚିଲିଖମା ଓ କାନନକୁଟୀର ଆଦି ଗ୍ରାମରେ ସଂକ୍ରାନ୍ତି ମେରୁ ପର୍ବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପର୍ବ ପାଳନ ଅବସରରେ ଦଣ୍ଡକାଳୀ ମନ୍ଦିର ଗୁଡିକ ନିକଟରେ ଯଥା ରୀତିନୀତି ପ୍ରକାରେ ଧୂଳିଦଣ୍ଡ, ଜଳଦଣ୍ଡ ଓ ଅଗ୍ନିଦଣ୍ଡ ପରେ ଦଣ୍ଡୁଆଭୁକ୍ତାମାନେ ଗ୍ରାମ୍ୟ ପରିକ୍ରମା କରିଥିଲେ । ତା'ପରେ ମେରୁ ମଣ୍ଡପଠାରେ ହୋମକୁଣ୍ଡ ପ୍ରଜ୍ୱଳନ କରାଯାଇ ତାହା ଉପରେ ପାଟ ଦଣ୍ଡୁଆଙ୍କୁ ଝୁଲାଇ ଝୁଣାମାଡ କରାଯାଇଥିଲା । ଏହି ଦୃଶ୍ୟ ଦେଖିବା ସହ ଶ୍ରଦ୍ଧାଳୁଗଣ ଭକ୍ତିପୂର୍ଣ୍ଣ ଭାବେ ରୁଦ୍ର ଏବଂ କାଳୀଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏ ଅବସରରେ ବୁଗୁଡା ସହରାଞ୍ଚଳ ଓ ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରେ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ପଣା ବଣ୍ଟନ କରାଯାଉଥିବା ଦେଖିବାକୁ ମିଳିଥିଲା ।

# ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ମେରୁ ଯାତ୍ରା ଓ ହନୁମାନ ଜୟନ୍ତୀ



ବ୍ରହ୍ମପୁର, (ସବ୍ୟୁ): ମେରୁ ସଙ୍କ୍ରାନ୍ତୀ ଓ ହନୁମାନ ଜୟନ୍ତି ଅବସରରେ ବ୍ରହ୍ମପୁର ସହର ସମେତ ଗଞ୍ଜାମ ଜିଲ୍ଲାର ସମସ୍ତ ଦଣ୍ଡ କାଳୀ ଓ ହନୁମାନ ମନ୍ଦିର ଗୁଡ଼ିକ ପ୍ରବଳ ଭିଡ ହୋଇଛି। ମନ୍ଦିର ମାନଙ୍କରେ ଫୁଲ ମାଳ, ତୋରଣ ଓ ଆଲୋକ ମାଳାରେ ସଜେଇ ଦିଆଯାଇଛି। ଗତ ମାର୍ଚ୍ଚ ମାସ ୨୫ ତାରିଖ ଠାରୁ ୨୧ ଦିନିଆ ଦଣ୍ଡନାଚ ଓ ଚଳିତ ମାସ ୨ ତାରିଖ ଠାରୁ ଆରମ୍ଭ ହୋଇଥିବା ୧୩ ଦିନିଆ ଦଣ୍ଡନାଚରେ ଢୋଲ, ମହୁରୀ, ଘଣ୍ଟ, ଘଣ୍ଟା ସହ କଳାରୁଦ୍ର ମଣିକୁ ଭଜହେ ଓ ହରିବୋଲ ହୁଳହୁଳି ଧ୍ୱନୀରେ ପ୍ରକମ୍ପିତ ହେଉଥିଲା ସମସ୍ତ ଅଞ୍ଚଳ। ମେରୁ ସଙ୍କ୍ରାନ୍ତୀ ଯାତ୍ରା ସାଙ୍ଗକୁ ମହାବୀର ହନୁମାନ ଜୟନ୍ତୀ ସହରର ରାମଲିଙ୍ଗେଶ୍ୱର ସଙ୍କଟ ମୋଚନ ହନୁମାନ ମନ୍ଦିର, ହନୁମାନ ବଜାର ହନୁମାନ ମନ୍ଦିର, ବାବାଜୀ ତୋଟା ସାହି ହନୁମାନ ମନ୍ଦିର, ହିଲ ପାଟଣ,ଗୁଡସେଡ ରୋଡ, ନେହେରୁ ନଗର, ବ୍ରାହ୍ମ ନଗର, ନିଳାଞ୍ଚଳ ନଗର, ଗଜପତି ନଗର, ଅନ୍ଧ ପସରା ରୋଡ ସମେତ ମଣ୍ଡିଆ ପଲ୍ଲୀ ହନୁମାନ ମନ୍ଦିର ପରିସରରେ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ହନୁମାନ ଚାଳିଶା, ସୁନ୍ଦରାକାଣ୍ଡ ପାରାୟଣ କରିବା ନିମନ୍ତେ ଆସିଥିବା ବେଳେ ସେମାନଙ୍କୁ ପାଠ କରିବା ନିମନ୍ତେ ଆସନ ବ୍ୟବସ୍ଥା ସାଙ୍ଗକୁ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ଫେନ ଓ କୁଲରର ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ହନୁମାନ ମନ୍ଦିରରେ ସକାଳ ଭୋର ସାଢ଼େ ୪ଟାରୁ ମହାପ୍ରଭୁଙ୍କୁ ସ୍ନାନ, ମହାସ୍ନାନ, ସିନ୍ଦୁର ତୈଳ ଅଭିଷେକ ଓ ବାଲଭୋଗ, ଆରତୀ ପରେ ଭିତର ବେଢା ଓ ବାହାର ବେଢାରେ ପୂଜା ଅର୍ଚ୍ଚନା ପରେ ଆଳତୀ କରାଯାଇଥିବା ବେଳେ ଦର୍ଶନ କରିବା ପାଇଁ ଭକ୍ତଙ୍କୁ ଛଡା ଯାଇଥିଲା। ସେହିପରି ପ୍ରସିଦ୍ଧ ଦଣ୍ଡନାଚ ଆରମ୍ଭ ହୋଇ ଥିବା ବେଳେ ଆଜି ମେରୁ ଯାତ୍ରା ସମାପନ ହୋଇଛି। ଏହି ଦଣ୍ଡ ଯାତ୍ରା ସହର ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳରେ ମଧ ଦେଖିବାକୁ ମିଳିଛି। ଏପ୍ରିଲ ମାସ ୧୪ ତାରିଖ ମହାବିଷୁବ ସଂକ୍ରାନ୍ତି ଉଦଯାପନୀ ଅବସରରେ ଭୁକ୍ତା ମାନଙ୍କ ପକ୍ଷରୁ ଧଳି ଦଣ୍ଡ, ପାଣି ଦଣ୍ଡ, ଅଗ୍ନି ଦଣ୍ଡ କରାଯାଇ ଥିବା ବେଳେ ଅପରାହ୍ଣରେ ମୁଖ୍ୟ ଭୁକ୍ତାଙ୍କୁ ମେରୁ ଖୁଣ୍ଟରେ ଝୁଲା ଯାଇ ଦଣ୍ଡ ଉପରେ ଝୁଣା ମାଡ ମରା ଯାଉଛି। ଏହି ନାଚର ପାରମ୍ପାରିକ ରୀତିନୀତି ଅନୁସାରେ ପାଳନ କରାଯାଉଛି। ଆଜି ସ୍ଥାନୀୟ ହରିଡାଖଣ୍ଡି, ପାଣିଗ୍ରାହୀ ପେଣ୍ଠ, ନୂଆଁ ବସଷ୍ଟାଣ୍ଡ, ପାତାଳେଶ୍ୱର, ଗୋସାଣୀ ନୂଆଁଗା, ବ୍ରଜ ନଗର, ବିଜିପୁର ଆଦି ଅଞ୍ଚଳ ସମେତ ଗଞ୍ଜାମ ଜିଲ୍ଲାର ଆସିକା, କାଳକ୍ଷଣ୍ଢପୁର, ପିତଳ କବିସୂର୍ଯ୍ୟନଗର, ଦୀଗପହଣ୍ଡି, ପୁରୁଷୋତ୍ତମପୁର, ହିଞ୍ଜିଳି ପୋଲସରା, ବୁରୁପଡା, ପାଟପୁର, ଛତ୍ରପୁର, ଏରେଣ୍ଡ୍ରା, ସାରୁ, ଖଣ୍ଡାରା, ଧରାକୋଟ, ଜାହାଡା ସମେତ ବହୁ ଗ୍ରାମରେ ଏହି ହର ଗୌରୀଙ୍କୁ ଧରି ଢୋଲ, ମହୁରୀ, ଘଣ୍ଟ, ଘଣ୍ଟା ସହ କଳାରୁଦ୍ର ମଣିକୁ ଭଜହେ ରେ ଭୁକ୍ତା ମାନଙ୍କ ପକ୍ଷରୁ ମାନସିକ ଧାରି ଭକ୍ତ ମାନଙ୍କ ଘର ଆଗରେ କୁମ୍ଭ ଡାଳି ଆରମ୍ଭ କରି ଥିବା ବେଳେ ଅପରାହ୍ଣରେ ଧୂଳିଦଣ୍ଡ, ପାଣିଦଣ୍ଡ ପରେ ମେରୁ ଖୁଣ୍ଟରେ ଝୁଲା ଯାଇଥିଲା। ମଧ ରାତ୍ରୀରେ ଅନ୍ନ ପ୍ରଶ୍ନ କରିଥାଆନ୍ତି। ଏହି ଅବସରରେ ସମସ୍ତ ମନ୍ଦିରରେ ମେରୁ ଖୁଣ୍ଟରେ ଝୁଲା ଯାଇ ଥିଲା ଏହି ପରମ୍ପରା ରହିଛି ବୋଲି ହରିଡ଼ାଖଣ୍ଡି ପାଟଭୁକ୍ତା ହରି କୃଷ୍ଣ ତ୍ରିପାଠୀ କହିଛନ୍ତି।

## ହନୁମାନଙ୍କ ଜୟନ୍ତୀ ଉତ୍ସବ

# ମହାବିଷୁବ ପଣା ସଂକ୍ରାନ୍ତି

ବାଲିଗୁଡା, (ସବ୍ୟୁ): କନ୍ଧମାଳ ଜିଲ୍ଲା ବାଲିଗୁଡା ତଥା ଏହାର ଆଖପାଖ ଅଞ୍ଚଳରେ ପ୍ରଭୁ ଶ୍ରୀରାମଙ୍କ ପରମଭକ୍ତ ହନୁମାନଙ୍କ ଜୟନ୍ତୀ ଉତ୍ସବ ଓ ମହାବିଷୁବ ପଣାସଂକ୍ରାନ୍ତି ପାଳିତ ହୋଇଯାଇଛି । ସଦର ମହକୁମା ପାଟଖଣ୍ଡା ମନ୍ଦିର ପରିସରରେ ଥିବା, ରାମେଶ୍ୱର ମନ୍ଦିର ନିକଟରେ ଏବଂ ସବ ଜେଲ ନିକଟରେ ଥିବା ହନୁମାନ ମନ୍ଦିର ଠାରେ ସକାଳୁ ପୂଜକ ରୀତିନୀତି ଅନୁଯାୟୀ ପୂଜାପାଠ, ହୋମଯଜ୍ଞ ୧୦୮ ହନୁମାନ ଚାଳିସା ପାଠ କରିବା ସହ ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ହନୁମାନ ଚାଳିସା ବହି ବଣ୍ଟନ କରାଯାଇଥିଲା। ବିଭିନ୍ନ ମନ୍ଦିର ପରିଚାଳନା କମିଟି ତରଫରୁ ପଣା ଭୋଗ ଲାଗି କରିବା ପରେ ଲୋକଙ୍କୁ ବଣ୍ଟନ କରିଥିଲେ ଓ ମଧ୍ୟାହ୍ନରେ ଅର୍ଣ୍ଣ ବଣ୍ଟନ କରିଥିଲେ । ସେହିପରି ଗ୍ରାମରେ ଥିବା ସମସ୍ତ ହନୁମାନ ମନ୍ଦିର ବ୍ୟତୀତ ଶିବମନ୍ଦିର, ଜଗନ୍ନାଥ ମନ୍ଦିର, ପାଟଖଣ୍ଡା ମନ୍ଦିର, ଦୁର୍ଗା ମନ୍ଦିର ଓ ସମସ୍ତ ଦେବାଦେବୀ ପୀଠରେ ସ୍ୱତନ୍ତ ଉତ୍ସବ ସାଙ୍ଗକୁ ରୀତିନୀତି ଅନୁଯାୟୀ ପୂଜା ପାଠ କରାଯାଇଛି। ଭକ୍ତ ମାନେ ସମସ୍ତ ଦେବଦେବୀ ଦର୍ଶନ କରିଥିଲେ। ଏହି ଅବସରରେ ସମସ୍ତ ଦାଣ୍ଡ ଅଗଣାରେ ଓଡ଼ିଆ ନବବର୍ଷ କୁ ସ୍ୱାଗତ କରିଥିଲେ। ଶ୍ରୀଜଗନ୍ନାଥ ମନ୍ଦିରରେ ନୂତନ ପଞ୍ଜିକାକୁ ପୂଜାକରି ପଠନ କରିଥିଲେ। ସେହି ପାଞ୍ଜି ଆଜିଠାରୁ ଶୁଭାରମ୍ଭ କରାଯାଇଛି। ସକାଳେ ଓ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ପଣା ଭୋଗ କରି ବଣ୍ଟନ କରିଛନ୍ତି । ସେହିପରି ଶ୍ରୀ ଶ୍ରୀ ଶ୍ରୀ ହରି ଓ ମା 'ତାରିଣୀ ପୀଠ କମିଟି ତରଫରୁ ଭାରତ ଲୀଳା ଓ ଚଇତି ଘୋଡା ନାଚର ଆୟୋଜନ ହୋଇଥିଲା।

## ବଳାଙ୍ଗୀ ମହୋତ୍ସବ ଉଦ୍‌ଘାଟିତ

# କଳା ସଂସ୍କୃତି ହିଁ ଗୋଟିଏ ଭୂଖଣ୍ଡର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ



ବାରିପଦା, (ସବ୍ୟୁ): ଆଜି ପବିତ୍ର ମହା ବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ପାଳନ ଉପଲକ୍ଷେ ବାରିପଦା ଠାରେ ମୟୁରଭଞ୍ଜର ମହାନ ଗଣପର୍ବ ବଳାଙ୍ଗୀ ମହୋତ୍ସବ ଉଦଘାଟିତ ହୋଇଯାଇଛି । ମହୋତ୍ସବ କମିଟିର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ଦୌରାଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣର ସଭାପତି ଅରବିନ୍ଦ ପଟ୍ଟନାୟକ, ବିଶିଷ୍ଟ ଅତିଥି ଭାବେ ମୟୁରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ରଭଞ୍ଜ ଭଞ୍ଜଦେଓ, ସମ୍ମାନିତ ଅତିଥି ଭାବରେ ସମାଜସେବୀ ରଜତ କୁମାର ପଣ୍ଡା, ମହୋତ୍ସବ କମିଟିର ଅଧ୍ୟକ୍ଷ ଅରବିନ୍ଦ ଦାସ ଯୋଗଦେଇ କଳା ସଂସ୍କୃତି ହିଁ ଗୋଟିଏ ଭୂଖଣ୍ଡର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ ବୋଲି କହିବା ସହିତ ବାରିପଦା ଠାରେ ବୁଢାବଳଙ୍ଗ, ଚିପଟ ଏବଂ ଇଟାଯୋଡି ନଦୀର ତ୍ରିବେଣୀ ସଙ୍ଗମ ସ୍ଥଳୀରେ ଦୀର୍ଘ ୨୨ ବର୍ଷ ଧରି ପାଳିତ ହୋଇ ଆସୁଥିବା ବଳାଙ୍ଗୀ ମହୋତ୍ସବ ମୟୁରଭଞ୍ଜ ଜିଲ୍ଲାରେ କଳା ସଂସ୍କୃତିର ସୁରକ୍ଷା ଏବଂ ସମୃଦ୍ଧି ପାଇଁ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରି ଆସୁଛି ବୋଲି କହିଥିଲେ । ସହ ସମ୍ପାଦକ ଡ଼. ଶଶୀ ଧର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିବା ବେଳେ, ଜୟା ପରବିନ ସ୍ୱାଗତ ସଂଗୀତ ଗାନ କରିଥିଲେ। ଏହି ଅବସରରେ ଶ୍ରୀ ଶ୍ରୀ ଅନନ୍ତ ନାରାୟଣଙ୍କ ପୂଜା ଯଜ୍ଞ, ଓଡ଼ିଆ ନବବର୍ଷ ପାଳନ, ବିଭିନ୍ନ ବର୍ଗର ସ୍ଥାନୀୟ ନୃତ୍ୟ କଳାକାର ମାନଙ୍କର ନୃତ୍ୟ ପ୍ରତିଯୋଗିତା ଏବଂ ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁ ସାଂସ୍କୃତିକ ଦଳ ଯୋଗଦେଇ ସେମାନଙ୍କର କଳା କୌଶଳ ପ୍ରଦର୍ଶନ କରିଥିବା ବେଳେ ମୟୁରଭଞ୍ଜର ପରମ୍ପରିକ ଝୁମର ନୃତ୍ୟ ଏବଂ ଓଡିଶୀ ନୃତ୍ୟ ଦର୍ଶକଙ୍କୁ ମତୁଆଲା କରିଥିଲା । ବଳାଙ୍ଗୀ ସେନାର ଅଧ୍ୟକ୍ଷ କୁମରେଶ ନାୟକ, ସମ୍ପାଦକ ମିଥୁନ ବାରିକ, ପଦ୍ମନାଭ ମହାପାତ୍ର, କିଶୋର ମହାନ୍ତି, ଦିଲ୍ଲୀପ ପାତ୍ର, ରମାକାନ୍ତ ରାଉତ ପ୍ରମୁଖଙ୍କ ନେତୃତ୍ୱରେ ବହୁ ସ୍ୱେଚ୍ଛାସେବୀ ମେଳା ପରିଚାଳନାରେ ସହଯୋଗ କରିଥିଲେ।

# ମୟୂରଭଞ୍ଜ ସାହିତ୍ୟ ପରିଷଦର ଓଡ଼ିଆ ନବବର୍ଷ



ବାରିପଦା, (ସବ୍ୟୁ): ପଣା ସଂକ୍ରାନ୍ତି ଅବସରରେ ଗଳ୍ପ ପାଠ ଆସର ଆୟୋଜିତ ଓଡ଼ିଆ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ମୟୂରଭଞ୍ଜ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଏକ ଗଳ୍ପପାଠ ଆସର ମହର୍ଷି ପବ୍ଲିକ ସ୍କୁଲ ସଭାଗୃହରେ ଆୟୋଜିତ ହୋଇଯାଇଛି। ପରିଷଦର ସଭାପତି ପଦ୍ମନାଭ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମହର୍ଷି ପବ୍ଲିକ ସ୍କୁଲର ଅଧ୍ୟକ୍ଷ ଅଶୋକ କୁମାର କର ମୁଖ୍ୟ ଅତିଥି, କବୟିତ୍ରୀ କାବେରୀ ମିଶ୍ର ମୁଖ୍ୟବକ୍ତା, ସଂପାଦକ ମନୋଜ ଦଳବେହେରା ପରିଷଦର ବାର୍ଷିକ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ। ପ୍ରାରମ୍ଭରେ ଯୁଗ୍ମ ସଂପାଦକ ଶିଉଲାଲ ମହାନ୍ତ ଅତିଥିମାନଙ୍କୁ ମଞ୍ଚକୁ ଆହ୍ୱାନ କରିଥିବା ବେଳେ ଯୁଗ୍ମ ସଂପାଦକ ଅଜିତ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ଗାଳ୍ପିକା ସୁଧାମୟୀ ଦାସ ତଥା ବାସନ୍ତୀଲତା ମହାପାତ୍ର ମିଳିତ ସଂଯୋଜନାରେ ଅନୁଷ୍ଠିତ ଗଳ୍ପ ପାଠ ଆସରରେ ଇଂ ସତୀଶଚନ୍ଦ୍ର ବେହେରା, ଅଜୟ କୁମାର ପାଳ, ଅଜିତ କୁମାର କବାଟ, ନରସିଂହ ବାରିକ, ନିରୁପମା ମହାନ୍ତ, ହିମାଂଶୁ ଶେଖର ଦାସ, ଜୟନ୍ତ କୁମାର ଦ୍ୱାରୀ, ଦୋଳ ଗୋବିନ୍ଦ ମହାନ୍ତ, ସମରେନ୍ଦ୍ର ବଣା, କବି ବିଷ୍ଣୁ ଶତପଥୀ, ପ୍ରଦୀପ କୁମାର ଦାସ, କୈବଲ୍ୟ ପ୍ରସାଦ ମହାପାତ୍ର ପ୍ରମୁଖ ସ୍ୱରଚିତ ଗଳ୍ପ ପାଠ କରିଥିଲେ।

# ଜଳୁଛି ଅନନ୍ତପୁର ସଂରକ୍ଷିତ ଜଙ୍ଗଲ



କାମାକ୍ଷାନଗର, (ସବ୍ୟୁ) : ଢେଙ୍କାନାଳ ବନଖଣ୍ଡ କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ କାନପୁରା ଗାଁ ସ୍ଥିତ ଅନନ୍ତପୁର ସଂରକ୍ଷିତ ଜଙ୍ଗଲରେ ଲାଗିଛି ନିଆଁ। ଭୟଙ୍କର ନିଆଁରେ ଜଙ୍ଗଲରେ ଥିବା ବହୁ ମୂଲ୍ୟବାନ ଗଛ ପୋଡି ପାଉଁଶ ହୋଇଯାଇଥିବା ବେଳେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ଜଙ୍ଗଲ ନିକଟରେ ଗାଁ ରହିଥିବା ଯୋଗୁ ବନ ବିଭାଗ ପକ୍ଷରୁ ନିଆଁ ଲିଭା କାର୍ଯ୍ୟ ଜାରି ରହିଛି।

ଖରାଦିନେ ପ୍ରାୟ ସମୟରେ କାମାକ୍ଷାନଗର ଅଞ୍ଚଳରେ ଥିବା ତିନୋଟି ରେଞ୍ଜରେ ଜଙ୍ଗଲରେ ନିଆଁ ଲାଗୁଥିବା ବେଳେ ବନ ସୁରକ୍ଷା ସମିତି ଓ ବନ ବିଭାଗ ଆବଶ୍ୟକୀୟ ପ୍ରତିକାର ବ୍ୟବସ୍ଥା ନକରିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ବଡଯୋରଡ଼ା ହନୁମାନ ବାଟିକାର ବାର୍ଷିକ ଉତ୍ସବ, ହନୁମାନ ଜୟନ୍ତୀ

ସାଉଥବଲଣ୍ଡା, (ସବ୍ୟୁ) : ଆଜି ହେଉଛି ପବିତ୍ର ଓଡ଼ିଆ ନବ ବର୍ଷ ତଥା ବିଷୁବ ପଣା ସଂକ୍ରାନ୍ତି ଏବଂ ପ୍ରଭୁ ହନୁମାନଙ୍କ ଜୟନ୍ତୀ । ଏହି ଅବସରରେ ତାଳଚେର ବ୍ଲକ ଅନ୍ତର୍ଗତ ବଡଯୋରଡା ଗ୍ରାମର ହନୁମାନ ବାଟିକା ଠାରେ ୧୪ତମ ବାର୍ଷିକ ଉତ୍ସବ ଓ ହନୁମାନ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ଆଜି ପ୍ରଭୁ ହନୁମାନଙ୍କ ଜୟନ୍ତୀ ଅବସରରେ ସକାଳେ ସୂର୍ଯ୍ୟ ପୂଜା ଠାରୁ ଆରମ୍ଭ କରି ପ୍ରଭୁ ହନୁମାନଙ୍କ ବିଭିନ୍ନ ପ୍ରକାରର ଯଜ୍ଞ ପୂଜା ଆଦି ବିଧି ମୁତାବକ ସମ୍ପନ୍ନ ହୋଇଥିଲା । ଆଜି ପ୍ରଭୁ ହନୁମାନଙ୍କ ଏକ ନିର୍ଦ୍ଦିଷ୍ଟ ଦିନ ଓ ପବିତ୍ର ପଣା ସଂକ୍ରାନ୍ତି ରହିଥିବା ହେତୁ ଉକ୍ତ ବାଟିକାକୁ ହଜାର ହଜାର ଶ୍ରଦ୍ଧାଳୁ କାହିଁ କେତେ ବାଟରୁ ଧାଇଁ ଆସିଥିଲେ । ଶ୍ରଦ୍ଧାଳୁମାନଙ୍କୁ ପାଇଁ ଆଜିର ଦିନରେ ପଣା ବିତରଣ କରାଯିବା ସହ ପ୍ରଭୁ ହନୁମାନଙ୍କ ଠାରେ ଲାଗି ହୋଇ ଖେଚୁଡ଼ି ଭୋଗ ମଧ୍ୟ ଶ୍ରଦ୍ଧାଳୁ ମାନଙ୍କୁ ପ୍ରଦାନ କରାଯାଇଥାଏ ବୋଲି ହନୁମାନ ବାଟିକାର ମୁଖ୍ୟ ପରିଚାଳନା ଅଧିକାରୀ ବିଦେଶୀ ଦେହୁରୀ କହିଛନ୍ତି ।

ଆଜିର ଉତ୍ସବରେ ମନ୍ଦିର କମିଟି ସଭାପତି ଜବାହରଲାଲ ପ୍ରଧାନ, ମୁଖ୍ୟ ପୂଜକ ରୁଦ୍ର ମୋହନ ଦ୍ୱିବେଦୀ, ହନୁମାନ ବାଟିକା ମୁଖ୍ୟ ପରିଚାଳନା ଅଧିକାରୀ ବିଦେଶୀ ଦେହୁରୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ । ପ୍ରକାଶ ଥାଉକି, ତାଳଚେର ବ୍ଲକର ଏହି ପ୍ରସିଦ୍ଧ ହନୁମାନଙ୍କ ବାଟିକାକୁ ପ୍ରଥମେ ବଡଯୋରଡ଼ା ଗ୍ରାମର ଦୁଇଜଣ ସାଙ୍ଗ ବିଦେଶୀ ଦେହୁରୀ ଓ ସ୍ୱର୍ଗତ ଅନିଲ ପ୍ରସାଦ ସାମନ୍ତ ୨୦୧୦ ମସିହାରେ ଆରମ୍ଭ କରିଥିଲେ । ତେବେ ସ୍ଥାନୀୟ ଲୋକଙ୍କ କହିବା କଥା ଯେ ଏହି ହନୁମାନ ବାଟିକା ପ୍ରତିଷ୍ଠା ପୂର୍ବରୁ ତାହା ଏକ ଘଂଚ ଜଙ୍ଗଲ ଥିଲା ଏବଂ ଉକ୍ତ ଜଙ୍ଗଲ ଅନେକ ସମୟରେ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରି ଆସିଥିଲା । ଏହି ଜଙ୍ଗଲ ସ୍ଥାନଟି ୫ ଏକର ପରିମିତ ଜାଗାରେ ରହିଥିଲା ବେଳେ ଏହା ବଡଯୋରଡ଼ା ଗ୍ରାମର ଅଂଶବିଶେଷ ହୋଇଥିବା ନେଇ କୁହନ୍ତି କିଛି ଗ୍ରାମବାସୀ । ସେତେବେଳେ ଏହି ରାସ୍ତା ଦେଇ ଅନେକ ସମୟରେ ଲୋକମାନେ ଯାଆସ କରୁଥିଲା ବେଳେ ପୂର୍ବରୁ ଅନେକ ବାର ଦୁର୍ଘଟଣା ଘଟି ଅନେକ ଲୋକଙ୍କ ଜୀବନ ମଧ୍ୟ ଯାଇଛି । ଏପରିକି ଦୀର୍ଘ ୧୪ ବର୍ଷ ପୂର୍ବରୁ ପାଖାପାଖି ୩୫ରୁ ୪୦ଜଣଙ୍କ ଏହି ସ୍ଥାନରେ ଦୁର୍ଘଟଣା ଘଟି ମୃତ୍ୟୁ ହୋଇଥିବାର ମଧ୍ୟ କହିଛନ୍ତି ଗ୍ରାମବାସୀମାନେ । ଏହି ସ୍ଥାନରେ ଅଦୃଶ୍ୟ ଶକ୍ତିର ପ୍ରଭାବ ରହୁଥିବା ହେତୁ ଉକ୍ତ ଜାଗାରେ ପ୍ରଭୁ ହନୁମାନଙ୍କ ଏକ ବିଗ୍ରହ ସ୍ଥାପନ କରିବା ଲାଗି ଗ୍ରାମର ଦୁଇ ସାଙ୍ଗ ବିଦେଶୀ ଦେହୁରୀ ଓ ସ୍ୱର୍ଗତ ଅନିଲ ସାମନ୍ତ ମନସ୍ଥ କରିଥିଲେ ଏବଂ ପରବର୍ତୀ ସମୟରେ ଉଭୟ ଋଷିକେଶ ହରିଦ୍ୱାର ଠାରୁ ପ୍ରଭୁ ହନୁମାନଙ୍କର ଏକ ବିଗ୍ରହ ଆଣି ଏଠାରେ ପ୍ରତିଷ୍ଠା କରିଥିଲେ । ଯାହା ଫଳରେ ଉକ୍ତ ସ୍ଥାନଟି ଆଜି ସୁଦ୍ଧା ହନୁମାନ ଠାକୁରଙ୍କ ଛତ୍ରଛାୟା ତଳେ ରହି ଆସି ଆଜି ପର୍ଯ୍ୟନ୍ତ ମଧ୍ୟ କୌଣସି ଲୋକଙ୍କର ଅନିଷ୍ଟ ଆଉ ହେଉନଥିବା କହିଛନ୍ତି ବିଗ୍ରହ ପ୍ରତିଷ୍ଠାକାରୀ ବ୍ୟକ୍ତି ତଥା ହନୁମାନ ବାଟିକା ମୁଖ୍ୟ ପରିଚାଳନା ଅଧିକାରୀ ବିଦେଶୀ ଦେହୁରୀ ।

# ବିଭିନ୍ନ ଧର୍ମାନୁଷ୍ଠାନରେ ମହାବିଷୁବ ସଂକ୍ରାନ୍ତି ପାଳିତ

ହିନ୍ଦୋଳ, (ସବ୍ୟୁ): ହିନ୍ଦୋଳ ଉପଖଣ୍ଡ ଅଞ୍ଚଳରେ ଥିବା ବିଭିନ୍ନ ଧର୍ମାନୁଷ୍ଠାନ ମାନଙ୍କରେ ଆଜି ପବିତ୍ର ମହାବିଷୁବ ସଂକ୍ରାନ୍ତି ମହା ସମାରୋହରେ ପାଳିତ ହୋଇ ଯାଇଛି । ଏହି ଉପଲକ୍ଷେ ମନ୍ଦିର ପିଠ ଓ ମଠ ଇତ୍ୟାଦି ଗୋଡିକର ପରିଚାଳନା କମିଟି ଗୁଡିକ ପକ୍ଷରୁ ବେଶ୍ ତତ୍ପରତା ପ୍ରକାଶ ପାଇଥିବା ଦେଖାଯାଇ ଥିଲା । ପ୍ରାୟ ଦିନ ଦୁଇ ଦିନ ପୂର୍ବରୁ ସଂକ୍ରାନ୍ତି ପାଳନ ପାଇଁ ପ୍ରାକ୍ ପ୍ରସ୍ତୁତି ଆରମ୍ଭ ହୋଇ ଯାଇଥିଲା ।

ଏନ୍‌ଏସି ଅନ୍ତର୍ଗତ ଚଣାବାରିଆ ସନ୍ନିକଟସ୍ଥ ମା ତାରିଣୀଙ୍କ ପୀଠ, କଲେଜ୍ ସମ୍ମୁଖ ତାରିଣୀ ବିହାର ସ୍ଥିତ ମା ତାରିଣୀଙ୍କ ପୀଠ, ସରଧାପୁରର ମା ମଙ୍ଗଳା, ହିନ୍ଦୋଳର ଅଧିଷ୍ଠାତ୍ରୀ ଦେବୀ ମା ରଙ୍କେଇ, ମେଡିକାଲ ଛକ ସ୍ଥିତ ଶ୍ରୀ ହନୁମାନ ଜୀଉଙ୍କ ମନ୍ଦିର ଏବଂ ହରିହାଟ ସାହି ସ୍ଥିତ ଶ୍ରୀ ରଘୁନାଥ ଜିଉଙ୍କ ମନ୍ଦିରରେ ଆଜି ମହା ବିଷୁବ ସଂକ୍ରାନ୍ତି ଓ ଶ୍ରୀ ହନୁମାନ ଜୟନ୍ତୀ ଯଥା ରୀତି ପାଳିତ ହୋଇ ଯାଇଛି । ୧୦୮ ହନୁମାନ ଚାଳିଶା ପାଠ ଓ ଯଜ୍ଞ ଇତ୍ୟାଦି କାର୍ଯ୍ୟରେ ମଠ ଓ ମନ୍ଦିର ପରିସର ସହିତ ଆଖ ପାଖ ଅଞ୍ଚଳ ପବିତ୍ର ହୋଇ ଯାଇଥିଲା । ବହୁ ଶ୍ରଦ୍ଧାଳୁଙ୍କ ସମାଗମରେ ମନ୍ଦିର ପରିସର ଗୋଡ଼ିକ ଭକ୍ତି ମୟ ପରିବେଶ ସୃଷ୍ଟି କରିଥିଲା । ଚଣଝବାରିଆ ସ୍ଥିତ ମା ତାରିଣୀଙ୍କ ପୀଠ ନିକଟରେ କମିଟି ପକ୍ଷରୁ ଆୟୋଜିତ ବାଦୀ ଭାଗବତ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ପାଇଁ ବହୁ ଭକ୍ତ ଭିଡ ଜମାଇ ଥିଲେ ।

ଭକ୍ତ ମାନଙ୍କ ପାଇଁ ସାମୁହିକି ପଣାର ବ୍ୟବସ୍ଥା କରା ଯାଇଥିଲା । ତାରିଣୀ ବିହାର ଠାରେ ଏହି ଉପଲକ୍ଷେ ଝାମୁ ଚଲା ନୀତି ଅନୁଷ୍ଠିତ ହୋଇ ଥିଲା । ବହୁଭକ୍ତ ଶ୍ରଦ୍ଧାର ସହ ମାଙ୍କୁ ଦର୍ଶନ କରିବା ସଙ୍ଗେ ସଙ୍ଗେ ଏହାକୁ ଉପଭୋଗ କରିଥିଲେ । ଆଜି କମିଟି ପକ୍ଷରୁ ଆଜି ସନ୍ଧ୍ୟାରେ ବାଦ ଦଣ୍ଡ ନୃତ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ଜଣା ପଡ଼ିଛି ।

# ଅସହାୟ ସହାୟତା ସଂଘ ପକ୍ଷରୁ ପଣା ବଣ୍ଟନ

ବଇଣ୍ଡା, (ସବ୍ୟୁ): ପବିତ୍ର ପଣା ସଂକ୍ରାନ୍ତି ରେ ଅସହାୟ ସହାୟତା ସଂଘ, ବଇଣ୍ଡା ପକ୍ଷରୁ ରବିବାର ପଣା ବଣ୍ଟନ କରାଯାଇଛି। ବଇଣ୍ଡା ଏକ ବ୍ୟବସାୟିକ ପେଣ୍ଠ ସ୍ଥଳୀ ଭାବରେ ପରିଚିତ। ଆଜି ସାପ୍ତାହିକ ହାଟ ଥିବା କାରଣରୁ ବହୁ ସଂଖ୍ୟକ ଲୋକ ପଣା ପାଇବାର ସୁଯୋଗ ନେଇଥିଲେ । ସଂଘ ପକ୍ଷରୁ ସମସ୍ତ ଆୟୋଜନ କରାଯାଇଥିଲା । ସଂଘର ସମସ୍ତ ବରିଷ୍ଠ କାର୍ଯ୍ୟ କର୍ତ୍ତା ରାମ ଚନ୍ଦ୍ର ପ୍ରଧାନ, ସୁରେଶ ପ୍ରଧାନ, ନିରଞ୍ଜନ ରାଉଳ, ରାଜେନ୍ଦ୍ର ପ୍ରଧାନ, ଚୈତନ୍ୟ ବେହେରା, କୃପାସିନ୍ଧୁ ନାୟକ, କୁନା ସାହୁ, ସୁକାନ୍ତ ରଣା, ଗୁଣନିଧି ପ୍ରଧାନ, ଉର୍ମିଳା ପ୍ରଧାନ, ଓମ୍ ଶାନ୍ତି ର ବିନି ଭଉଣୀ, ସଭାପତି ସଞ୍ଜୟ ପ୍ରଧାନ,ପ୍ରମୁଖ ଉପସ୍ଥିତ ଥିଲେଛ ଆଗକୁ ଗ୍ରୀଷ୍ମ ଋତୁରେ ପ୍ରବଳ ଗରମ ରୁ ନିଜକୁ କିପରି ରକ୍ଷା କରିପାରିବେ ସେଥି ପାଇଁ ଏକ ରାଲୀ କରାଯାଇ ସମସ୍ତ ଜଣ ସାଧାରଣଙ୍କୁ ସଚେତନ କରାଗଲା। ଶେଷରେ ସଂଘ ର ନିର୍ଦ୍ଦେଶକ ଇଂ ପ୍ରବୀଣ କୁମାର ସାହୁ ଏହି କାର୍ଯ୍ୟ କ୍ରମରେ ସହଯୋଗ କରିଥିବା ସମସ୍ତ ସଭ୍ୟଙ୍କୁ ଧନ୍ୟବାଦ୍ ଜଣାଇଥିଲେ ।

# ଫୁଲଝରିରେ ଭାଜପାର କର୍ମୀ ସମ୍ମିଳନୀ



ଠାକୁରଗଡ଼, (ସବ୍ୟୁ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଅଙ୍ଗପଡା ପଞ୍ଚାୟତ ଫୁଲଝରି ଗ୍ରାମରେ ଶନିବାର ଦିନ ପଞ୍ଚାୟତ ସ୍ତରୀୟ ଏକ କର୍ମୀ ସମ୍ମିଳନି ଅନୁଷ୍ଠିତ ହୋଇଯାଇଛି । ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ସମ୍ମିଳନିରେ ମୁଖ୍ୟ ଅତିଥି ଭାବରେ ଆଠମଲ୍ଲିକ ଭାଜପା ବିଧାୟକ ପ୍ରାର୍ଥୀ ସଂଜୀବ ସାହୁ ଯୋଗ ଦେଇ ମୋଦୀ ସରକାରଙ୍କର ଲୋକହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ସହ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଗଠନ କରିବା ପାଇଁ ଲୋକ ସହାୟତା ଲୋଡିଥିଲେ। ଏପରିକି ନିର୍ବାଚନରେ ଭାଜପା ଏମପି ଓ ବିଧାୟକ ପ୍ରାର୍ଥୀଙ୍କୁ ଭୋଟ ଦେଇ ବିଜୟୀ କରିବା ପାଇଁ କର୍ମୀଙ୍କୁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ନେତା ଅର୍ଜୁନ ସାହୁ, ତରଣୀ ନାୟକ, ବୃନ୍ଦାବନ ସାହୁ, ରାଜେନ୍ଦ୍ର ପଣ୍ଡା, ଅନୁପମା ସାହୁ, ତିମିର ନାୟକ, ଦିଗାମ୍ବର ବେହେରା, ପ୍ରଶାନ୍ତ ପ୍ରଧାନ, ପର୍ଯବେକ୍ଷକ ରଞ୍ଜିତ ପଣ୍ଡା, ରାଜେନ୍ଦ୍ର ପଣ୍ଡା, ପ୍ରବୀଣ ସାହୁ, ଭବାନୀ ଜ୍ୟାତିଶରାୟଙ୍କ ସମେତ ବହୁ ଭାଜପା କର୍ମୀ ମାନେ ଯୋଗ ଦେଇଥିଲେ । ଏଥିରେ ଅନ୍ୟ ଦଳକୁ ଅନେକ କର୍ମୀ ସାମିଲ ହୋଇଥିଲେ । ସେମାନ ଙ୍କୁ ବିଧାୟକ ଓ ସଂଜୀବ ସାହୁ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ ।

# ବାବା ସାହେବ ଆମ୍ବେଦକରଙ୍କ ୧୩୩ତମ ଜୟନ୍ତୀ

କାମାକ୍ଷାନଗର, (ସବ୍ୟୁ): କାମାକ୍ଷାନଗର ଠାରେ ଭାରତୀୟ ସମ୍ବିଧାନର ପ୍ରଣେତା ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ୧୩୩ ତମ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି। କାମାକ୍ଷାନଗର ସହରର ଡ଼ ଆମ୍ବେଦକର ମୂଳନିବାସୀ ଦଳିତ ମହାସଂଘ ତରଫରୁ ଏହି ଜନ୍ମଜୟନ୍ତୀ କାର୍ଯ୍ୟକ୍ରମ ପାଳନ କରାଯାଇଛି । ମୂଳନିବାସୀ ଦଳିତ ମହାସଂଘର ସଭାପତି ଭିକାରି ଚରଣ ନାଏକଙ୍କ ନେତୃତ୍ୱରେ ଶତାଧିକ ଦଳିତ ଓ ମହାସଙ୍ଘର ପୁରୁଷ ଓ ମହିଳା କର୍ମୀ ସ୍ଥାନୀୟ ଆମ୍ବେଦକର ଭବନ ଠାରେ ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ବାବାସାହେବ ଅମର ରହେ, ନାରାରେ ସହର ପରିକ୍ରମା କରିଥିଲେ । ପରେ ସ୍ଥାନୀୟ ମେଡିକାଲ ଠାରେ ରୋଗୀ ମାନଙ୍କୁ ଫଳ, ପାଉଁରୁଟି ବଣ୍ଟନ କରିଥିଲେ ।

ଏହି ଅବସରରେ ବାବା ସାହେବ ସମାଜର ଦଳିତ, ନିଷ୍ପେସିତ ଲୋକ ମାନଙ୍କ ପାଇଁ କରିଯାଇଥିବା କାର୍ଯ୍ୟ ସମ୍ପର୍କ ରେ ଆଲୋଚନା କରାଯିବା ସହ ବାବା ସାହେବଙ୍କ ସ୍ମୃତି ଚାରଣ କରାଯାଇଥିଲା । ମୂଳନିବାସୀ ଦଳିତ ମହାସଂଘର ସାଧାରଣ ସମ୍ପାଦକ ଚନ୍ଦ୍ରମଣି ମଳିକ କାର୍ଯ୍ୟକ୍ରମକୁ ସମ୍ପାଦନା କରିଥିଲେ ।

# ବଡହୁଲ୍ଲା ଓ ଗାଁ ବଇଣ୍ଡା ମେରୁଯାତ୍ରା ପାଳିତ

ବଇଣ୍ଡା, (ସବ୍ୟୁ): କିଶୋରନଗର ବ୍ଲକ ଅନ୍ତର୍ଗତ ବଡହୁଲ୍ଲା ଓ ଗାଁ ବଇଣ୍ଡା, ପାପସରରେ ରବିବାର ମେରୁଯାତ୍ରା ସମ୍ପର୍ଣ୍ଣ ହୋଇଛି । ୧୪ଦିନ କିମ୍ବା ୨୧ଦିନ ଧରି ମାନସିକଙ୍କ ଘର ଆଗରେ ଦଣ୍ଡ ନୃତ୍ୟ କରାଯାଏ । ଦିନରେ ଧୂଳି ଦଣ୍ଡ, ରାତିରେ କାଳୀ ପୂଜା କରାଯାଏ । ଏହି ଭଳି ମାନସିକଙ୍କ ଘର ବୁଲି ଦଣ୍ଡନୃତ୍ୟ କରି ପଣା ସଂକ୍ରାନ୍ତି ଦିନ ମେରୁ ଯାତ୍ରା ସମ୍ପର୍ଣ୍ଣ ହୁଏ । ମାନସିକଧାରୀ ମାନେ ଅଧିଆ ପଡ଼ିଥାନ୍ତି । ଠାକୁରଙ୍କୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଇ ପୂଜା ମଣ୍ଡପକୁ ନିଆଯାଏ । ପୂଜକ ସର୍ବେଶ୍ୱର ମହାପାତ୍ର, ଗ୍ରାମ ସଭାପତି ରମେଶ ପ୍ରଧାନ, ସମ୍ପାଦକ ଗୋକୁଳ ଚନ୍ଦ୍ର ପ୍ରଧାନ, ମନ୍ଦିର କମିଟି ସଭାପତି କୁଞ୍ଜ ବିହାରୀ ସାହୁ, ସମ୍ପାଦକ ସୁଦାମ ଚରଣ ପ୍ରଧାନଙ୍କ ସମେତ ବିରଞ୍ଚି ଦେହୁରୀ, ମହେଶ୍ୱର ପ୍ରଧାନ, ସ୍ୱପ୍ନେଶ୍ୱର ସାହୁ, ପ୍ରଶାନ୍ତ ସ୍ୱାଇଁ, ଭୀଷ୍ମ ଦେହୁରୀ, ଅନିଲ ପ୍ରଧାନ ପ୍ରମୁଖ ସାମିଲ ଥିଲେ ।

# ଟ୍ରକ ଚାଳକଙ୍କୁ ମାଡ, ପ୍ରତିବାଦରେ କୋଇଲା ପରିବହନ ଠପ

ତାଳଚେର, (ସବ୍ୟୁ): ଜଗନ୍ନାଥ ଖଣିରେ କୌଣସି କାରଣ ବଶତଃ ସାମାନ୍ୟ ଘଟଣାକୁ କେନ୍ଦ୍ର କରି ଜୈନିକ କୋଇଲା ଟ୍ରକ ଡ୍ରାଇଭରକୁ ଭରତପୁର କୋଇଲା ଖଣି ଅଂଚଳର ଜଣେ ସୁପର ଭାଇଜର ନିସ୍ଠୁର ମାଡ ମାରିଥିବା ଘଟଣା ପ୍ରଚାରିତ ହୋଇଯିବା ପରେ ତାଳଚେର ଅଂଚଳରେ ରହିଥିବା ସମସ୍ତ କୋଇଲା ଖଣି ଗୁଡିକରେ କାର୍ଯ୍ୟରତ ଟ୍ରକ ଡ୍ରାଇଭର ମାନେ ଏହାର ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ଷ୍ଟେରିଙ୍ଗ ଛାଡ଼ ଆନ୍ଦୋଳନ ଜାରି ରଖିଛନ୍ତି । ଫଳରେ ବିଭିନ୍ନ କଳ କାରଖାନା ଗୁଡ଼ିକୁ ଟ୍ରକ ଯୋଗେ କୋଇଲା ପରିବହନ ସମ୍ପୂର୍ଣ ଠପ ହୋଇଯାଇଛି ଏବଂ ପ୍ରତେକ ଖଣିରେ ହଜାର ହଜାର ସଂଖ୍ୟକ ଟ୍ରକ ଲମ୍ବା ଲାଇନରେ ଛିଡା ହୋଇରହିଥିବା ଦେଖିବାକୁ ମିଳିଛି । ଅପର ପକ୍ଷେ ଟ୍ରକ ଚାଳକକୁ ମାଡମାରିଥିବା ସମ୍ପୃକ୍ତ ସୁପର ଭାଇଜରକୁ ତୁରନ୍ତ ଗିରଫ କରିବା ଦାବିରେ ଟ୍ରକ ଚାଳକ ମାନେ ଅଡି ବସିଥିବା ଜଣାପଡିଛି। ତେବେ ହିଙ୍ଗୁଳା ଥାନା ପୋଲିସ ଏନେଇ କଣ ପଦକ୍ଷେପ ନେଉଛି ତାହା ଦେଖିବାକୁ କେବଳ ବାକି ରହିଛି ।

# ଯୁବକଙ୍କୁ ଟାଙ୍ଗିଆରେ ଆକ୍ରମଣ ଅଭିଯୋଗ

ଠାକୁରଗଡ଼, (ସବ୍ୟୁ): ଠାକୁରଗଡ଼ ଥାନା କୁର୍ତିବାସପୁର ଗ୍ରାମର ବାଉରୀ ବେହେରାଙ୍କୁ ସେହି ଗ୍ରାମର ଗୟା ବେହେରା ଏକ ଟାଙ୍ଗିଆରେ ଆକ୍ରମଣ କରିଥିବା ଶନିବାର ଦିନ ବାଉରୀ ଠାକୁରଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ନମ୍ବର ୮୯/ ୨୪ ରେ ଏକ ମାମଲା ରୁଜୁ କରାଯାଇଛି । ପୋଲିସ କହିଛି ଯେ ବାଉରୀ ଘରେ ଥିବା ବେଳେ ପୂର୍ବ ଶତ୍ରୁତା କୁ କେନ୍ଦ୍ର କରି ତାଙ୍କୁ ଏକ ଟାଙ୍ଗିଆରେ ଆକ୍ରମଣ କରିଛନ୍ତି । ସେ ଆହାତ ହୋଇଥିବା ବେଳେ ଥାନାରେ ଅଭିଯୋଗ କରିଛନ୍ତି ।

# ବିଜେଡିର ଜୋନସ୍ତରୀୟ ସାଙ୍ଗଠନିକ ବୈଠକ ଏବଂ ମିଶ୍ରଣପର୍ବ


ଫଟୋ ସମୟ

ଗୋଡ଼ିବନ୍ଧ/ସମଲ, (ସବ୍ୟୁ): ପାଲଲହଡ଼ା ନିର୍ବାଚନ ମଣ୍ଡଳୀ କଣିହାଁ ବ୍ଲକ ସ୍ଥିତ ଶୁଶୁବା ପଞ୍ଚାୟତ ଅନ୍ତର୍ଗତ ସୁଲେଇପାଳ ଗ୍ରାମର ଆମ୍ବତୋଟାରେ ଆଜି ୧୦ନଂ ଜୋନ ସ୍ତରୀୟ ସାଙ୍ଗଠନିକ ବୈଠକ, ନିର୍ବାଚନୀ ପ୍ରଚାର ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କଣିହାଁ ବ୍ଲକ ବିଜେଡି ସଭାପତି କୈଳାଶ ଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ବିଜେଡିର ଢେଙ୍କାନାଳ ଲୋକସଭା ପ୍ରାର୍ଥି ଡାକ୍ତର ଅବିନାଶ ସାମଲ, ପାଲଲହଡା ବିଧାୟକ ପ୍ରାଥୀ ମୁକେଶ କୁମାର ପାଳ ସାଙ୍ଗଠନିକ ନିର୍ବାଚନ ସଭାରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଉପାଧକ୍ଷା ରଶ୍ମିତା ବେହେରା, ସାଧାରଣ ସମ୍ପାଦକ ହିମାଚଳ ପଣ୍ଡା, ୮ନଂ ଜୋନ ପର୍ଯ୍ୟବେକ୍ଷକ ସୁବାସ ମହାନ୍ତି, ଅନୁଗୋଳ ଜିଲ୍ଲା ପର୍ଯ୍ୟବେକ୍ଷକ କୁନୁ ବିହାରୀ ଦାସ ପ୍ରମୁଖ ମଂଚାସୀନ ଥିଲେ । ବ୍ଲକ୍ ଅଧକ୍ଷ ରାମକୃଷ୍ଣ ପ୍ରଧାନ,ବିଷ୍ଣୁ ସାହୁ, ଗଗନ ବିହାରୀ ଗଡ଼ନାୟକ, ପାଣ୍ଡବ ସାହୁ, ତ୍ରିନାଥ ବେହେରା, ସତ୍ୟାନନ୍ଦ ଗଡ଼ନାୟକ, ପ୍ରଦୀପ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ପାଲଲହଡା ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ଏବଂ ବିଜୁଜନତା ଦଳର ସରକାରଙ୍କ ଲୋକାଭିମୁଖୀ ଯୋଜନାକୁ ପାଥେୟ କରି ଚଳିତ ସାଧାରଣ ନିର୍ବାଚନ ସାଂସଦ ଓ ବିଧାୟକ ପ୍ରାର୍ଥିଙ୍କୁ ବିପୁଳ ଭୋଟ ବ୍ୟବଧାନ ଜିତାଇବା ପାଇଁ ବୈଠକରେ କର୍ମୀମାନେ ସଂକଳ୍ପ ନେଇଥିଲେ । ଏହି ଅବସରେ ନବୀନ ପଟ୍ଟନାୟକ ଓ ପାଲଲହଡା ବିଧାୟକ ଶ୍ରୀ ପାଳଙ୍କ କାର୍ଯ୍ୟଶୈଳୀରେ ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେପି ଓ କଂଗ୍ରେସର ୨୦୦ରୁ ଅଧିକ କର୍ମୀ ବିଜେଡିରେ ଯୋଗ ଦେଇଥିଲେ। ଏପରିକି ବିରୋଧୀ ଭାଜପା ପ୍ରାର୍ଥୀଙ୍କ ଘୋରୋଇ ପଞ୍ଚାୟତ କୁଲେଇରୁ ସର୍ବାଧିକ ୧ଶହ ଜଣ ବିଜେଡିରେ ଯୋଗଦାନ କରିଛନ୍ତି ।

ସେହି ଭଳି ଶିପୁର , କର୍ଣ୍ଣପାଳ, ଅର୍କିଳ , କୁଲେଇ, ସମଲ ଶରଧାପୁର, ପଂଚାୟତର ବିଜେପି ଓ କଂଗ୍ରେସ କର୍ମୀ ମିଶ୍ରଣ ପର୍ବରେ ସାମିଲ ହୋଇଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ବିଜେଡି କିଭଳି ଭାବେ ସଙ୍ଗଠିତ ହୋଇ ନିର୍ବାଚନ ଲଢ଼ି ବିପୁଳ ଭୋଟ ବ୍ୟବଧାନରେ ବିଜୟୀ ହେବ ତାହାକୁ ନେଇ ଉପସ୍ଥିତ ବରିଷ୍ଠ କାର୍ଯ୍ୟକର୍ତ୍ତା କର୍ମୀ ମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ ।

# ବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ

ତାଳଚେର, (ସବ୍ୟୁ): ଆଜି ପବିତ୍ର ନବ ବର୍ଷ ତଥା ବିଷୁବ ପଣା ସଂକ୍ରାନ୍ତି ଏବଂ ପ୍ରଭୁ ହନୁମାନଙ୍କ ଜୟନ୍ତୀ ତାଳଚେର ସହର ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ବିଶେଷ କରି ହନୁମାନ ମନ୍ଦିର ଏବଂ ବିଭିନ୍ନ ଦେ ଦେବୀ ମନ୍ଦିର ଗୁଡିକରେ ଏହି ଉତ୍ସବ ଧୁମ ଧାମ ର ସହ ପାଳିତ ହୋଇଯାଇଛି। ଏହି ଉତ୍ସବରେ ସହ ସହ ସଂଖ୍ୟକ ମହିଳା ପୁରୁଷ ଠାକୁରଙ୍କୁ ଭକ୍ତି ପୂର୍ଣ୍ଣଭାବେ ପୂଜା ଅର୍ଚ୍ଚନା କରିବା ସହ ଦୀପ ଲଗାଇ ଶୁଭକାମନା ମାନସୀ ଥିଲେ। ଏଥି ସମେତ ବିଭିନ୍ନ ହନୁମାନ ବାଟିକାରେ ହୋମ ଯଂଜ୍ଞ କରି ସମାଜର ମଙ୍ଗଳ କାମନା ଜରିଥିଲେ। ଏହି ଭକ୍ତି ପୂର୍ଣ୍ଣ ଆଧାତ୍ମିକ ଚେତନା ଶୀଳ କାର୍ଯ୍ୟକ୍ରମରେ ସହ ସହ ସଂଖ୍ୟକ ଶ୍ରଦ୍ଧାଳୁ ହନୁମାନ ମନ୍ଦିର ଗୁଡିକରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ପରିଶେଷରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା ।

# ତୁରୁଡାରେ ବିଜେଡିର ମିଶ୍ରଣ ପର୍ବ



ଠାକୁରଗଡ଼, (ସବ୍ୟୁ): ରବିବାର ପବିତ୍ର ମହାବିଷୁବ (ପଣା) ସଂକ୍ରାନ୍ତି ଏବଂ ଓଡ଼ିଆ ନବ ବର୍ଷର ଶୁଭ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଆଠମଲ୍ଲିକ ବିଧାୟକ ପ୍ରାର୍ଥୀ ନଳିନୀ କାନ୍ତ ପ୍ରଧାନ ଆଦର୍ଶ ଓ ବିକାଶ ମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଉରୁକୁଳା ଗ୍ରାମ ପଞ୍ଚାୟତର ସେରେଣ୍ଡା ଏବଂ ପରସୁମାଳ ଗ୍ରାମର ବହୁ ଅନ୍ୟଦଳ କର୍ମୀ ମାନେ ବିଜେଡ଼ିରେ ସାମିଲ ହୋଇଛନ୍ତି ।

ତୁରୁଡ଼ା ସ୍ଥିତ ବିଧାୟକ ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନଙ୍କ ବାସଭବନରେ ବିଦ୍ଧିବଦ୍ଧ ଭାବେ ବିଜୁ ଜନତା ଦଳରେ ଯୋଗଦାନ କରିଛନ୍ତି । ସେମାନଙ୍କୁ ନଳିନୀ ଦଳୀୟ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ଆଗାମୀ ନର୍ବାଚନରେ ବିଜୁ ଜନତା ଦଳର ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଏବଂ ବିଧାୟକ ପ୍ରାର୍ଥୀ ନଳିନୀ କାନ୍ତ ପ୍ରଧାନଙ୍କୁ ବିପୁଳ ପରିମାଣରେ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ଶପଥ ଗ୍ରହଣ କରିଥିଲେ। ବିନୋଦ କୁମାର ବେହେରା, ରତ୍ନାକର ନାୟକ, ବସନ୍ତ ପ୍ରଧାନ, ନାରାୟଣ ନାୟକ, ପୀତବାସ ନାୟକ, ଅରିକ୍ଷିତ ନାୟକ , ପ୍ରଫୁଲ୍ଲ ପ୍ରଧାନ, ଗତିକୃଷ୍ଣ ପ୍ରଧାନ, ଭ୍ରମରବର ସାହୁ, ଅନନ୍ତ ସେନାପତି ଯୋଗଦାନ କରିଥିଲେ। ଏଥିରେ ବିଜେଡ଼ି ନେତା ସନ୍ତୋଷ ପ୍ରଧାନ , ଅଙ୍ଗପଡା ସରପଞ୍ଚ ଜିତେନ୍ଦ୍ର ସାହୁ ଉପସ୍ଥିତ ଥିଲେ ।

# ଅଗ୍ନିଶମ କେନ୍ଦ୍ରଠାରେ ସେବା ସପ୍ତାହ ଦିବସ

କାମାକ୍ଷାନଗର, (ସବ୍ୟୁ): କାମାକ୍ଷାନଗର ଅଗ୍ନିଶମ କେନ୍ଦ୍ର ଠାରେ ଓଡିଶା ଅଗ୍ନିଶମ ଓ ଜରୁରୀ କାଳୀନ ସେବା ସପ୍ତାହ ପାଳନ କରାଯାଇଛି । ଏପ୍ରିଲ ୧୪ ତାରିଖରୁ ଆରମ୍ଭ ହୋଇ ଏପ୍ରିଲ ୨୦ ତାରିଖ ପର୍ଯ୍ୟନ୍ତ ଏହି ସେବା ସପ୍ତାହ ଦିବସ ପାଳନ କରାଯିବ । କାମାକ୍ଷାନଗର ଅଗ୍ନିଶମ କେନ୍ଦ୍ରର ଅଧିକାରୀ କାହ୍ନୁ ଚରଣ ସ୍ୱାଇଁଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅଗ୍ନିଶମ କେନ୍ଦ୍ରର ସମସ୍ତ ବାହାନ ଗୁଡିକୁ ସୁସଜ୍ଜିତ କରାଯାଇ କାମାକ୍ଷାନଗର ସହର ପରିକ୍ରମା କରାଯାଇ ଜନସାଧାରଣ ଙ୍କୁ ସଚେତନତା କରାଯାଇଥିଲା । ପରେ ଜିରିଡାମାଳି ସ୍ଥିତ ଅଗ୍ନିଶମ କେନ୍ଦ୍ର ଠାରେ କର୍ତ୍ତବ୍ୟ ପାଳନ କରି ସହିଦ ହୋଇଥିବା ଆଗ୍ନିକ ମାନଙ୍କ ଉଦେଶ୍ୟରେ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା । କାମାକ୍ଷାନଗର ଅଗ୍ନିଶମକେନ୍ଦ୍ରର ଏଲଏଫଏମ ଶ୍ରୀକାନ୍ତ ବଳବନ୍ତରାୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଏଲଏଫଏମ ଅଶୋକ କୁମାର ସାହୁ, ରାଜୀବ ଲୋଚନ ସାହୁ, ଅଜିତ ସେଠୀ, ଅଗ୍ନିକ ରାକେଶ ପଣ୍ଡା, ବୁନୁଜ ବେହେରା, ପ୍ରଣତ ହୋତା, ଗୁରୁଚରଣ ସାହୁ, ରାଜେନ୍ଦ୍ର ନନ୍ଦ, ଶୁଭେନ୍ଦୁ ମାଝୀ, ଅଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



# ଏନଟିପିସି କଣିହାଁରେ ଅଗ୍ନିଶମ ସେବା ସପ୍ତାହ ସମାରୋହ



ସାଉଥବଲଣ୍ଡା, (ସବ୍ୟୁ): ଏନଟିପିସି କଣିହାଁ ସିଆଇଏସଏଫ ୟୁନିଟ ଦ୍ୱାରା ଅଗ୍ନିଶମ ସେବା ସପ୍ତାହ ସମାରୋହ ଆରମ୍ଭ ହୋଇଛି । ଏପ୍ରିଲ ୧୪ରୁ ଏପ୍ରିଲ ୨୦ତାରିଖ ଯାଏଁ ଅନୁଷ୍ଠିତ ହେବାକୁ ଥିବା ଏହି ସମାରୋହକୁ ଏନଟିପିସି କଣିହାଁ ପ୍ରକଳ୍ପ ମୁଖ୍ୟ ଅଶୋକ କୁମାର ସେହଗଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍ଘାଟନ କରିଥିଲେ । ଏହି ସମାରୋହରେ ମହାପ୍ରବନ୍ଧକ ଏସ ରାମାକ୍ରିଷ୍ଣା, ଏ.ଜେ. ରାଜକୁମାର,ପ୍ରକାଶ କୁମାର, ଏଜିଏମ(ଏଚଆର ପ୍ରମୁଖ, ନବନୀତ କୁମାର, ପ୍ରାଚାର୍ଯ୍ୟ (ଡିଏଭି) ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ତଥା କର୍ମଚାରୀଗଣ, ସିଆଇଏସଏଫ ର ନିରୀକ୍ଷକ ସୁନୀଲ କୁମାର,ବି ବିଶ୍ୱାଳ ଏବଂ ଅନ୍ୟ ଅଧିକାରୀ ଓ ଜବାନମାନେ ଉପସ୍ଥିତ ଥିଲେ । ଏହାପରେ ଉପ କମାଣ୍ଡାଣ୍ଟ ବ୍ରିଜମୋହନ ସିଂହ ସମସ୍ତ ଅତିଥିଙ୍କୁ ସ୍ୱାଗତ କରିବାସହ ନିଜ ବକ୍ତବ୍ୟରେ ଅଗ୍ନିଶମ ସେବା ଦିବସ ଏବଂ ସପ୍ତାହ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ପ୍ରକାଶ କରିଥିଲେ । ଏଥିସହିତ ଅଗ୍ନିଶମ ସପ୍ତାହ ଅବସରରେ ଆୟୋଜିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ଏହାପରେ ମୁଖ୍ୟ ଅତିଥି ଏବଂ ଅନ୍ୟ ଅତିଥିଗଣ ଅଗ୍ନି ପ୍ରଶମନ ଅବସରରେ ପ୍ରାଣବଳୀ ଦେଇଥିବା ଅଗ୍ନିଶମ କର୍ମଚାରୀଙ୍କ ସ୍ମରଣରେ ସହୀଦ ସ୍ମାରକ ସ୍ତମ୍ଭରେ ଶ୍ରଦ୍ଧାଳୀ ଅର୍ପଣ କରାଯାଇଥିଲା । ତତ୍ ପଶ୍ଚାତ୍ ସହୀଦମାନଙ୍କ ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏହାପରେ ମୁଖ୍ୟ ଅତିଥି ମହୋଦୟଙ୍କ ଦ୍ୱାରା ଅଭିଭାଷଣ ଜରିଆରେ ଉପସ୍ଥିତ ସମସ୍ତ ଜନସାଧାରଣଙ୍କୁ ନିଆଁ ଠାରୁ ସଜାଗ ରହିବା ନିମନ୍ତେ ଶପଥ ଦିଆଯାଇଥିଲା। ତଥା ଅଗ୍ନିରୁ ବଂଚିବା ଓ ରୋକିବା ସମ୍ବନ୍ଧୀୟ ଏକ ସଚେତନତା ପତ୍ର ଉନ୍ମୋଚନ କରାଯାଇଥିଲା ।

ପ୍ରତ୍ୟେକ ବର୍ଷ ଦେଶରେ ଅଗ୍ନି ସଂଯୋଗ ଜନିତ ଦୁର୍ଘଟଣା ବୃଦ୍ଧି ପାଉଛି, ଏଥିପାଇଁ ସମସ୍ତ ଜନସାଧାରଣ ନିଆଁ ପ୍ରତି ସଜାଗ ଏବଂ ସତର୍କ ରହିବା ଆବଶ୍ୟକ ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ । ଶେଷରେ ମୁଖ୍ୟ ଅତିଥି ସିଆଇଏସଏଫ ଜବାନମାନଙ୍କ କର୍ତବ୍ୟପରାୟଣତା ଏବଂ ସାହସିକତାର ଭୂୟସୀ ପ୍ରଶଂସା କରିଥିଲେ । ତଦ୍ ପରେ ସହାୟକ କମାଣ୍ଡାଣ୍ଟ ଅଗ୍ନି ଶ୍ରୀ ପ୍ରେମଚାନ୍ଦ ଶର୍ମା ନିଜର ସମାପନ ଭାଷଣରେ ମୁଖ୍ୟ ଅତିଥି ଏବଂ ଉପସ୍ଥିତ ସମସ୍ତ ଅତିଥିମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଭାତ ଫେରି ନିମନ୍ତେ ଏକ ଫାୟାର କ୍ୱ କୁ ଫାୟାର ଟେଣ୍ଡର ସହିତ ସବୁଜ ପତାକା ଦେଖାଇ କଣିହାଁ ଏବଂ ଟାଉନସିପକୁ ପ୍ରତ୍ୟାବର୍ତନ କରାଯାଇଥିଲା ।

# ମହାବୀର ପୂଜା କମିଟି ପକ୍ଷରୁ ମହାବୀର ଜୟନ୍ତୀ

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ସହର ମହାବୀର ବଜାରସ୍ଥିତ ମହାବୀର ପୂଜାକମିଟି ତରଫରୁ ମହାବୀର ଜୟନ୍ତୀ ଓ ପଣାସଂକ୍ରାନ୍ତି ମହାସମାରୋହରେ ପାଳନ କରାଯାଇଅଛି । ସକାଳୁ ନୀତିକାନ୍ତିରେ ପୂଜା ଚାଲୁରହିଥିଲା ବେଳେ ଟଙ୍କ ତୋରାଣୀର ବ୍ୟବସ୍ଥା ହୋଇଥିଲା । ମଧ୍ୟାହ୍ନରେ ହୋମଯଜ୍ଞ ସହିତ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ପ୍ରସାଦସେବନ କରିଥିଲେ । ସଂଧ୍ୟାରେ ପଣା ବ୍ୟବସ୍ଥା ସହ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ସଭାପତି ରଞ୍ଜନ କୁମାର ସାହୁ, ଲକ୍ଷ୍ମୀପୂଜା କମିଟି ସଭାପତି ଦୀପକ ପ୍ରସାଦ ପଟ୍ଟନାୟକ, କରୁଣାକର ଦଲେଇ, ରାକେଶ ପଟ୍ଟନାୟକ, ରବିନାରାୟଣ ଖୁଂଟିଆ ପ୍ରମୁଖଙ୍କ ସହିତ ସମସ୍ତ ସଦସ୍ୟ ଉକ୍ତ ପୂଜାକୁ ସୁଚାରୁ ରୂପେ ପରିଚାଳନା କରିଥିଲେ ।

# ମହାବିଷୁବ ସଂକ୍ରାନ୍ତିରେ ବିଜେଡିର ମିଶ୍ରଣ ପର୍ବ

ଢେଙ୍କାନାଳ, (ସବ୍ୟୁ): ମହାବିଷୁବ ପଣା ସଂକ୍ରାନ୍ତି ଦିନ ବିଜେଡ଼ି ସାଧାରଣ ସଂପାଦକ ଦେବାଶିଷ ମିଶ୍ରଙ୍କ ବାସଭବନ ଠାରେ ବିଜୁ ଜନତା ଦଳର ଏକ ମିଶ୍ରଣ ପର୍ବ ବିଧାୟକ ସୁଧିର ସାମଲଙ୍କ ନେତୃତ୍ୱ ରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ପ୍ରଗତିଶୀଳ ଓଡ଼ିଶା ଓ ପ୍ରତ୍ୟେକ ଓଡ଼ିଆ ଙ୍କ ଉନ୍ନତି ର କାର୍ଯ୍ୟ କୁ ପ୍ରସଂଶା କରି ଏବଂ ବିଧାୟକ ଶ୍ରୀ ସାମଲ ଙ୍କ ନେତୃତ୍ୱ କୁ ସମର୍ଥନ ଜଣାଇ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ତଥା ବିଜେପି ର ବରିଷ୍ଟ ନେତା ସଦାନନ୍ଦ ସାହୁ ଓ ତାଙ୍କ ଅନେକ ସମର୍ଥକ ବିଜେପି ପରିତ୍ୟାଗ କରି ବିଜୁ ଜନତା ଦଳରେ ସାମିଲ୍ ହେଇଛନ୍ତି । ବିଧାୟକ ଶ୍ରୀ ସାମଲ ଶ୍ରୀ ସାହୁ ଙ୍କୁ ବିଜେଡ଼ି ଦଳର ଉତରୀୟ ପ୍ରଦାନ କରି ଦଳ କୁ ସ୍ୱାଗତ କରିଥିଲେ । ଆଗାମୀ ଦିନରେ ବିଜେଡ଼ି ଦଳ କୁ ଆହୁରି ସଙ୍ଗଠିତ କରି ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବା ଏବଂ ଢେଙ୍କାନାଳ ସଂସଦୀୟ କ୍ଷେତ୍ରର ବିଜେଡ଼ି ସାଂସଦ ପ୍ରାର୍ଥୀ ଓ ସମସ୍ତ ବିଧାୟକ ପ୍ରାର୍ଥୀ ଙ୍କୁ ବିଜୟ କରିବା ପାଇଁ ଶ୍ରୀ ସାହୁ ଓ ତାଙ୍କ ସମର୍ଥକ ମାନେ ସଂକଳ୍ପ ନେଇଥିଲେ । କାର୍ଯ୍ୟକ୍ରମ ରେ ଉପ ନଗରପାଳ ପ୍ରକାଶ କୁଅଁର ଛାତ୍ର ସଭାପତି ସୁରଜ ମହାପାତ୍ର, କାଉନ୍‌ସିଲର ଅଭିମନ୍ୟୁ ପଣ୍ଡା, ଦୀପ୍ତି ରଞ୍ଜନ ସେଠୀ, ମିଲି ସାହୁ, ଯୁବ ନେତା ବୁବୁଲୀ ଧଳ, ବୀରବର ସାହୁ, କିଶାନ ମହାନ୍ତି, ଓଁ କାର ପାଣ୍ଡେ, ନିରାକାର ରାଉତ, ପୂର୍ବତନ କାଉନସିଲର ଅନୁଷୟା ଦଳେଇ, ମୁକ୍ତଦେଇପୁର କ୍ଲବ୍‌ର ସଭାପତି, ସମ୍ପାଦକ ଓ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ ।

# ଟ୍ରାକ୍ଟର ଡାଲା ତଳେ ଚାପି ହୋଇ ଗର୍ଭବତୀ ମୃତ, ବର୍ତ୍ତିଗଲା ୫ ବର୍ଷର ପୁଅ

ଠାକୁରମୁଣ୍ଡା, (ସବ୍ୟୁ) : ମୟୂରଭଂଜ ଜିଲ୍ଲା ମହୁଲଡ଼ିହା ଥାନା ଅନ୍ତର୍ଗତ ଜରକ ଗ୍ରାମପଞ୍ଚାୟତର ମୁଳାପାଳ ଗ୍ରାମରେ ଶନିବାର ଦିନ ଟ୍ରାକ୍ଟର ଓଲଟି ଜଣେ ଗର୍ଭବତୀ ମହିଳାଙ୍କ ମୃତ୍ୟୁ ହୋଇଛି। ଏହି ଘଟଣାରେ ମହିଳାଙ୍କ ୫ ବର୍ଷ ବୟସର ନାବାଳକ ପୁଅ ବର୍ତ୍ତି ଯାଇଛି। ମୃତ ମହିଳା ହେଲେ ଯମୁନା ସଏ (୨୫)।ଘଟଣାରୁ ପ୍ରକାଶଯେ, ଶନିବାର ଦିନ ପଞ୍ଚାୟତ କାର୍ଯ୍ୟାଳୟରୁ ନିଜ ନିଜର ଚାଉଳ ନେଇ ଲୋକମାନେ ଏକ ଟ୍ରାକ୍ଟରରେ ମୁଳାପାଳ ଫେରୁଥିଲେ। ମୁଳାପାଳ ଗ୍ରାମରେ ମା ବାସୁଳିଙ୍କ ମୂଳପୀଠ ଥିବାରୁ ସେଠାରେ ପ୍ରତିବର୍ଷ ଜାଗର ଓ ସଂକ୍ରାନ୍ତିରେ ପୂଜାର ଆୟୋଜନ ହୋଇଥାଏ। କେତେଜଣ ମହିଳା ପୂଜା କରିବାକୁ ସେଠାକୁ ଯିବା ପାଇଁ ଟ୍ରାକ୍ଟରରେ ଉଠିଥିଲେ। ସମସ୍ତେ ଡାଲାରେ ଚାଉଳ ବସ୍ତା ଉପରେ ବସିଥିଲେ।ମାତ୍ର ମୁଳାପାଳ ସ୍କୁଲ ଆଗକୁ ଗାଁ ନିକଟରେ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଟ୍ରାକ୍ଟରଟି ହଠାତ ଓଲଟି ପଡ଼ିଥିଲା। ଯମୁନା ସଏ ଟ୍ରାକ୍ଟର ଡାଲାରେ ଚାପି ହୋଇ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ଯମୁନାଙ୍କର ଗୋଟିଏ ପୁଅ ବାଦଲ ସଏ (୫) ଥିବାବେଳେ ସେ ଗର୍ଭବତୀ ଥିଲେ। ଟ୍ରାକ୍ଟର ଓଲଟିବା ବେଳେ ଅନ୍ୟମାନଙ୍କ ସହିତ ବାଦଲ ଛିଟିକି ସାମାନ୍ୟ ଆହତ ହୋଇଥିଲା।ମହୁଲଡ଼ିହା ଥାନା ଅଧିକାରୀ ଅଶୋକ କୁମାର ପହି ଓ ପୁଲିସ ଟିମ ଘଟଣାସ୍ଥଳରେ ପହଞ୍ଚି ଟ୍ରାକ୍ଟର ଜବତ କରିଛନ୍ତି। ଶବ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିବା ସହିତ ବ୍ୟବଚ୍ଛେଦ ପାଇଁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିବା ଜଣାପଡ଼ିଛି। ପୁଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ୟପଟରେ ଟ୍ରାକ୍ଟର ଚାଳକ ଫେରାର ଅଛି। ଯମୁନାଙ୍କ ମୃତ୍ୟୁରେ ଗ୍ରାମରେ ଶୋକ ପ୍ରକାଶ ପାଇଛି।

# ତାରିଣୀ ପୀଠରେ ମହାବିଷୁବ ସଂକ୍ରାନ୍ତି : ସୁନାବେଶ ଦେଖିବାକୁ ଭକ୍ତଙ୍କ ଭିଡ଼

ଘଟଗାଁ,(ସବ୍ୟୁ) :କେନ୍ଦୁଝର ଜିଲ୍ଲା। ଅଧିଷ୍ଠାତ୍ରୀ ଦେବୀ ମା ତାରିଣୀଙ୍କ ପିଠ ଘଟଗାଁ । ମାତାରିଣୀଙ୍କ ମୁଖ୍ୟ ଚଇତି ପର୍ବରେ ପଣାସଂକ୍ରାନ୍ତି ଦିନଟି ପର୍ବର ମୁଖ୍ୟ ଦିନଭାବେ ପାଳିତ ହୋଇଥାଏ। ଏହି ଅବସରରେ ଆଜି ସକାଳ ୪ ଘଟିକାରୁ ଦେହୁରୀ ମାନେ ମାଙ୍କୁ କ୍ଷୀର, ଲହୁଣୀ, ହଳଦି, ଚୁଆ, ଚନ୍ଦନ, ମହୁ ଆଦି ଲେପନ କରି ମାଜଣା କରିବା ପରେ ମାଙ୍କ ସ୍ନାନ କାର୍ଯ୍ୟ ସମାପନ କରିଥିଲେ ।ପରେ ପରେ ମାଙ୍କୁ ସୁନା ଅଂଳଙ୍କାରରେ ସଜ୍ଜିତ କରି ମାଙ୍କୁ ସୁନା ବେଶ କରାଇଛନ୍ତି । ଧୂପ, ଦୀପ, ନୈବ୍ୟଦ, ଶଂଙ୍ଖ, ଘଂଟ ଧ୍ୱନୀ ସହ ମାଙ୍କ ସକାଳ ଆଳତୀ ହୋଇଛି। ଏହାପରେ ସକାଳ ୫ଘଟିକା ଠାରୁ ମା ତାରିଣୀଙ୍କ ଦର୍ଶନ କରିବା ମନ୍ଦିର ଭିତରକୁ ଭକ୍ତ ମାନଙ୍କ ସୁଅ ଛୁଟିଥିଲା । ଭକ୍ତ ମାନେ ଆଣିଥିବା ଭୋଗ ଦେହୁରୀ ମାନଙ୍କ ଦ୍ୱାରା ମାଙ୍କ ପାଖରେ ଅର୍ପିତ ହେବା ସହ ଦିନ ୧୦ ଘଟିକରେ ମାଙ୍କ ଶୁକ୍ଖୁଡି ଭୋଗ ହୋଇଥିଲା । ଦିନ ଗୋଟାଏରେ ମନ୍ଦିର ପହଡ ପଡିବା ପରେ କିଛି ସମସ୍ୟ ପାଇଁ ଦର୍ଶନ ବନ୍ଦ ରହିଥିଲା । ପୁଣି ସାଢ଼େ ୩ଟାରେ ମନ୍ଦିର ଖୋଲିବା ପରେ ଭକ୍ତମାନେ ମାଙ୍କ ଦର୍ଶନ ପାଇଥିଲେ। ସନ୍ଧ୍ୟା ୫ ଘଟିକରେ ମାଙ୍କୁ ଚକୁଳି ଭୋଗ ଲାଗି କରାଯାଇଥିଲା। ଲାକ୍ଷାଧିକ ଭକ୍ତଙ୍କ ଭିଡକୁ ଆଖି ଆଗରେ ରଖି ଜିଲ୍ଲା ପ୍ରଶାସନ ଓ ମନ୍ଦିର କର୍ତ୍ତୃପକ୍ଷ ତରଫରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଭକ୍ତ ମାନେ ଶାନ୍ତି ଶୃଙ୍ଖଳାରେ ମନ୍ଦିରରେ ପ୍ରବେଶ ପାଇଁ ବ୍ୟାରିଗେଟ ଦ୍ୱାରା ୧୧ଟି ଲାଇନ କରାଯାଇ ଥିବା ବେଳେ ଭୋଗ ଲଗାଇବା ଦର୍ଶନ ପାଇଁ ଭିନ୍ନ ଭିନ୍ନ ଲାଇନ ବ୍ୟବସ୍ଥା କରାଯାଇଛି ।ଛ ଏଥି ସହିତ ଶାନ୍ତି ଶୃଙ୍ଖଳା ରକ୍ଷା ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ବ୍ୟାପକ ପୋଲିସ ନିୟୋଜିତ ହୋଇଥିବା ବେଳେ ବିଭିନ୍ନ ସ୍ୱେଚ୍ଛାସେବୀ ମାନେ ସହଯୋଗ କରିଥିଲେ। ଚଇତି ପର୍ବ ଅବସରରେ ବିଭିନ୍ନ ଅଂଚଳର ସ୍ରଦ୍ଧାଳୁଙ୍କ ସହେଯାଗରେ ମଗଣାରେ ୭ଦିନ ଧରି ଅନ୍ନ ପ୍ରସାଦ ବଂଟନ କରାଯାଉଥିବା ସ୍ଥାନରେ ଭକ୍ତ ମାନଙ୍କ ଲମ୍ବା ଧାଡି ଥିବା ବେଳେ ମାଙ୍କ ପ୍ରିୟ ପଣା ପାଇବା ପାଇଁ ଭକ୍ତ ମାନଙ୍କ ଭିଡ ଦେଖାଯାଇଥିଲା। ପ୍ରବଳ ଖରା ସହ ଭିଡରେ ଅଂଶୁଘାତର ପ୍ରତିକାର ପାଇଁ ମନ୍ଦିର ପରିସରରେ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଏକ ଅସ୍ଥାୟୀ ଆଶୁ ଚିକିତ୍ସାକେନ୍ଦ୍ର ଖୋଲା ଯାଇଥିଲା।ଜରୁରୀ କାଳିନ ସେବା ପାଇଁ ଅମ୍ବୁଲାନସ୍ ବ୍ୟବସ୍ଥା କରାଯାଥିବା ବେଳେ ଜରୁରୀ କାଳୀନ ପରିସ୍ଥିତି ପାଇଁ ଅଗ୍ନିଶମ ବିଭାଗର ଏକ ଦମକଳ ସହ କର୍ମଚାରୀ ମାନେ ନିୟୋଜିତ ହୋଇଥିଲେ । ଏହା ସହିତ ସେ୍ୱଚ୍ଛାସେବୀ ଦ୍ୱାରା ଭକ୍ତ ମାନଙ୍କ ଉପରେ ପାଣି ସିଂଚନ କରାଯାଇଥିଲା । ମା'ତାରିଣୀଙ୍କ ମହିମା ସମୟାନୁକ୍ରମେ ରାଜ୍ୟ ତଥା ରାଜ୍ୟ ବାହରେ ପ୍ରଚାରିତ ହେବା ସହ ଦେଶର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ଏକ ଲକ୍ଷରୁ ଉର୍ଦ୍ଧ ଭକ୍ତ ଘଟଗାଁରେ ରବିବାର ଦିନ ମାଙ୍କ ସୁନା ବେଶ ଦର୍ଶନ ଲାଭ କରିଛନ୍ତି ।

# ସମୁଦ୍ରକୁ ଯିବା ପାଇଁ ମତ୍ସ୍ୟଜୀବୀଙ୍କ ଉପରେ ଲାଗିଲା କଟକଣା

ବାସୁଦେବପୁର,(ସବ୍ୟୁ):ସାମୁଦ୍ରିକ ଜୀବର ବଂଶ ବୃଦ୍ଧି ପାଇଁ ଓଡିଶା ସରକାରଙ୍କ ସାମୁଦ୍ରିକ ମତ୍ସ୍ୟ ବିଭାଗ ପକ୍ଷରୁ ସମୁଦ୍ର ମଧ୍ୟକୁ ଦୁଇ ମାସ (୬୧ ଦିନ)ପାଇଁ ମାଛ ମାରିବା କଟକଣା ଲାଗୁ କରିଥିବାରୁ ମତ୍ସ୍ୟଜୀବିମାନଙ୍କୁ ସମୁଦ୍ରକୁ ଯିବାକୁ ମନା ହୋଇଛି। ଦୁଇ ମାସ ପାଇଁ ଜୀବିକା ହରାଉଥିବା ମତ୍ସ୍ୟଜୀବିମାନେ ଏବେ ଚିନ୍ତାରେ ପଡି ଯାଇଛନ୍ତି। ବାସୁଦେବପୁର ବ୍ଲକ ଉପକୂଳ ଅଂଚଳରେ ଅବସ୍ଥିତ ହୋଇଥିବାରୁ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବେ ହଜାର ହଜାର ମତ୍ସ୍ୟଜୀବି ପରିବାର ସମୁଦ୍ର ଉପରେ ନିର୍ଭର କରି ଜୀବିକା ନିର୍ବାହ କରନ୍ତି। ବାସୁଦେବପୁର ବ୍ଲକର ଚୂଡାମଣୀ,କସିଆ,ଅଢୁଆଁ ଓ ପଡୁଆଁ ଠାରେ ରହିଛି ମାଛଧରା ଜେଠି। ଏହି ଜେଠିରେ ଟ୍ରଲର-୬୪,ଭୁଟୁଭୁଟି-୨୫୩,ଗିଲ୍‌ନେଟ-୪୩ ଓ ଡଙ୍ଗା ୪୨ଗୋଟି ଚାଲୁଛି। ଯେଉଁଥିରେ ପ୍ରତିଦିନ ହଜାର ହଜାର ମତ୍ସ୍ୟଜୀବୀ ଜୀବିକା ନିର୍ବାହ କରନ୍ତି। ଜେଠିମାନଙ୍କରୁ ପ୍ରତିଦିନ ସାମୁଦ୍ରିକ ମାଛ ବିଭିନ୍ନ ସ୍ଥାନୀୟ ବଜାରକୁ ବିକ୍ରୀ ପାଇଁ ନେବା ସହିତ କୋଲକତାକୁ ରପ୍ତାନି ହୁଏ। ସାମୁଦ୍ରିକ ମାଛମାନଙ୍କର ବଂଶ ବୃଦ୍ଧି ପାଇଁ ସମୁଦ୍ର ମଧ୍ୟରେ ମାଛ ଧରିବାକୁ ନିଷେଧ କରାଯାଇ ସରକାରଙ୍କ ପକ୍ଷରୁ ଅପ୍ରେଲ ୧୫ ତାରିଖରୁ ୧୪ ଜୁନ୍ ପର୍ଯ୍ୟନ୍ତ ୬୧ ଦିନ ପର୍ଯ୍ୟନ୍ତ କଟକଣା ଲାଗିଛି। ମତ୍ସ୍ୟ ବିଭାଗ ପକ୍ଷରୁ ଏକ ଡାକବାଜି ଯନ୍ତ୍ର ସାହାର୍ଯ୍ୟରେ ମତ୍ସ୍ୟଜିବୀମାନଙ୍କୁ ଜଣାଇ ଦେଇଛନ୍ତି ସହକାରୀ ମତ୍ସ୍ୟ ଅଧିକାରୀ ଜଗଦିଶ୍ ବାରିକ।

# ବାଲିଖଣ୍ଡରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ସିମୁଳିଆ,(ସବ୍ୟୁ) :ବାଲିଖଣ୍ଡ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଅନ୍ତିମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ବସନ୍ତ କୁମାର ବେହେରାଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥିଭାବେ ଗୋପାଳପୁର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ରମାକାନ୍ତ ସାହୁ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟବକ୍ତାଭାବେ ମହାବିଦ୍ୟାଳୟର ରାଜନୀତି



ବିଜ୍ଞାନ ଅଧ୍ୟାପକ ରମେଶ ଚନ୍ଦ୍ର ପଣ୍ଡା,ଡଃ ପ୍ରଭାତୀଲତା ଦାସ, ଅଧ୍ୟାପିକା ସସ୍ମିତା ନାୟକ, ଶଶିକାନ୍ତ ନାୟକ,ଶିକ୍ଷା ବିଭାଗର ଅଧ୍ୟାପିକା ଗୀତାଞ୍ଜଳୀ ପରିଡା,ଅଧ୍ୟାପକ ନିରୋଦ ଜେନା,ଗ୍ରନ୍ଥାଗାରିକ ଚକ୍ରଧର ନାୟକ ପ୍ରମୁଖ ମଞ୍ଚାସୀନ ହୋଇଥିଲେ । ଏହି ଅବସରରେ ଅନ୍ତିମ ବର୍ଷର ଛାତ୍ରଛାତ୍ରୀଙ୍କୁ ଫୁଲତୋଡା ଓ ଚନ୍ଦନ ଦେଇ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ପାଇଁ ଜଗନ୍ନାଥଙ୍କଠାରେ ପ୍ରାର୍ଥନା କରିଥିଲେ। ଶେଷରେ ଛାତ୍ରୀ ମନିଷା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାସ୍ତରୀୟ ଆମ୍ବେଦକର ଜୟନ୍ତୀ

ବାଲେଶ୍ୱର (ସବ୍ୟୁ) :୧ଆଦର୍ଶ ଆଚରଣ ବିଧି ଅନୁପାଳନ କରିବା ସହ ରବିବାର ପୂର୍ବାହ୍ନ ସମୟରେ ସ୍ଥାନୀୟ ସଦ୍‌ଭାବନା ଗୃହରେ ଭାରତର ସମ୍ବିଧାନ ପ୍ରଣେତା, ଭାରତ ରତ୍ନ ବାବାସାହେବ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ୧୩୩ତମ ଜୟନ୍ତୀ ପାଳିତ ହୋଇଯାଇଛି । ଜିଲ୍ଲାପାଳ ଆଶିଷ ଠାକରେ ଏହି ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଡଃ ଆମ୍ବେଦ କରଙ୍କ ଆଦର୍ଶ ଓ ଶିକ୍ଷାକୁ ଆମେ ବାସ୍ତବ ଜୀବନରେ କାର୍ଯ୍ୟରେ ଲଗାଇବାକୁ ପରାମର୍ଶ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ବିଶିଷ୍ଟ ଅତିଥିଭାବେ ଯୋଗଦେଇଥିବା ବେଳେ ଅନ୍ୟତମ ଅତିରିକ୍ତ ଜିଲ୍ଲାପାଳ ଶୁଭଶ୍ରୀ ରଥ ନିମନ୍ତ୍ରୀତ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ସଭା ପ୍ରାରମ୍ଭରେ ଆମ୍ବେଦକରଙ୍କ ଫଟୋ ଚିତ୍ରରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିବା ବେଳେ ଏହା ପୂର୍ବରୁ ପୂର୍ବାହ୍ନ ୮.୩୦ମିନିଟ ସମୟରେ ପୁଲିସ ଲାଇନ ଛକସ୍ଥିତ ଡକ୍ଟର ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପ୍ରଶାସନ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତ କାର୍ଯ୍ୟକ୍ରମର ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟରେ ସମସ୍ତ କର୍ମଚାରୀମାନେ ସହଯୋଗ କରିଥିଲେ ।

# ଚୋରାମଦ କାରବାରରେ ବାଲେଶ୍ୱର ଜିଲ୍ଲା ଏକ ନମ୍ବର ବୈଠକରେ ଉଦ୍‌ବେଗ

ବାଲେଶ୍ୱର, (ସବ୍ୟୁ) : ୧ ମିଳିତ ନିଶା ନିବାରଣ ଅଭିଯାନ, ବାଲେଶ୍ୱରର ମାସିକ ବୈଠକ ନେଳିଆବାଗ ସ୍ଥିତ କାର୍ଯ୍ୟାଳୟରେ ଆଇନଜୀବୀ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବୈଠକ ଆରମ୍ଭରେ ସାଧାରଣ ସଂପାଦିକା ମମତା ମହାପାତ୍ର ଓଡ଼ିଶାରେ ବାଲେଶ୍ୱର ଜିଲ୍ଲା ଚୋରା ମଦ କାରବାରରେ ଏକ ନମ୍ବର ହୋଇଥିବା ପ୍ରକାଶିତ ଖବରକାଗଜର ସମ୍ବାଦ ପାଠ କରିଥିଲେ । ଏଥି ସହିତ ନିଶାର ମାମଲା ସାଂଘାତିକ ଭାବେ ବୃଦ୍ଧି ପାଇବା ସାଙ୍ଗକୁ ମାମଲାରେ ସରକାରୀ କଳର ଦୁର୍ବଳତା ବିଷୟରେ ସଦସ୍ୟ ନିରଞ୍ଜନ ପରିଡ଼ା ଏକ କରୁଣ ଚିତ୍ର ଉପସ୍ଥାପିତ କରି ସରକାରୀ କଳର ଦୁର୍ବଳତାକୁ ସମାଲୋଚନା କରିଥିଲେ । ଉପଦେଷ୍ଟା ସୁବ୍ରତ କରଙ୍କ ପରାମର୍ଶ କ୍ରମେ ନିର୍ବାଚନ ସମୟରେ ଚୋରାମଦ କାରବାରର କଡ଼ାକଡ଼ି ଧରପଗଡ଼ ପାଇଁ ରାଜ୍ୟ ନିର୍ବାଚନ ମୁଖ୍ୟ ଅଧିକାରୀଙ୍କୁ ଚିଠି ଲେଖିବାକୁ ସ୍ଥିର କରାଯାଇଥିଲା । ଉତ୍ତର ବାଲେଶ୍ୱରର ଜଳେଶ୍ୱରରେ ମନା ପକ୍ଷରୁ ଚୋରାମଦ ଓ ଧଳାଜହର କାରବାରରେ ସଂପୃକ୍ତ ବ୍ୟକ୍ତିମାନଙ୍କୁ ଧରପଗଡ଼ କରିବା ପାଇଁ ବ୍ଲକ କମିଟିଗୁଡ଼ିକୁ କ୍ରିୟାଶୀଳ କରାଯିବାକୁ ସ୍ଥିର କରାଗଲା । ବୈଠକରେ ଡ. କେଶବ ଚରଣ ପଣ୍ଡା, ରବିନାରାୟଣ ଭୋଳ, ମୀନା ସେଠୀ, କମଳାକାନ୍ତ ଦାଶ, ସନାତନ ଦାସ, କୁମୁଦ ରଞ୍ଜନ ଗିରି, ପ୍ରସନ୍ନ ପାଢ଼ୀ, ପ୍ରଭାକର ସାହୁ(ଖ),ଶଚୀନ୍ଦ୍ର ଦାସ,ଲକ୍ଷ୍ମୀପ୍ରିୟା ଜେନା, ସୀତାରାମ ପ୍ରଧାନ, ବୀରେନ୍ଦ୍ର ନାରାୟଣ ପ୍ରହରାଜ, ଡ. କ୍ଷିତୀଶ୍ୱର ଦାଶ, ପ୍ରଫୁଲ୍ଲ କୁମାର ଦାସ ଓ ବସନ୍ତ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ବେଣୁଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଘରେ କଳାକନା ବୁଲାଇଲେ ଚୋର

ଟିହିଡି,(ସବ୍ୟୁ):ଘରେ କେହିନଥିବା ବେଳେ ସବୁକିଛି ଲୁଟି ନେଇଛନ୍ତି ଚୋର। ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥ ନିକଟସ୍ଥ ଶରତ କୁମାର ପଣ୍ଡାଙ୍କ ଘରୁ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଚୋର ମାନେ ଆସବାବପତ୍ର ସମେତ ଅଳଙ୍କାର, ନଗଦ ଟଙ୍କା ଏପରିକି ପିଲାଙ୍କ ଖେଳନା ପର୍ଯ୍ୟନ୍ତ ଲୁଟି ନେଇଛନ୍ତି। ଚୋର ମାନେ ଘରେ ଥିବା ୬ଟି ଆଲମିରା ଭାଙ୍ଗିବା ସହିତ ୮ଟି ତାଲା ଭାଙ୍ଗିଛନ୍ତି। ସେମାନେ ଘରର ମୁଖ୍ୟ ଫାଟକ ନଭାଙ୍ଗି ବାଡ ଡେଇଁବା ପରେ ମୁଖ୍ୟ ଦ୍ୱାରର ତାଲା ଭାଙ୍ଗି ଓ ପ୍ରାୟ ୪ଟି ଗୃହର ତାଲା ଭାଙ୍ଗି ଚୋରି କରିଛନ୍ତି। ସେହିପରି ଚୋରିର ପ୍ରମାଣ ନଷ୍ଟ କରିବା ଲାଗି ସିସିଟିଭି ଫୁଟେଜ୍ ମେସିନକୁ ଭାଙ୍ଗି ନେଇଯାଇଛନ୍ତି ଚୋର ମାନେ । ଶରତ ତାଙ୍କ ପରିବାର ସହ କୋଲକାତାରେ ରୁହଁନ୍ତି। ୧୩ ତାରିଖ ସକାଳେ ଆସି ଦେଖନ୍ତିତ ଏପରି ଚୋରି ହୋଇଛି। ଏନେଇ ସେ ପୀରହାଟ ଥାନାରେ ଏତଲା ଦେବା ସହିତ ଅଭିଯୁକ୍ତମାନଙ୍କୁ ଧରିବା ଲାଗି ଦାବି କରିଛନ୍ତି। ପ୍ରାଥମିକ ସ୍ତରରେ ପୋଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ସନ୍ଧାନୀ କୁକୁର ଜରିଆରେ ଅଧିକ ତଦନ୍ତ କରାଯିବ ବୋଲି ସୂଚନା ମିଳିଛି।

# ପିସି ଉଚ୍ଚ ବିଦ୍ୟାଳୟରୁ ଚୋରି

ଦୋବଲ,(ସବ୍ୟୁ):ଧାମନଗର ଥାନା କରଦା ପଂଚାୟତ ସ୍ଥିତ ପିସି ଉଚ୍ଚ ବିଦ୍ୟାଳୟ ଓ କରଦା ନୋଡାଲ ବିଦ୍ୟାଳୟ ତାଲା ଭାଙ୍ଗିଯିବା ସହ ଅଷ୍ଟମ ଶ୍ରେଣୀ ଗୃହରୁ ଦୁଇଟି ଫ୍ୟାନ ଚୋରି ହୋଇଛି। ବିଦ୍ୟାଳୟ ଅଫିସ ତାଲା ଭଙ୍ଗା ଯିବା ସହ ଉଭୟ ବିଦ୍ୟାଳୟର ଜଳ ଯୋଗାଣ ପାଇଁ ମଟର ଥିବା ଗୃହର ତାଲା ଭଙ୍ଗା ଯିବା ସହ ସ୍ୱାଏ ଲାଇଟ ଭଙ୍ଗା ଯାଇଛି। ନୋଡାଲ ବିଦ୍ୟାଳୟର ଷ୍ଟୋର ରୁମ ଓ ଶ୍ରେଣୀ ଗୃହ ତାଲା ମଧ ଭଙ୍ଗା ଯାଇଛି। ପ୍ରକାଶ ଥାଉକି ଉକ୍ତ ବିଦ୍ୟାଳୟରେ ଚୋର ମାନେ ପୂର୍ବରୁ ତିନି ଥର ତାଲାଭଙ୍ଗି ମଟର ଚୋରି କରି ନେଇଥିଲେ। ଚୋରି ନେଇ ଉଚ୍ଚ ବିଦ୍ୟାଳୟ ଓ ନୋଡାଲ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ ପଣ୍ଡା ଓ ଧନେଶ୍ୱର ମୁଣ୍ଡା ଉଭୟ ଗୋଟିଏ ଅଭିଯୋଗ କରିଛନ୍ତି। ଖବର ପାଇ ଧାମନଗର ଥାନାର ଏଏସଆଇ ଏଲ କୁମାର ଘଟଣା ସ୍ଥଳରେ ପହଂଚି ତଦନ୍ତ କରୁଛନ୍ତି। ତେବେ ବିଭିନ୍ନ ଅଂଚଳରେ ଚୋରୀ ବୃଦ୍ଧି ପାଉଥିବା ବେଳେ ପୋଲିସର ରାତ୍ରି କାଳୀନ ପୋଲିସ ପ୍ରହରା ପାଇଁ ଦାବି ହେଉଛି।

# ହନୁମାନ ଜୟନ୍ତୀ ପାଳନ

ପାଟଣା, (ସବ୍ୟୁ) : ରବିବାର କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ସ୍ୱାମ ହନୁମାନ ମନ୍ଦିରରେ ପବିତ୍ର ହନୁମାନ ଜୟନ୍ତୀ ,ଓଡ଼ିଆ ନବବର୍ଷ ଓ ମହା ବିଷୁବ ପଣା ସଂକ୍ରାନ୍ତି ମହା ସମାରୋହରେ ପାଳିତ ହୋଇଯାଇଛି। ସକାଳୁ ପୂଜକ ଅଲେଖ ଚନ୍ଦ୍ର ତ୍ରିପାଠୀ ହନୁମାନ ମନ୍ଦିର ରେ ରୀତିନୀତି ଅନୁଯାୟୀ ପୂଜାପାଠ,ହୋମଯଜ୍ଞ ,ହନୁମାନ ଚାଳିସା ପାଠ କରିଥିଲେଛକର୍ତ୍ତା ଭାବେ ଗୌରୀ ରଞ୍ଜନ ମିଶ୍ର ଓ ତାଙ୍କ ଧର୍ମ ପତ୍ନୀ ଝୁନା ରାଣୀ ମିଶ୍ର ବସିଥିବା ବେଳେ ଏହି ଅବସରରେ ବିବେକାନନ୍ଦ ଦାଶ, ଚନ୍ଦନ ପତି, ଚିରଞ୍ଜିବୀ ଦାଶ ସୁମିତ ପତି, ବ୍ରହ୍ମାନନ୍ଦ ଶତପଥି ବୀର ମୋହନ ଦୀବେଦୀ, ବାବୁ ପରିଡା, ଅଜୟ ପରିଡା, ସଞ୍ଜିତ କର, ଅରୁଣ କୁମାର ଦାଶ, କୁଳମଣି ସତପଥି, ଅମେରନ୍ଦ୍ର ନାଏକ, ଶୁଭମ୍ ଦୀବେଦୀ, ସମ୍ୟରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ରହି ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ଦହି ପଣା ସହ ଖେଚୁଡ଼ି ଭୋଗ ସମସ୍ତ ଭକ୍ତ ଓ ପଥଗାମୀ ମାନଙ୍କୁ ବଣ୍ଟନ କରାଯାଇଥିଲା।

# ସମ୍ବିଧାନ ପ୍ରଣେତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ଭୋଗରାଇ, (ସବ୍ୟୁ) : ଭୋଗରାଇ ବ୍ଲକ କୀର୍ତ୍ତନିଆ ଗ୍ରାମ ତଫସିଲଭୁକ୍ତ ଯୁବକସଙ୍ଘ ପକ୍ଷରୁ ଡ଼ଃ ଭି ଆର ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ବହୁ ବିଶିଷ୍ଟ ବ୍ୟକ୍ତି ମାଲ୍ୟାର୍ପଣ କରିଛନ୍ତି। ସେଠାରେ ସାମାଜିକ କର୍ମୀ ବସନ୍ତ ମଙ୍ଗଳଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ପୂର୍ବତନ ସରପଞ୍ଚ ଶମ୍ଭୁନାଥ ମାଝୀ,ବାରିପଦା ଆଦର୍ଶ ବିଦ୍ୟାଳୟର ଅଧାପକ ସଂଗ୍ରାମ କେଶରୀ ପାତ୍ର, ସାମାଜିକ କର୍ମୀ ସୌମ୍ୟା ରାଣୀ ମଙ୍ଗଳ, ରାଧାମୋହନ ବର୍ମନ, ରାମଚନ୍ଦ୍ର ଆଧେକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଅପର ପକ୍ଷରେ ଟେଙ୍ଗରାମାରୀ ଯୁବକ ସଂଘ ପକ୍ଷରୁ ରବିବାର ଅପରାହ୍ନ ରେ ସାମାଜିକକର୍ମୀ ଖଗେଶ୍ୱର ଜେନାଙ୍କ ସଭାପତିତ୍ୱରେ ବିଶିଷ୍ଟ ଅତିଥିମାନେ ଡ଼ଃ ଆମ୍ବେଦକର ଙ୍କ ତୈଳଚିତ୍ର ରେ ମାଲ୍ୟାର୍ପଣ କରିଥିଲେ । ମୁଖ୍ୟ ଅତିଥିଭାବେ ବିଶିଷ୍ଟ ସାମାଜିକ କର୍ମୀ ତଥା ସାମାଜିକ ଆନ୍ଦୋଳନର ନେତା ସୁଦର୍ଶନ ଜେନା, ମୁଖ୍ୟ ବ୍ୟକ୍ତା ୟୁକୋ ବ୍ୟାଙ୍କ ର ଅବସରପ୍ରାପ୍ତ ମହାପ୍ରବନ୍ଧକ ଅସିତ କୁମାର ଚାନ୍ଦ, ସମ୍ମାନିତ ଅତିଥି ଇଂ ବସନ୍ତ କୁମାର ବେହେରା,ଅବସର ପ୍ରାପ୍ତ ସୈନିକ ରଜତ କୁମାର ବେହେରା, ଡିଆଇସି ଯୁଗ୍ମ ନିର୍ଦ୍ଦେଶକ ବିପିନ ବିହାରୀ ଦେଉରୀ ପ୍ରମୁଖ ସାମାଜିକ ଓ ଅର୍ଥନୈତିକ ନ୍ୟାୟ ନିମନ୍ତେ ଦଳିତ ଓ ଶୁଭବୁଦ୍ଧି ସମ୍ପନ୍ନ ବ୍ୟକ୍ତି ଅନ୍ୟ ଏକ ସ୍ୱାଧୀନତା ପାଇଁ ଗଣ ଆନ୍ଦୋଳନ ଗଢି ତୋଳିବାକୁ ଆହ୍ୱାନ ଦେଇଥିଲେ। ପରେ ଛାତ୍ରୀ ଛାତ୍ରଙ୍କ ପକ୍ଷରୁ ନାଟକ ଓ ସଙ୍ଗୀତ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା ।

# କାନ୍ତ ସାହିତ୍ୟ ପରିଷଦର ବିଷୁବ ମିଳନ ଆସର

ଧାମନଗର,(ସବ୍ୟୁ):ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ କାନ୍ତ ସାହିତ୍ୟ ପରିଷଦର ବିଷୁବ ମିଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଧାମନଗର କାନ୍ତ ସାହିତ୍ୟ ପରିଷଦର ସଭାପତି ରସାନନ୍ଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଶିକ୍ଷାବିତ ନିରାକାର ଧଳ,ହୃଦାନନ୍ଦ କର,ଏବିଇଓ ହେମେନ୍ଦ୍ର ନାଥ ମହାନ୍ତି,ମନୋଜ କୁମାର ଜେନା,କବି ଦାମୋଦର ସାହୁ,ସାମ୍ବାଦିକ ପ୍ରଦୀପ କୁମାର ମହାପାତ୍ର, ସାହିତ୍ୟିକ ସିଦ୍ଧେଶ୍ୱର ସାମଲ,ହୃଷୀକେଶ ପଣ୍ଡା ପ୍ରମୁଖ ଯୋଗଦେଇ ବିଷୁବ ସଂକ୍ରାନ୍ତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସାହିତ୍ୟ ପରିଷଦକୁ କ୍ରିୟାଶୀଳ କରିବା ପାଇଁ କେତେକ ସକ୍ରିୟ ସଦସ୍ୟ ସଭାପତିଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଧାମନଗର ହାଇସ୍କୁଲର ପ୍ରାକ୍ତନ ଛାତ୍ର,ପ୍ରଧାନଶିକ୍ଷକ ତଥା କାନ୍ତ ସାହିତ୍ୟ ପରିଷଦର ଉପଦେଷ୍ଟା ଦେବେନ୍ଦ୍ର କୁମାର ସ୍ୱାଇଁଙ୍କ ବିୟୋଗରେ ଦୁଇ ମିନିଟ ନୀରବ ପ୍ରାର୍ଥନା ସହ ଆମର ଆତ୍ମାର ସଦଗତି କାମନା କରାଯାଇଥିଲା। ଶେଷରେ ସାମ୍ବାଦିକ ସୁଧାକର ଦାଶ ସମାରୋହର ଶେଷ ସ୍ୱର୍ଶ ପ୍ରଦାନ ପୂର୍ବକ ସଭିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ ଆମ୍ବେଦକର ଜୟନ୍ତୀ

ଭଦ୍ରକ,(ସବ୍ୟୁ):ଭାରତରତ୍ନ ଡଃ ବି.ଆର. ଆମ୍ବେଦକରଙ୍କ ଜୟନ୍ତୀକୁ ଭଦ୍ରକ ଜିଲ୍ଲା ସ୍ତରରେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ପାଳନ କରାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ରାମଦାସ ଟୁଡ୍ଡୁ, ମୁଖ୍ୟ ଅତିଥି, ଡି.ଏସ୍.ପି.ଡ଼ି.ଆଇ.ବି. ପ୍ରଭାତ କୁମାର ବିଶ୍ୱାଳ ମୁଖ୍ୟବକ୍ତା ଏବଂ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଆମ୍ବେଦକରଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରି ଅତିଥିମାନେ ସମ୍ବିଧାନ ପ୍ରଣେତା, ଅସାଧାରଣ ଆଦର୍ଶ ବ୍ୟକ୍ତିତ୍ୱ, ସମ୍ପନ୍ନ ରାଷ୍ଟ୍ରଭକ୍ତ ଆମ୍ବେଦକର କିପରି ନିଜର ସମଗ୍ର ସଂଘର୍ଷମୟ ଜୀବନକୁ ରାଷ୍ଟ୍ର ପାଇଁ ଆହୂତି ଦେଇଥିଲେ ସେ ସମ୍ବନ୍ଧରେ ଆଲୋକପାତ କରିବା ସହ ତାଙ୍କ ଅମର କୃତିର ସ୍ମୃତି ଚାରଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ସଂଯୋଜନାରେ ଜିଲ୍ଲା ସଂସ୍କୃତି ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭଦ୍ରକ ଉଚ୍ଚ ବିଦ୍ୟାଳୟ, ଭଦ୍ରକ ଜିଲ୍ଲାସ୍କୁଲ ଏବଂ ଗାନ୍ଧୀ ଓଡ଼ିଶା ବାଳାଶ୍ରମର ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ।

# ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର

ଭଦ୍ରକ,(ସବ୍ୟୁ):ସହରର କଲ୍ୟାଣୀ ନଗରସ୍ଥିତ ଗୁରୁକୃପା ଭବନରେ ଆମ ମାତୃଭାଷା ପରିକ୍ଷଷଦର ବିଷୁବ ସଂକ୍ରାନ୍ତି ଆସର ଅନୁଷ୍ଠିତ ହୋଇଯାଇଛି। ଇଂ. ଅଭୟ ସୂତାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିଷୁବ ସଂକ୍ରାନ୍ତିରେ କୃଷି ଚେତନା ଶୀର୍ଷକ ଆଲୋଚନାଚକ୍ରକୁ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ. ରାମଚନ୍ଦ୍ର ପଣ୍ଡା ଉଦ୍ଘାଟନ କରିଥିଲେ। ମୁଖ୍ୟବକ୍ତା କୃଷି ଭାଗବତର ଲେଖକ ଡ. ଅରୁଣ କୁମାର ପାତ୍ର, ଅତିଥି ଅଧ୍ୟାପକ ନୀହାର ରଂଜନ କର, ନାଟ୍ୟଶ୍ରୀ ନିର୍ମଳ ରାଉତ, ଶୀକ୍ଷାବିତ୍ ଗୟାଧର ପଣ୍ଡା, ନାରାୟଣ ଚନ୍ଦ୍ରପାଢ଼ୀ, ସନ୍ତୋଷ କୁମାର ସାହୁ, ଅମର କୁମାର ପାଣିଗ୍ରାହୀ ସାହିତ୍ୟ ଆକାଡେମୀ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବହଳୀ, ନାଟ୍ୟକାର ଲଲାଟେନ୍ଦୁ ମହାନ୍ତି ପ୍ରମୁଖ ଆଲୋଚନାରେ ଭାଗନେଇ କୃଷି ଚେତନାହିଁ ପ୍ରକୃତ ଉନ୍ନତି ମାନବ ଓ ପ୍ରକୃତିକୁ ଦେଇପାରିବ। କୃଷି ହିଁ ଏକାଧାରରେ ଧର୍ମ, ଅର୍ଥ କାମ ଓ ସ୍ୱୟଂ ସମ୍ପୂର୍ଣ୍ଣ ଭାବ ଆଣି ଦେଇ ପାରିବ। କୃଷିକର୍ମହିଁ ମନୁଷ୍ୟ ଜଗତରେ ସର୍ବୋଚ୍ଚ ସ୍ଥାନରେ ଥିଲା ଏବଂ ଭବିଷ୍ୟତରେ ନିଶ୍ଚୟ ସୁଉଚ୍ଚ ସ୍ଥାନରେ ରହିବ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷୟିତ୍ରୀ କବୀ ସରୋଜନୀ ନାୟକ ଓ କବୟିତ୍ରୀ ମାନସୀବାଳା ସୁତାରଙ୍କ ସଂଯୋଜନାରେ ଅନୁଷ୍ଠିତ ବିଷୁବ କବିତା ଆସରରେ ବୈକୁଣ୍ଠ ନାଥ ଓଝା, ରମେଶ ଚନ୍ଦ୍ର ଦାସ, ବିପ୍ଲବ କୁମାର ହୋତା, ନାଟ୍ୟକଳାକାର କାଳନ୍ଦୀ ମଲ୍ଲିକ, ଜଗନ୍ନାଥ ନାୟକ, ରଶ୍ମିତା ଦାଶ, ଚିତ୍ତରଂଜନ ମହାପାତ୍ର, ମହେନ୍ଦ୍ର ଓଝା, ବିଜୟ କୁମାର ବହଳୀ, ମାନସ ରଂଜନ ପଣ୍ଡା, ଅଂଶୁମାନ ସ୍ୱାଇଁ, ରଜତ୍ କୁମାର ସାହୁ, ମୁସ୍ତାକ ଗହ୍ୱର, ଅବଦୁଲ ଦୟାନ୍, କୈଳାସ ଦାସ, ରମେଶ ବିଶ୍ୱାଳ, ମଧୁସୂଦନ ପାଣିଗ୍ରାହୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପ୍ରତିଷ୍ଠାତା ସମ୍ପାଦକ ଡାକ୍ତର ଅନୀଲ କୁମାର ଦାଶ ସମ୍ପାଦକୀୟ ପାଠ ଓ ପ୍ରକୃତିକବି ବୈକୁଣ୍ଠ ବିଶ୍ୱାଳ ଅତିଥି ପରିଚୟ କରିଥିଲେ। ସହ ସମ୍ପାଦିକା ମମତାରାଣୀ ଦାଶ ମଂଚ ପରିଚାଳନା, ଶୀକ୍ଷାବିତ୍ ସରୋଜ କୁମାର ଓଝା ଧନ୍ୟବାଦ ଅର୍ପଣ କରିଥିଲେ।

# ମାହାଲ ରାଜପରିବାରକୁ ଉତ୍କର୍ଷ ସମ୍ମାନ

ଆଗରପଡ଼ା,(ସବ୍ୟୁ):ସ୍ଥାନୀୟ ମାହାଲ ରାଜପରିବାରକୁ ଉତ୍କର୍ଷ ସମ୍ମାନ ପ୍ରଦାନ କରାଯାଇଛି। ବାଲେଶ୍ୱର ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ପ୍ରମେୟ ସିଇଓ ସୁନୀଲ ଦାସ ଓ ସେଲ୍ସ ଏଣ୍ଡ ମାର୍କେଟିଂ ଗ୍ରୁପ ଏଡିଟର ହିମାଂଶୁ ହୋତା ପ୍ରମୁଖ ଯୋଗଦେଇ ରାଜପରିବାର ପକ୍ଷରୁ କନକଲତା ରାୟଙ୍କୁ ଏହା ପ୍ରଦାନ କରିଛନ୍ତି। ରାଜପରିବାରର ଉତ୍ତରାଧିକାରୀ ତଥା ଆଗରପଡ଼ା ଗାନ୍ଧୀ ଭାବେ ପରିଚିତ ରାମନାରାୟଣ ରାୟ ଓ ତାଙ୍କ ସହଧର୍ମିଣୀ କନକଲତାଙ୍କ ଉଦ୍ୟମକ୍ରମେ ଏହି ପରିବାର ଯୌଥ ପରିବାର ଭାବେ ମିଳିମିଶି ରହିପାରି ଅନ୍ୟ ପରିବାର ପାଇଁ ଉଦାହରଣ ସାଜିଛନ୍ତି। ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପଦ୍ମନ ରାୟ,ସଫଳ ବ୍ୟବସାୟୀ ନୃସିଂହ ରାୟ,ମାନସ ରାୟ, ହାଇକୋର୍ଟ ଆଡ଼ଭୋକେଟ ମନୋଜ ରାୟ ଓ କଲ୍ୟାଣୀ ବିଲଡର୍ସ ଅନ୍ୟତମ ସତ୍ତ୍ୱାଧିକାରୀ ତାପସ ରାୟ ଏହିପରି ପାଂଚଜଣ ପୁଅ, ବୋହୂ, ନାତିନାତୁଣୀମାନେ ଗୋଟିଏ ଛାତତଳେ, ଗୋଟିଏ ରୋଷେଇରେ ଆଜି ଯାଏ ଏକତ୍ରିତ ଭାବେ ରହିଛନ୍ତି। ଯେତେ ଝଡ଼ଝଞ୍ଜା ଆସିଲେ ସୁଦ୍ଧା ଏହି ପରିବାର ମଧ୍ୟରେ ପାଚେରୀ ସୃଷ୍ଟି ହୋଇପାରିନାହିଁ। ଯୌଥ ପରିବାର ଭାବେ ଏହି ସମ୍ମାନ ପାଇ ଆନନ୍ଦ ଅନୁଭବ କରୁଛନ୍ତି ବୋଲି ରାମନାରାୟଣ ସମୟକୁ କହିଛନ୍ତି।

# ବିଜେଡି ପଞ୍ଚାୟତ ସଭାପତି ପଦରୁ ରାମଚନ୍ଦ୍ର ପ୍ରଧାନଙ୍କ ଇସ୍ତଫା

ବେତନଟୀ ,(ସବ୍ୟୁ) : ବୈଶିଙ୍ଗା ଗ୍ରାମପଞ୍ଚାୟତ ବିଜୁ ଜନତା ଦଳର ସର୍ବକାଳୀନ ସଭାପତି ପଦରେ ରହି ଦଳ ପାଇଁ କାର୍ଯ୍ୟ କରିଥିବା ୭୩ ବର୍ଷୀୟ ରାମଚନ୍ଦ୍ର ପ୍ରଧାନ ନିଜ ପଦବୀରୁ ଇସ୍ତଫା ଦେଇଥିବା ଖବର ଆମର ହସ୍ତଗତ ହୋଇଛି।ନିଜର ବୟସ ଏବଂ ସ୍ୱାସ୍ଥ୍ୟ ଗତ କାରଣରୁ ସେ ନିଜର ଇସ୍ତଫା ପତ୍ର ବ୍ଲକ ସଭାପତିଙ୍କ ଜରିଆରେ ମୟୂରଭଞ୍ଜ ଜିଲ୍ଲା ସଭାପତିଙ୍କ ନିକଟକୁ ପଠାଇଥିବା ଶ୍ରୀ ପ୍ରଧାନ ସାକ୍ଷାତକାରରେ ପ୍ରକାଶ କରିଛନ୍ତି।ତାଙ୍କ ସାକ୍ଷାତକାରରେ ସେ କହିଛନ୍ତି ଦୀର୍ଘଦିନ ଧରି ବଡସାହି ନିର୍ବାଚନ ମଣ୍ଡଳୀ କ୍ଷେତ୍ରରେ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ରଙ୍କୁ ଚଳିତ ନିର୍ବାଚନରେ ଟିକେଟ ପ୍ରଦାନକୁ ନେଇ ବିଭିନ୍ନ ସମୟରେ ବିବାଦ ଉଠିଥିଲା।ଶେଷରେ ଦଳ ଗଣେଶ୍ୱରଙ୍କ ବଦଳରେ ତାଙ୍କ ସ୍ତ୍ରୀ ଅନସୂୟାଙ୍କୁ ଟିକେଟ ପ୍ରଦାନ କରିଥିଲା।ଛଏହାପରେ ପଞ୍ଚାୟତ ସ୍ତରରେ ଉପୁଜିଥିବା ବିଶୃଙ୍ଖଳା କୁ ଦୃଷ୍ଟିରେ ରଖି ସେ ତାଙ୍କର ଇସ୍ତଫା ପ୍ରଦାନ କରିଥିବା କଥା ପ୍ରକାଶ କରିଛନ୍ତି। ତେବେ ଦଳୀୟ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଜଣେ ବିଜେଡିର ସାଧାରଣ କର୍ମୀ ଭାବେ କାର୍ଯ୍ୟ କରିବେ ବୋଲି ଇସ୍ତଫା ପତ୍ରରେ ପ୍ରକାଶ କରିଛନ୍ତି।ନିର୍ବାଚନରେ ବୈଶିଙ୍ଗା ଗ୍ରାମ ପଞ୍ଚାୟତରେ ଭୋଟିଂ ପ୍ରଭାବିତ ହେବ ବୋଲି ସାଧାରଣରେ ପ୍ରକାଶ ପାଇଛି।

# ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ପକ୍ଷରୁ ଆଧାତ୍ମିକ ସଭା

ଭଦ୍ରକ,(ସବ୍ୟୁ): ମହାବୀର ହନୁମାନ ସମସ୍ତ ପ୍ରକାର ଗର୍ବ ଓ ଅହମିକାକୁ ବିନାଶ କରିପାରନ୍ତି। ଦ୍ୱାପର ଯୁଗର ଭୀମ ଓ ହନୁମାନଙ୍କ ଉପାଖ୍ୟାନରୁ ଏହା ସ୍ପଷ୍ଟ ପ୍ରମାଣିତ। ସେହିପରି ବିଶ୍ୱ ବ୍ରହ୍ମାଣ୍ଡର ନାୟକ ଶ୍ରୀଜଗନ୍ନାଥଙ୍କୁ ଆପଣେଇ ପାରିଲେ ଆମର ବ୍ୟକ୍ତିଗତ ତଥା ସମାଜ ପାପପଙ୍କରୁ ମୁକ୍ତ ହୋଇଥାଏ। ମାନବ ଜାତିର ଯେଉଁ ଚଳଣି ଓ ପର୍ବପର୍ବାଣି ରହିଛି ତାହା ସବୁ ଶ୍ରୀଜଗନ୍ନାଥ ସଂସ୍କୃତିରୁ ଉଦ୍ଧୃତ ବୋଲି ଧାମନଗର ବ୍ଲକସ୍ଥ ନାରାୟଣପୁର ନାଥସାହି ଶ୍ରୀହନୁମାନ ମନ୍ଦିର ପରିସରରେ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ପକ୍ଷରୁ ଅନୁଷ୍ଠିତ ଆଧାତ୍ମିକ ସଭାରେ ବକ୍ତାମାନେ ମତପ୍ରକାଶ କରିଥିଲେ। ପ୍ରଚାର ସମିତି ପକ୍ଷରୁ ଆର୍ଯ୍ୟ ସନାତନୀୟ ନବବର୍ଷ ଉପଲକ୍ଷେ ଭଦ୍ରକ ବ୍ଲକସ୍ଥ କୁଣ୍ଡିବାଗ ଷୋଡ଼ଶ ଉପଚାର ପୂଜା ସମେତ ସୂର୍ଯ୍ୟପୂଜା, ଗୋ ପୂଜା, ଶ୍ରୀଜଗନ୍ନାଥଙ୍କ ଷୋଡ଼ଶ ଉପଚାର ପୂଜା ସମେତ ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ସମାରୋହର ତତ୍ତ୍ୱାବଧାରକ ଭାବରେ କାହ୍ନୁଚରଣ ଦାଶ, ସନାତନ ସାହୁ ଓ ମୁଖ୍ୟ ଉପଦେଷ୍ଟା ଭାବରେ ସନେଇ ଶିଅଳ ଯୋଗ ଦାନ କରି ସମାରୋହ ସମାପନ କରିଥିଲେ। ମଧାହ୍ନ ୧୧ ଘଟିକା ସମୟରେ ଧାମନଗର ବ୍ଲକସ୍ଥ ନାଥସାହି ଶ୍ରୀହନୁମାନ ମନ୍ଦିର ପରିସରରେ ଏକ ଆଧାତ୍ମିକ ସଭା ସମିତିର ମୁଖ୍ୟ ପରିଚାଳକ ପଣ୍ଡିତ ଭାଗୀରଥି ନନ୍ଦଶର୍ମାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଓ ସମ୍ମାନୀତ ବକ୍ତା ଭାବରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ସନ୍ତୋଷ କୁମାର ଦାଶ, ଅଧ୍ୟାପକ ଡ. ପ୍ରତାପ କୁମାର ପଣ୍ଡା, ପ୍ରଶାନ୍ତ କୁମାର ଦେ, ବାବୁଲାଲ ଦାଶ, ଲଳିତ ମିଶ୍ର ପ୍ରମୁଖ ଯୋଗ ଦାନ କରି ଉପରୋକ୍ତ ମତେ ମତ ପ୍ରକାଶ କରିଥିଲେ। ବୈଠକ ପ୍ରାରମ୍ଭରେ ସମିତିର ମୁଖ୍ୟ ଆବାହକ ସେବକ ଶରତ କୁମାର ସାହୁ ପ୍ରଚାର ସମିତିରେ ଲକ୍ଷ୍ୟ, ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଦିବସଟିକୁ ପ୍ରଚାର ସମିତି ପକ୍ଷରୁ ଉତ୍କଳୀୟ ଚେତନା ଦିବସ ଭାବରେ ଗ୍ରହଣ କରିଥିବାରୁ ବାଲେଶ୍ୱର ଜିଲ୍ଲା ପାଣିଶୁଳିଆ ଗ୍ରାମରୁ ଶ୍ରୀକ୍ଷେତ୍ରବାସିନୀ ମହାଲକ୍ଷ୍ମୀ ସଂକୀର୍ତ୍ତନ ମଣ୍ଡଳୀ, ଭଦ୍ରକ ଜିଲ୍ଲା ତିହିଡ଼ି ବାଲୁକେଶ୍ୱର ସଂକୀର୍ତ୍ତନ ମଣ୍ଡଳୀର ମହିଳା ସଂକୀର୍ତ୍ତନ କଳାକାର ସୁଶ୍ରୀ ଅର୍ଣ୍ଣପୂର୍ଣ୍ଣା ଦେବୀ ଓ ଶ୍ରୀମତୀ ଗୀତାରାଣୀ ରାଉଳଙ୍କ ନେତୃତ୍ୱରେ ସଂକୀର୍ତ୍ତନ ଓ ଭଜନ ପରିବେଷଣ ହୋଇଥିଲା। ଉକ୍ତ ଆଧାତ୍ମିକ ସଭାର ଆୟୋଜକ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଭଞ୍ଜନ ରାଉତ, ମୋହନ ଚରଣ ନାଥ, ପ୍ରଭାସ କୁମାର ନାଥ ପ୍ରମୁଖ ଗ୍ରାମବାସୀ ପ୍ରଚାର ସମିତିରେ ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ସାର୍ବଜନୀନ ଜଳଛତ୍ର

ବାଲେଶ୍ୱର,(ସବ୍ୟୁ) : ଓଡ଼ିଆ ନବବର୍ଷ, ମହାବିଷୁଭ ସଂକ୍ରାନ୍ତୀ ଉପଲକ୍ଷେ ଫକୀରମୋହନ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ପକ୍ଷରୁ ନୂଆପାଡ଼ୀସ୍ଥିତ କ୍ୟାମ୍ପସ୍‌ରେ ଜନସାଧାରଣ, ବାଟୋଇ,ପଶୁପକ୍ଷୀଙ୍କ ପାଇଁ ସ୍ୱତନ୍ତ୍ର ଜଳଛତ୍ର ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି । ଏହି ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସହ ପୁରାତନ ଛାତ୍ର ସଂସଦର ସଭାପତି ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦ,



ସେକ୍ରେଟେରୀ ଡ. ଦେବଦତ୍ତ ଦାସ, ଡ.ଜଗନ୍ନାଥ ବେହେରା, ଡ. ମୀନତୀ ମିଶ୍ର, ଭବାନୀ ଶଙ୍କର ନାୟକ, ଦେବଦତ୍ତ ନାୟକ ପ୍ରମୁଖଙ୍କ ସହ ଅନ୍ୟାନ୍ୟ ବିଭାଗର ପ୍ରାଧ୍ୟାପକଗଣ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଜଳ ଓ ପଣା ବଣ୍ଟନ କରିଥିଲେ ।

(ଶ୍ରୀମଦ୍ଭଗବଦ୍ ଗୀତା ୫/୦୬)
–କର୍ମ୍ମସନ୍ୟାସଯୋଗଃ–
(ଶ୍ରୀଭଗବାନୁବାଚ)

ସନ୍ୟାସସ୍ତୁ ମହାବାହୋ ! ଦୁଃଖମାପ୍ତୁମଯୋଗତଃ ।
ଯୋଗଯୁକ୍ତୋ ମୁନିର୍ବହ୍ମ ନଚିରେଣାଧିଗଚ୍ଛତି ।।୬।।

ହେ ମହାବାହୋ ! କର୍ମଯୋଗ ବିନା ସନ୍ୟାସପ୍ରାପ୍ତ ଅସମ୍ଭବ (କାରଣ ଚିତ୍ତଶୁଦ୍ଧିଦ୍ୱାରା) ମୁନି (ସନ୍ୟାସୀ) ଯୋଗଯୁକ୍ତ ହୋଇ ଶୀଘ୍ରୟ ବ୍ରହ୍ମପ୍ରାପ୍ତ ହୁଅନ୍ତି ।।୬।।

## ସମ୍ପାଦକୀୟ

# ମହିଳା ପ୍ରତିନିଧିତ୍ୱ

'ନାରୀ ଶକ୍ତି' ହେଉଛି ଏକ ଶବ୍ଦଗତ ଅଭିବ୍ୟକ୍ତି ଯାହା ଆଜିକାଲି ଭାରତର ରାଜନୈତିକ ମୈଦାନରେ ସବୁଠାରୁ ଅଧିକ ଚର୍ଚ୍ଚିତ ହେଇଥାଏ । କିନ୍ତୁ ସଂସଦ ଏବଂ ବିଧାନସଭାରେ ମହିଳାମାନଙ୍କ ସଂଖ୍ୟା ବା ଅନୁପାତ ଦେଖିଲେ, ଜଣାଯାଏ ଏବେବି ଆମେ ପଛରେ ରହିଛେ । ଏହି ତଥ୍ୟ ହୁଏତ ପ୍ରମାଣ କରେ, ଲିଙ୍ଗଗତ ଅସମାନତା ଏବେ ମଧ୍ୟ ରାଜନୀତିରେ ରହିଛି । ଭାରତର ନିର୍ବାଚନ ଆୟୋଗ କହିଛନ୍ତି ଯେ ମୋଟ ୪୭.୧ କୋଟି ମହିଳା ୨୦୨୪ ମସିହାରେ ନିର୍ବାଚନ ତାଲିକାରେ ପଞ୍ଜୀକୃତ ହୋଇଛନ୍ତି ଏବଂ ୧୨ ଟି ରାଜ୍ୟରେ ପୁରୁଷଙ୍କ ଅପେକ୍ଷା ମହିଳା ଭୋଟର ଅଧିକ ଅଛନ୍ତି । ଏକ ଦେଶ ପାଇଁ ଏହା ଏକ ଉଲ୍ଲେଖନୀୟ ସଫଳତା ଯେଉଁଠାରେ ୧୯୬୨ ମସିହାରେ ମହିଳା ଭୋଟରଙ୍କ ସଂଖ୍ୟା ମାତ୍ର ୪୨ ପ୍ରତିଶତ ଥିଲା ଏବଂ ୨୦୧୯ ସୁଦ୍ଧା ୪୮.୨ ପ୍ରତିଶତକୁ ବୃଦ୍ଧି ପାଇଛି । ଶିକ୍ଷା ବୃଦ୍ଧି, ରାଜନୈତିକ ଦଳଗୁଡିକ ଦ୍ୱାରା ମହିଳା–କୈନ୍ଦ୍ରିକ କଲ୍ୟାଣ ନୀତି ଏବଂ ସଫଳ ସଚେତନତା ଅଭିଯାନ ଏହି ଉନ୍ନତି ପାଇଁ ଶ୍ରେୟସ୍କର ହେବା ଆବଶ୍ୟକ । ତଥାପି, ଭାରତ ମହିଳାମାନଙ୍କୁ ଯଥେଷ୍ଟ ଗୁରୁତ୍ୱ ଦେଉଥିବା କଥା କହୁଥିବାବେଳେ, ସେମାନଙ୍କୁ ରାଜନୈତିକ ପ୍ରତିନିଧୀ ଭାବରେ ଗ୍ରହଣ କରିବାକୁ ଦ୍ୱିଧା ରହିଛି, ଏହା ସ୍ୱୀକାରଯୋଗ୍ୟ । ୨୦୧୯ରେ, ମୋଟ ପ୍ରାର୍ଥୀଙ୍କ ମଧ୍ୟରେ ୯ ପ୍ରତିଶତ ମହିଳା ଥିବାବେଳେ ସଂସଦରେ ମହିଳାଙ୍କ ସଂଖ୍ୟା ୧୪.୪ ପ୍ରତିଶତ ଥିଲା । ମହିଳାମାନଙ୍କୁ ଟିକେଟ୍ ବଣ୍ଟନ କରିବା ସମୟରେ ରାଜନୈତିକ ଦଳର କଡ଼ା ଆଭିମୁଖ୍ୟକୁ ଦୃଷ୍ଟିରେ ରଖି ଏହି ସଂଖ୍ୟା ଆଶ୍ଚର୍ଯ୍ୟଜନକ ନୁହେଁ । ୨୦୧୯ରେ, ଦୁଇ ପ୍ରମୁଖ ଜାତୀୟ ଦଳ ଭାରତୀୟ ଜନତା ପାର୍ଟି ଏବଂ କଂଗ୍ରେସରେ ମହିଳା ପ୍ରତିଯୋଗୀଙ୍କୁ ଦିଆଯାଇଥିବା ଟିକେଟ୍ ପ୍ରତିଶତ ହାରାହାରି ୧୨ ପ୍ରତିଶତ ଠାରୁ ଟିକେ ଅଧିକ ରହିଥିଲା । ୧୯୯୬ ରୁ ୨୦୧୯ ମଧ୍ୟରେ କର୍ଣ୍ଣାଟକ, କେରଳ ରାଜନୀତିରେ ପ୍ରବେଶ କରିବାକୁ ଚାହୁଁଥିବା ମହିଳାମାନଙ୍କ ପାଇଁ ଅନ୍ୟତମ ଅହ୍ୱାନପୂର୍ଣ୍ଣ ରାଜ୍ୟ ଥିଲା । କିନ୍ତୁ ପ୍ରତି ୧୦୦ ମହିଳା ପ୍ରାର୍ଥୀଙ୍କ ମଧ୍ୟରୁ ମାତ୍ର ୫ ଜଣ ହାରାହାରି ନିର୍ବାଚନରେ ଜିତିବାରେ ସଫଳ ହୋଇଥିଲେ । ଅନ୍ୟପକ୍ଷରେ, ପଶ୍ଚିମବଙ୍ଗ ରାଜନୀତିରେ ମହିଳାମାନଙ୍କ ପାଇଁ ସବୁଠାରୁ ଅନୁକୂଳ ରାଜ୍ୟ ଭାବରେ ପ୍ରତି ୧୦୦ ମହିଳା ପ୍ରାର୍ଥୀଙ୍କ ମଧ୍ୟରୁ ୨୦ ଜଣଙ୍କ ସଫଳ ହେଇଥିଲେ । ମହିଳା ପ୍ରାର୍ଥୀମାନଙ୍କ ପାଇଁ ଗୁଜୁରାଟ ଦ୍ୱିତୀୟ ଅନୁକୂଳ ରାଜ୍ୟ ଥିଲା, ପ୍ରତ୍ୟେକ ୧୦୦ ମହିଳାଙ୍କ ମଧ୍ୟରୁ ୧୮ ଜଣ ନିର୍ବାଚନରେ ବିଜୟୀ ହୋଇଥିଲେ । ଏହା ବାସ୍ତବରେ ଚିନ୍ତା କରିବାର ବିଷୟ । ପ୍ରାର୍ଥୀ ଏବଂ ସଫଳତା ଉଭୟ କ୍ଷେତ୍ରରେ ମହିଳାଙ୍କ ସଂଖ୍ୟା ଯଥେଷ୍ଟ ନୁହେଁ ଏବଂ ଏଥିପାଇଁ କେବଳ ଯେ' ରାଜନୈତିକ ଦଳ ଦାୟୀ, ତା ନୁହେଁ ଅନେକ ପରିମାଣରେ ଆମେ, ଆମ ସମାଜ, ଆମ ପରିବେଶ, ଆମ ପରିବାର ଦାୟୀ । ଉନ୍ନତ ମାନବ ବିକାଶ ସୂଚକାଙ୍କ ମାନ୍ୟତା ଥିବା ଦେଶଗୁଡିକ – ନ୍ୟୁଜିଲ୍ୟାଣ୍ଡ ଏବଂ କିଛି ୟୁରୋପୀୟ ଦେଶ – ମହିଳାମାନଙ୍କ ପାଇଁ ଅଧିକ ରାଜନୀତିକ ପ୍ରତିନିଧିତ୍ୱ ହାସଲ କରିଛନ୍ତି । ନେପାଳ, ବାଂଲାଦେଶ ଏବଂ ପାକିସ୍ତାନ ଭଳି ଭାରତର ପଡୋଶୀ ଦେଶ ମଧ୍ୟ ଏହି ଦିଗରେ ଭଲ ପ୍ରଦର୍ଶନ କରିଛନ୍ତି । ସାମାଜିକ, ସାଂସ୍କୃତିକ ଏବଂ ଅର୍ଥନୈତିକ କାରଣ ହିଁ ଭାରତରେ ରାଜନୈତିକ ପ୍ରତିନିଧୀ ଭାବରେ ମହିଳାମାନେ ସଫଳତାକୁ ସଂକୁଚିତ କରୁଛି । ରାଜନୀତିର ପରିବେଶ ମଧ୍ୟ ମହିଳାମାନଙ୍କ ଅନେକ ସମସ୍ୟା ସୃଷ୍ଟି କରୁଛି ଯେଉଁଥିପାଇଁ ମହିଳାମାନେ ପ୍ରାର୍ଥୀ ହେବାକୁ ଆଗଭର ହେଉନାହାନ୍ତି । କିନ୍ତୁ ବିଭିନ୍ନ ସମୟରେ ଆମେ ରାଜନୀତିରେ ମହିଳାମାନଙ୍କ ପାଇଁ ଭାଗିଦାରୀ ବଢେଇବା ପାଇଁ ଚେଷ୍ଟା କରିଛେ । ୮୧ ତମ ସାମ୍ବିଧାନିକ ସଂଶୋଧନ ବିଲ୍ ୩୩ ପ୍ରତିଶତ ସଂରକ୍ଷଣ ଆଣିବାକୁ ଚେଷ୍ଟା କଲା । ୧୨ ସେପ୍ଟେମ୍ବର ୧୯୯୬ ରେ, ବିଲ୍ ଉପରେ ୧୦ ମିନିଟର ଆଲୋଚନା ଏକ ଲମ୍ବା ଏବଂ ଉତ୍ତପ୍ତ ବିନିମୟରେ ପରିଣତ ହେଲା । କେତେକ ପୁରୁଷ ସାଂସଦ ପ୍ରଶ୍ନ ପଚାରିଥିଲେ ଯେ ସଂରକ୍ଷଣ ଯଥେଷ୍ଟ ଦକ୍ଷ ମହିଳା ଆଣିପାରିବ କି ? ଅନ୍ୟ କେତେଜଣ ପଛୁଆ ଜାତିର ମହିଳାଙ୍କ ପାଇଁ ସଂରକ୍ଷିତ ସିଟ୍ ଅନ୍ତର୍ଭୁକ୍ତ ନକରିବା ନେଇ ବିଲ୍‌କୁ ଚ୍ୟାଲେଞ୍ଜ କରିଥିଲେ । ପରେ ପରେ ଅନେକ ଚେଷ୍ଟା କରାଯାଇଛି, କିନ୍ତୁ ଆମେ ସଫଳ ହେଇପାରିନାହୁଁ । ଶେଷରେ ୨୦୨୩ ରେ ମହିଳା ସଂରକ୍ଷଣ ବିଲ୍, ସଂସଦର ଉଭୟ ଗୃହର ସର୍ବସମ୍ମତି କ୍ରମେ ପାରିତ ହେଲା । ଏହା ହୁଏତ ପରବର୍ତ୍ତୀ ନିର୍ବାଚନ ବେଳକୁ କାର୍ଯ୍ୟକାରୀ ହେବା ନେଇ ସମ୍ଭାବନା ରହିଛି ଏବଂ ଆଶା କରିବା ସଂସଦ ଓ ବିଧାନସଭାଗୁଡିକରେ ୩୩ ପ୍ରତିଶତ ମହିଳା ପ୍ରତିନିଧି ରହିବେ ଏବଂ ବିଳମ୍ବରେ ହେଲେ ମଧ୍ୟ ରାଜନୀତିରେ ଲିଙ୍ଗଗତ ସମାନତା ଅଣାଯାଇପାରିବ । ତେବେ ୨୦୨୪ ନିର୍ବାଚନ ମଧ୍ୟ ଏଥିପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ରାଜନୀତିରେ ଲିଙ୍ଗଗତ ଅସମାନତାକୁ ଦୂର କରିବା ନେଇ ଯୁକ୍ତି କରୁଥିବା ରାଜନୈତିକ ଦଳଗୁଡିକ କେତେ ଆସନରେ ମହିଳା ପ୍ରାର୍ଥୀ ଦେଉଛନ୍ତି ଏବଂ ସେମାନଙ୍କ ମଧ୍ୟରୁ କେତେ ମହିଳା ସଫଳତାର ସ୍ୱାଦ ଛାଖୁଛନ୍ତି, ତାହା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଆଶାକରିବା ୨୦୧୯ ତୁଳନାରେ ଏହି ନିର୍ବାଚନରେ ଅଧିକ ମହିଳା ପ୍ରାର୍ଥୀ ହେବେ ଏବଂ ନିର୍ବାଚନରେ ସଫଳତା ପାଇବେ ଯାହା ଆଗାମୀ ଦିନରେ ମହିଳାମାନଙ୍କୁ ରାଜନୀତିରେ ଭାଗନେବା ପାଇଁ ପ୍ରେରଣା ଦେବ ଏବଂ ସଂସଦ ଓ ବିଧାନସଭାରେ ମହିଳା ପ୍ରତିନିଧିତ୍ୱ ବୃଦ୍ଧି ପାଇବ ।

# ସ୍ୱପ୍ନ ଏବେ ଦୁଃସ୍ୱପ୍ନ

ଯୁକ୍ତରାଷ୍ଟ୍ର ଆମେରିକାକୁ ଉଚ୍ଚଶିକ୍ଷା ପାଇଁ ଯିବା ଅନେକ ଭାରତୀୟଙ୍କ ଏକ ସ୍ୱପ୍ନ । କେତେକଙ୍କ ପାଇଁ କିନ୍ତୁ ସ୍ୱପ୍ନ ଏବେ ଦୁଃସ୍ୱପ୍ନରେ ପରିଣତ ହେଉଛି । ବାରମ୍ବାର ଭାରତୀୟ ଛାତ୍ରଙ୍କ ମୃତ୍ୟୁକୁ ନେଇ ଛାତ୍ରଛାତ୍ରୀ ଏବଂ ସେମାନଙ୍କର ପିତାମାତା ଅନିଶ୍ଚିତତା ମଧ୍ୟରେ ରହୁଛନ୍ତି । ଛାତ୍ରମାନେ ଗୁଳି ଏବଂ ଅନ୍ୟ ହିଂସାତ୍ମକ ଆକ୍ରମଣର ଶିକାର ହେବାପରେ, ଭାରତୀୟ ଛାତ୍ରଙ୍କ ସୁରକ୍ଷା ନେଇ ଆଶଙ୍କା ସୃଷ୍ଟି ହେଇଛି ଏବଂ ଆମେରିକୀୟ କ୍ୟାମ୍ପସରେ ଭାରତୀୟ ଛାତ୍ରମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା କଥା ମଧ୍ୟ କୁହାଯାଉଛି । ଚଳିତ ବର୍ଷ ଆରମ୍ଭରୁ ଅତିକମ୍‌ରେ ୧୦/୧୨ ଜଣ ଭାରତୀୟ ଛାତ୍ରଙ୍କ ମୃତ୍ୟୁ ଘଟିଛି । ନିକଟରେ ହାଇଦ୍ରାବାଦର ୨୫ ବର୍ଷୀୟ ଛାତ୍ରଙ୍କ ମୃତଦେହ କ୍ଲିଭଲାଣ୍ଡରେ ମିଳିଥିଲା । ଗତ ମାସରୁ ସେ ନିଖୋଜ ଥିଲେ । ମାର୍ଚ୍ଚ ୧୭ରେ ତାଙ୍କ ପରିବାରକୁ ଏକ ଧମକପୂର୍ଣ୍ଣ କଲ୍ ମିଳିଥିଲା । ଏହା ଦୁର୍ଭାଗ୍ୟଜନକ ଯେ ଛାତ୍ରଙ୍କୁ ଉଦ୍ଧାର କରାଯାଇ ପାରିଲା ନାହିଁ, ଯଦିଓ ଭାରତୀୟ କନସୁଲେଟ୍ ତାଙ୍କୁ ଖୋଜିବା ପାଇଁ ସ୍ଥାନୀୟ ଆଇନ ପ୍ରଣୟନକାରୀ ସଂସ୍ଥା ସହ କାର୍ଯ୍ୟ କରୁଛନ୍ତି ବୋଲି ଦାବି କରିଥିଲେ । ଗତ ସପ୍ତାହରେ ଓହିଓରେ ଜଣେ ଭାରତୀୟ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ବେଳେ ମାର୍ଚ୍ଚରେ ମିସୌରୀର ସେଣ୍ଟ ଲୁଇସରେ ଜଣେ ତାଲିମପ୍ରାପ୍ତ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା । ଆମେରିକାରେ ହେଉଥିବା ଏହି ହତ୍ୟା ନେଇ ହ୍ୱାଇଟ ହାଉସର ଯୋଗାଯୋଗ ଅଧିକାରୀ ଜନ୍ କିର୍ବି କହିଥିଲେ ଯେ ଜାତି, ଲିଙ୍ଗ, ଧର୍ମ କିମ୍ବା ଅନ୍ୟ କୌଣସି କାରଣ ଉପରେ ଆଧାରିତ ହିଂସା ପାଇଁ କୌଣସି ଯୁକ୍ତିର କିଛି ମାନେ ନାହିଁ । ବିଦେଶୀ ଛାତ୍ରମାନଙ୍କ ସୁରକ୍ଷା ଉପରେ ବଢୁଥିବା ଭୟକୁ ଦୃଷ୍ଟିରେ ରଖି ବାଇଡେନ ପ୍ରଶାସନ ଶିକ୍ଷାନୁଷ୍ଠାନରେ ନିରାପତ୍ତା ବଢ଼ାଇବା, ସନ୍ଧାନ ଏବଂ ଉଦ୍ଧାର ପ୍ରକ୍ରିୟାରେ ଉନ୍ନତି ଆଣିବା, ରାଗିଂ ବିରୋଧରେ କଠୋର ନିୟମ ଲାଗୁ କରିବା, ବିପଦ ବିଷୟରେ ସଚେତନତା ବୃଦ୍ଧି କରିବା ଏବଂ ମାନସିକ ସ୍ୱାସ୍ଥ୍ୟ ସହାୟତା ପ୍ରଦାନ କରିବା ଆବଶ୍ୟକ । ସମ୍ପ୍ରଦାୟ ବିରୋଧରେ ନକାରାତ୍ମକ ପ୍ରଚାର ଘୃଣା ଅପରାଧକୁ ବଢ଼ାଉଛି ବୋଲି କୁହାଯାଉଛି । ଯୁକ୍ତରାଷ୍ଟ୍ରରେ ଆନୁମାନିକ ୨.୭୫ ଲକ୍ଷ ଭାରତୀୟ ମୂଳ ଛାତ୍ର ଅଛନ୍ତି, ଯାହା ସମୁଦାୟ ବିଦେଶୀ ଛାତ୍ରଙ୍କ ସଂଖ୍ୟାର ୨୫ ପ୍ରତିଶତ ଅଟେ ଯାହା ଆମେରିକାକୁ ଫି ଓ ଖର୍ଚ୍ଚ ବାବଦରେ ବାର୍ଷିକ ୯ ବିଲିୟନ ଡଲାର ଦେଇଥାଏ । ଉନ୍ନତ କ୍ୟାରିୟର ଆଶା ପାଇଁ ହଜାର ହଜାର ଭାରତୀୟ ଆମେରିକା ଯାଉଛନ୍ତି ଏବଂ ଅଧିକାଂଶ ସେଠାରେ ଚାକିରିବାକିରି କରି ପରୋକ୍ଷରେ ଆମେରିକାର ଅର୍ଥନୀତି ବୃଦ୍ଧିରେ ସାହାଯ୍ୟ କରୁଛନ୍ତି । ତେଣୁ ଆମେରିକା ସେମାନଙ୍କ ସୁରକ୍ଷାକୁ ପ୍ରାଥମିକତା ଦେବା ଏବଂ ଭାରତୀୟଙ୍କୁ ଘୃଣା କରୁଥିବା ଓ ଭାରତୀୟ ଛାତ୍ରଙ୍କ ଆକ୍ରମଣ କରୁଥିବା ଲୋକଙ୍କୁ ଉଦାହରଣ ହେଲାଭଳି ଦଣ୍ଡ ଦେବା ଦରକାର । ବର୍ତ୍ତମାନ ଯେଉଁଭଳି ଗୋଟିଏ ପରେ ଗୋଟିଏ ଘଟଣା ଘଟିଚାଲିଛି ଏହାଦ୍ୱାରା ଭାରତରେ ଆମେରିକା ବଦନାମ ହେଉଛି ଏବଂ ଶିକ୍ଷା ପାଇଁ ଗୋଟିଏ ଲୋକପ୍ରିୟ ଗନ୍ତବ୍ୟସ୍ଥଳ ଭାବରେ ଦେଶର ପ୍ରତିଷ୍ଠାକୁ କ୍ଷତି ପହଞ୍ଚାଉଛି । ଦୁଃଖଦ ଘଟଣା ଭାରତୀୟ ଛାତ୍ରମାନଙ୍କ ଶିକ୍ଷାଗତ ସ୍ୱପ୍ନକୁ ଦୁଃସ୍ୱପ୍ନରେ ପରିଣତ କରୁଛି । ବିଶେଷ ଭାବରେ, ଘୃଣ୍ୟ ଅପରାଧ ଏବଂ ହିଂସା ଆମେରିକୀୟ ରାସ୍ତାରେ ଭାରତୀୟ ଯୁବକଙ୍କ ସୁରକ୍ଷାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିନ୍ତା ବଢ଼ାଇଦେଉଛି । ଆମେରିକା ଭାରତୀୟ ଛାତ୍ରଛାତ୍ରୀଙ୍କ ପାଇଁ ସବୁଠାରୁ ସୁରକ୍ଷିତ ସ୍ଥାନ ବୋଲି କୁହାଯାଉଥିଲା ଏବଂ ବହୁ ଭାରତୀୟ ଶିକ୍ଷା ପରେ ଆମେରିକାରେ ସ୍ଥାୟୀ ବାସିନ୍ଦା ହେଇ ରହିଯାଉଥିଲେ । ଏବେ କିନ୍ତୁ, ପିଲାମାନେ ଏବଂ ତାଙ୍କ ପିତାମାତାଙ୍କୁ ଏହି ନିଷ୍ପତ୍ତି ନେବା ପୂର୍ବରୁ ବାରମ୍ବାର ଚିନ୍ତା କରିବାକୁ ପଡୁଛି । ଭାରତୀୟମାନେ ଆମେରିକାର ସବୁଠାରୁ ସଫଳ ଏବଂ ପ୍ରଭାବଶାଳୀ ଗୋଷ୍ଠୀ ମଧ୍ୟରେ ଅଛନ୍ତି, ଯାହା ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ଯଥେଷ୍ଟ ଅବଦାନ କରିଥାଏ । ତେଣୁ ବର୍ତ୍ତମାନ ପରିସ୍ଥିତିରେ ପରିବର୍ତ୍ତନ ଅଣାଯିବା ଦରକାର । ଅପରାଧର କାରଣ ଖୋଜି ନିରାକରଣ ପାଇଁ ଯଥାଶୀଘ୍ର ପଦକ୍ଷେପ ନବା ଦରକାର ଯାହା ପୁଣି ଥରେ ଆମେରିକା ପ୍ରତି ଭାରତୀୟ ଛାତ୍ରଛାତ୍ରୀଙ୍କ ବିଶ୍ୱାସ ଫେରାଇ ଆଣିବାରେ ସହାୟକ ହେବ ।

# ଆମ ଉତ୍କଳ

ଅସିତ ମହାନ୍ତି

ଖୁବ୍ ବିଶାଳ ଆମର ଓଡ଼ିଆ ଜାତି ,ମହାନ ଏହାର ସଂସ୍କୃତି , ମହାନଦୀ, ମହୋଦଧି ମହାପ୍ରଭୁ, ମହାପ୍ରସାଦ, ମହାଭାରତ ପୁଣି ମାତୃଭାଷାର ମହାନତାକୁ ନେଇ ହଜାର ହଜାର ବର୍ଷ ଧରି ବଞ୍ଚିଛି ଓଡ଼ିଆ ଜାତି । କଳିଙ୍ଗ ସମ୍ରାଟ ଖାରବେଳଙ୍କ ସ୍ମୃତି, ଗଜପତି କପିଳେନ୍ଦ୍ର ଦେବଙ୍କ ବୀରତ୍ୱ, ବିର୍ସା ମୁଣ୍ଡା ଓ ବକ୍ସି ଜଗବନ୍ଧୁ ଓ ବାଜି ରାଉତଙ୍କ ସାହସ ଏବଂ ସଂଗ୍ରାମ ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ । ମଧୁବାବୁଙ୍କ ସ୍ୱାଭିମାନ, ଗୋପବନ୍ଧୁଙ୍କ ତ୍ୟାଗ, ଫକୀର ମୋହନଙ୍କ ଭାଷା ପ୍ରୀତି ଆମ ପାଇଁ ପ୍ରେରଣାର ଉତ୍ସ । ପ୍ରାକୃତିକ ବିପର୍ଯ୍ୟୟ, ଦୁର୍ବିପାକ ଭଳି ଦୁଃଖକୁ ସାହସର ସହିତ ସାମ୍ନା କରି ଏ ଜାତି ରଖିଛି ପ୍ରଗତି ପଥରେ ପାଦ । ଏହି ସେହି ବୀର ମାଟି ଓଡ଼ିଶା, ଯାହାର ସ୍ୱତନ୍ତ୍ରତାକୁ ନେଇ ଦିନେ ଉମଡି ଥିଲା ଆନ୍ଦୋଳନ । ତେବେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପୂର୍ବରୁ କିପରି ଥିଲା ଏହାର ପୃଷ୍ଠଭୂମି, କିପରି ଥିଲା ଆନ୍ଦୋଳନ ଏହା ପ୍ରତ୍ୟକ ଓଡିଶାବାସୀଙ୍କ ମନରେ ଜାଣିବା ପାଇଁ ଆନ୍ଦୋଳନ ସୃଷ୍ଟି କରେ ।

ସ୍ୱତନ୍ତ୍ର ଉତ୍କଳକୁ ୮୮ ବର୍ଷ ପୂରିଛି ଏବଂ ଏହା ସହିତ ଯୋଡି ହୋଇ ରହିଛି ଅନେକ ସଂଘର୍ଷ । ବାସ୍ତବରେ ଓଡ଼ିଶାର ଇତିହାସ ବେଶ ଘଟଣା ବହୁଳ ଏବଂ ଏହି ଇତିହାସର ପୃଷ୍ଠାକୁ ଲେଉଟାଇଲେ ପ୍ରଥମେ ନଜରକୁ ଆସେ କଳିଙ୍ଗ ଯୁଦ୍ଧ ବୀର ରକ୍ତରେ ଲାଲ ହୋଇଥିଲା ଦୟାନଦୀ । ଏହି ଯୁଦ୍ଧରେ ଦୁର୍ଦ୍ଧଶ କଳିଙ୍ଗ ସ୍ୱୟଂ ଦେଖାଇଥିଲେ ନିଜର ପରାକ୍ରମ । ତେବେ ଅତୀତରେ କିପରି ଥିଲା କଳିଙ୍ଗର ଭୌଗଳିକ ଏବଂ ରାଜନୈତିକ ସ୍ଥିତି ! ଇତିହାସକାରଙ୍କ ଅନୁଯାୟୀ, ଓଡ଼ିଶା ମୂଳତଃ ଏହାର ପାହାଡ ଏବଂ ସମତଳ ଅଞ୍ଚଳରେ ବାସ କରୁଥିବା ଆଦିବାସୀମାନଙ୍କ ଦ୍ୱାରା ବାସ କରୁଥିଲେ । ପରେ, ଏହା କଳିଙ୍ଗର ଏକ ଅଂଶ ହୋଇଗଲା, ଯାହା ଖ୍ରୀଷ୍ଟପୂର୍ବ ୨୬୧ ମସିହାରେ ମଗଧ ରାଜା ଅଶୋକଙ୍କ ଦ୍ୱାରା ଆକ୍ରମଣ କରାଯାଇଥିଲା । ନରସଂହାର ପାଇଁ ପ୍ରସିଦ୍ଧ 'ମହାନ କଳିଙ୍ଗ ଯୁଦ୍ଧ' ଶେଷରେ ଅଶୋକଙ୍କ ଦ୍ୱାରା ଜିତା ଯାଇଥିଲା, ଯଦିଓ ସେ ତାଙ୍କ ବିଜୟକୁ ଉପଭୋଗ କରିପାରିନଥିଲେ ଏବଂ ଶୀଘ୍ର ବୌଦ୍ଧ ଧର୍ମ ଗ୍ରହଣ କରିଥିଲେ ।

ମହାନ କଳିଙ୍ଗ ଯୁଦ୍ଧ ବ୍ୟତୀତ, ରାଜା ଖାରବେଳଙ୍କ ଶାସନ ଆରମ୍ଭ ହେବା ପର୍ଯ୍ୟନ୍ତ ରେକର୍ଡ ହୋଇଥିବା ଇତିହାସରେ ରାଜ୍ୟ ବିଷୟରେ କିଛି ଉଲ୍ଲେଖ ଥିଲା । ବାସ୍ତବରେ, ଖାରବେଳଙ୍କ ଅଧୀନରେ ଥିବା କଳିଙ୍ଗ ମଗଧକୁ ପରାସ୍ତ କରି ମୌର୍ଯ୍ୟ ଆକ୍ରମଣର ପ୍ରତିଶୋଧ ନେବାରେ ସଫଳ ହୋଇଥିଲେ । ଇତିହାସକାରମାନେ କହିଛନ୍ତି ଯେ କଳିଙ୍ଗଙ୍କୁ ଭାରତର ଏକ ଶକ୍ତିଶାଳୀ ରାଜନୈତିକ ରାଜ୍ୟ ଭାବରେ ପ୍ରତିଷ୍ଠିତ କରିବା ବ୍ୟତୀତ ଖାରବେଳଙ୍କୁ କଳା, ସ୍ଥାପତ୍ୟ ଏବଂ ଭାସ୍କର୍ଯ୍ୟ ଦେଶ ଭାବରେ ଓଡ଼ିଶାର ଖ୍ୟାତି ପାଇଁ ଶ୍ରେୟ ଦିଆଯାଏ । ଗଜପତି ମୁକୁନ୍ଦଦେବ ଓଡ଼ିଶାର ଶେଷ ହିନ୍ଦୁ ରାଜା ଥିଲେ, ଯିଏକି ୧୫୭୬ ମସିହାରେ ମୋଗଲମାନଙ୍କ ଦ୍ୱାରା ପରାସ୍ତ ହୋଇଥିଲେ । ୧୮୦୩ ମସିହାରେ, ବ୍ରିଟିଶମାନେ ରାଜ୍ୟର ପୁନଃ ଗ୍ରହଣ କଲେ ଏବଂ ଏହାକୁ ଅନେକ ପ୍ରଶାସନିକ ୟୁନିଟରେ ବିଭକ୍ତ କଲେ । ଉତ୍ତର ଏବଂ ପଶ୍ଚିମ ଜିଲ୍ଲାଗୁଡ଼ିକ ବଙ୍ଗଳା ପ୍ରେସିଡେନ୍ସିର ଅଂଶ ହୋଇଥିଲେ । ପରେ ଉପକୂଳବର୍ତ୍ତୀ ଅଞ୍ଚଳ ବିହାର ଏବଂ ଓଡ଼ିଶା ପ୍ରଦେଶରେ ପରିଣତ ହେଲା । ପରିଶେଷରେ, ଓଡିଆ ଭାଷାଭାଷୀ ଲୋକଙ୍କୁ ସଫଳ କରିବା ପାଇଁ ଓଡ଼ିଆ ନେତାଙ୍କ ଉଦ୍ୟମରେ ସଫଳ ହୋଇ, ଏପ୍ରିଲ୍ ୧, ୧୯୩୬ ରେ ଓଡ଼ିଶାର ନୂତନ ରାଜନୈତିକ ପ୍ରଦେଶ ସୃଷ୍ଟି ହେଲା । ସାର୍ ଜନ୍ ଅଷ୍ଟିନ ହବକ ପ୍ରଥମ ରାଜ୍ୟପାଳ ହୋଇଥିଲେ । ଭାରତ ସ୍ୱାଧୀନତା ଲାଭ କଲା ପରେ ଓଡ଼ିଶା ଅଧୀନରେ ଥିବା ଅଞ୍ଚଳ ପ୍ରାୟ ଦ୍ୱିଗୁଣିତ ହେଲା ଏବଂ ଏହା ୧୯୫୦ ମସିହାରେ ଭାରତ ୟୁନିଅନର ଏକ ଗଠିତ ରାଜ୍ୟ ହୋଇଗଲା ।

ଏଠାରେ ଉଲ୍ଲେଖନୀୟ ତଥ୍ୟ ହେଉଛି, ଓଡିଆ ଭାଷା ତଥା ରାଜନୈତିକ, ସାମାଜିକ ତଥା ସାଂସ୍କୃତିକ ବିକାଶର ଉଦ୍ଦେଶ୍ୟ ନେଇ ଉତ୍କଳ ଗୌରବ ମଧୁସୂଦନ ଦାସ ୧୯୦୩ ମସିହାରେ ଉତ୍କଳ ସମ୍ମିଳନୀ ଗଠନ କରିଥିଲେ । ଏହା ପରେ ସେ ଆଲୋଚନାଚକ୍ରର ସଦସ୍ୟମାନଙ୍କୁ ଓଡିଆ ଭାଷା ପ୍ରତି ଜାଗ୍ରତ କରିବା ଆରମ୍ଭ କରିଥିଲେ ଏବଂ ଭାଷା ଆଧାରରେ ଉତ୍କଳ ପ୍ରଦେଶ ଗଠନ ପାଇଁ ଦାବିକୁ ତେଜ କରି ଦେଇଥିଲେ । ଲୋକମାନେ ସମଗ୍ର ପ୍ରଦେଶରୁ ଏଥିରେ ସହାୟତା ଏବଂ ସମର୍ଥନ ଆରମ୍ଭ କରିଦେଇଥିଲେ । ୧୯୨୦ ରେ, ଉତ୍କଳ ସମ୍ମିଳନୀ ତରଫରୁ ଓଡ଼ିଆକୁ ଭାଷାଭିତ୍ତିକ ରାଜ୍ୟ କରିବା ପାଇଁ କଂଗ୍ରେସ ଅଧିବେଶନରେ ଏକ ପ୍ରସ୍ତାବ ଦିଆଯାଇଥିଲା । ଏହି ପ୍ରସ୍ତାବକୁ ୧ ଏପ୍ରିଲ ୧୯୩୬ ରେ ଅନୁମୋଦନ କରାଯାଇଥିଲା ଏବଂ ଓଡ଼ିଶାକୁ ଏକ ସ୍ୱାଧୀନ ଭାଷାଭିତ୍ତିକ ରାଜ୍ୟ ଭାବରେ ଘୋଷଣା କରାଯାଇଥିଲା । ଏହାପୂର୍ବରୁ ଓଡ଼ିଶା, ବଙ୍ଗଳା ଏବଂ ବିହାରର ଏକ ଅଂଶ ଥିଲା । ୧୯୩୬ ମସିହାରେ ଓଡ଼ିଶା ଏକ ଭାଷାଭିତ୍ତିକ ସ୍ୱାଧୀନ ରାଜ୍ୟ ମାନ୍ୟତା ପାଇଥିବାବେଳେ ୧୯୫୦ ମସିହାରେ ଭାରତର ସ୍ୱାଧୀନତା ପରେ ଓଡ଼ିଶା ଦେଶର ଏକ ସ୍ୱାଧୀନ ରାଜ୍ୟ ହୋଇଗଲା । ୪ ନଭେମ୍ବର ୨୦୧୧ରେ 'ଓରିଶା'କୁ 'ଓଡ଼ିଶା'ରେ ପରିବର୍ତ୍ତନ କରାଯାଇଥିଲା । ଉତ୍କଳ ପ୍ରଦେଶ ଗଠନ ହେବା ପରଠାରୁ ଓରିଶା (ଓଡ଼ିଶା) ସମୃଦ୍ଧ ଭାଷା, ସାହିତ୍ୟ, କଳା ଏବଂ ସଂସ୍କୃତି ତଥା ସ୍ୱତନ୍ତ୍ର ଖାଦ୍ୟ ଏବଂ ପାନୀୟ ସମେତ ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସଫଳ ହୋଇଛି । ଏହାର ମନ୍ଦିର, କଳାକୃତି, ଓଡ଼ିଶୀ ନୃତ୍ୟ ଏବଂ ସଙ୍ଗୀତ ସଂସ୍କୃତି ପରି ଉତ୍କଳପ୍ରଦେଶ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଚାରି ଧାମ ମଧ୍ୟରୁ ଶ୍ରୀଜଗନ୍ନାଥ ଧାମ ହେଉ, କିମ୍ବା ରାଜଧାନୀ ଭୁବନେଶ୍ୱରରେ ଉପସ୍ଥିତ ମହାପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିର, ଧଉଳୀ ସ୍ତୁପ, ଖଣ୍ଡଗିରି ଉଦୟଗିରି ଗୁମ୍ଫା ଭଳି ଐତିହାସିକ ଉତ୍ତରାଧିକାରୀ ଥିବା ଓଡ଼ିଶା ଆଜି କେବଳ ଭାରତରେ ନୁହେଁ ବରଂ ପୂରା ଦୁନିଆରେ ପର୍ଯ୍ୟଟନର ଏକ ପ୍ରମୁଖ କେନ୍ଦ୍ର ଭାବରେ ମାନ୍ୟତା ପାଇଛି । ଯେହେତୁ ଓଡ଼ିଆ ଭାଷାକୁ ନେଇ ଓଡ଼ିଶା ରାଜ୍ୟର ଗଠନ ସମ୍ଭବ ହୋଇଥିଲା ଏବଂ ଏହି ଉନ୍ନତ ଭାଷା କ୍ଷେତ୍ରରେ ସେତେବେଳର ଲେଖକମାନଙ୍କର ଯୋଗଦାନକୁ ଭୁଲିହେବ ନାହିଁ । ସେହିମାନେ ହିଁ ଥିଲେ ଓଡ଼ିଆ ଭାଷାକୁ ଉନ୍ନତ ଏବଂ ସାଧାରଣ ଜନତାଙ୍କ ପାଖରେ ପହଞ୍ଚାଇବାର ସଂଘର୍ଷରେ ସାମିଲ । ଆଜି ଯଦି ଆମେ ନିଜକୁ ଓଡ଼ିଆ ବୋଲି ଗର୍ବ କରି କହୁ , ତେବେ ଏହାର ଶ୍ରେୟ ସେହି ମନୀଷୀମାନଙ୍କୁ ଦିଆଯିବ । ଭାଷା ପାଇଁ ସେମାନେ ଯେଉଁ କଠିନ ସଂଘର୍ଷ କରିଥିଲେ, ଆଜି ତାହାର ସ୍ୱାଦ ଆମେ ପାଉଛୁ । ସେଥିପାଇଁ ଏହି ମନୀଷୀମାନେ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ପାଇଁ ସେତେବେଳେ ଅନେକ ପତ୍ର–ପତ୍ରିକା ପ୍ରକାଶ କରି ଜନମାନସରେ ଓଡ଼ିଆ ଭାଷା ପ୍ରତି ଆକର୍ଷଣ ସୃଷ୍ଟି କରିଥିଲେ ଏବଂ ଏହାଦ୍ୱାରା ସେମାନେ ବଙ୍ଗଳା ଭାଷା ଉପରେ ଚାପ ସୃଷ୍ଟି କରିଥିଲେ । ଶେଷରେ ଓଡ଼ିଆ ଭାଷାର ବିଜୟ ହୋଇଥିଲା । ଆଧୁନିକ ଓଡିଆ (ବର୍ତ୍ତମାନର ଉନବିଂଶ ଶତାବ୍ଦୀରୁ ବର୍ତ୍ତମାନ ପର୍ଯ୍ୟନ୍ତ): ପ୍ରଥମ ଓଡିଆ ପତ୍ରିକା, ବୋଧଦାୟିନୀ ୧୮୬୧ ମସିହାରେ ବାଲେଶ୍ୱରରେ ପ୍ରକାଶିତ ହୋଇଥିଲା । ଏହି ସମୟ ମଧ୍ୟରେ ଅନେକ ବଙ୍ଗୀୟ ପଣ୍ଡିତ ଦାବି କରିଥିଲେ ଯେ ସରକାରୀ ଚାକିରିକୁ ଦୃଷ୍ଟିରେ ରଖି କ୍ଷମତା ପ୍ରୟୋଗ କରିବା ପାଇଁ ଓଡ଼ିଆ କେବଳ ବଙ୍ଗାଳୀର ଏକ ଉପଭାଷା ଅଟେ । ଉଦାହରଣ ସ୍ୱରୂପ, ବାଲେଶ୍ୱର ଜିଲ୍ଲା ବିଦ୍ୟାଳୟର ଶିକ୍ଷକ ପଣ୍ଡିତ କାନ୍ତୀ ଚନ୍ଦ୍ର ଭଟ୍ଟାଚାର୍ଯ୍ୟ 'ଓଡିଆ ଏକଟି ସ୍ୱତନ୍ତ୍ର ଭାଷା ନୟେ' (ଓଡିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ) ନାମକ ଏକ ଛୋଟ ପୁସ୍ତକ ପ୍ରକାଶ କରିଥିଲେ, ଯେଉଁଥିରେ ଭଟ୍ଟାଚାର୍ଯ୍ୟ ଦାବି କରିଥିଲେ ଯେ ଓଡିଆ ଭାଷାର ଏକ ପୃଥକ ତଥା ମୂଳ ରୂପ ନାହିଁ । ସେ ବ୍ରିଟିଶ ସରକାରଙ୍କୁ ଓଡ଼ିଶାର ସମସ୍ତ ଓଡିଆ ଭର୍ନାକୁଲାର ସ୍କୁଲକୁ ରଦ୍ଦ କରିବାକୁ ଏବଂ ବଙ୍ଗାଳୀ ଭର୍ନାକୁଲାର ସ୍କୁଲରେ ପରିବର୍ତ୍ତନ କରିବାକୁ ପରାମର୍ଶ ଦେଇଥିଲେ।

ପ୍ରଥମ ଓଡିଆ ଖବରକାଗଜ ଉତ୍କଳ ଦୀପିକା, ୧୮୬୬ ମସିହାରେ ସମ୍ପାଦକ ଗୌରୀଶଙ୍କର ରାୟ ଏବଂ ବିଚିତ୍ରାନନ୍ଦଙ୍କ ଅଧୀନରେ ଆରମ୍ଭ ହୋଇଥିଲା । ୧୮୬୯ ମସିହାରେ ଭଗବତୀ ଚରଣ ଦାସ ଅନ୍ୟ ଏକ ଖବରକାଗଜ, ଉତ୍କଳ ସୁଭାକରୀ ଆରମ୍ଭ କରିଥିଲେ । ଅଧିକ ଓଡିଆ ଖବରକାଗଜ ଖୁବ୍ ଶୀଘ୍ର 'ଉତ୍କଳ ପାତ୍ର' , କଟକରୁ 'ଉତ୍କଳ ହିତୈସିଣୀ', ଉତ୍କଳ ଦର୍ପଣ ଏବଂ ବାଲେଶ୍ୱରରୁ ସମ୍ବାଦ ବାହିକା ଏବଂ ଦେଓଗଡ଼ରୁ 'ସମ୍ବଲପୁର ହିତୈସିଣୀ' ପରି ଅନୁସରଣ କଲା । ଫକିର ମୋହନ ସେନାପତି ଏହି ସମୟର ଜଣେ ଓଡିଆ କଳ୍ପନା ଲେଖକ ଏବଂ ରାଧନାଥ ରାୟ ଜଣେ ବିଶିଷ୍ଟ ଓଡିଆ କବି ଭାବରେ ଉଭା ହୋଇଥିଲେ । ଏହି ସମୟରେ ଓଡ଼ିଆର ପ୍ରଚାର କରିବାରେ ସାହାଯ୍ୟ କରିଥିବା ଅନ୍ୟ ବିଶିଷ୍ଟ ଓଡ଼ିଆ ଲେଖକମାନେ ହେଲେ ମଧୁସୂଦନ ଦାସ, ମଧୁସୂଦନ ରାଓ, ଗଙ୍ଗାଧର ମେହେର, ଚିନ୍ତାମଣି ମହାନ୍ତି, ନନ୍ଦ କିଶୋର ବଳ, ରେବା ରାୟ, ଗୋପବନ୍ଧୁ ଦାସ ଏବଂ ନୀଳକଣ୍ଠ ଦାସ ଏମାନଙ୍କ ସଂଘର୍ଷ ମାଧ୍ୟମରେ ଓଡ଼ିଆ ଭାଷା ତାର ସମ୍ମାନ ବଜାୟ ରଖିବାରେ ସମର୍ଥ ହୋଇଥିଲା ।

ସୁଜନପୁର, ଯାଜପୁର
ମୋ–୯୩୪୮୭୬୮୮୧୨

# ସ୍ମୃତିରେ ଅଲିଭା ସଳିତା ଶାନ୍ତିଲତା

ହିମାଂଶୁ ଶେଖର ଆଚାର୍ଯ୍ୟ

ଓଡ଼ିଆ ଭଜନ ଓ ଜଣାଣର ସାମ୍ରାଜ୍ଞୀ ଥିଲେ ସେ । ଗଳାଝାଡି ପଦଟିଏ ଗାଇ ଦେଉଥିବା ବେଳେ ଶ୍ରୋତା ମନରେ ସୃଷ୍ଟି ହେଉଥିଲା ଅଫୁରନ୍ତ ଶିହରଣ । କେବଳ ସେତିକି ନୁହେଁ ତାଙ୍କ ଭଜନ ଭିତରେ ଓଡିଆମାନେ ଖୋଜି ପାଉଥିଲେ ଆତ୍ମପରିଚୟ ଓ ତାଙ୍କ ଗୀତ ମଧ୍ୟରେ ଏକାକାର ହୋଇଯାଉଥିଲେ ଜଗତରନାଥ ଜଗନ୍ନାଥଙ୍କ ସହ । ଓଡିଶାର ଏମିତି ଘର ନଥିବ ଯେଉଁଠି ତାଙ୍କ ସ୍ୱର ଗୁଞ୍ଜରି ନଥିବ ବା ଯେଉଁଠି ତାଙ୍କ ଗୀତ ଅନୁରଣିତ ହୋଇନଥିବ । ଏହାହିଁ ଥିଲା ତାଙ୍କର ବିଶେଷତ୍ୱ । ସେ ହେଉଛନ୍ତି ଶ୍ରୀଜଗନ୍ନାଥଙ୍କର ପରମସେବିକା, କୋଟି ଓଡିଆଙ୍କ ପ୍ରିୟ ଗାୟିକା ସ୍ୱର୍ଗତ ଶାନ୍ତିଲତା ବାରିକ ଛୋଟରାୟ ।

୧୯୬୦ ମସିହା ଅକ୍ଟୋବର ଏକ ତାରିଖରେ ନିମାପଡାରେ ଜନ୍ମଗ୍ରହଣ କରିଥିଲେ । ବାଲ୍ୟକାଳରୁ ତାଙ୍କର ସଙ୍ଗୀତ ପ୍ରତି ଭାରି ଦୁର୍ବଳତା ଥିଲା । କିନ୍ତୁ ପରିବାରର ଆର୍ଥିକ ଅବସ୍ଥା ଏତେ ସ୍ୱଚ୍ଛଳ ନଥିଲା ତା'ପରେ ସେତେବେଳେ ଝିଅମାନଙ୍କୁ ଷ୍ଟେଜରେ ଗାଇବାକୁ ନେଇ ପରିବାର ଲୋକେ ପସନ୍ଦ କରୁନଥିଲେ । କିନ୍ତୁ ତାଙ୍କ ପିତା ଝିଅର ଭକ୍ତିସଙ୍ଗୀତ ପ୍ରତି ଦୁର୍ବଳତା ଦେଖି ତାଙ୍କୁ ଉତ୍ସାହିତ କରୁଥିଲେ । ପରେ ପ୍ରାଥମିକ ଶିକ୍ଷା ପରେ ଭୁବନେଶ୍ୱରରେ ମାଧ୍ୟମିକ ବିଦ୍ୟାଳୟରେ ପଢିବା ସମୟରେ ତାଙ୍କ ବାପା ବିଦ୍ୟାଳୟରେ ଶିକ୍ଷକମାନଙ୍କୁ କହୁଥିଲେ ବିଦ୍ୟାଳୟରେ ସଙ୍ଗୀତ ପ୍ରତିଯୋଗିତା ହେଲେ ମୋ ଝିଅକୁ ଗାଇବାକୁ ସୁଯୋଗ ଦେବେ ।

ସେଇଠି ହିଁ ତାଙ୍କର ସଙ୍ଗୀତ ପ୍ରତି ଥିବା ପ୍ରତିଭାର ଉନ୍ମେଷ ହୋଇଥିଲା ଏହା ପରେ ସେ ଭୁବନେଶ୍ୱରର ସଙ୍ଗୀତ ମହାବିଦ୍ୟାଳୟରେ ଅଧ୍ୟୟନ କରି ଜଣେ ଭୋକାଲିଷ୍ଟ ହୋଇପାରିଥିଲେ । ଏହା ପରେ ସଙ୍ଗୀତ ଗୁରୁ ବାଳକୃଷ୍ଣ ଦାସ, ଭଜନ ସମ୍ରାଟ ଭିକାରି ବଳ ଓ ଅନ୍ୟାନ୍ୟ ସଙ୍ଗୀତଜ୍ଞଙ୍କ ସଂସ୍ପର୍ଶରେ ଆସି ତାଙ୍କ ଜୀବନର ଗତିପଥ ବଦଳି ଯାଇଥିଲା । ୧୯୭୭ ମସିହାରେ ସଙ୍ଗୀତ ଗୁରୁ ବାଳକୃଷ୍ଣ ଦାସଙ୍କ ନିର୍ଦ୍ଦେଶନାରେ କଟକ ଆକାଶବାଣୀରେ ସେ ପ୍ରଥମେ –

'ହେ ଚକାନୟନ ଅଗତିର ଗତି ଦିନ ଦୁଃଖନାଶନ ଗୀତଟି ଗାଇଥିଲେ ।'

କିନ୍ତୁ ତାହା ଆଶାନୁରୂପ ହୋଇ ନଥିଲା । ଏଥିରେ ସେ ଭାଙ୍ଗିପଡି ନଥିଲେ । ପରେ ପୁରୀ ବଡଦାଣ୍ଡରେ ସେଇ ଗୀତଟି ସେ ଗାଇ ରାତାରାତି ଲୋକପ୍ରିୟ ହୋଇପାରିଥିଲେ । ତା' ପରର ଘଟଣା ଥିଲା ଏକ ସ୍ୱର୍ଣ୍ଣାଭ ଇତିହାସ ।

ଏହା ପରେ ତାଙ୍କ ଭକ୍ତି ସଙ୍ଗୀତ ପ୍ରଚାର ପ୍ରସାର ପାଇଁ ସ୍ୱରତୀର୍ଥ ତରଫରୁ ଆୟୋଜିତ କାର୍ଯ୍ୟକ୍ରମ ଚନ୍ଦନ ପ୍ରତିଭା ଓ ତାଙ୍କ ନିଜସ୍ୱ ଟ୍ରଷ୍ଟ ଶାନ୍ତିଲତା ବାରିକ ଛୋଟରାୟ ଏ ଦିଗରେ ଅଗ୍ରଣୀ ଭୂମିକା ନେଇଥିଲେ । ଏଥି ସହିତ ତାଙ୍କ ପିତା ମାତା ଓ ସ୍ୱାମୀଙ୍କ ସାହାଯ୍ୟ ଏବଂ ସହଯୋଗ ତାଙ୍କୁ ଏ କ୍ଷେତ୍ରରେ ଆହୁରି ଉତ୍ସାହିତ କରିଥିଲା । ଯେଉଁ ବିଦ୍ୟାର୍ଥୀମାନେ ପାରିବାରିକ, ଆର୍ଥିକ ବା ଅନ୍ୟ କୌଣସି କାରଣରୁ ସଙ୍ଗୀତ ଶିକ୍ଷାରୁ ବଞ୍ଚିତ ହେଉଥିଲେ ସେମାନଙ୍କୁ ସେ ଜୟଦେବ ଭବନରେ ସଙ୍ଗୀତ ପରିବେଷଣର ସୁଯୋଗ ଦେଇଥିଲେ । ଏଥିସହିତ ଅନେକ ଭଜନ ଶିଳ୍ପୀ ତାଙ୍କ ପ୍ରଶିକ୍ଷଣରେ ରାଜ୍ୟରେ ନାଁ କରିପାରିଛନ୍ତି , ଏହାହିଁ ଥିଲା ତାଙ୍କ ପାରିବା ପଣିଆର ଗୋଟିଏ ଗୋଟିଏ ଉଦାହରଣ ।

ଓଡିଆ ଭଜନ ଜଣାଣରେ ବିଶେଷକରି ମହାପ୍ରଭୁ ଜଗନ୍ନାଥଙ୍କ ଭଜନ ଗାଇ ସେ ରାତାରାତି ଅଜସ୍ର ପ୍ରଶଂସା ସାଉଁଟିଥିଲେ । ବିଶେଷକରି ସେ ଗାଇଥିବା ଭଜନ–

'ଭଜି ଭଜି ତୋ ନାମ ଚକାନୟନ, ମୋର ଯାଉ ଜୀବନ, ଦିନେ ନ ଦେଖିଲେ ତୋ ଚକାନୟନ ମୋର ସରେନା ଦିନ ।'

ଗୀତଟି ମଧ୍ୟ ବେଶ୍ ଲୋକପ୍ରିୟ ହୋଇପାରିଥିଲା । ଗୋଟିଏ ପରେ ଗୋଟିଏ ଭଜନ ଗାଇ ସେ ଶ୍ରୋତାଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ ।

'ବାଲିରେଣୁ ମହାବନ୍ଧ ସୁଜନେ ହୋ, କିଏ ଦରଗଡା କଲା ଧନକୁ, ବଂଶୀକୁ ବଜାଇଦେଲୁ, ଏମିତିଆ ଦିଅଁ କାହିଁ କେଉଁଠି, ଅଧାଘଡା ହାତ ତାର କେଡେ ସୁନ୍ଦର, କାଳିଆ ମୋର ହୃଦୟ ହାର ଓ ସବୁ ବନ୍ଧନ ମୁଁ' ଏମିତି ଆହୁରି ଅନେକ ସଙ୍ଗୀତର ମୂର୍ଚ୍ଛନାରେ ସେ ଶ୍ରୋତାମାନଙ୍କୁ ସମ୍ମୋହନ ମନ୍ତ୍ରରେ ବାନ୍ଧି ରଖିଥିଲେ ସେ । ଏବେବି ତାଙ୍କ ଭାବସ୍ପର୍ଶୀ ସ୍ୱର ସ୍ୱାକ୍ଷର ଉଜ୍ଜିବୀତ ହୋଇ ରହିଛି ।

କେବଳ ଜଣେ ସୁନାମଧନ୍ୟା କଣ୍ଠଶିଳ୍ପୀ ନୁହେଁ ଜଣେ ଛାତ୍ରବତ୍ସଳ ଓ ଲୋକପ୍ରିୟ ସଙ୍ଗୀତ ମାର୍ଗଦର୍ଶିକା ରୂପେ ସୁପରିଚିତା ଥିଲେ ଶାନ୍ତିଲତା ବାରିକ । ଏଥିସହିତ ଜଣେ ପ୍ରଶିକ୍ଷଣ ଲାଭ କରିଥିବା କଣ୍ଠଶିଳ୍ପୀ ଭାବେ ନୁହେଁ ବରଂ ଆକାଶବାଣୀ ରେଡିଓର ସ୍ୱୀକୃତିପ୍ରାପ୍ତ କଣ୍ଠଶିଳ୍ପୀ ମଧ୍ୟ ଥିଲେ । ଉତ୍କଳ ସଂଗୀତ ମହାବିଦ୍ୟାଳୟର ଆଲୁମିନି ଭାବେ ନିଜର ଜୀବନ କାଳ ମଧ୍ୟରେ ପ୍ରାୟ ଦୁଇ ହଜାରରୁ ଉର୍ଦ୍ଧ୍ୱ ଭକ୍ତି ସଙ୍ଗୀତ ଗାଇ ସ୍ରୋତାମାନଙ୍କ ମନକୁ ଏମିତି ବାନ୍ଧି ଦେଇଥିଲେ ଯେ କେହି କେହି ତାଙ୍କୁ ଓଡିଶାର ଲତା ମଙ୍ଗେସକର ବୋଲି କହୁଥିଲେ । ତନ୍ମଧ୍ୟରୁ ଜଗନ୍ନାଥଙ୍କ ଭଜନ ସଂଖ୍ୟା ଅଧିକ ଥିଲା । ଏତଦ୍ ବ୍ୟତୀତ ଅନେକ ପଲ୍ଲୀଗୀତ ଓ ଓଡିଆ ଗୀତ ଗାଇ ନିଜ ପାଇଁ ସ୍ୱତନ୍ତ୍ର ଛାପ ଛାଡଯାଇଛନ୍ତି ।

ଯଥାର୍ଥରେ ସେ ଥିଲେ ଜଗନ୍ନାଥଙ୍କ ପରମଭକ୍ତ ଓ ଭଜନ ସାମ୍ରାଜ୍ଞୀ । ନିଜର ଯାଦୁକରୀ କଣ୍ଠରେ ଭକ୍ତି ସଙ୍ଗୀତ ପରିବେଷଣ କରି ସେ ବିମୋହିତ କରୁଥିଲେ ଶ୍ରୋତାମାନଙ୍କୁ । କେବଳ ଆମ ରାଜ୍ୟରେ ନୁହେଁ ସମଗ୍ର ଭାରତବର୍ଷର ବିଭିନ୍ନ ସହରମାନଙ୍କରେ ଭଜନ ପରିବେଷଣ କରି ଉଚ୍ଚ ପ୍ରଶଂସିତା ହୋଇଥିଲେ । ଆଜି ଶାନ୍ତିଲତା ବାରିକ ଆମ ଗହଣରେ ନାହାନ୍ତି । ୨୦୨୪ ମସିହାରେ ଏପ୍ରିଲ ୨ ତାରିଖରେ ତାଙ୍କର ଦେହାବସାନ ହୋଇଛି । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ପାର୍ଥିବ ଶରୀର ପଞ୍ଚଭୂତରେ ଲୀନ ହୋଇଯାଇଛି । ସବୁଦିନ ପାଇଁ ସେ ଚାଲିଯାଇଛନ୍ତି ଅଫେରା ରାଇଜକୁ । ସେ ଆଉ ଫେରିବେ ନାହିଁ । ତେବେ ସେ ଜୀଇଁ ରହିଛନ୍ତି ଓ ରହିଥିବେ କାଳକାଳକୁ ସେ ଗାଇଥିବା ଭଜନ ଓ ଜଣାଣ ପାଇଁ । ସ୍ୱର୍ଗତ ଶାନ୍ତିଲତା ବାରିକ ସ୍ମୃତି ହୋଇ ରହିଥିବେ କାଳକାଳକୁ ଓଡିଶାବାସୀଙ୍କ ଜନମାନସରେ ଏହା ଅନସ୍ୱୀକାର୍ଯ୍ୟ ।

ସଭାପତି
ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ – ୯୯୩୭୧୫୧୦୫୨

# ସୁଖ ଓ ଦୁଃଖ

ସୁଖ ଏକ ଏମିତି ଆବେଗ ଯାହାକି ସ୍ୱତଃ ପ୍ରବୃତ୍ତ ଭାବରେ ଆସିଥାଏ । ଏହାକୁ କୃତ୍ରିମ ଭାବରେ ସୃଷ୍ଟି କରାଯାଇ ପାରିବ ନାହିଁ । ଯଦିଓ ମନୁଷ୍ୟର ଚାହିଦା ଅପରିମିତ ଏବଂ ଅସୀମିତ, ତଥାପି ମନୁଷ୍ୟ ଯଦି ନିଜର ଇପ୍ସିତ ଜିନିଷ ହାସଲ କରେ କ୍ଷଣିକ ସମୟ ପାଇଁ ସୁଖ ଅନୁଭବ କରିଥାଏ । କିନ୍ତୁ ଯେଉଁ ସୁଖରେ ଆତ୍ମସନ୍ତୋଷ ଏବଂ ଆତ୍ମ ଶାନ୍ତି ହେଲା ଭଳି ବିଷୟ ଯେତେ ବେଶି ରହିଥାଏ,ତାହା ସେତିକି ଦୀର୍ଘ ସ୍ଥାୟୀ ହୋଇଥାଏ । ସୁଖରେ ରହିବାକୁ ହେଲେ ସବୁବେଳେ ମନ ଭିତରେ ଦୃଢ଼ ଆତ୍ମବିଶ୍ୱାସ ଏବଂ ସକରାତ୍ମକ ମନୋଭାବ ରଖିବାକୁ ହୋଇଥାଏ ।

ଏମିତି ସମୟ ଆସିଥାଏ ଶୀତତାପ ନିୟନ୍ତ୍ରିତ କୋଠରୀ ଯେଉଁ ସୁଖ ଦେଇ ନ ପାରେ ଖୋଲା ଆକାଶ ତଳର ପବନରେ ଅଫୁରନ୍ତ ଆନନ୍ଦ

ଅମୃତବାଣୀ

ମିଳିଥାଏ ।

ଗତ ଦିନର ଦୁଃଖକୁ ମନ ମଧ୍ୟରେ ମନ୍ଥନ କରୁଥିଲେ ଦୁଃଖ ଆହୁରି ତା'ର କାୟା ବିସ୍ତାର କରିବ ଏବଂ ସମୟର ନଷ୍ଟ ହେବ ସିନା ସମାଧାନର ପଥ ଆବିଷ୍କାର ହୋଇପାରିବ ନାହିଁ । ନିଜର ଆତ୍ମୀୟଙ୍କୁ ହରେଇବାର ଦୁଃଖକୁ ଏ ଶ୍ରେଣୀର ଅନ୍ତର୍ଭୁକ୍ତ କରାଯାଇ ନ ପାରେ । ଯଦିଓ କ୍ଷଣଭଙ୍ଗୁର ଏ ମାନବ ଜୀବନ ତଥାପି ହରେଇବାର ଦୁଃଖ ମନକୁ ବେଳେ ବେଳେ ଏମିତି ପଶିଆସେ ଯେ ତାକୁ ରୋକିପାରିବା ଅସମ୍ଭବ ହୋଇପଡ଼େ । ସେତିକି ବେଳେ 'ମିଛ ମାୟା ମରୀଚିକା ଏ ସଂସାର' ବୋଲି ଭାବନା ମନକୁ ପ୍ରବେଶ କରିଥାଏ ଏବଂ ସେଭଳି ଦୁଃଖଦ ଚିନ୍ତା



ଆପେ ଆପେ ଦୂର ହୋଇଯାଏ । ଏଣୁ ବର୍ତ୍ତମାନକୁ ନିଜର କରି ପାରିଲେ ଖୁସିରେ ରହିପାରିବା । ଦୁଃଖ ମଧ୍ୟ ବେଳେ ବେଳେ ଅନେକ ଶିକ୍ଷା ଦେଇଥାଏ, କିନ୍ତୁ ସେ ଶିକ୍ଷା କେବଳ ଦୁଃଖ ସମୟରେ ହିଁ ମନେପଡ଼େ, କ୍ୱଚିତ କାର୍ଯ୍ୟକୁ ଆସେ । ଜୀବନକୁ ଉପଭୋଗ କର, ସୁଖ ମିଳିବ– ଏ କଥା ଆଦୌ ସ୍ୱୀକାରଯୋଗ୍ୟ ନୁହେଁ । ଜୀବନକୁ ଭଲକାମରେ ନିୟୋଜିତ କଲେ ସୁଖପ୍ରାପ୍ତି ହୋଇଥାଏ । ଢେଉ ପରି ଆସୁଥିବା ସୁଖଦ ଏବଂ ଦୁଃଖଦ ପରିସ୍ଥିତିରେ ନିଜକୁ ଖାପ ଖୁଆଇପାରିଲେ ଜୀବନକୁ ଉପଭୋଗ କରୁଛୁ ବୋଲି ଧରାଯିବ ।

ସନ୍ତୋଷ କୁମାର ଅଦାବର
ବୀର ମହାରାଜପୁର,ସୁବର୍ଣ୍ଣପୁର,
ମୋ–୯୭୭୭୯୧୦୭୨୮

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଇସ୍ରାଏଲ...

ସମ୍ବୋଧନ କରି କହିଛନ୍ତି ଯେ ଆମେ ରକ୍ଷାତ୍ମକ ତଥା ଆକ୍ରମଣାତ୍ମକ ପଦ୍ଧତି ଦ୍ୱାରା ଯେକୌଣସି ସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ । ଇସ୍ରାଏଲ ସମେତ ଏହାର ନାଗରିକ ଓ ଆଇଡିଏଫ୍ ମଜଭୁତ ଓ ଶକ୍ତିଶାଳୀ ଥିବା ସେ ଆହ୍ୱାନ ଦେଇଛନ୍ତି । ଆମେରିକା ଆମକୁ ସହାୟତା ଦେବାକୁ ଆଗେଇ ଆସିଥିଲା ବେଳେ ବ୍ରିଟେନ ଓ ଫ୍ରାନ୍ସ ପରି ଦେଶ ସମର୍ଥନ କରିବେ ବୋଲି ଆଶା ରଖିଛୁ । ଇସ୍ରାଏଲ ସହାୟତା ପାଇଁ ଆଗରୁ ଆସିଥିବା ଆମେରିକା ନିଜ ଡିଫେନ୍ସ ସିଷ୍ଟମ ଦ୍ୱାରା ବହୁ ଡ୍ରୋନ ଖସାଇ ଦିଆଯାଇଛି । ଯିଏବି ଆମକୁ କ୍ଷତି ପହଞ୍ଚାଇବ ଆମେ କେବେବି ତା ପ୍ରତି ଉଦାର ହୋଇ ରହିବୁ ନାହିଁ । ଆମେ ଏକ ହୋଇ ଛିଡ଼ା ହେବୁ ଶତ୍ରୁ ଉପରେ ବିଜୟ ଲାଭ କରିବୁ । ଡ୍ରୋନ ହାମଲା ପରେ ସେନାକୁ ହାଇ ଆଲର୍ଟରେ ରଖାଯାଇଛି ।

## ତାପମାତ୍ରା...

ଅଧିକ ରେକର୍ଡ଼ କରାଯାଇଛି । ୪୦.୫° ସହ ପାରଳାଖେମୁଣ୍ଡି ରାଜ୍ୟର ସବୁଠୁ ଉତପ୍ତ ସହର ହୋଇଛି । ମାଲାକାନଗିରିର ତାପମାତ୍ରା ୩୯.୯° ହୋଇଥିଲା ବେଳେ ସମ୍ବଲପୁରର ତାପମାତ୍ରା ୩୯.୬°, ଜଗତସିଂହପୁର ଓ ନୟାଗଡ଼ ତାପମାତ୍ରା ୩୯.୫°, ଭବାନୀପାଟଣା ଓ ଚାନ୍ଦବାଲିର ତାପମାତ୍ରା ୩୯.୪°, ବାରିପଦାର ତାପମାତ୍ରା ୩୯.୨°, କେନ୍ଦ୍ରାପଡ଼ା ଓ ଭଦ୍ରକର ତାପମାତ୍ରା ୩୯° ରେକର୍ଡ଼ କରାଯାଇଛି । ସେହିଭଳି ଅନୁଗୁଳର ତାପମାତ୍ରା ୩୮.୯°, ଝାରସୁଗୁଡ଼ାର ତାପମାତ୍ରା ୩୮.୯°, ତାଳଚେର ୩୮.୮°, ଟିଟିଲାଗଡ଼, ଖୋର୍ଦ୍ଧା ଓ ଯାଜପୁରର ତାପମାତ୍ରା ୩୮.୫°, କଟକ ୩୮.୪°, ନୂଆପଡ଼ା ୩୮.୨°, ରାଉରକେଲା ୩୮°, ସୁନ୍ଦରଗଡ଼ ୩୮° ରେକର୍ଡ଼ ହୋଇଛି । ଆଗାମୀ ୩-୪ ଦିନ ଯାଏ ତାତିରୁ ନିସ୍ତାର ମିଳିବ ନାହିଁ ।

## ୟୁସିସି...

ଲାଗି ଫୋକସ କରାଯାଇଛି । ଗତ ୧୦ ବର୍ଷରେ ୨୫ କୋଟି ଲୋକ ଦାରିଦ୍ର୍ୟ ସୀମାରେଖା ତଳୁ ଉପରକୁ ଉଠିଛନ୍ତି । ମାଗଣା ରାସନ ଆଉ ୫ ବର୍ଷ ଯାଏଁ ଜାରି ରହିବ । ୭୦ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠଙ୍କୁ ଆୟୁଷ୍ମାନ ଯୋଜନାରେ ସାମିଲ କରାଯିବ । ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ଯୋଗାଇ ଦିଆଯିବ । ଆୟୁଷ୍ମାନ ଯୋଜନାରେ ତୃତୀୟ ଲିଙ୍ଗିଙ୍କୁ ସାମିଲ କରାଯିବା ସହ ପାଇପ ଯୋଗେ ଘରେଘରେ ଶସ୍ତାରେ ଗ୍ୟାସ ପହଞ୍ଚାଯିବ । ମୁଦ୍ରା ଯୋଜନାରେ ୨୦ ଲକ୍ଷ ପର୍ଯ୍ୟନ୍ତ ଋଣ ବୃଦ୍ଧି କରାଯିବ । ଗରିବଙ୍କ ପାଇଁ ୩ କୋଟି ଆବାସ ନିର୍ମାଣ ହେବ । ବନ୍ଦେ ଭାରତ ମେଟ୍ରୋ ଟ୍ରେନ ଗଡ଼ିବା ସହ ୩କୋଟି ମହିଳାଙ୍କୁ ଲକ୍ଷପତି କରିବାକୁ ଲକ୍ଷ୍ୟ ରଖାଯାଇଛି । ଦେଶର ବଞ୍ଚିତ ବର୍ଗଙ୍କୁ ପ୍ରାଥମିକତା ଦେବା ସହ ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ଇସ୍ତାହାରରେ ଉଲ୍ଲେଖ କରାଯାଇଛି ।

## ଗୋଷ୍ଠୀ...

ଲୋକେ ସେମାନଙ୍କ ଉପରକୁ ଢ଼େଲାପଥର ମାଡ ଆରମ୍ଭ କରିଥିବା ଅଭିଯୋଗ ହୋଇଥିଲା। ଉଭୟଙ୍କ ପକ୍ଷରୁ ଢ଼େଲାପଥର ମାଡ ଫଳରେ ବ୍ୟାପକ ଭଙ୍ଗାରୁଜା ହୋଇଥିବା ବେଳେ ପୁଲିସ ଏବଂ ଶୋଭାଯାତ୍ରାକାରୀଙ୍କ ସମେତ ୫୦ରୁ ଅଧିକ ଲୋକେ ଆହତ ହୋଇଛନ୍ତି। ତେବେ ଘଟଣା ବଢ଼ିବା ପରେ ତୁରନ୍ତ ସେଠାରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଏପରିକି ଛକଛକମାନଙ୍କରେ ଶହ ଶହ ସଂଖ୍ୟାରେ ପୁଲିସ ମୁତୟନ କରାଯାଇଥିବା ଜଣାଯାଇଛି। ଏହି ଢ଼େଲାପଥର ମାଡରେ ଏସପିଙ୍କ ଗାଡି ଭାଙ୍ଗିଥିବା ଜଣାଯାଇଛି। ଘଟଣା ସ୍ଥଳରେ ଆଇଜି ଦୀପକ କୁମାରଙ୍କ ସମେତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ସମେତ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହିଛନ୍ତି। ତେବେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଲକ୍ଷ୍ୟ କରି ସେଠାରେ ୧୪୪ଧାରା ଜାରି କରାଯାଇଛି। ତେବେ ଏହି ଆକ୍ରମଣରେ ପାଖାପାଖି ୫୦ରୁ ଅଧିକ ଆହତ ହୋଇଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ଆହତଙ୍କ ସଂଖ୍ୟା ବାବଦରେ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଏପରିକି କିଛି ଆହତମାନେ ରେମୁଣା ମେଡିକାଲରେ ମଧ୍ୟ ଚିକିତ୍ସିତ ହୋଇଛନ୍ତି ବୋଲି ଜଣାପଡିଛି। ତେବେ ଏହି ଘଟଣାରେ ପରେ ଗନିପୁର ବସ୍ତିରେ ବ୍ୟାପକ ପୁଲିସ ମୁତୟନ କରାଯାଇଥିବା ବେଳେ ଆକ୍ରମଣକାରୀଙ୍କୁ ଖୋଜା ଚାଲିଥିବା ଜଣାଯାଇଛି। ଏନେଇ ଏସପିଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ। ଘଟଣା ସ୍ଥଳରେ ସିଟି ଡିଏସପି ଗାୟତ୍ରୀ ପ୍ରଧାନ,ସଦର ଏସଡିପିଓ ଡ ଶଶାଙ୍କ ଶେଖର ବେହୁରିଆ,ନୀଳଗିରି ଏସଡିପିଓ,ରେମୁଣା ଥାନା ଅଧିକାରୀ ଆର୍ତ୍ତତ୍ରାଣ ସେଠୀ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ରହିଛନ୍ତି ।

## ୭୫...

ଦେବାଶିଷ ପଟ୍ଟନାୟକ, ତିର୍ତ୍ତୋଲରୁ ହିମାଂଶୁ ଭୂଷଣ ମଲ୍ଲିକ, ବାଲିକୁଦା-ଏରସମାରୁ ନଳିନୀ ସ୍ୱାଇଁ, ପାରାଦୀପରୁ ନିରଞ୍ଜନ ନାୟକ, ଆଳିରୁ ଦେବସ୍ମିତା ଶର୍ମା, ପାଟକୁରାରୁ ରତିକାନ୍ତ କାନୁନଗୋ, ଟିଟିଲାଗଡ଼ରୁ ବିରେନ୍ଦ୍ର ବାଗ ପ୍ରମୁଖଙ୍କ ନାମ ଘୋଷଣା କରାଯାଇଛି । କଂଗ୍ରେସର ଆଉ ୪ ଲୋକସଭା ଓ ୩୬ ବିଧାନସଭା ପ୍ରାର୍ଥୀଙ୍କ ନାମ ଘୋଷଣା ବାକି ରହିଛି ।

# ଡ. ଆମ୍ବେଦକରଙ୍କ ଜୟନ୍ତୀ ସମାରୋହ

ବାଲେଶ୍ୱର, (ସବ୍ୟୁ) :ବାଲେଶ୍ୱର ସହରସ୍ଥିତ ପୋଲିସ୍ ଲାଇନ୍ ଛକ ପାର୍ଶ୍ୱରେ ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ. ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ପାଖରେ ଆମ୍ବେଦକର ବିକାଶ ପରିଷଦ ପକ୍ଷରୁ ତାଙ୍କର ୧୩୩ ତମ ପୂଣ୍ୟ ଜୟନ୍ତୀ ସମାରୋହ ରବିବାର ପୂର୍ବାହ୍ନ ୮ ଘଟିକା ସମୟରେ ଅତ୍ୟନ୍ତ ଭାବଗମ୍ଭୀର ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି। ସକାଳେ ସହର ତଥା ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ, ବିଭିନ୍ନ ଗଣସଂଗଠନ ତଥା ରାଜନୈତିକ ଦଳର ନେତୃବୃନ୍ଦ ବହୁସଂଖ୍ୟାରେ ଉପସ୍ଥିତ ହୋଇ ଦେଶର ଏହି ମହାନ୍ କ୍ରାନ୍ତିଦ୍ରଷ୍ଟା ରାଷ୍ଟ୍ରନୀତିଜ୍ଞଙ୍କ ପ୍ରତିମୂର୍ତ୍ତିରେ ସମୂହ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରେ ଆମ୍ବେଦକର କଲ୍ୟାଣ ପରିଷଦର ସଭାପତି ସୁଦର୍ଶନ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ସମାରୋହରେ ବହୁ ବିଶିଷ୍ଟ ବକ୍ତା ଉଦ୍‌ବୋଧନ ଦେଇ ଥିଲେ । ସଭାରେ ବିଶିଷ୍ଟ ବକ୍ତାଭାବେ ପ୍ରାଧ୍ୟାପକ ଡ. ରମାକାନ୍ତ ବେହେରା, କବି କାଳୀପଦ ପଣ୍ଡା, ବାମପନ୍ଥୀ ନେତା ଶିଶିର ହୁଇ, ଗୌରାଙ୍ଗ ପାଣିଗ୍ରାହୀ, ଭିଟାମାଟି ସୁରକ୍ଷା ଆନ୍ଦୋଳନର ନେତା ଅରୁଣ ଜେନା, ଆଇନଜୀବୀ ନିରଞ୍ଜନ ପରିଡ଼ା, ସମାଜସେବୀ ଶୁଭଙ୍କର ମହାପାତ୍ର, ମୃତ୍ୟୁଞ୍ଜୟ ଜେନା, ସୀତାରାମ ଦାସ, ସୀତାରାମ ପ୍ରଧାନ, ପରିଷଦର ଉପଦେଷ୍ଟା ରଘୁନାଥ ମହାଳିକ, ବସନ୍ତ ବେହେରା, ନାରୀନେତ୍ରୀ ଊର୍ମିଳା ମାଝୀ, ସ୍ନେହଲତା ଦାସ, ଦାମୋଦର ନାୟକ, ଇଂ. ହୃଷିକେଶ ସାହୁ, ଶରତ ଚନ୍ଦ୍ର ମହାପାତ୍ର, ସଚ୍ଚିଦାନନ୍ଦ ଦାସ ପ୍ରମୁଖ ଡ. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ସମବେତ ଜନଗଣଙ୍କୁ ଉଦ୍‌ବୋଧନ ଦେଇ ଥିଲେ ।ଏହା ପୂର୍ବରୁ ବାଲେଶ୍ୱର ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ଏଡିଏମ୍ ସୁଧାକର ନାୟକ, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ନାୟକ, ସହକାରୀ ଜିଲ୍ଲାପାଳ ଶୁଭଶ୍ରୀ ମିଶ୍ର ଓ ଜିଲ୍ଲା ସୂଚନା ଅଧିକାରୀ ପ୍ରମୁଖ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ତାଙ୍କର ବିଚାର ଓ ଦର୍ଶନ ଉପରେ ଆଲୋକପାତ କରିଥିଲେ ।

# ବିଭିନ୍ନ ମନ୍ଦିରରେ ହନୁମାନ ଜୟନ୍ତୀ

ନିଶ୍ଚିନ୍ତକୋଇଲି ,(ସବ୍ୟୁ) : ନିଶ୍ଚିନ୍ତକୋଇଲି ରଘୁନାଥ ଅନୁକମ୍ପା ପରିଷଦ ପକ୍ଷରୁ ହାଟ ସ୍ଥିତ ମହାବୀର ମନ୍ଦିର ପରିସରରେ ପବିତ୍ର ପଣା ସଂକ୍ରାନ୍ତୀରେ ହନୁମାନ ଜୟନ୍ତୀ ପାଳିତ ହୋଇଛି । ପ୍ରତ୍ୟୁଷରୁ ପୂଜକ ଦୋଳଗୋବିନ୍ଦ ପଣ୍ଡାଙ୍କ ଦ୍ୱାରା ମହାବୀରଙ୍କର ମଙ୍ଗଳ ଆଳତୀ, ମହାସ୍ନାନ ଓ ନୂତନ ବସ୍ତ୍ର ପରିଧାନ କରାଯିବା ସହ ଯଥାରୀତି ପୂଜାର୍ଚ୍ଚନା କରାଯାଇଥିଲା । ପରିଷଦର ସଭାପତି ବଂଶୀଧର ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନାରେ କ୍ଷୀରୋଦ ଦାସ ଏବଂ ତାଙ୍କ ସହଯୋଗୀ ବିକ୍ରମ କେଶରୀ ବାରିକ, ସସ୍ମିତା ବାରିକ, ଶ୍ରଦ୍ଧାଞ୍ଜଳୀ ମହାପାତ୍ର, ମନୋଜ ମହାପାତ୍ର, ରଂଜନ ଦାସ ପ୍ରମୁଖ ୧୦୮ ହନୁମାନ ଚାଳିଶା ଓ ସୁନ୍ଦରାକଣ୍ଡ ପାଠ କରିଥିଲେ । ଏହି ଜୟନ୍ତୀ କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ପରିଷଦର ସଂପାଦକ ପ୍ରଶାନ୍ତ ପରିଜା ଅଧିଷ୍ଠିତ ହୋଇଥିବା ବେଳେ ଉପସଭାପତି ହରେକୃଷ୍ଣ ରାଉତ, ସହସଂପାଦକ ଅଶୋକ ମହାପାତ୍ର, ସଭ୍ୟ ମାଧବାନନ୍ଦ ପାତ୍ର, ସଂଗ୍ରାମ କେଶରୀ ମହାନ୍ତି । ଶିବପ୍ରସାଦ ଷଡଙ୍ଗୀ, ହନୁମାନପ୍ରେମୀ ଶ୍ରଦ୍ଧାଳୁ ଜଗବନ୍ଧୁ ସ୍ୱାଇଁ, ରଣଜିତ୍ ରାଉତ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ବହୁ ଭକ୍ତ ଯୋଗଦେଇ ଚାଳିଶା ପାଠ କରିବା ସହିତ ମହାବୀରଙ୍କ କୃପାଲାଭ କରିଥିଲେ । ଏହାଛଡ଼ା କୂଳଗାଁଇଶାଳୋ ଲାଲାବାବା ପୀଠ, ନଟକାଇ ସମିତି ପଡ଼ିଆ,କୁଳିଆ ରଘୁନାଥଜୀଉ ମନ୍ଦିର,ବୁହାଳୋ ରାଣୀବଜାର ସନ୍ନିକଟ ହନୁମାନ ମନ୍ଦିରରେ ୧୦୮ ହନୁମାନ ଚାଳିଶା ଓ ସୁନ୍ଦରାକଣ୍ଡ ପାଠ ଯଥାବିଧି ଅନୁଷ୍ଠିତ ହୋଇଛି ।

# ମା ତାରିଣୀ ପୀଠରେ ବାର୍ଷିକ ଉତ୍ସବ

ସୋର (ସ.ବ୍ୟୁ) : ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ଶନିବାର ସଂଧ୍ୟାରେ ସୋର ଷ୍ଟେସନ୍ ନିକଟସ୍ଥ ଡିପାଗାଁ ତାରିଣୀ ପୀଠରେ ବାର୍ଷିକ ଉତ୍ସବରେ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଯଜ୍ଞ ଉତ୍ସବରେ ଦୂର ଦୂରାନ୍ତରୁ ଶ୍ରଦ୍ଧାଳୁମାନେ ପହଞ୍ଚିଥିଲେ। ମହିଳାମାନେ ହାତରେ ଧୂପ ଦୀପ ସିନ୍ଦୁର ନଡ଼ିଆ ଧରି ମାନସିକ ପୂଜା କରିଥିଲେ । ସଂଧ୍ୟା ୬ଘଟିକାଠାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ଉତ୍ସବରେ ଗହଳି ଚହଳି ଲାଗିରହିଥିଲା । ଏହି ଅବସରରେ ଅନୁଷ୍ଠିତ ଯଜ୍ଞରେ ମୁଖ୍ୟ ଆଚାର୍ଯ୍ୟ ଭାବେ ରାମଚନ୍ଦ୍ର ପଣ୍ଡା ଯୋଗଦେଇଥିବା ବେଳେ ଅନ୍ୟ ସାତଜଣ ଆଚାର୍ଯ୍ୟ ସହଯୋଗ କରିଥିଲେ। ଏହି ସମୟରେ ଭଜନ କୀର୍ତ୍ତନରେ ପୀଠଟି ମୁଖରିତ ହୋଇଥିଲା । ଏହି ଉତ୍ସବରେ ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁମାନେ ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ। ଏହି ଉତ୍ସବକୁ ରବୀନ୍ଦ୍ର ନାୟକ (ପୂଜକ), ଅଶ୍ୱିନୀ କୁମାର ରାଉତ, ବିନୋଦ ନାୟକ, ଆନନ୍ଦ ନାୟକ, ସୁକାନ୍ତ ନାୟକ, ପ୍ରମୋଦ ନାୟକ, ମନୋଜ ନାୟକ, ଦିଲ୍ଲୀପ କୁମାର ପଣ୍ଡା, ଭଗବାନ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ ।

# ବିଷୁବ ସାହିତ୍ୟ ଆସର

ଦୋବାଲ,(ସବ୍ୟୁ):ଧାମନଗର ବ୍ଲକ ଖଡ଼ିପଦା ପଂଚାୟତ ସ୍ଥିତ ଧିରେନ୍ଦ୍ର ନାରାୟଣ ଲାଇବ୍ରେରୀ ଠାରେ ଧାମନଗର ପୂଜ୍ୟପୂଜା ସାଂସ୍କୃତିକ ପରିଷଦର ପ୍ରତିଷ୍ଠା ଉତ୍ସବ ଓ ବିଷୁବ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ରବିବାର ଅନୁଷ୍ଠିତ ଉତ୍ସବରେ ଧିରେନ୍ଦ୍ର ନାରାୟଣ ଲାଇବ୍ରେରୀର ସଭାପତି ଦାମୋଦର କୁମାର ନନ୍ଦ ସଭାପତିତ୍ୱ କରିଥିଲାବେଳେ ଶିକ୍ଷାବିତ ହୃଦାନନ୍ଦ କର ସଭା ସଂଚାଳନ କରିଥଲେ। ଧାମନଗର ପ୍ରେସକ୍ଲବ ଉପଦେଷ୍ଟା ବାସୁଦେବ ତ୍ରିପାଠୀ, କାନ୍ତସାହିତ୍ୟ ପରିଷଦର ସଭାପତି ରସାନନ୍ଦ ମହାପାତ୍ର,ଆଇନଜୀବୀ ଆଶିଷ କୁମାର ନନ୍ଦ,ଶିକ୍ଷାବିତ କୃତିବାସ ତ୍ରୀପାଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସାହିତ୍ୟ ଗ୍ରାମରୁ ସହରାଂଚଳ ସବୁ ବର୍ଗର ଲୋକଙ୍କୁ ଛୁଇଁବା ଦରକାର,ସେହି ସାହିତ୍ୟରୁ ଭଲ ମଣିଷ ବାହାରିଲେ ଆଜିର ଏହି ବିଷୁବ ସାହିତ୍ୟ ଆସର ସଫଳ ହେବ ବୋଲି ଅତିଥିମାନେ ବକ୍ତବ୍ୟରେ କହିଥିଲେ।

# କଳ୍ପନା ଦେବୀ ଆବାସିକ ମହାବିଦ୍ୟାଳୟର ସହନିର୍ଦ୍ଦେଶକଙ୍କ ବିୟୋଗରେ ଶୋକସଭା

ଭଦ୍ରକ,(ସବ୍ୟୁ):କଳ୍ପନାଦେବୀ ଆବାସିକ ମହାବିଦ୍ୟାଳୟର ଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ଜେନାଙ୍କ ପୌରହିତ୍ୟରେ ଦିବଂଗତ କମଳାକାନ୍ତ ରଥଙ୍କ ଉଦ୍ଦେଶ୍ୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। କଳ୍ପନାଦେବୀ ମହାବିଦ୍ୟାଳୟର ପ୍ରତିଷ୍ଠାତା ଓ ପରିଚାଳନା କ୍ଷେତ୍ରରେ ସେ ସହନିର୍ଦ୍ଦେଶକ ଓ ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରିଥିଲେ। ଆଜି ପବିତ୍ର ମହାବିଷୁବ ସଂକ୍ରାନ୍ତିରେ ତାଙ୍କର ଅବର୍ତ୍ତମାନରେ ସାରା ଭଦ୍ରକରେ ଶୋକର ଛାୟା ଖେଳିଯାଇଛି। ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ପ୍ରତିଷ୍ଠାତା ଆଡଭୋକେଟ ମହେଶ ଚନ୍ଦ୍ର ରାୟ,ସାହିତ୍ୟିକ ତଥା ସୁନାମଧନ୍ୟ ଅଧ୍ୟାପକ ଡ.ଅଭୟ କୁମାର ଦାସ ଅଧିବକ୍ତା କିଶୋର ଚନ୍ଦ୍ର ବଳ,ଅଧ୍ୟାପକ ନଳିନୀ ନାୟକ,ଅଧ୍ୟାପକ ଭାଗିରଥୀ ମହାରଣା,ଅଧ୍ୟାପକ ଅଜିତ କୁମାର ବିଶ୍ୱାଳ,ଅଧ୍ୟାପକ ଶତ୍ରୁଘ୍ନ ପତି,ଅଧ୍ୟାପିକା ସସ୍ମିତା ଧୁପାଳ,ସାମ୍ବାଦିକ ଜ୍ଞାନ ପ୍ରକାଶ ପାଣ,ଇଂ.ମାହେଶ୍ୱରୀ ରାୟ ପ୍ରମୁଖ ଉପସ୍ଥିତ ରହି ଶୋକବ୍ୟକ୍ତ କରିବା ସହିତ ମହାବିଦ୍ୟାଳୟର ସମସ୍ତ ବିଦ୍ୟାର୍ଥୀ ମାନେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ଡ. ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ବାଲେଶ୍ୱର,(ସବ୍ୟୁ) : ରବିବାର ପୂର୍ବାହ୍ନ ୧୦ଘଟିକା ସମୟରେ ଭାରତୀୟ ସମ୍ବିଧାନର ପ୍ରଣେତା, ଭାରତ ରତ୍ନ ବାବା ସାହେବ ଡକ୍ଟର ଆମ୍ବେଦକରଙ୍କ ୧୩୪ତମ ଜୟନ୍ତୀ ଅବସରରେ ରେମୁଣା ଗୋଲେଇସ୍ଥିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ରେମୁଣା ବିଜେପି ତରଫରୁ ମାଲ୍ୟାର୍ପଣ କରାଯାଇଥିଲା । ଏହି ଅବସରରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରେମୁଣାର ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗଦେଇ ମାଲ୍ୟାର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶୋଭନା ମହାନ୍ତି, କାର୍ତ୍ତିକ ଚନ୍ଦ୍ର ଗିରି, କୃଷ୍ଣଚନ୍ଦ୍ର ସାହା, ମଳୟ କୁମାର ବିଶ୍ୱାଳ, ନାରାୟଣ ମହାନ୍ତ, ସୁବୋଧ ଚନ୍ଦ୍ର ପଣ୍ଡା, ସୁକୁମାର ଦାସ, ବିପିନ ମାରାଣ୍ଡୀ, ମହେଶ୍ୱର ପ୍ରଧାନ, ଚନ୍ଦ୍ରକାନ୍ତୀ ପ୍ରଧାନ, ବାବୁଲି ଭାଇ, ନିତାଇ ଚରଣ ନାୟକ, ମହେଶ୍ୱର ଗିରି, କାଳିଚରଣ ମାଲ, ରମେଶ ଜେନା, କମଳଲୋଚନ ପ୍ରଧାନ, ଅଭିଜିତ ପାଣିଗ୍ରାହୀ, ତପନ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# 'ଟିରା' ପକ୍ଷରୁ ଆସେସରିଜ ରେଞ୍ଜ 'ଟିରା ଟୁଲ୍ସ' ଶୁଭାରମ୍ଭ

ମୁମ୍ବାଇ: ରିଲାଏନ୍ସ ରିଟେଲର ଟିରା ବିୟୁଟି ଏହାର ନୂଆ ବ୍ରାଣ୍ଡ 'ଟିରା ଟୁଲ୍ସ' ର ବଜାର ପ୍ରବେଶ ଘୋଷଣା କରିଛି । ଆଧୁନିକ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ବ୍ରାଣ୍ଡରେ ସୌନ୍ଦର୍ଯ୍ୟ ସାମଗ୍ରୀ ଓ ଉପକରଣର ଏକ ସ୍ୱତନ୍ତ୍ର ସମ୍ଭାର ରହିଛି । ଟିରା ଟୁଲ୍ସ ମଧ୍ୟରେ ବିଭିନ୍ନ ପ୍ରକାରର ଆନୁଷଙ୍ଗିକ ସାମଗ୍ରୀ ଯଥା ପ୍ରୋ ମେକଅପ୍ ବ୍ରସ୍, ଫେସିଆଲ୍ ରୋଲର୍ସ ଏବଂ ବିୟୁଟି ସ୍ପଞ୍ଜ ଇତ୍ୟାଦି ଅନ୍ତର୍ଭୁକ୍ତ ରହିଛି । ବ୍ରାଣ୍ଡର ଉତ୍କୃଷ୍ଟତା ନେଇ ପ୍ରତିବଦ୍ଧତା ସହିତ ଗୁଣବତ୍ତା ଉପରେ ବିଶେଷ ଧ୍ୟାନ ରହିଛି । ଟିରା ଟୁଲ୍ସ ଉପକରଣ ସମ୍ଭାରର ମୁଖ୍ୟ ଆକର୍ଷଣ ହେଉଛି 'ପ୍ରୋ ଆର୍ଟିଷ୍ଟି କିଟ୍', ଯାହା ବୃତ୍ତିଗତ ମେକଅପ୍ କଳାକାର ଏବଂ ସୌନ୍ଦର୍ଯ୍ୟ ଉତ୍ସାହୀଙ୍କ ଚାହିଦା ପୂରଣ ପାଇଁ ଡିଜାଇନ୍ ହୋଇଛି । ଅତିରିକ୍ତ ଭାବରେ, ବିୟୁଟି ସ୍ପଞ୍ଜରେ ଅଭିନବ ଡିଜାଇନ୍ ବୈଶିଷ୍ଟ୍ୟ ଥିବାବେଳେ ଫେସିଆଲ୍ ରୋଲର୍ସ ଏବଂ ଗୁଆ ସା ଟୁଲସ ଗୁଡ଼ିକରେ ପ୍ରିମିୟମ୍ ଗୁଣାତ୍ମକ ସାମଗ୍ରୀ ରହିଛି । ଟିରା ଟୁଲ୍ସ ନୈତିକ ମାନଦଣ୍ଡକୁ ପ୍ରାଥମିକତା ଦେଇଛି ଏବଂ ଏହାର ସମସ୍ତ ଉତ୍ପାଦ ବିଶେଷଜ୍ଞଙ୍କ ଦ୍ୱାରା ଯାଞ୍ଚ କରାଯାଇଥାଏ । ଉଭୟ ଅନଲାଇନ୍ ଏବଂ ଅଫଲାଇନ୍ ମାଧ୍ୟମରେ ଟିରା ଟୁଲ୍ସ ଉପଲବ୍ଧ ହେଉଛି ।

# ଦହିସଡ଼ାରେ ହନୁମାନ ଜୟନ୍ତୀ ଉତ୍ସବ

ସୋର,(ସବ୍ୟୁ) :ଜାତୀୟ ରାଜପଥ ସୋର ଦହିସଡ଼ା ଛକ ନିକଟସ୍ଥ ମହାବୀର ହନୁମାନ ଜୟନ୍ତୀ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଦହିସଡ଼ା ସାର୍ବଜନୀନ ହନୁମାନ କମିଟି ଆନୁକୂଲ୍ୟରେ ଏହି ଉତ୍ସବ ଶନିବାର ସକାଳଠାରୁ ଆରମ୍ଭ ହୋଇ ରାତିରେ ଉଦ୍‌ଯାପିତ ହୋଇଛି। ମହିଳା ଓ ପୁରୁଷ ସିଦ୍ଧେଶ୍ୱର ମହାଦେବ ପୋଖରୀରୁ ଘଟୋତ୍ତଳନ କରି ଏକ ଶୋଭାଯାତ୍ରାରେ ଉତ୍ସବ ସ୍ଥଳକୁ ଆସିଥିଲେ । ଗ୍ରାମଦେବ ରଘୁନାଥ ଜୀଉଙ୍କର ଶାଳଗ୍ରାମ ବିଗ୍ରହର ଷୋଡ଼ଶ ଉପଚାର ପୂଜାପରେ ମହାବୀର ହନୁମାନଙ୍କ ମହାସ୍ନାନ ଗଣେଶାଦି ପଞ୍ଚ ଦେବତା ପୂଜା, ଅଗ୍ନିକୁଣ୍ଡେ ମୁଖ୍ୟଦେବତା ହନୁମାନଙ୍କ ୧୦୦୮ ଚରୁଦାନ, ହନୁମାନଙ୍କ ଷୋଡ଼ଶ ଉପଚାର ପୂଜା ଅନୁଷ୍ଠିତ ହୋଇଥିଲା । ଏହା ସହିତ ଅନ୍ୟ ଦେବଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ମୁଖ୍ୟ ପୂଜକ କଳ୍ପତରୁ ଦାଶ, ପର୍ଶୁରାମ ପଣ୍ଡା, ଭରତ ଚନ୍ଦ୍ର ପାଢ଼ୀ ଏବଂ କୁଣ୍ଡ ଆଚାର୍ଯ୍ୟ ରଘୁନାଥ ଉପାଧ୍ୟାୟ, ରବୀନ୍ଦ୍ର ଦାଶ, ଅଂଜନ ଦାଶ ପୂଜାକାର୍ଯ୍ୟକୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମକୁ କମିଟିର ସଭାପତି ସଦାନନ୍ଦ ପାତ୍ର ଓ ସଂପାଦକ ରବୀନ୍ଦ୍ର ବେହେରା, ରାମଚନ୍ଦ୍ର ଦ୍ୱାରୀ, ମହେଶ୍ୱର ମହାନ୍ତି, ଗୌତମ ଦ୍ୱାରୀ, ସରପଞ୍ଚ ଗୋବର୍ଦ୍ଧନ ଦ୍ୱାରୀ, ରଜନୀକାନ୍ତ ପାତ୍ର, ରଜନୀକାନ୍ତ ଘଡ଼ାଇ, ନିରଂଜନ ବରାଳ ପ୍ରମୁଖଙ୍କ ସହିତ ସମସ୍ତ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ ।

# ସମ୍ବିଧାନ ପ୍ରଣେତା ଆମ୍ବେଦକର ଜୟନ୍ତୀ

ନିଶ୍ଚିନ୍ତକୋଇଲି ,(ସବ୍ୟୁ) : ନିଶ୍ଚିନ୍ତକୋଇଲି ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଭାରତର ସମ୍ବିଧାନ ପ୍ରଣେତା ଭାରତରତ୍ନ ପୂର୍ବତନ ଆଇନମନ୍ତ୍ରୀ ଡଃ. ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ୧୩୩ ତମ ଜୟନ୍ତୀ ପାଳିତ ହୋଇଛି । ବ୍ଲକ କମିଟିର ସଭାପତି ରମାକାନ୍ତ ମହାନ୍ତିଙ୍କ ସଂଯୋଜନାରେ ଏଥିରେ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ,ଉପାଧ୍ୟକ୍ଷ ଅଶୋକ କୁମାର ଓଝା,ଜୋନ୍ ସଭାପତି ଜ୍ୟୋତିପ୍ରକାଶ ସ୍ୱାଇଁ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଗିରିଶରଂଜନ ମହାପାତ୍ର,ଦଳିତ ନେତା ବଟକୃଷ୍ଣ ବେହେରା, ଯୁବବିଜେଡ଼ି ସଭାପତି ଜ୍ଞାନରଂଜନ ରାଉତ,ଯୁବନେତା ଅଜିତ୍ ନାୟକ,ସରପଞ୍ଚ ହିମାଂଶୁନାରାୟଣ ମଲ୍ଲ, ସାମ୍ବାଦିକ ମନୋରଂଜନ ଭୂୟାଁଙ୍କ ସମେତ ବିଭିନ୍ନ ପଞ୍ଚାୟତର ବିଜେଡ଼ି ସଭାପତି,ଜନପ୍ରତିନିଧି ଓ ନେତୃବୃନ୍ଦ ଯୋଗଦେଇ ସ୍ୱର୍ଗତ ଆମ୍ବେଦକର ଦଳିତମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଭାରତ ସମ୍ବିଧାନରେ ଯେଉଁ ସ୍ୱତନ୍ତ୍ର ସୁବିଧାସୁଯୋଗ ପାଇଁ କାର୍ଯ୍ୟକ୍ରମ ଗ୍ରହଣ କରିଥିଲେ ସେ ସଂକ୍ରାନ୍ତରେ ଆଲୋଚନା କରିଥିଲେ । ଶେଷରେ ଜିଲ୍ଲାପରିଷଦ ସଭ୍ୟ ଭୂପତିଭୂଷଣ ଷଣ୍ଢ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଚ୍ୟୁତାନନ୍ଦ ସାମଲଙ୍କ କବିତାସଙ୍କଳନ ଲୋକାର୍ପିତ

ଭଣ୍ଡାରିପୋଖରୀ,(ସବ୍ୟୁ):ସବୁ ସୃଜନର ସଂଘର୍ଷ ଓମୁକାବିଲାରୁ କବିତା ସଂଜାତ। କବିତା କବି ମାନସିକତାର ପ୍ରତିଫଳନ। ଦୀର୍ଘ ୪୦ ବର୍ଷ ଧରି ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ ହୋଇ ଆସୁଥିବା ବିଶିଷ୍ଟ କବି ଅଚ୍ୟୁତାନନ୍ଦ ସାମଲଙ୍କ କବିତା ଆଜି ସଙ୍କଳନ ରୂପରେ ପ୍ରକାଶିତ ହୋଇ ଜନଜୀବନକୁ ଦିଗ୍ଦର୍ଶନ ଦେବାରେ ସକ୍ଷମ ହୋଇପାରିବ ବୋଲି ତୁଳସୀପୁର ଠାରେ 'ଅବିନାଶ କହୁଛି ଓ ଅନ୍ୟାନ୍ୟ କବିତା' ଲୋକାର୍ପଣ ଉତ୍ସବରେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକମାନେ ମତପ୍ରକାଶ କରିଛନ୍ତି। ଭଣ୍ଡାରିପୋଖରୀ ସାହିତ୍ୟ ସଂସଦ ସଭାପତି ଡଃ ସୁରେନ୍ଦ୍ର କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ଉତ୍ସବରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡଃ କ୍ଷୀରୋଦ କୁମାର ସାମଲ ଉତ୍ସବ ଉଦଘାଟନ କରିଥିଲେ। ଏଥିରେ ବିଶିଷ୍ଟ କବି ଡଃ ଭରତ ଚନ୍ଦ୍ର ବେହେରା ମୁଖ୍ୟଅତିଥି, ଅବସରପ୍ରାପ୍ତ ଅଧ୍ୟକ୍ଷ ସୁରଞ୍ଜନ ପଣ୍ଡା ମୁଖ୍ୟବକ୍ତା, 'ଅଞ୍ଜଳି' ସମ୍ପାଦକ ପ୍ରକାଶ ମହାପାତ୍ର, ସଂସଦ ଉପସଭାପତି ଅଧ୍ୟାପକ ଅନାଦି ଚରଣ ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଦ୍ୟାଧର ମହାପାତ୍ର, ଅରୁଣୋଦୟ ଖିଲାର, ବିରଞ୍ଚିନାରାୟଣ ସାମଲ, ଗଦାଧର ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁସ୍ତକ ଲୋକାପିତ କରିବା ସହ ସାଙ୍କେତିକ ଚରିତ୍ର ଅବିନାଶ ମାଧ୍ୟମରେ କବି ନିଜର ଓଜସ୍ୱିନି ଅଭିବ୍ୟକ୍ତିକୁ ଶାଣିତ ଭାବେ ଉପସ୍ଥାପନ କରି ସମାଜ ପରିବର୍ତ୍ତନ ପାଇଁ ଉପଯୁକ୍ତ ପ୍ରୟାସ କରିବାରେ ସମର୍ଥ ହୋଇଛନ୍ତି ବୋଲି ମତ ରଖିଥିଲେ। କବି ଅଚ୍ୟୁତାନନ୍ଦ ସାମଲ ସଙ୍କଳନ ସମ୍ପର୍କରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ କବି ଅଚ୍ୟୁତାନନ୍ଦ ସାମଲ ଓ ଭରତ ବେହେରାଙ୍କୁ ସାହିତ୍ୟ ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ବହୁ ସାହିତ୍ୟିକ ଯୋଗଦେଇଥିଲେ। ସଂସଦ ସମ୍ପାଦକ ପବନ କୁମାର ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ଯୋଗ୍ୟଶ୍ରୀ ସାମଲ ଧନ୍ୟବାଦ ଦେଇଥିଲେ। ଉତ୍ସବକୁ ଆଶିଷ ସାମଲ, ଆଦିତ୍ୟ ସାମଲ, ଭାଗ୍ୟଶ୍ରୀ ସାମଲ, ଶୁଭଶ୍ରୀ ମଲ୍ଲିକ, ଦିବ୍ୟାଶ୍ରୀ, ପ୍ରତ୍ୟୁଷା, ସ୍ମାରକ ପ୍ରମୁଖ ପରିଚାଳନା କରିଥିଲେ।

# ବିଷୁବ ସାହିତ୍ୟ ସାଂସ୍କୃତିକ ସାମ୍ମୁଖ୍ୟ ପକ୍ଷରୁ ବିଷୁବ ମିଳନ

ତିହିଡି,(ସବ୍ୟୁ):ତିହିଡି ବିଷୁବ ସାହିତ୍ୟ ସାଂସ୍କୃତିକ ସାମ୍ମୁଖ୍ୟ ପକ୍ଷରୁ ବିଷୁବ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ତିହିଡି ଟାଉନହଲ ଠାରେ ସାରସ୍ୱତ ସମାରୋହ ଓ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା । ସାମ୍ମୁଖ୍ୟର ସଭାପତି ଡ.ଲକ୍ଷ୍ମୀଧର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସ୍ତମ୍ଭକାର ଅଭୟ ଦ୍ୱିବେଦୀ ଓ ମୁଖ୍ୟବକ୍ତା ଭାବେ ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ସାମ୍ମୁଖ୍ୟର ସଂପାଦକ ରଘୁନାଥ ପାତ୍ର ଓ ସାମ୍ମୁଖ୍ୟର ଉପଦେଷ୍ଟା ଶିକ୍ଷାବିତ ସୋମନାଥ ପାଢୀ ଓ ବିଭୂତିଭୂଷଣ ସେନାପତି, ଚନ୍ଦ୍ରକାନ୍ତ ମହାନ୍ତି, ନାରାୟଣ ବାରିକ ପ୍ରମୁଖ ଯୋଗ ଦେଇ ଆମ ପରମ୍ପରା, ସଂସ୍କୃତି ଓ ଅସ୍ମିତାରେ ପଣା ସଂକ୍ରାନ୍ତିର ମହାନତା ସଂପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ କବି ବିପ୍ଳବ ପତି ଓ କବି କୃପା ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠ ଉତ୍ସବରେ କବି ମାନେ ସ୍ୱରଚିତ କବିତା ପାଠ କରିଥିଲେ । ଏହି ପରିପ୍ରେକ୍ଷୀରେ ଦୁଇ ଜଣ ପ୍ରତିଭାବାନ ବ୍ୟକ୍ତି ନିତ୍ୟାନନ୍ଦ ନାୟକ ଓ ସନ୍ନ୍ୟାସୀ ଚରଣ ବ୍ରହ୍ମଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ସମସ୍ତଙ୍କ ଲାଗି ପଣା ସେବନର ବ୍ୟବସ୍ଥା କରାଯାଇଥିଲା । ମନୋଜ ପାଣିଗ୍ରାହୀ ଅତିଥି ମାନଙ୍କୁ ମଞ୍ଚକୁ ଆହ୍ୱାନ କରିଥିବା ବେଳେ ମୁକ୍ତିକାନ୍ତ ନାୟକ ସ୍ୱାଗତ ଭାଷଣ ଦେଇଥିଲେ । ସେହିପରି ବିଶ୍ୱଜିତ ବେହେରା ଅତିଥି ପରିଚୟ ଦେଇଥିବା ବେଳେ ଯଯାତି କେଶରୀ ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ସୀତାକାନ୍ତ ନାୟକ, ଅଜୟ ନାୟକ, ପ୍ରଶାନ୍ତ ବଳ ପ୍ରମୁଖ ପରିଚାଳନା କରିଥିଲେ । ନୀଳମାଧବ ସେନାପତି ଓ ଅମୂଲ୍ୟ ସେନାପତି ମାନପତ୍ର ପାଠ କରିଥିଲେ । ପ୍ରାରମ୍ଭରେ ତିହିଡି ସଙ୍ଗୀତ ମହାବିଦ୍ୟାଳୟର ସୁଧାଂଶୁ ନାୟକ ଓ ସାଥୀ ବନ୍ଦେ ଉତ୍କଳ ଜନନୀ ପରିବେଷଣ କରିଥିଲେ।

# କବି ସମରେନ୍ଦ୍ର ମହାପାତ୍ର ସମ୍ମାନିତ



ବାଲେଶ୍ୱର,(ସବ୍ୟୁ) :ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଶାନ୍ତିକାନନଠାରେ ବିଷୁବ ମିଳନ ପାଳିତ ହୋଇଯାଇଛି। ପରିଷଦର ଉପସଭାପତି ପ୍ରଦୀପ ଚାଟାର୍ଜୀଙ୍କ ପୌରୋହିତ୍ୟରେ ଆୟୋଜିତ ସାରସ୍ୱତ ଉତ୍ସବକୁ ବର୍ଷିୟାନ ସାରସ୍ୱତ ସାଧକ ଡ. ପ୍ରହ୍ଲାଦ ଚରଣ ମହାନ୍ତି ଉଦ୍ଘାଟନ କରିଥିଲେ। ସଂପାଦକ ଦୀପକ ବୋଷ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ରଚନା ଓ ଯୁଗ୍ମ ସଂପାଦିକା କଲ୍ୟାଣୀ ନନ୍ଦଙ୍କ ନିର୍ଦ୍ଦେଶନାରେ ବାସନ୍ତୀ ଦେ, ଶାନ୍ତି ବିଶି, ଅର୍ଚ୍ଚନା କର, ପୁଷ୍ପଲତା ଚକ୍ରବର୍ତ୍ତୀ, ସନ୍ତୋଷୀ ପୃଷ୍ଟି ପ୍ରମୁଖ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଗୁରୁ ଲକ୍ଷ୍ମୀଧର ଜେନା ତବଲାରେ ସହଯୋଗ କରିଥିଲେ। କୁନି ନୃତ୍ୟଶିଳ୍ପୀ ପି. ସାନଭି ସାନାୟା ଓଡ଼ିଶୀ ନୃତ୍ୟ ପରିବେଷଣ କରି ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। କବି ପଦ୍ମଲୋଚନ ପ୍ରଧାନ ଓ ସତ୍ୟଭାମା ମୁଦୁଲିଙ୍କ ସଂଯୋଜନାରେ ବିଷୁବ ମିଳନ ଅବସରରେ ଆୟୋଜିତ କବିତା ପାଠୋତ୍ସବରେ ବିଶିଷ୍ଟ ଗବେଷକ ଡ. ଶିରୀଶ ଚନ୍ଦ୍ର ଜେନା ଓ ଅକ୍ଷାଂଶ ସଂପାଦକ କବି ଡ. ହରିଶ୍ଚନ୍ଦ୍ର ବେହେରା ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଶ୍ରେଷ୍ଠ କବି ସମରେନ୍ଦ୍ର ମହାପାତ୍ରଙ୍କୁ ଆଜିର କବି ଭାବେ ସମ୍ମାନିତ କରାଯାଇଥିଲା। ଏତଦ୍‌ବ୍ୟତୀତ ପ୍ରଥମ ଦଶଜଣଙ୍କ ମଧ୍ୟରେ ଥିବା କବି ଡ. ରମାକାନ୍ତ ନାୟକ, ସଂଜୟ କୁମାର ପଣ୍ଡା, ପ୍ରୀତିଲେଖା ଦାସ, ରଂଜନ କୁମାର ବାଗ, କଲ୍ୟାଣୀ ନନ୍ଦ, ବାସନ୍ତୀ ଦେ, ସତ୍ୟଭାମା ମୁଦୁଲି, ଜ୍ୟୋତ୍ସ୍ନା ରାୟ, ଜୟନ୍ତ ହଂସରାଜ ଓ ପ୍ରଭାକର ସାହୁଙ୍କୁ ପ୍ରଶଂସାପତ୍ର ପ୍ରଦାନପୂର୍ବକ ସମ୍ମାନିତ କରାଯାଇଥିଲା। ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ଓ ପ୍ରଫେସର ରଶ୍ମିରେଖା ପତିଙ୍କ ପ୍ରଦତ୍ତ କୁନ୍ତଳାକୁମାରୀ ସାବତ ଓ କବିବର ରାଧାନାଥ ରାୟଙ୍କ ତୈଳଚିତ୍ର ଉଦ୍ଘାଟିତ ହୋଇଥିଲା। ତୈଳଚିତ୍ର ଦୁଇଟିକୁ ଚିତ୍ରଶିଳ୍ପୀ ନିତ୍ୟାନନ୍ଦ ସାହୁ ପ୍ରସ୍ତୁତ କରିଥିଲେ। କୋଷାଧ୍ୟକ୍ଷ ତପନ ରାୟ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ଶତାଧିକ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ହାଇସ୍କୁଲରେ ନିଆଁଲିଭା କୌଶଳ ତାଲିମ

ଖଇରା,(ସବ୍ୟୁ) :ସ୍ଥାନୀୟ ଖଇରା ସରକାରୀ ହାଇସ୍କୁଲରେ ଶନିବାର ନିଆଁଲିଭା କୌଶଳ ସମ୍ପର୍କୀତ ତାଲିମ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ପ୍ରଦର୍ଶିତ ହୋଇ ଯାଇଛି । ଜୁନିୟର ରେଡକ୍ରସ,ସ୍କାଉଟଗାଇଡ ଓ ରେଡ୍‌ରିବନ କ୍ଲବର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରଦର୍ଶନୀକୁ ପ୍ରଧାନଶିକ୍ଷୟତ୍ରୀ ସୁଜାତା ସାହୁ ଉଦଘାଟନ କରିଥିଲେ । ଜେଆରସିର କାଉନସେଲର ନରୋତ୍ତମ ପୁଟି ଓ ସ୍କାଉଟ ଶିକ୍ଷକ ସୁରେନ୍ଦ୍ର ବେଶ୍ରା ପ୍ରଶିକ୍ଷକ ଭାବେ ଉନ୍ନତମାନର ନିର୍ବାପକ ଯନ୍ତ୍ର ମାଧ୍ୟମରେ ନିଆଁକୁ ଆୟତ୍ତ କରିବାର କୌଶଳ ପ୍ରଦର୍ଶନ କରିଥିଲେ। ଏଥିସହ ଗ୍ୟାସ ସିଲିଣ୍ଡର କିଣିବା ବେଳେ ଏକ୍ସପାଏରୀ ତାରିଖ ଜାଣିବାର ଉପାୟ ବତାଇଥିଲେ । ବରିଷ୍ଠ ଶିକ୍ଷୟତ୍ରୀ ଜୟନ୍ତୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

भारतीय कंटेनर निगम लिमिटेड
Container Corporation of India Ltd.
(भारत सरकार का उपक्रम) (A Govt. of India Undertaking)
Azadi Ka Amrit Mahotsav
୪୧ ସେକ୍ସପିୟର ସାରଣୀ, ଚକ୍ରବାର୍ତ୍ତ ହାଉସ, ୫ବି ମଞ୍ଜିଲ, ୫ମ ମହଲା, କୋଲକାତା-୭୦୦୦୧୭ । ଫୋନ-୦୩୩ ୨୨୮୩୭୧୦୧-

ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି (କେବଳ ଇ-ଟେଣ୍ଡର ତଥା ରିଭର୍ସ ନିଲାମି ପଦ୍ଧତି

କନ୍‌କର ଝାରସୁଗୁଡ଼ା କଣ୍ଟେନର ଟର୍ମିନାଲ, ଓଡ଼ିଶାରେ କଣ୍ଟେନର / କାର୍ଗୋ ସର୍ଭେ ପାଇଁ ବ୍ୟବସାୟିକ ସେବା ପ୍ରଦାନ ନିମନ୍ତେ କେବଳ ଇ-ଟେଣ୍ଡରିଂ ପ୍ରକ୍ରିୟା କରିଆରେ ଦୁଇଟି ଟେଣ୍ଡର ପ୍ରଣାଳୀରେ ଅନଲାଇନ ଖୋଲାଯିବା ଇ-ଟେଣ୍ଡର ସହିତ ରିଭର୍ସ ନିଲାମ ଆହ୍ୱାନ କରାଯାଉଅଛି । ଟେଣ୍ଡର ଦଲିଲ କେବଳ ଅନଲାଇନରେ ଟ.୧୦୦୦/- ଦାଖଲ କରାଯିବ । ଏହାପରେ ଏହାକୁ ୱେବସାଇଟ୍ : www.tenderwizard.com/CCIL ରୁ ଡାଉନଲୋଡ୍ କରିପାରିବେ ।

| | |
|---|---|
| ଟେଣ୍ଡର ନଂ. | ସିଓଏନ/ଏରିଆ-/ଆଇଭି/କନକର-ଝାରସୁଗୁଡ଼ା/ସର୍ଭେ/୨୦୨୪ |
| କାର୍ଯ୍ୟର ନାମ ଓଡ଼ିଶାରେ | କେବଳ ଇ-ଟେଣ୍ଡରିଂ ପଦ୍ଧତି କରିଆରେ କନ୍‌କର ଝାରସୁଗୁଡ଼ା କଣ୍ଟେନର ଟର୍ମିନାଲ, କଣ୍ଟେନର/ କାର୍ଗୋର ସର୍ଭେକ୍ଷଣ । |
| ଆନୁମାନିକ ମୂଲ୍ୟ | ୧+୧ ବର୍ଷ ପାଇଁ ଟ. ୭୫,୧୮,୯୭୦/- ଆନୁମାନିକ ( ଜିଏସ୍‌ଟି ସହିତ) |
| ସମାପ୍ତି ସମୟ | ୧+୧ ବର୍ଷ |
| ଅମାନତ ଅର୍ଥ ଜମା | ଟ. ୭୫,୧୯୦/- ଇ-ପେମେଣ୍ଟ କରିଆରେ (ଅନଲାଇନ) |
| ଟେଣ୍ଡର ଡକୁମେଣ୍ଟ ମୂଲ୍ୟ | ଟ. ୧୦୦୦/- ଇ-ପେମେଣ୍ଟ କରିଆରେ ସମସ୍ତ ଟିକସ ଓ ଶୁଳ୍କ ସହିତ-ଅପରିଶୋଧ୍ୟ |
| ଟେଣ୍ଡର ପ୍ରୋସେସିଂ ଫି | ଟ. ୩୫୪୦/- ଇ-ପେମେଣ୍ଟ କରିଆରେ ସମସ୍ତ ଟିକସ ଓ ଶୁଳ୍କ ସହିତ (ଅପରିଶୋଧ୍ୟ) |
| ଟେଣ୍ଡର ବିକ୍ରି ତାରିଖ (ଅନ୍‌ଲାଇନ) | ତା.୧୫.୦୪.୨୦୨୪ (୧୦.୦୦ ଘଟିକା) ଠାରୁ ତା. ୦୬.୦୫.୨୦୨୪ (୧୭.୦୦ ଘଟିକା ପର୍ଯ୍ୟନ୍ତ ) |
| ଅନଲାଇନ୍ ଟେଣ୍ଡର ଦାଖଲ ତାରିଖ ଏବଂ ସମୟ | ତା. ୦୭.୦୫.୨୦୨୪ ରିଖ ୧୭.୦୦ ଘଟିକା କିମ୍ବା ତାହା ପୂର୍ବରୁ |
| ଅନଲାଇନ ଟେଣ୍ଡର ଖୋଲାହେବା ତାରିଖ ଏବଂ ସମୟ | ତା.୦୮.୦୫.୨୦୨୪ରିଖ ୧୫.୩୦ ଘଟିକା |

କନ୍‌କର କୌଣସି କାରଣ ନଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ଖାରଜ କରିବା ପାଇଁ କ୍ଷମତାପ୍ରାପ୍ତ ହୋଇଛି । ଯୋଗ୍ୟତା ମାନଦଣ୍ଡ ଏବଂ ସମ୍ପୂର୍ଣ୍ଣ ବିବରଣୀ ପାଇଁ www.tenderwizard.com, www.tenderwizard.com/CCIL କୁ ଲଗ୍‌ଅନ୍ କରିବେ । ଏହି ଟେଣ୍ଡରରେ କୌଣସି ଶୁଦ୍ଧିପତ୍ର/ପରିଶିଷ୍ଟ/ସଂଶୋଧନ/ ସ୍ପଷ୍ଟୀକରଣ ଯଦି ଥାଏ ସେଥିପାଇଁ କେବଳ ୱେବ୍‌ସାଇଟରେ ଅପଲୋଡ୍ କରାଯାଇପାରିବ । ଟେଣ୍ଡରଦାତାମାନଙ୍କୁ ଅନୁରୋଧ କରାଯାଉଅଛି ଯେ, ସେମାନେ ନିୟମିତ ରୂପେ ୱେବ୍‌ସାଇଟ୍ ଦେଖନ୍ତୁ ।

ସ୍ୱା/- କ୍ଷେତ୍ର ପ୍ରମୁଖ-କୋଲକାତା କ୍ଷେତ୍ର କ୍ଷେତ୍ର-ଆଇଭି

ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୬୭୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ ।

### ସିଇଓଙ୍କ ନିକଟରେ ବିଜେଡିର ଫେରାଦ
# ମହିଳା କର୍ମଚାରୀଙ୍କୁ ଧମକାଉଛନ୍ତି ବିଜେପି ନେତା




ଭୁବନେଶ୍ୱର (ସବ୍ୟୁ) : ବିଜେପି ନେତାମାନେ ଭୟର ବାତାବରଣ ସୃଷ୍ଟି କରୁଛନ୍ତି । ମହିଳାମାନଙ୍କୁ ଅସମ୍ମାନ କରୁଛନ୍ତି । ଆଶା, ଅଙ୍ଗନୱାଡ଼ି, ମିଶନ ଶକ୍ତି କର୍ମୀମାନଙ୍କୁ ସେମାନେ ଚେତାବନୀ ଦେଉଛନ୍ତି । ବିଜେପି ନେତା ଓ ପ୍ରାର୍ଥୀ ଏବଂ ତାଙ୍କ କର୍ମୀମାନେ ଆଗାମୀ ନିର୍ବାଚନ ଦୃଷ୍ଟିରୁ ଏଭଳି କରୁଥିବା ନେଇ ବିଜେଡି ପକ୍ଷରୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ କରାଯାଇଛି ।

ବିଜେପି ନେତା, କର୍ମୀ ଓ ପ୍ରାର୍ଥୀମାନେ ମହିଳାଙ୍କ ଚରିତ୍ର ସଂହାର କରୁଛନ୍ତି । ସେମାନଙ୍କର ଚାକିରୀ ପାଇଁ ଧମକ ଦିଆଯାଉଛି । ଯାହା ସେମାନଙ୍କ ଅଧିକାରକୁ ଉଲ୍ଲଂଘନ କରାଯାଉଛି । ଏହାଛଡ଼ା ନିର୍ବାଚନ ପ୍ରକ୍ରିୟାକୁ ଅସ୍ୱଚ୍ଛ କରିବା ଲାଗି ଯୋଜନା ଚାଲିଛି । ଏହି କର୍ମୀମାନେ ସ୍ୱାସ୍ଥ୍ୟସେବା, ଶିଶୁ ବିକାଶ, ମହିଳା ସଶକ୍ତିକରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି । ଏବେ ସେମାନଙ୍କ ଉପରେ ଚାପ ପକାଇବାକୁ ଚେଷ୍ଟା କରାଯାଉଛି । ଏହା କେବଳ ସେମାନଙ୍କର ଆତ୍ମ ସମ୍ମାନକୁ ବାଧୁନାହିଁ ବରଂ ନିର୍ବାଚନ ପ୍ରକ୍ରିୟା ପ୍ରତି ଚେତାବନୀ ସୃଷ୍ଟି କରାଯାଉଛି । ଓଡ଼ିଶା ବିଜେପି ନେତା ଓ ପ୍ରାର୍ଥୀମାନେ ଅଭ୍ୟାସଗତ ଭାବେ ଏଭଳି କାର୍ଯ୍ୟ କରୁଛନ୍ତି । ୨୦୧୯ ନିର୍ବାଚନରେ ମଧ ଏଭଳି କାର୍ଯ୍ୟ କରୁଥିଲେ । ଗତ କିଛିଦିନ ହେବ ଯୋଜନାବଦ୍ଧ ଭାବେ ଓଡ଼ିଶା ବିଜେପି ନେତା ଓ ପ୍ରାର୍ଥୀ ଏଭଳି ରଣନୀତି ଗ୍ରହଣ କରିଛନ୍ତି । ସେମାନେ ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ ଓ ମିଶନଶକ୍ତି ନେତ୍ରୀମାନଙ୍କ ବିରୋଧରେ ମିଛ ଓ ମାନହାନୀ ସୂଚକ ମନ୍ତବ୍ୟ ଦେଉଛନ୍ତି । ବିଭିନ୍ନ ଫୋରମ ଓ ସାଧାରଣରେ ଏଭଳି ମନ୍ତବ୍ୟ ଦିଆଯାଉଛି । ସେମାନେ ଏକ ଭୟର ବାତାବରଣ ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ମହିଳାଙ୍କ ପାଇଁ ସୃଷ୍ଟି କରିବାକୁ ଉଦ୍ୟମ କରିବା ସହ ବିଜେପିକୁ ନିର୍ବାଚନରେ ସମର୍ଥନ କରିବା ଲାଗି ଚାପ ପକାଉଛନ୍ତି । ମୁକ୍ତ ଓ ଅବାଧ ନିର୍ବାଚନର ସମସ୍ତ ଆଚରଣକୁ ଏହା ଉଲଂଘନ କରୁଛି । ଆମେ ଭାରତୀୟ ନିର୍ବାଚନ କମିଶନଙ୍କୁ ଅନୁରୋଧ କରୁଛୁ ଯେ, ଏମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ଏହି ବିଜେପି ନେତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ମହିଳାମାନଙ୍କ ପ୍ରତି ତୃଣମୂଳ ସ୍ତରରେ ଯେଉଁ ଆକ୍ଷେପ କରାଯାଉଛି, ତାହାକୁ ବନ୍ଦ କରାଯାଉ ବୋଲି ଦାବି କରାଯାଇଛି । ବିଜେଡିର ଏହି ପ୍ରତିନିଧି ଦଳରେ ସାଂସଦ ସୁଲତା ଦେଓ, ପ୍ରିୟବ୍ରତ ମାଝୀ, ଇପ୍‌ସିତା ସାହୁ, ସୋଫିଆ ଆଲମ, ମଧୁସ୍ମିତା ନାୟକ ଓ ତୁମ୍ନନାଥ ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ ।

### ଜଗନ୍ନାଥ ଦାସ ସ୍ମୃତି କମିଟି ପକ୍ଷରୁ ଜଳ ସେବା କେନ୍ଦ୍ର ଉଦଘାଟିତ

କଟକ (ସବ୍ୟୁ) ଆଜି ପବିତ୍ର ଓଡିଆ ନବବର୍ଷ ଓ ବିଷୁବ ସଂକ୍ରାନ୍ତି ଅବସରରେ ଜଗନ୍ନାଥ ଦାସ ସ୍ମୃତି କମିଟି ଆନୁକୂଲ୍ୟରେ ପ୍ରତି ବର୍ଷ ଭଳି ଦେଉଳସାହି ଛକଠାରେ ଏକ ଜଳ ସେବା କେନ୍ଦ୍ର ଅନୁଷ୍ଠିତ ହୋଇଯାଇଅଛି ଛବିଶିଷ୍ଟ ସମାଜସେବୀ ସ୍ୱାକ୍ଷର ପ୍ରଧାନ ଫିତା କାଟି ଆନୁଷ୍ଠାନିକ ଭାବେ ଜଳସେବା କେନ୍ଦ୍ର ର ଶୁଭ ଉଦଘାଟନ କରିଥିଲେ କମିଟି ର ସଭାପତି ତଥା ସାହି ମୁରବୀ ନୃସିଂହ ଚରଣ ପାତ୍ର ଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର ମମତା ନାୟକ,ଶିକ୍ଷାବିତ ସାଧୁଚରଣ ପ୍ରଧାନ ବିଶିଷ୍ଟ ସାହିତ୍ୟିକା ପ୍ରମୋଦା ଦାସ,ସମାଜସେବୀ ସାବିତ୍ରୀ ନାୟକ ,ଏବଂ ସ୍ମୃତି କମିଟି ର କାର୍ଯ୍ୟ କର୍ତ୍ତା ଭ୍ରମରବର ସାହୁ,ରଘୁନାଥ ପ୍ରସାଦ ଦାସ, ବିପିନ ବିହାରୀ ପାଢୀ,ସାନନ୍ଦ ସେଠୀ,ରାମଚନ୍ଦ୍ର ମହାନ୍ତି ଓ ବିରେନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ସ୍ମୃତି କମିଟି ପକ୍ଷରୁ ନିଆଯାଇଥିବା ବିଭିନ୍ନ ଜନ ହିତକର କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇ ଥିଲେ । ଶେଷରେ ଆଇନଜୀବୀ ପ୍ରସନ୍ନ ମହାପାତ୍ର ଧନ୍ୟବାଦ ଦେଇଥିଲେ ।

### ରାଜ୍ୟରେ ଯୋଗାଯୋଗ ଅବ୍ୟବସ୍ଥା ଓ ପାନୀୟ ଜଳ ସଂକଟ ନେଇ କେନ୍ଦ୍ରମନ୍ତ୍ରୀଙ୍କ କ୍ଷୋଭ
# ରାସ୍ତା ନିର୍ମାଣ ନ ହେବା ପରିତାପର ବିଷୟ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ) : କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୁନ୍ଦରଗଡ ଜିଲ୍ଲାରେ ପ୍ରଶାସନ ନଶୁଣିବାରୁ ଗ୍ରାମବାସୀ ନିଜେ ରାସ୍ତା ନିର୍ମାଣ କରିବା ଖବର ଏବଂ କେନ୍ଦ୍ରାପଡାରେ ପାଣି ନାହିଁ ତ ଭୋଟ ନାହିଁ ଶୀର୍ଷକ ପୃଥକ ଖବର ନେଇ ସାମାଜିକ ଗଣମାଧମରେ ଗଭୀର ଚିନ୍ତା ପ୍ରକଟ କରିଛନ୍ତି । ଏହି ପ୍ରସଙ୍ଗ ନେଇ ଶ୍ରୀ ପ୍ରଧାନ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ ଜନଜାତି ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନର ବିକାଶ ପାଇଁ ମୋଦୀ ସରକାର ଜିଲ୍ଲା ଖଣିଜ ପାଣ୍ଠି (ଡିଏମଏଫ) ର ବ୍ୟବସ୍ଥା କରିଛନ୍ତି । ଖଣି ସମୃଦ୍ଧ ଅଞ୍ଚଳ ସୁନ୍ଦରଗଡ଼କୁ ଡିଏମଏଫରେ ମୋଟ ୬,୪୦୫ କୋଟି ଟଙ୍କା ଆସିଥିବା ବେଳେ ମାତ୍ର ୮୬୦ କୋଟି ବ୍ୟୟ ହୋଇଛି । ଜିଲ୍ଲା ଖଣିଜ ପାଣ୍ଠି ଅର୍ଥରେ ସରକାରୀ ଅଧିକାରୀ ବ୍ୟୟବହୁଳ ଗାଡି କିଣୁଛନ୍ତି । ସୁନ୍ଦରଗଡ଼ ସର୍କିଟ ହାଉସର ପାଚେରୀ ନିର୍ମାଣ ହେଉଥିବା ବେଳେ ଲହୁଣୀପଡା ବ୍ଲକ ଅନ୍ତର୍ଗତ ବଡପୁରୁଣାପାଣି ପଞ୍ଚାୟତ କପଣ୍ଡ ଗ୍ରାମରେ ରାସ୍ତା ନିର୍ମାଣ ହୋଇପାରୁନାହିଁ । ଗ୍ରାମବାସୀଙ୍କୁ ନିଜେ ରାସ୍ତା ନିର୍ମାଣ କରିବାକୁ ପଡୁଛି, ଯାହା କ୍ଷୋଭ ଓ ପରିତାପର ବିଷୟ । ସରକାର ତଥା ଜିଲ୍ଲା ପ୍ରଶାସନ ନିଜ



ଦାୟିତ୍ୱରୁ ଓହରିଯିବା କେତେଦୂର ଯୁକ୍ତିଯୁକ୍ତ ?ଯେଉଁ ଖଣି ଅଞ୍ଚଳର ଅଧିବାସୀ ମାନଙ୍କ ପାଇଁ ଡିଏମଏଫ ପାଣ୍ଠି ଉଦ୍ଦିଷ୍ଟ, ସେମାନେ ଆଜି ସର୍ବନିମ୍ନ ନାଗରିକ ସୁବିଧା ପାଇବାରୁ ବଞ୍ଚିତ ହେବା କ'ଣ ସ୍ଥାନୀୟ ସରକାରର ଦୀର୍ଘ ୨୫ ବର୍ଷ ଶାସନର ରୂପାନ୍ତରଣ କି ବୋଲି ସେ ପ୍ରଶ୍ନ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଆହୁରି ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶାର ଗ୍ରାମାଞ୍ଚଳରେ ମୋଟ ୮୮.୭୬ ଲକ୍ଷ ପରିବାର ମଧ୍ୟରୁ ପ୍ରାୟ ୨୩.୮୯ ଲକ୍ଷ ପରିବାର ଟ୍ୟାପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ଅଛନ୍ତି । ପ୍ରାୟ ୫୬.୧୨ ପ୍ରତିଶତ ଗ୍ରାମବାସୀ ଏବେ ବି ଦୂଷିତ ପାଣି ବ୍ୟବହାର କରୁଛନ୍ତି । ରାଜ୍ୟରେ ଅତି କମରେ ୧୫ଟି ଜିଲ୍ଲାର ୪୦ ପ୍ରତିଶତରୁ ଅଧିକ ପରିବାର ପାଇଁ ବିଶୁଦ୍ଧ ପାନୀୟ ଜଳ ଉପଲବ୍ଧ ହୋଇନାହିଁ । ସହରାଞ୍ଚଳରେ ମଧ ୩୧.୨ ପ୍ରତିଶତ ପରିବାର ବିଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ ଅଛନ୍ତି । କେନ୍ଦ୍ରାପଡାର ମହାକାଳପଡା ଅଞ୍ଚଳରେ ପାଣି ନ ଦେଲେ ଭୋଟ୍ ଦେବୁ ନାହିଁ ବୋଲି ମାତୃଶକ୍ତିମାନେ ସ୍ୱର ଉଠାଇଛନ୍ତି । ଏହି ସବୁ କ'ଣ ଲମ୍ବା ୨୫ ବର୍ଷ ଶାସନର ରୂପାନ୍ତରଣ ବୋଲି ପୁନର୍ବାର କେନ୍ଦ୍ରମନ୍ତ୍ରୀ ସରକାରଙ୍କୁ ପ୍ରଶ୍ନ କରିଛନ୍ତି ।

# ବଜରପୁର ପଞ୍ଚାୟତରେ ବିଜେଡିର ମିଶ୍ରଣପର୍ବ



ରାଜକନିକା ,(ସବ୍ୟୁ) :ଆଳି ନିର୍ବାଚନ ମଣ୍ଡଳୀ ରାଜକନିକା ବ୍ଲକ ଜୟନଗର ପଞ୍ଚାୟତ ଜରପୁର ଗାଁର ମା' ବାସୁଳେଇ ପୀଠରେ ପୂର୍ବତନ ସରପଞ୍ଚ ରବି ନାରାୟଣ ବେହେରାଙ୍କ ନେତୃତ୍ୱରେ ବିଜେଡିର ଏକ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ମିଶ୍ରଣପର୍ବରେ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦେଇ ନୂତନ କର୍ମୀ ମାନଙ୍କୁ ଦଳୀୟ ଗାମୁଛା ଦେଇ ସ୍ୱାଗତ କରିଛନ୍ତି ଏହି ମିଶ୍ରଣ ପର୍ବରେ ଜୟନଗର ଓ ସିକୋ ପଞ୍ଚାୟତର ୭୦ ପରିବାର ଅନ୍ୟ ଦଳ ଛାଡି ବିଜେଡିରେ ଯୋଗ ଦେଇଛନ୍ତି । ଅନ୍ୟ ମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ସାଂସଦ ଙ୍କ ପ୍ରତିନିଧି ପବିତ୍ର ରାଉତ, ୨୯ନମ୍ବର ଜୋନ ର ଜିଲ୍ଲା ପରିଷଦ ଅମିତା ସାହୁ, ବ୍ଲକ ସଭାପତି ବିଦ୍ୟାଧର ବେହେରା, ବିଧାୟକଙ୍କ ପ୍ରତିନିଧି ବିକାଶ ଚନ୍ଦ୍ର ଦାସ, ସାଂସଦ ପାର୍ଥୀଙ୍କ ପ୍ରତିନିଧି ମଣି ଓଝାଙ୍କ ସମେତ ଆଖପାଖ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଯୋଗଦେଇଥିଲେ ।

### ସିଏସଆଇଆର-ଆଇଏମଏମଟି
# ଭୁବନେଶ୍ୱରରେ ଡ. ବି.ଆର୍ ଆମ୍ବେଦକର ଜୟନ୍ତୀ ପାଳନ

ଭୁବନେଶ୍ୱର (ସବ୍ୟୁ): ସିଏସ୍ଆଇଆର୍-ଇନଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍ସ ଆଣ୍ଡ ମ୍ୟାଟେରିଆଲ୍ ଟେକ୍ନୋଲୋଜି (ସିଏସ୍ଆଇଆର୍-ଆଇଏମଏମଟି), ଭୁବନେଶ୍ୱର ପକ୍ଷରୁ ୧୩୩ତମ ଡ. ବି .ଆର୍ ଆମ୍ବେଦକର ଜୟନ୍ତୀ ଉଦ୍ ଯାପିତ ହୋଇଯାଇଛି। ସିଏସଆଇଆର-ଆଇଏମଏମଟିର ଏସଏସ ଭଟନାଗର ହଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱରର ବିଭିନ୍ନ ବିଦ୍ୟାଳୟର ୧୦୦ ଜଣ ଛାତ୍ରଛାତ୍ରୀଙ୍କ ସମେତ ୩୦୦ ଜଣ ବ୍ୟକ୍ତି ଯୋଗ ଦେଇ ଡ. ବିଆର ଆମ୍ବେଦକରଙ୍କ ପରମ୍ପରା ଏବଂ ସମାଜ ପ୍ରତି ତାଙ୍କର ଅବଦାନର ଏକ ଉତ୍ସବ ପ୍ରଦର୍ଶନ କରିଥିଲେ । ଏହି ଅବସରରେ ଡ. ବି.ଆର୍ ଆମ୍ବେଦକର ଜୟନ୍ତୀ ଉତ୍ସବ କମିଟିର ଉପାଧ୍ୟକ୍ଷ ଡ. ଏନ୍ କେ ଧଳ ଯୋଗଦେଇଥିବା ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଉଦ୍ ଘାଟନୀ ଭାଷଣ ଦେଇ ସିଏସ୍ଆଇଆର୍-ଆଇଏମ୍ ଏମ୍ ଟି, ଭୁବନେଶ୍ୱରର ନିର୍ଦ୍ଦେଶକ ଡ.




ରାମାନୁଜ ନାରାୟଣ, ଓଇଆର୍ ସିର ପୂର୍ବତନ ଅଧକ୍ଷ ଉପେନ୍ଦ୍ର ନାଥ ବେହେରା ଆଇଏଏସ୍ (ଅବସରପ୍ରାପ୍ତ) ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେଛ ଶ୍ରୀ ବେହେରା ସଭାକୁ ସମ୍ବୋଧିତ କରି ଡ. ବିଆର୍ ଆମ୍ବେଦକରଙ୍କ ଜୀବନ ଓ ସଫଳତା ଉପରେ ଆଲୋକପାତ କରିବା ସହ ଉପସ୍ଥିତ ସ୍କୁଲ ପିଲାମାନଙ୍କୁ ପ୍ରେରଣା ଦେଇଥିଲେ । ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲେ ବିଶିଷ୍ଟ ସମାଜସେବୀ ତଥା ଜାତିସଂଘ ର ଆନ୍ତର୍ଜାତିକ ମାନବାଧିକାର ସଦସ୍ୟ ଡ. ଦିଲୀପ କୁମାର ବେହେରା । ଡ. ବିଆର୍ ଆମ୍ବେଦକରଙ୍କ ଜୀବନ ଇତିହାସ ସମ୍ପର୍କରେ ଡ. ବେହେରା ଆଲୋକପାତ କରିବା ସହ ସମାଜର ଦୁର୍ବଳ ଶ୍ରେଣୀର ଉନ୍ନତି ଉପରେ ଗୁରୁତ୍ୱାରୋପ କରିଥିଲେଛ ଏହାବ୍ୟତୀତ ଆରଆରଏଲ ପ୍ରୋଜେକ୍ଟ ୟୁପି ସ୍କୁଲର ଶ୍ରେଷ୍ଠ ପ୍ରଦର୍ଶନକାରୀ ଓ ବିଭିନ୍ନ ପ୍ରତିଯୋଗିତାର ବିଜେତାଙ୍କୁ ଡ. ବେହେରା ପୁରସ୍କାର ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ଶେଷ କରି ବରିଷ୍ଠ ପ୍ରମୁଖ ବୈଜ୍ଞାନିକ ତଥା ଡ. ବିଆର୍ ଆମ୍ବେଦକର ଜୟନ୍ତୀ ଉତ୍ସବ କମିଟିର ଆବାହକ ଡ. ସନ୍ତୋଷ କୁମାର ବେହେରା ସମସ୍ତ ଅଂଶଗ୍ରହଣକାରୀ ଓ ଯୋଗଦାନକାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ଏହି ଉତ୍ସବ ଡ. ବିଆର୍ ଆମ୍ବେଦକରଙ୍କ ସ୍ଥାୟୀ ପରମ୍ପରା ଏବଂ ସମାଜରେ ସମାନତା ତଥା ସାମାଜିକ ନ୍ୟାୟକୁ ପ୍ରୋତ୍ସାହିତ କରିବା ପାଇଁ ଚାଲିଥିବା ପ୍ରୟାସକୁ ସ୍ମରଣୀୟ ଭାବରେ କାର୍ଯ୍ୟ କରିଥିଲେ । ସନ୍ଧ୍ୟାରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଉତ୍ସବ ଶେଷ ହୋଇଥିଲା, ଯାହା ଡଃ ବିଆର ଆମ୍ବେଦକରଙ୍କ ପରମ୍ପରାକୁ ସ୍ମରଣ କରିବାରେ ଆନନ୍ଦ ଏବଂ କଳାତ୍ମକ ଅଭିବ୍ୟକ୍ତିର ସ୍ପର୍ଶ ଯୋଡ଼ିଥିଲା । ଅଂଶଗ୍ରହଣକାରୀମାନେ ବିବିଧତା, ଏକତା ଏବଂ ଅନ୍ତର୍ଭୁକ୍ତୀକରଣର ଭାବନାକୁ ପାଳନ କରୁଥିବା ପ୍ରଦର୍ଶନ କରିଥିଲେ, ଯାହା ଡକ୍ଟର ଆମ୍ବେଦକରଙ୍କ ଦ୍ୱାରା ଜୀବନସାରା ପ୍ରୋତ୍ସାହିତ ମୂଲ୍ୟବୋଧକୁ ପ୍ରତିଫଳିତ କରିଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମ ଏହି ଅବସରରେ ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିବା ସହ ସମ୍ପ୍ରଦାୟ ମଧ୍ୟରେ ସଶକ୍ତୀକରଣ ଓ ଏକତାର ବାର୍ତ୍ତାକୁ ସୁଦୃଢ଼ କରିଥିଲା ।

# ଲୋକାର୍ପିତ ହେଲା ଓଡ଼ିଆ ଚଳଚ୍ଚିତ୍ର ନିର୍ଣ୍ଣୟର ଅଡିଓ, ୨୬ରେ ଶୁଭମୁକ୍ତି

ଭୁବନେଶ୍ୱର (ସବ୍ୟୁ): ଶ୍ରଦ୍ଧା ସବୁରୀ ପ୍ରଡ଼କସନ ର ପ୍ରଥମ ଅବଦାନ ଚଳଚ୍ଚିତ୍ର ନିର୍ଣ୍ଣୟ ର ଅଡିଓ ଲୋକାର୍ପଣ ହୋଇଛି । ବର୍ତ୍ତମାନ ଜମାନା ରେ ବିଭିନ୍ନ ମୌଳିକ କାହାଣୀ କୁ ନେଇ ଚିତ୍ର ନିର୍ମାଣ ଟ୍ରେଣ୍ଡ ଚାଲିଥିବା ବେଳେ ନିର୍ଣ୍ଣୟ ମଧ ସେଇ ଧାରାରେ ନିର୍ମାଣ ହୋଇଛି । କାହାଣୀ ଏପରି ଚାରୋଟି ମୁଖ୍ୟ ଚରିତ୍ର ଜୀବନ ବାଟରେ ଚାଲିଲା ବେଳେ, ସମୟ ସେମାନଙ୍କୁ ନେଇ ଏମିତି ମୋଡ଼ରେ ଛାଡିଛି ସମାଜ ଆଖିରେ ସେମାନେ କୋଉଠି ନା କୋଉଠି ଦୋଷୀଟିଏ ହେଇଯା'ନ୍ତି ! ଭଲ ପାଇବାକୁ ଏକ ସମ୍ପର୍କର ନାଁ ଦେବା ପାଇଁ କାହିଁକି ଦୁଇଜଣ ଅନବରତ ଚେଷ୍ଟାରେ ଥାଆନ୍ତି । ଏଇ ଚେଷ୍ଟାର ନାଁ ସମାଜ ଦୋଷ ଦେଇ ଦିଏ । ସତରେ ସେମାନେ କେତେ ଦୋଷୀ ? ଆଉ ଯଦି ବି ଦୋଷୀ, କୋଉ ନିର୍ଣ୍ଣୟ ପାଇଁ ଆଜି ଏମିତି ଦୋଛକିରେ ଠିଆ ହେଇଛନ୍ତି ? ନିଜ ପାଇଁ ନିର୍ଣ୍ଣୟ ନେବା ଆଉ ସେଇ ନିର୍ଣ୍ଣୟରେ ନିଜକୁ ଠିଆ କରିବା କେତେ ଯୁକ୍ତିଯୁକ୍ତ ! ଏଇ ସବୁକୁ ନେଇ ଚଳଚ୍ଚିତ୍ର ନିର୍ଣ୍ଣୟ ।

ପ୍ରଯୋଜକ ଟିକି ପଟ୍ଟନାୟକ ଛୁଆଟି ଦିନରୁ ଅଭିନୟ କରିଆସିଛନ୍ତି ଝ କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟ କରିଥିବା ସତ୍ତ୍ୱେ ଅବସର ନେଇ କଳା ପ୍ରତି ବିଶେଷ ଆକୃଷ୍ଟ ଥିବାରୁ ନିଜର ପ୍ରଡ଼କସନ ହାଉସ କରି ଯୁଗ ଉପଯୋଗୀ ଉନ୍ନତମାନର ଚଳଚ୍ଚିତ୍ର ନିର୍ମାଣ କରିବା ପାଇଁ ଅଣ୍ଟା ଭିଡିଛନ୍ତି । ଶ୍ରଦ୍ଧା ସବୁରୀ ପ୍ରଡ଼କସନ ହାଉସ ପୂର୍ବରୁ ଅନେକ ସଫଳ ମ୍ୟୁଜିକ ଭିଡ଼ିଓ ଏବଂ ଟେଲିଭିଜନ ସିରିଏଲ ପାଇଁ ନାଁ କରିସାରିଛି । ନିର୍ଣ୍ଣୟ ତାଙ୍କର ପ୍ରଥମ ଚଳଚ୍ଚିତ୍ର ଝ ଅଭିଜ୍ଞ ଯୁବ ନିର୍ଦ୍ଦେଶକ ରାଜେନ୍ଦ୍ର ମହାନ୍ତଙ୍କ ଦ୍ୱାରା ନିର୍ଦ୍ଦେଶିତ ନିର୍ଣ୍ଣୟ ଚଳଚ୍ଚିତ୍ର ଟିର କାହାଣୀ ଲେଖିଛନ୍ତି ଶୁଭଶ୍ରୀ ଶୁଭସ୍ମିତା ମିଶ୍ର ଏବଂ ସଂଳାପ ଲେଖିଛନ୍ତି ସୁମିତ ପଣ୍ଡା । ଚିତ୍ରତ୍ତୋଳନ ଦାୟିତ୍ୱ ରେ ଅଛନ୍ତି ଦୀପକ କୁମାର ।

# ଅମରନାଥ୍ ପେଷ୍ଟ କଣ୍ଟ୍ରୋଲ୍ ପକ୍ଷରୁ ଓଡିଆ ନବବର୍ଷ ଓ ପଣା ବଣ୍ଟନ



କଟକ, (ସ୍ୱପ୍ର): ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପଣା ସଂକ୍ରାନ୍ତି ତଥା ଓଡିଆ ନବବର୍ଷ ଅବସରରେ ଓଡିଶାର ଘରେ ଘରେ ପରିଚିତ ଅମରନାଥ ପେଷ୍ଟ କଂଟ୍ରୋଲ ପରିବାର ପକ୍ଷରୁ ଓଡିଆ ନବବର୍ଷ ପାଳନ କରିବା ସହିତ ପଣା ବଣ୍ଟନ କରାଯାଇଥିଲା। ସ୍ଥାନୀୟ ମହାନଦୀବିହାର ସ୍ଥିତ ସଂଜୀବନୀ ଛକ ଠାରେ ଥିବା ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିଷ୍ଠାତା ଜଗନ୍ନାଥ ରାଉତ ଏବଂ ଲବଙ୍ଗଲତା ରାଉତ ପ୍ରମୁଖ ଯୋଗଦେଇ ପଣା ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନୁଷ୍ଠାନର ମୁଖ୍ୟ ପରିଚାଳକ ଶିବବ୍ରତ ରାଉତଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରାସ୍ତାରେ ଯାତାୟତ ଲୋକମାନଙ୍କୁ ପଣା ବଣ୍ଟନ କରାଯାଇଥିଲା । ଏହି ଅବସରରେ ଅତିଥିଭାବେ ସମାଜସେବୀ ସଞ୍ଜୟ ଜେନା, ବିଚିତ୍ରାନନ୍ଦ ତ୍ରିପାଠୀ ଏବଂ ପିୟୁସ ମହାନ୍ତି ପ୍ରମୁଖ ଯୋଗଦେଇ ଉତ୍କଳୀୟ ପରମ୍ପରାକୁ ଉଜ୍ଜିବୀତ କରି ରଖିଥିବା ଅମରନାଥ ପେଷ୍ଟ କଂଟ୍ରୋଲ ଅନୁଷ୍ଠାନର ଏଭଳି ମହତ ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅବିନାସ ମହାନ୍ତି, ପ୍ରିୟବ୍ରତ ପୃଷ୍ଟି, ଜ୍ଞାନରଞ୍ଜନ ସାମଲ, ସୁଧଚନ୍ଦ୍ର ଲେଙ୍କା, ଲିପିତା ବାରିକ, ରଞ୍ଜିତ କୁମାର ସାହୁଙ୍କ ସମେତ ବହୁ କର୍ମକର୍ତ୍ତାମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ । ସୂଚନାଯୋଗ୍ୟ, ଅନୁଷ୍ଠାନର ମୁଖ୍ୟ ପରିଚାଳକ ଶ୍ରୀ ରାଉତ ଦୀର୍ଘ ୧୩ବର୍ଷ ଧରି କୀଟପୋକ ନିୟନ୍ତ୍ରକ କ୍ଷେତ୍ରରେ ଉତ୍ତମସେବା ଓ ଉତ୍କର୍ଷତା ପ୍ରଦାନ କରିଥିବାରୁ ତାଙ୍କୁ ନୂଆଦିଲ୍ଲୀ ସ୍ଥିତ ବିଜ୍ଞାନ ଭବନ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟ୍ରଫି ଓ ସାର୍ଟିଫିକେଟ୍ ପ୍ରଦାନ କରି ପୁରସ୍କୃତ କରିଥିଲେ।

# ସିଆଡ଼ିମାଳ ପଞ୍ଚାୟତରେ ସୁକାନ୍ତ ନାୟକଙ୍କ କର୍ମୀ ସମାବେଶ

ନୀଳଗିର, (ସବ୍ୟୁ) :ନୀଳଗିରି ନିର୍ବାଚନ ମଣ୍ଡଳୀରେ ବିଧାୟକ ଟିକଟ ପାଇବା ପାଇଁ ବିଜେଡ଼ିର ୨ନେତାଙ୍କ ମଧ ଶକ୍ତି ପ୍ରଦର୍ଶନ ଚାଲିଛି । ୨୦୧୯ ନିର୍ବାଚନରେ ନୀଳଗିରି ବିଧାନସଭା ଆସନରୁ ଭାରତୀୟ ଜନତାପାର୍ଟୀର ସୁକାନ୍ତ ନାୟକ ବିଧାୟକ ପ୍ରାର୍ଥୀ ହୋଇଥିବା ବେଳେ ବିଜେଡ଼ିର ସନ୍ତୋଷ ଖଟୁଆ ବହୁ କମ୍ ଭୋଟରେ ପରାଜୟ ବରଣ କରିଥିଲେ । ୨୦୨୪ ସାଧାରଣ ନିର୍ବାଚନ ଘୋଷଣା ହେବାର କେଇ ଦିନ ପୂର୍ବରୁ ବିଜେପିରେ ଥିବା ବିଧାୟକ ସୁକାନ୍ତ କୁମାର ନାୟକ କୌଣସି କାରଣରୁ ବିଜେପି ଦଳ ଛାଡ଼ି ବିଜୁଜନତା ଦଳରେ ସାମିଲ ହୋଇଥିଲେ । ସେବେଠାରୁ ବିଧାୟକ ସୁକାନ୍ତ ନାୟକ, ବିଜେଡ଼ିର ନେତା ଓ କର୍ମୀଙ୍କୁ ଧରି ବିଭିନ୍ନ ପଞ୍ଚାୟତରେ ସମାବେଶ କରୁଥିବା ଦେଖିବାକୁ ମିଳିଛି । ରବିବାର ଦିନ ସିଆଡ଼ିମାଳ ପଞ୍ଚାୟତର ଚକର ପଡ଼ିଆରେ ବିଧାୟକ ଶ୍ରୀ ନାୟକଙ୍କ ନେତୃତ୍ୱରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି କର୍ମୀ ସମାବେଶରେ ଉକ୍ତ ପଞ୍ଚାୟତର ୧୨ରୁ ଅଧିକ ୱାର୍ଡମେମ୍ବର ବିଜୁ ଜନତା ଦଳରେ ସାମିଲ ହୋଇଥିବା ବେଳେ ବିଧାୟକ ସୁକାନ୍ତ କୁମାର ନାୟକ ସେମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗଙ୍ଗାଧର ମିଶ୍ର, ନମା ସିଂ, ନରେନ୍ଦ୍ର ବେହେରା, ସୁରଥ ସିଂ, ସମାବାରୀ ସିଂ ପ୍ରମୁଖ ଉପସ୍ଥିତ ଥିବାବେଳେ ଲୋକନାଥ ଦଳେଇ ମଂଚାସୀନ ରହି ଅଭିଭାଷଣ ରଖିଥିଲେ । ସିଆଡ଼ିମାଳ ପଞ୍ଚାୟତର ସମିତି ସଭ୍ୟ ରାଜୀବ ଦାସବାବୁ ମଂଚ ପରିଚାଳନା କରିଥିଲେ । ଅନ୍ୟପକ୍ଷରେ ସନ୍ତୋଷ ଖଟୁଆ ବିଭିନ୍ନ ପଞ୍ଚାୟତରେ ମଧ ବାଇକ୍ ରାଲି ଓ ସଭାସମିତି କରୁଥିବାର ଦେଖିବାକୁ ମିଳିଛି ।

### ଜେଜିଏଲ୍ଏସ୍ କ୍ରମାଗତ ୫ ବର୍ଷ ଧରି
# ଦେଶର ଏକ ନମ୍ବର ଆଇନ ବିଦ୍ୟାଳୟ ଓ ବିଶ୍ୱରେ ୭୨ତମ ସ୍ଥାନରେ

ଭୁବନେଶ୍ୱର (ସବ୍ୟୁ): ଓପି ଜିନ୍ଦଲ ଗ୍ଲୋବାଲ ୟୁନିଭର୍ସିଟିର ଜିନ୍ଦଲ ଗ୍ଲୋବାଲ ଲ' ସ୍କୁଲ ଲଗାତାର ୫ ବର୍ଷ ପାଇଁ ଭାରତର ଏକ ନମ୍ବର ଲ' ସ୍କୁଲ ଭାବେ ମାନ୍ୟତା ପାଇଛି ଏବଂ ବିଶ୍ୱର ୭୨ତମ ସ୍ଥାନରେ ରହିଛି ଏବଂ ଏହା ଭାରତର ଏକମାତ୍ର ଆଇନ ବିଦ୍ୟାଳୟ ଭାବେ ବିଶ୍ୱର ଏକମାତ୍ର ଆଇନ ବିଦ୍ୟାଳୟ ଭାବେ ବିଶ୍ୱର ଟପ୍ -୧୦୦ ମଧରେ ସ୍ଥାନ ପାଇଛି। ସୂଚନାଯୋଗ୍ୟ, ଜିନ୍ଦଲ ଗ୍ଲୋବାଲ ଲ' ସ୍କୁଲ ଗତବର୍ଷ ୮୪ତମ ସ୍ଥାନରେ ଥିବା ବେଳେ ଚଳିତ ବର୍ଷ ୭୨ତମ ସ୍ଥାନକୁ ଉନ୍ନୀତ ହୋଇଛି। ଚଳିତ ବର୍ଷ ରାଙ୍କିଙ୍ଗ ପ୍ରସ୍ତୁତ କରିବା ପାଇଁ କ୍ୟୁଏସ୍ ପାଖାପାଖି ୫୦୦୦ ଅନୁଷ୍ଠାନର ପ୍ରତିଷ୍ଠା ଓ ଗବେଷଣା ଫଳାଫଳକୁ ବିଶ୍ଲେଷଣ କରିଥିଲା। ଏହି ଗ୍ରୁପ୍ ରୁ ୫୫ଟି ବିଷୟ ଓ ୫ଟି ବ୍ୟାପକ ବିଷୟ କ୍ଷେତ୍ରରେ ୧୫୬୧ ଜଣଙ୍କୁ ସ୍ଥାନ ମିଳିଥିବା ବେଳେ ୧୯,୧୦୦ରୁ ଅଧିକ ଏଂଟ୍ରି ସୃଷ୍ଟି ହୋଇଛି। ଏହି ପରିସଂଖ୍ୟାନଗୁଡିକ ଏହି ବିଷୟ ମାନ୍ୟତା ସୃଷ୍ଟି କରିବା ପାଇଁ କ୍ୟୁଏସ କରୁଥିବା ଏହି କାର୍ଯ୍ୟ ପଛରେ ଥିବା ବ୍ୟାପକତା ଏବଂ ବିଭିନ୍ନତାକୁ ପ୍ରତିଫଳିତ କରେ। ଶିକ୍ଷାନୁଷ୍ଠାନଗୁଡ଼ିକୁ ବିଷୟ ଅନୁଯାୟୀ ମାନ୍ୟତା ଦେବା ପାଇଁ, କ୍ୟୁଏସ ଶୈକ୍ଷିକ ଖ୍ୟାତିକୁ ବିଚାର କରେ ନିଯୁକ୍ତିଦାତାଙ୍କ ଖ୍ୟାତି ଗବେଷଣା ଉଦାହରଣ ଏଚ୍-ଇଣ୍ଡେକ୍ସ, ଏକ ସୂଚକାଙ୍କ ଯାହା ଅନୁଷ୍ଠାନର ବିଶେଷଜ୍ଞମାନଙ୍କ ଦ୍ୱାରା ପ୍ରକାଶିତ କାର୍ଯ୍ୟର ପ୍ରଭାବ ଏବଂ ଗୁଣବତାର ସ୍ଥିରତା ମାପିବାକୁ ଚେଷ୍ଟା କରେ ଏବଂ ଅନ୍ତର୍ଜାତୀୟ ଗବେଷଣା ନେଟୱାର୍କ (ଆଇଆରଏନ), ସ୍ଥିର ଗବେଷଣା ସହଯୋଗ ପ୍ରତିଷ୍ଠା କରିବାର ଦକ୍ଷତାର ଏକ ପରିମାପ ।

# ମା' ରାମଚଣ୍ଡୀଙ୍କୁ ଦର୍ଶନ କଲେ ବୈଜୟନ୍ତ ଓ ଦୁର୍ଗା ପ୍ରସନ୍ନ



ମହାକାଳପଡ଼ା ,(ସବ୍ୟୁ) : ରବିବାର ଦରିଆପାରି ମା' ରାମଚଣ୍ଡୀଙ୍କ ପୀଠରେ ପବିତ୍ର ଝାମୁ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ମା'ଙ୍କୁ ଦର୍ଶନ କରିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ଯୋଗଦେଇଥିଲେ । ଏହି ଅବସରରେ ବିଜେପିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ଲୋକସଭା ବିଜେପି ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଓ ମହାକାଳପଡ଼ା ବିଧାନସଭାର ବିଜେପି ପ୍ରାର୍ଥୀ ଡକ୍ଟର ଦୁର୍ଗା ପ୍ରସନ୍ନ ନାୟକ ମା'ଙ୍କ ପୀଠରେ ପହଂଚି ଦର୍ଶନ କରିଥିଲେ । ଏଥିସହ ମା'ଙ୍କ କୃପାଭିକ୍ଷା ମଧ କରିଥିଲେ । ରବିବାର ପୂର୍ବାହ୍ନରେ ଉଭୟ ନେତା ମା'ଙ୍କ ପୀଠରେ ପହଂଚିଥିଲେ । ଉଭୟ ନେତାଙ୍କ ସହିତ ଜିଲ୍ଲା ଉପସଭାପତି ସଂଜୟ କୁମାର ରଥ ଓ ଜାନକୀ ପ୍ରଧାନ, ସରୋଜକାନ୍ତ ସାହୁ, ସମିତିସଭ୍ୟ କୃଷ୍ଣପଦ ମଣ୍ଡଳ, ଜୋନ୍ ସଭାପତି ପ୍ରଶାନ୍ତ କୁମାର ସେଠୀ ପ୍ରକାଶ ପ୍ରଧାନ, ତ୍ରିଲୋଚନା ରାଉତ, ଶରତ ଚନ୍ଦ୍ର ମହାନ୍ତି, ଜୋନ୍‌ର ସମ୍ପାଦକ ଜୀବନାନନ୍ଦ ସାହୁ, ଅଶୋକ ଅଧିକାରୀ, ରତନ କାଞ୍ଜିଲାଲ, ଅଶୋକ ପାଲ, ଦେବବ୍ରତ ମିସ୍ତ୍ରୀ, ଗୌର ରାୟ, କୃପାସିନ୍ଧୁ ଦାସଙ୍କ ସମେତ ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ । ସେହିପରି ଖୁରୁସିଆ ସ୍ଥିତ ବ୍ରହ୍ମାଣୀଙ୍କ ପୀଠରେ ପହଂଚି ଉଭୟ ନେତା ଦର୍ଶନ କରିଥିଲେ । ଏଥିରେ ଆୟୁଷ କୁମାର ଦାସ, ତନ୍ମୟ ମହାପାତ୍ର, ପ୍ରଦୀପ କୁମାର ଦାସ, ପ୍ରଦୀପ କୁମାର ବେହେରା, ରାଜକିଶୋର ଦାସଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ ।

# ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜଳ ବିତରଣ କେନ୍ଦ୍ର ଉଦ୍‌ଘାଟିତ

କଟକ, (ସ୍ୱପ୍ର): ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଟାଙ୍ଗୀ ବସଷ୍ଟାଣ୍ଡ ଠାରେ ପବିତ୍ର ମହାବିଷୁବ ସଂକ୍ରାନ୍ତିରୁ ୨ମାସ ବ୍ୟାପୀ ଜଳ ବିତରଣ କେନ୍ଦ୍ରର ଶୁଭାରମ୍ଭ ହୋଇଛି । ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ଓ ପଦ୍ମିନୀ କେୟାର ହସ୍‌ପିଟାଲର ପ୍ରତିଷ୍ଠାତା ଅଧ୍ୟକ୍ଷ ତଥା ମୁଖ୍ୟପୁରୋଧା ଡ. ପ୍ରମୋଦ ଚନ୍ଦ୍ର ରଥ ସମସ୍ତଙ୍କୁ ଓଡିଆ ନବବର୍ଷର ଅଭିନନ୍ଦନ ଜଣାଇବା ସହ ଜଳ ବିତରଣ କେନ୍ଦ୍ର ଉଦଘାଟନ କରି ପଥଚାରୀଙ୍କୁ ବିଷୁବ ପଣା ବିତରଣ କରିଥିଲେ । ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ପ୍ରଫେସର ଡା. ଶକ୍ତି ପ୍ରସାଦ ଦାସ, ନିର୍ଦ୍ଦେଶକ ଲୋକନାଥ ବେହେରା, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ସଚିବ ସୁଧାଂଶୁଭୂଷଣ କର, ସମାଜସେବିକା ନିୟମିତା ନାୟକ, ପ୍ରଦୀପ ଷଡଙ୍ଗୀ, ଯୁବ ଉଦ୍ୟୋଗୀ ଶିବପ୍ରସାଦ ରଥ, ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ,




ରଥ, ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ସଂଯୋଜକ ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ, ନାରାୟଣ ମିଶ୍ର, ପ୍ରସନ୍ନ କୁମାର ସାହୁ, ଜିତେନ୍ଦ୍ର ବେହେରା, ଅଧାପିକା ସାଗରିକା ସମାଜସେବୀ ସେକ୍ ଅବଦୁଲ ସଲିମ୍‌ଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି, ବିଭିନ୍ନ ବିଭାଗର ପଦାଧିକାରୀ, ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

## ୧୦ ଲୋକସଭା ଆସନ ପାଇଁ କଂଗ୍ରେସର ପ୍ରାର୍ଥୀ ଘୋଷଣା

### ମନୋଜ ତିୱାରୀଙ୍କୁ ଟକ୍କର ଦେବେ କହ୍ନେୟା କୁମାର



**ନୂଆଦିଲ୍ଲୀ:** ଆସନ୍ତା ଲୋକସଭା ନିର୍ବାଚନ ପାଇଁ ଆଜି ଆଉ ୧୦ ଜଣ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି । ଏହି ୧୦ ପ୍ରାର୍ଥୀଙ୍କ ମଧ୍ୟରେ ଯୁବ ନେତା କହ୍ନେୟା କୁମାରଙ୍କ ନାଁ ରହିଛି । ଦଳ ତାଙ୍କୁ ଉତ୍ତର-ପୂର୍ବ ଦିଲ୍ଲୀରୁ ପ୍ରାର୍ଥୀ କରିଛି । ୨୦୧୯ରେ ସେ ବିହାରର ବେଗୁସରାଇରୁ ପ୍ରାର୍ଥୀ ହୋଇଥିଲେ । ବାମପନ୍ଥୀ ଟିକେଟରେ ନିର୍ବାଚନ ଲଢ଼ିଥିବା କହ୍ନେୟାଙ୍କୁ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହଙ୍କ ଠାରୁ ହାରିବାକୁ ପଡ଼ିଥିଲା । ଏଥର କିନ୍ତୁ କଂଗ୍ରେସ ତାଙ୍କୁ ଦେଶର ରାଜଧାନୀ ଦିଲ୍ଲୀରୁ ଟିକେଟ ଦେଇଛି । ୨୦୨୪ରେ ତାଙ୍କର ଲଢ଼େଇ ବିଜେପି ସାଂସଦ ମନୋଜ ତିୱାରୀଙ୍କ ସହ ହେବ । ଉତ୍ତର-ପୂର୍ବ ଦିଲ୍ଲୀରୁ ମନୋଜ ୨୦୧୯ରେ ବିଜୟୀ ହୋଇଥିଲେ । କଂଗ୍ରେସ ଦିଲ୍ଲୀରେ କ୍ଷମତାସୀନ ଆପ୍ ସହ ମିଶି ଲୋକସଭା ନିର୍ବାଚନ ଲଢ଼ୁଛି । ଆପ୍ ୪ଟି ଓ କଂଗ୍ରେସ ୩ଟି ଆସନରେ ପ୍ରାର୍ଥୀ ଦେବେ । ମେଣ୍ଟର ଡିଲ୍ ଅନୁସାରେ, ଆଜି କଂଗ୍ରେସ ଦିଲ୍ଲୀର ୩ଟି ଆସନ ପାଇଁ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି । କହ୍ନେୟା ଉତ୍ତର ପୂର୍ବ ଦିଲ୍ଲୀରୁ ଟିକେଟ ପାଇଥିବା ବେଳେ ଚାନ୍ଦିନଚୌକରୁ ଜେପି ଅଗ୍ରୱାଲ ଓ ଉତ୍ତର ପଶ୍ଚିମ ଦିଲ୍ଲୀରୁ ଉଦିତ ରାଜ କଂଗ୍ରେସ ଟିକେଟ ପାଇଛନ୍ତି । ଅଗ୍ରୱାଲଙ୍କ ଲଢ଼େଇ ବିଜେପିର ପ୍ରବୀଣ ଖଣ୍ଡେଲୱାଲ ଓ ଉଦିତ ବିଜେପିର ଯୋଗେନ୍ଦ୍ର ଚାଣ୍ଡୋଲିଆଙ୍କୁ ଟକ୍କର ଦେବେ । ଦିଲ୍ଲୀ ବ୍ୟତୀତ କଂଗ୍ରେସ ଆଜି ପଞ୍ଜାବର ୬ଟି ଓ ଉତ୍ତର ପ୍ରଦେଶ ଗୋଟିଏ ଲୋକସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି । ପଞ୍ଜାବର ଅମୃତସରୁ ଗୁରଜିତ ସିଂହ, ଜଲନ୍ଧରରୁ ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ଚରଣଜିତ ସିଂହ ଚନ୍ନି, ଫତେଗଡ଼ ସାହିବରୁ ଅମର ସିଂହ, ଭାଟିଣ୍ଡାରୁ ଜୀତ ମହେନ୍ଦ୍ର ସିଂହ ସିଦ୍ଧୁ, ସଙ୍ଗରୁରରୁ ସୁଖପାଲ ସିଂହ ଖଇରା ଓ ପଟିଆଲାରୁ ଡ. ଧର୍ମବୀର ଗାନ୍ଧି କଂଗ୍ରେସର ପ୍ରାର୍ଥୀ ହୋଇଛନ୍ତି । ସେହିପରି ଉତ୍ତର ପ୍ରଦେଶର ଆହ୍ଲାବାଦରୁ ଉଜ୍ଜ୍ୱଳ ରେବତୀ ରମଣ ସିଂହ କଂଗ୍ରେସ ଟିକେଟରୁ ନିର୍ବାଚନ ଲଢ଼ିବେ ।

## ଇସ୍ରାଏଲକୁ ବିମାନ ସେବା ବନ୍ଦ କରିବ ଭାରତ !



**ନୂଆଦିଲ୍ଲୀ:** ଇରାନ ଓ ଇସ୍ରାଏଲ ମଧ୍ୟରେ ଉତ୍ତେଜନା ବଢ଼ୁଥିବାରୁ ଭାରତୀୟ ବିମାନ କମ୍ପାନୀମାନେ ଇସ୍ରାଏଲର ତେଲ ଅବିବରୁ ବିମାନ ଚଳାଚଳ ବନ୍ଦ ଘୋଷଣା କରିପାରନ୍ତି । ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଇସ୍ରାଏଲକୁ ବିମାନ ଚଳାଚଳ ବନ୍ଦ ହୋଇପାରେ, ଏହା ପରେ ଆନୁଷ୍ଠାନିକ ଘୋଷଣା କରାଯିବ । ୟେମେନ, ସିରିଆ ଓ ଇରାକରୁ କାର୍ଯ୍ୟ କରୁଥିବା ଇରାନ ଓ ତା'ର ସମର୍ଥକମାନେ ଶନିବାର ରାତିରେ ଇସ୍ରାଏଲ ଉପରେ ୨୦୦ରୁ ଅଧିକ କ୍ଷେପଣାସ୍ତ୍ର ପ୍ରକ୍ଷେପଣ କରିଛନ୍ତି, ଯେଉଁଥିରେ ଡଜନାଧିକ ବ୍ୟାଲିଷ୍ଟିକ୍ କ୍ଷେପଣାସ୍ତ୍ର, କ୍ରୁଜ୍ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ରହିଛି । ଏୟାର ଇଣ୍ଡିଆର ଏକ ବିମାନ ଗତକାଲି ତେଲ ଆବିବ ଅନ୍ତର୍ଜାତୀୟ ବିମାନବନ୍ଦରରେ ସୁରକ୍ଷିତ ଭାବେ ତେଲ ଆଭିବରେ ଅବତରଣ କରିଥିଲା ଏବଂ ତେଲ ଆଭିବରୁ ଭାରତ ଅଭିମୁଖେ ଉଡ଼ାଣ ଭରିବାର କାର୍ଯ୍ୟକ୍ରମ ରହିଛି । ଇସ୍ରାଏଲ ଓ ଭାରତ ମଧ୍ୟରେ ବାଣିଜ୍ୟିକ ବିମାନ ଚଳାଚଳ କରୁଛନ୍ତି ଦୁଇଟି ପ୍ରମୁଖ ଏୟାରଲାଇନ୍ସ ଏଲ୍ ଅଲ୍ ଓ ଏୟାର ଇଣ୍ଡିଆ । ଭାରତର ଦୁଇ ପ୍ରମୁଖ ଏୟାରଲାଇନ୍ସ ଏୟାର ଇଣ୍ଡିଆ ଏବଂ ଭିସ୍ତାରା ଇରାନ ଆକାଶପଥ ଛାଡିବାକୁ ଘୋଷଣା କରିଛନ୍ତି ଏବଂ ଯାତ୍ରୀ ଏବଂ କ୍ରୁଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସେମାନଙ୍କ ୟୁରୋପ ଏବଂ ଆମେରିକା ବିମାନ ଚଳାଚଳ ପାଇଁ ଲମ୍ବା ବିମାନ ପଥ ଆପଣାଉଛନ୍ତି । ଇରାନ ଓ ଇସ୍ରାଏଲ ମଧ୍ୟରେ ଉତ୍ତେଜନା ବଢ଼ୁଥିବାରୁ ଭାରତୀୟ ଏୟାରଲାଇନ୍ସ ୟୁରୋପ ଏବଂ ମଧ୍ୟପ୍ରାଚ୍ୟ ପାଇଁ ବିମାନ ଚଳାଚଳ ପଥ ପରିବର୍ତ୍ତନ କରୁଛି ।

ଇରାନ ଯାତ୍ରାରୁ ଦୂରେଇ ରହିବାକୁ ଭାରତ ସରକାରଙ୍କ ପରାମର୍ଶ ପରେ ଏୟାର ଇଣ୍ଡିଆ ଏବଂ ଦୁଇ ପ୍ରମୁଖ ବିମାନ କମ୍ପାନୀ ଭିସ୍ତାରା ଇରାନ ଆକାଶ ମାର୍ଗରୁ ଦୂରେଇ ରହିବାକୁ ନିଷ୍ପତ୍ତି ନେଇଛନ୍ତି । ଫଳରେ ଯାତ୍ରୀଙ୍କ ସୁରକ୍ଷା ଓ ପରିଚାଳନାଗତ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ସେମାନେ ଏବେ ଲମ୍ବା ରାସ୍ତା ଆପଣାଉଛନ୍ତି । ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ଉତ୍ତେଜନା କାରଣରୁ ଉଡାଣ ପଥପରିବର୍ତ୍ତନକୁ ନେଇ ଭିସ୍ତାରା ଏୟାର ଏକ ବିବୃତି ଜାରି କରିଛି । ଭିସ୍ତାରା ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି ଯେ, ମଧ୍ୟପ୍ରାଚ୍ୟର କିଛି ଅଂଶକୁ ପ୍ରଭାବିତ କରୁଥିବା ସାମ୍ପ୍ରତିକ ପରିସ୍ଥିତି କାରଣରୁ ଆମେ ଆମର କେତେକ ବିମାନର ଉଡ଼ାଣ ପଥରେ ପରିବର୍ତ୍ତନ କରୁଛୁ । ଏଭଳି ପରିସ୍ଥିତିରେ ପରିଚାଳନାଗତ ନିରନ୍ତରତା ସୁନିଶ୍ଚିତ କରିବା ପାଇଁ ଉପଲବ୍ଧ ଥିବା ଆକସ୍ମିକ ମାର୍ଗଗୁଡ଼ିକୁ ଏହା ବଦଳରେ ବ୍ୟବହାର କରାଯାଉଛି । ଭିସ୍ତାରା ଏୟାରଲାଇନ୍ସ ସ୍ୱୀକାର କରିଛି ଯେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଏହା ଲମ୍ବା ମାର୍ଗ ଗ୍ରହଣ କରିବ, ଯାହାଫଳରେ ଗନ୍ତବ୍ୟସ୍ଥଳରେ ପହଞ୍ଚିବା ପାଇଁ ଯାତ୍ରା ସମୟ ବୃଦ୍ଧି ପାଇବ । ଫଳରେ ନିର୍ଦ୍ଦିଷ୍ଟ ରୁଟରେ ଉଡ଼ାଣ ସମୟ ଅଧିକ ହେବା ସହ ଏଥିରେ ବିଳମ୍ବ ହୋଇପାରେ । ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି ଏବଂ ଆବଶ୍ୟକ ପଡ଼ିଲେ ଅଧିକ ପରିବର୍ତ୍ତନ କରାଯିବ ବୋଲି ଭିସ୍ତାରା ମୁଖପାତ୍ର କହିଛନ୍ତି । ୟୁରୋପ, ଯୁକ୍ତରାଷ୍ଟ୍ର ଆମେରିକା ଏବଂ ମଧ୍ୟପ୍ରାଚ୍ୟରେ ବ୍ୟାପକ ବିମାନ ଚଳାଚଳ କରୁଥିବା ସର୍ବବୃହତ ଭାରତୀୟ ବିମାନ କମ୍ପାନୀ ଏୟାର ଇଣ୍ଡିଆ କହିଛି ଯେ ସେମାନେ ମଧ୍ୟପ୍ରାଚ୍ୟର ବିକାଶଶୀଳ ପରିସ୍ଥିତି ଉପରେ ନଜର ରଖିଛନ୍ତି । ଏୟାର ଇଣ୍ଡିଆ ପକ୍ଷରୁ କୁହାଯାଇଛି ଯେ, ଆମେ ମଧ୍ୟପ୍ରାଚ୍ୟର ବିକାଶଶୀଳ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛୁ । ବର୍ତ୍ତମାନ ଆମର ବିମାନ ଯାତ୍ରୀ ଏବଂ କ୍ରୁଙ୍କ ସୁରକ୍ଷାର ସର୍ବୋଚ୍ଚ ପ୍ରାଥମିକତା ଅନୁଯାୟୀ ଭାରତକୁ ବିକଳ୍ପ ଉଡ଼ାଣ ପଥରେ ଚଳାଚଳ କରିବ ।

## ଆମେରିକାକୁ ଇରାନର ଖୋଲା ଆକ୍ରମଣ ଧମକ



**ତେହେରାନ:** ଇସ୍ରାଏଲ ଉପରେ ଆକ୍ରମଣ କରିଛି ଇରାନ୍ । ଗତ ରାତିରେ ଇସ୍ରାଏଲ ଉପରକୁ ଘନ ଘନ ମିସାଇଲ ମାଡ କରିବା ସହ ଇରାନ୍ ଡ୍ରୋନ୍ ଆକ୍ରମଣ କରିଛି । ଦୁଇ ଦେଶ ମଧ୍ୟରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି । ଆମେରିକା ଇସ୍ରାଏଲ ସମର୍ଥନରେ ବହାରି ତାକୁ ସୁରକ୍ଷା ଯୋଗାଇବାକୁ ଆଗକୁ ଆସିଛି । ଏହାକୁ ନେଇ ଏବେ ଆମେରିକାକୁ ନାଲି ଆଖି ଦେଖାଇଛି ଇରାନ । ଆମେରିକା ଉପରେ ଆକ୍ରମଣ କରିବା ପାଇଁ ଖୋଲାଖୋଲି ଦେଇଛି ଧମକଛଆମେରିକାର ପ୍ରତିରକ୍ଷା ସଚିବ ଲୟଡ ଅଷ୍ଟିନ କହିଛନ୍ତି ଯେ ତାଙ୍କ ଦେଶ ଇରାନ ସହ ସଂଘର୍ଷ ଚହୁଁନାହିଁ, କିନ୍ତୁ ଇସ୍ରାଏଲର ପ୍ରତିରକ୍ଷା ସମର୍ଥନରେ କାର୍ଯ୍ୟ କରିବାକୁ କୁଣ୍ଠାବୋଧ ମଧ୍ୟ କରିବୁ ନାହିଁ । ଏହାକୁ ନେଇ ଏବେ ଇରାନ କହିଛି ଯେ ଯଦି ଆମେରିକା ଇସ୍ରାଏଲର ପ୍ରତିଶୋଧ ନେବାକୁ ସମର୍ଥନ କରେ, ତେବେ ଇରାନ ଆମେରିକାର ଅନେକ ଠିକଣାକୁ ଟାର୍ଗେଟ କରି ଆକ୍ରମଣ କରିବ । ଏନେଇ ତେହେରାନ ସ୍ୱିଜରଲାଣ୍ଡ ମାଧ୍ୟମରେ ଆମେରିକା ପ୍ରଶାସନକୁ ଏକ ବାର୍ତ୍ତା ପଠାଇଛି । ଇରାନ ଆହୁରି କହିଛି, 'ଯଦି ଇସ୍ରାଏଲ ଆଉ ଏକ ଭୁଲ୍ କରେ, ତେବେ ଏହାର ପରିଣାମ ଭୋଗିବ । ଏହି ବିବାଦ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ରହିଛି । ଆମେରିକା ଏଥିରୁ ଦୂରରେ ରହିବା ଉଚିତ । ଏହା ପୂର୍ବରୁ ଆମେରିକା ରାଷ୍ଟ୍ରପତି ଇସ୍ରାଏଲ ଉପରେ ଇରାନର ଆକ୍ରମଣକୁ କଡା ନିନ୍ଦା କରିଥିଲେ । ଜି-୭ ନେତାଙ୍କ ସହ ବୈଠକ କରି ଆଗମୀ ପଦକ୍ଷେପ କ'ଣ ହେବ ସେ ନେଇ ଆଲୋଚନା କରିଥିଲେ । ସେହିପରି ଭାରତ ମଧ୍ୟ ଦୁଇ ଦେଶକୁ ଶାନ୍ତି ବଜାୟ ରଖିବାକୁ ଅପିଲ କରିଥିଲା ।

## ନିର୍ବାଚନ ପ୍ରଚାର ବେଳେ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କୁ ପଥର ମାଡ଼



**ହାଇଦ୍ରାବାଦ:** ନିର୍ବାଚନୀ ପ୍ରଚାର ବେଳେ ଗତ ରାତିରେ ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀ ଆକ୍ରମଣର ଶିକାର ହୋଇଛନ୍ତି । ଏଥିରେ ଜଗନମୋହନ ରେଡ୍ଡୀଙ୍କ ମୁଣ୍ଡରେ ଆଘାତ ଲାଗିଥିବା ବେଳେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଏହି ଘଟଣା ପଛରେ ତେଲଗୁ ଦେଶମ ପାର୍ଟି କର୍ମୀ ସମ୍ପୃକ୍ତ ଥିବା ପକ୍ଷରୁ ଅଭିଯୋଗ ହୋଇଛି । ତେବେ ପୁଲିସ୍ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି । ଗତକାଲି ରାତିରେ ବିଜୟୱାଡ଼ାରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀ ରାଲି କରୁଥିଲେ । ବସ୍ ଉପରେ ଛିଡ଼ା ହୋଇ ସେ ପ୍ରଚାର କରୁଥିବା ବେଳେ ହଠାତ୍ ତାଙ୍କ ଉପରକୁ ପଥର ମାଡ଼ ହୋଇଥିଲା । ତାଙ୍କ କପାଳରେ ଗଭୀର ଆଘାତ ଲାଗିଛି । ତୁରନ୍ତ ଉପସ୍ଥିତ ଥିବା ଡାକ୍ତର ବସରେ ତାଙ୍କ ଚିକିତ୍ସା କରିଥିଲେ । ଏହି ଘଟଣା ପରେ ବି ଜଗନ ନିଜ ନିର୍ବାଚନ ପ୍ରଚାର ଜାରି ରଖିଥିଲେ । ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଉକ୍ତ ସମୟରେ ମୁଖ୍ୟମନ୍ତ୍ରୀ ରେଡ୍ଡିଙ୍କ ସହ ଉପସ୍ଥିତ ଥିବା ବିଧାୟକ ନିବାସ ରାଓ ମଧ୍ୟ ପଥର ମାଡ଼ରେ ଆହତ ହୋଇଥିବା ଜଣାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଗନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି । ଜଗନଙ୍କ ରାଜନୈତିକ ବିରୋଧୀ ତଥା ଟିଡିପି ମୁଖ୍ୟ ଚନ୍ଦ୍ରବାବୁ ନାଇଡୁ ଘଟଣାକୁ ନିନ୍ଦା କରିବା ସହ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି । ଏହି ଘଟଣା ପଛରେ ତେଲଗୁ ଦେଶମ ପାର୍ଟି କର୍ମୀ ସମ୍ପୃକ୍ତ ଥିବା ପକ୍ଷରୁ ଅଭିଯୋଗ ହୋଇଛି । ତେବେ ପୁଲିସ୍ ଏହି ଘଟଣାର ତଦନ୍ତ ଆରମ୍ଭ କରିବା ସହ ସିସିଟିଭି ଫୁଟେଜ ଯାଞ୍ଚ କରୁଛି । ଏହି ଘଟଣା ପରେ ଆକ୍ରମଣକାରୀଙ୍କୁ ଖୋଜିବା ପାଇଁ ତଦନ୍ତ ଆରମ୍ଭ ହୋଇଛି । କିଏ ଏହି ପଥର ମାଡ଼ ପଛରେ ରହିଛି ସେ ନେଇ ଖୋଳତାଡ଼ ଆରମ୍ଭ ହୋଇଛି ।

## କାନାଡାରେ ଭାରତୀୟ ଛାତ୍ରଙ୍କୁ ଗୁଳି କରି ହତ୍ୟା

**ଭାଙ୍କୋଭର:** କାନାଡାର ଦକ୍ଷିଣ ଭାଙ୍କୋଭରରେ ଏକ କାର୍ ଭିତରୁ ଜଣେ ୨୪ ବର୍ଷୀୟ ଭାରତୀୟ ଛାତ୍ରଙ୍କ ମୃତଦେହ ମିଳିଛ । ତାଙ୍କୁ ଗୁଳି କରି ହତ୍ୟା କରାଯାଇଛି । ଏନେଇ ପୁଲିସ ସୂଚନା ଦେଇଛି । ଭାଙ୍କୋଭର ପୁଲିସ କହିବା ମୁତାବକ, ମୃତ ଭାରତୀୟ ଛାତ୍ର ଜଣକ ହେଲେ ହରିୟାଣାର ୨୪ ବର୍ଷୀୟ ଚିରାଗ ଏଣ୍ଟିଲ । ଏପ୍ରିଲ ୧୨ ତାରିଖ ରାତି ୧୧ଟା ବେଳେ ହଠାତ୍ ଚିରାଗଙ୍କ ପଡୋଶୀମାନେ ଗୁଳି ଫୁଟିବା ଶବ୍ଦ ଶୁଣିଥିଲେ । ଏହାପରେ ଇଷ୍ଟ-୫୫ ଏଭେନ୍ୟୁ ଓ ମେନ ଷ୍ଟ୍ରିଟ୍ରୁ ପୁଲିସ ଡକାଯାଇଥିଲା । ପୁଲିସ ଆସି ଏକ କାର୍ ଭିତରକୁ ଚିରାଗଙ୍କ ମୃତଦେହ ଜବତ କରିଥିଲା । ବର୍ତ୍ତମାନ ଏହି ମାମଲାରେ ପୁଲିସ କାହାକୁ ଗିରଫ କରିନାହିଁ । ତାଙ୍କୁ କିଏ ହତ୍ୟା କଲା ଓ କାହିଁକି ସେ ନେଇ ପୁଲିସ ତଦନ୍ତ କରୁଛି । କଂଗ୍ରେସର ଛାତ୍ର ୱିଙ୍ଗ୍ ନ୍ୟାସନାଲ ଷ୍ଟୁଡେଣ୍ଟସ୍ ୟୁନିଅନର ମୁଖ୍ୟ ବରୁଣ ଚୌଧୁରୀ ଟ୍ୱିଟରରେ ଏକ ପୋଷ୍ଟ କରି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ଟ୍ୟାଗ୍ କରି ମୃତ ଛାତ୍ରଙ୍କ ପରିବାରକୁ ସହାୟତା କରିବା ପାଇଁ ଅନୁରୋଧ କରିଛନ୍ତି । ବରୁଣ ଲେଖିଛନ୍ତି, କାନାଡାର ଭାଙ୍କୋଭରରେ ଜଣେ ଭାରତୀୟ ଛାତ୍ର ଚିରାଗ ଏଣ୍ଟିଲଙ୍କ ହତ୍ୟା ସମ୍ବନ୍ଧରେ ତତ୍କାଳ ଧ୍ୟାନ ଦିଅନ୍ତୁ ।

## ଟ୍ରକ ଧକ୍କାରେ ଜଳିଗଲା କାର, ୭ ଦଗ୍ଧ

**ସିକର:** ରାଜସ୍ଥାନର ସିକର ଜିଲ୍ଲାରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଜୟପୁର-ବିକାନେର ଜାତୀୟ ରାଜପଥରେ ଏକ ଦ୍ରୁତଗାମୀ କାର୍ ଆଗକୁ ଯାଉଥିବା ଏକ ଟ୍ରକ୍ କୁ ଧକ୍କା ଦେଇଥିଲା । ଫଳରେ ଉଭୟ ଗାଡ଼ିରେ ଭୟାବହ ଅଗ୍ନିକାଣ୍ଡ ଘଟିଥିଲା । ଅଗ୍ନିକାଣ୍ଡରେ ଉଭୟ ଗାଡ଼ି ସମ୍ପୂର୍ଣ୍ଣ ଜଳି ଯାଇଥିଲା । ଅଗ୍ନିକାଣ୍ଡରେ ଉଭୟ ଗାଡି ଜଳି ଯାଇଥିବା ବେଳେ ସେଥିରେ ଥିବା ୭ ଜଣ ଜୀବନ୍ତ ଦଗ୍ଧ ହୋଇଛନ୍ତି । ରାଜପଥରେ ଏହି ଦୁର୍ଘଟଣା ଘଟିବା ପରେ ପୁଲିସ ପ୍ରଶାସନରେ ହଇଚଇ ସୃଷ୍ଟି ହୋଇଥିଲା । କାର୍‌ରେ ଥିବା ବ୍ୟକ୍ତିମାନେ ଉତ୍ତରପ୍ରଦେଶର ବୋଲି ଜଣାପଡ଼ିଛି । ମୃତକଙ୍କ ମଧ୍ୟରେ ଦୁଇ ଜଣ ଶିଶୁ ମଧ୍ୟ ଥିଲେ । ପୁଲିସ ସୂଚନା ଅନୁଯାୟୀ, ରବିବାର ଅପରାହ୍ନରେ ସିକର ଫତେପୁର କୋତୱାଲି ଅଞ୍ଚଳରେ ଏହି ଘଟଣା ଘଟିଛି । ଜୟପୁର-ବିକାନେର ଜାତୀୟ ରାଜପଥର ଫତେପୁର ବାଇପାସ୍ ନିକଟରେ ଏହି ଦୁର୍ଘଟଣା ଘଟିଛି । ଦ୍ରୁତ ଗତିରେ ଆସୁଥିବା ଏକ କାର୍ ଆଗକୁ ଯାଉଥିବା ଟ୍ରକ୍ କୁ ଧକ୍କା ଦେଇଥିଲା । ଫଳରେ ପ୍ରବଳ ବିସ୍ଫୋରଣ ହେବା ସହ ଉଭୟ ଗାଡ଼ିରେ ନିଆଁ ଲାଗିଯାଇଥିଲା । ବିସ୍ଫୋରଣର ଶବ୍ଦ ଶୁଣି ଲୋକେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । କେହି କିଛି ବୁଝିବା ପୂର୍ବରୁ କାର୍ ଓ ଟ୍ରକ୍ ରେ ନିଆଁ ଲାଗିଯାଇଥିଲା ।

## ନୂଆଦିଲ୍ଲୀରେ ମହାବିଷୁବ ସଂକ୍ରାନ୍ତି ମିଳନ

### ଧୁମ୍‌ଧାମରେ ପାଳନ କଲେ ପ୍ରବାସୀ ଓଡ଼ିଆ



**ନୂଆଦିଲ୍ଲୀ:** ସବୁ ବର୍ଷ ପରି ଚଳିତବର୍ଷ ପ୍ରବାସୀ ଓଡ଼ିଆ ବିକାଶ ସମିତି(ପିଓଭିଏସ୍) ପକ୍ଷରୁ ନୂଆଦିଲ୍ଲୀ ସ୍ଥିତ ବିଶ୍ୱ ଯୁବକ କେନ୍ଦ୍ର ପ୍ରେକ୍ଷାଳୟରେ ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଛି । ମହାବିଷୁବ ସଂକ୍ରାନ୍ତି ମିଳନ । ପଣା ପିଇ ଓଡ଼ିଆ ଘରର ଖାଦ୍ୟ ଖାଇ ଓଡ଼ିଶୀ, ସମ୍ବଲପୁରୀ ସମେତ ବିଭିନ୍ନ ନୃତ୍ୟ ଗୀତର ତାଳେ ତାଳେ ଓଡ଼ିଆ ନୂଆବର୍ଷକୁ ଅତି ଧୁମଧାମରେ ପାଳନ କରିଛନ୍ତି ପ୍ରବାସୀ ଓଡ଼ିଆ । ପ୍ରଥମେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହିତ ପ୍ରଦୀପ ପ୍ରଜ୍ୱୋଳନ କରାଯାଇଥିଲା । ଏହା ପରେ ଦୁଇଟି ପର୍ଯ୍ୟାୟରେ ରାଷ୍ଟ୍ରର ଅଭିବୃଦ୍ଧି ଓ ବିକାଶ ଉପରେ ସକାରାତ୍ମକ ଖବରର ପ୍ରଭାବ ଉପରେ ଆଲୋଚନା କରାଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସାଂସଦ ତଥା ଆରଏସଏସର ବରିଷ୍ଠ ବିଚାରକ ରାକେଶ ସିହ୍ନା ସାଂସ୍କୃତିକ, ପାରିବାରିକ ଓ ମାନବିକ ମୂଲ୍ୟବୋଧର ଅବକ୍ଷୟ ବିଷୟରେ ଆଲୋକପାତ କରିଥିଲେ । ବିଶ୍ୱରେ ସବୁ ଯାଗାରେ ଯେଉଁ ଭାଷା ରେ ଆଜି ରାଜନୈତିକ ନେତୃତ୍ୱ କଥା ହେଉଛନ୍ତି ତାହା ଅପ୍ରଶଂଶନୀୟ । ପ୍ରବାସୀ ଓଡ଼ିଆ ବିକାଶ ସମିତି(ପିଓଭିଏସ)ର ସଭାପତି ସୂର୍ଯ୍ୟ ନାରାୟଣ ମିଶ୍ରଙ୍କ ସଭାପତିତ୍ୱ କରି ସଂଖ୍ୟାଲଘୁ ନାଁରେ ଦେଶରେ ହିନ୍ଦୁର ଆସ୍ଥା ଓ ବିଶ୍ୱାସକୁ କିପରି କୁଠାରଘାତ କରାଯାଉଛି ଏବଂ ବ୍ୟକ୍ତିଗତ ସ୍ୱାର୍ଥକୁ ଚରିତାର୍ଥ କରିବା ପାଇଁ କିପରି କୁଚକ୍ରୀ ମିଛ ଖବର ପରିବେଷଣ କରି ଦେଶକୁ ନିନ୍ଦିତ କରିବାକୁ ବି ପଛାଉ ନାହାନ୍ତି ସେ ବିଷୟରେ ଆଲୋକପାତ କରିଥିଲେ । ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ଐତିହ୍ୟକୁ ସର୍ବଭାରତୀୟ ସ୍ତରରେ ପ୍ରତିଷ୍ଠିତ କରି ରଖିବାକୁ ଆହ୍ୱାନ ଦେଇଥିଲେ । ଆସନ୍ତା ନିର୍ବାଚନରେ ଗଣତନ୍ତ୍ର ପ୍ରତି ସଜାଗ ରହିବାକୁ ଅନୁରୋଧ କରିଥିଲେ । ଉତ୍ତମ ସରକାର ଆଣିବାର ପ୍ରୟାସ କରିବାକୁ ନିବେଦନ କରିଥିଲେ । ଚିନ୍ମୟ ମହାନ୍ତି, ଉପସଭାପତି ଏଥିରେ ଅତିଥି ପରିଚୟ କରିଥିଲେ । ସଧାରଣ ସଂପାଦିକା ବିଜୟା ନବମୀ ଧନ୍ୟବାଦ ଅର୍ପଣ କରିଥିଲେ ।

ଅନୁରୂପ ଦ୍ୱିତୀୟ ପର୍ଯ୍ୟାୟରେ ପିଟିଆଇ( ଭିଡିଓ ସର୍ଭିସେସ) ସଂପାଦକ ରାଜେଶ ସୁନ୍ଦରମ୍ ଡିପ୍ ଫେକର ଭୟାବହତା ଓ ଗୁଣାତ୍ମକ କଣ୍ଟେଣ୍ଟ ଉପରେ ଆଲୋଚନା କରିଥିଲେ । ଏହା ସହ ପ୍ରବାସୀ ଓଡ଼ିଆ ବିକାଶସମିତି (ପିଓଭିଏସ)ର ସମ୍ପାଦକ ପ୍ରଫେସର୍ ସତ୍ୟଭୂଷଣ ଦାଶ ସକାରାତ୍ମକ ଖବର ରାଷ୍ଟ୍ରକୁ ଆଗକୁ ବଢ଼ିବାକୁ ଉତ୍ସାହିତ କରୁଥିବା ବେଳେ ନକରାତ୍ମକ ଖବର ପରିବେଷଣ କିପରି ଆମ ରାଷ୍ଟ୍ର ତଥା ବିଶ୍ୱକୁ ପ୍ରଭାବିତ କରୁଛି ଓ ଏହାର ପରିଣାମ କେତେ ଭୟାନକ ହେଇପାରେ ସେ ଉପରେ ଦୃଷ୍ଟିପାତ କରିଥିବା ବେଳେ ଗଣମାଧ୍ୟମ ନିଜର ଦାୟିତ୍ୱକୁ ତୁଲାଇ ସଠିକ୍ ଖବର ପରିବେଷଣ କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଜୟନ୍ତ ରଙ୍ଗନାଥନ୍ ଆଗାମୀ ଶତକ ଭାରତବର୍ଷର, ଭାରତର ଅଭିବୃଦ୍ଧି ହାର ସର୍ବକାଳୀନ ଅଧିକ । ଡ. ଅଜିତ ପାଠକ ଓ ସନ୍ଦୀପ ସକସେନା ପ୍ରମୁଖ ରାଷ୍ଟ୍ରର ଅଭିବୃଦ୍ଧି ଓ ବିକାଶ ଉପରେ ସକାରାତ୍ମକ ଖବରର ପ୍ରଭାବ ଉପରେ ନିଜ ନିଜର ମତ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ସହସ୍ରାଧିକ ପ୍ରବାସୀ ଓଡ଼ିଆ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ଅନ୍ତିମ ଅଧ୍ୟାୟ ରେ ଧନ୍ୟବାଦ ଡାଃ ପ୍ରକାଶ ସାହୁ ଦେଇଥିଲେ । ସନ୍ତୋଷ ରାଉତ ସଙ୍ଗୀତ ନୃତ୍ୟାଭିନୟ ପରିଚାଳନା କରିଥିଲେ ।

କଳାକାର ମଧୁରିମା ଏକ ଚିତ୍ର ତିଆରି କରିଥିଲେ ଓଡିଶାର ପଣା ସଂକ୍ରାନ୍ତି ଉପରେ । ଏଥିରେ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ ।

## ପତିପତ୍ନୀ ସରକାରୀ ଚାକିରିଆ ହୋଇଥିଲେ, ଜଣେ କରିବେ ନିର୍ବାଚନ ଡ୍ୟୁଟି

**ନୂଆଦିଲ୍ଲୀ:** ପତିପତ୍ନୀ ଉଭୟ ସରକାରୀ ଚାକିରିଆ ହୋଇଥିଲେ ନିର୍ବାଚନ ଡ୍ୟୁଟିରେ ଜଣେ ନିୟୋଜିତ ହେବେ । ଅନ୍ୟ ଜଣଙ୍କୁ ଏଥିରୁ ମୁକ୍ତି ମିଳିବ । ତେବେ କାହାକୁ ମୁକ୍ତି ମିଳିବ ଓ କିଏ କରିବ ଡ୍ୟୁଟି ସେ ସମ୍ପର୍କରେ ଜିଲ୍ଲା ନିର୍ବାଚନ ଅଧିକାରୀ ନିଷ୍ପତ୍ତି ନେବେ । ଏ ପ୍ରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି ଉତ୍ତରପ୍ରଦେଶ ନିର୍ବାଚନ ଆୟୋଗ । ଉଭୟ ପତିପତ୍ନୀ ସରକାରୀ ଚାକିରିଆ ହୋଇଥିଲେ ପ୍ରାୟତଃ ଉଭୟଙ୍କର ନିର୍ବାଚନ ଡ୍ୟୁଟି ପଡ଼ିଥାଏ । ଏଥିଯୋଗୁ ସେମାନଙ୍କୁ ବହୁ ପାରିବାରିକ ସମସ୍ୟାର ସମ୍ମୁଖିନ ହେବାକୁ ପଡ଼ିଥାଏ । ତେବେ ଏପରି ସମସ୍ୟାରୁ ଦମ୍ପତିଙ୍କୁ ମୁକ୍ତି ଦେବାକୁ ଅଣ୍ଟା ଭିଡ଼ିଛନ୍ତି ଉତ୍ତରପ୍ରଦେଶ ନିର୍ବାଚନ ଆୟୋଗ । ଏ ନେଇ ଦମ୍ପତିଙ୍କୁ ପ୍ରଥମେ ନିଜ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ପ୍ରାର୍ଥନା ପତ୍ର ଲେଖି ଅବଗତ କରିବାକୁ ପଡ଼ିବ । ଏହାପରେ ଜିଲ୍ଲା ନିର୍ବାଚନ ଅଧିକାରୀ ଏହା ଉପରେ ଶେଷ ନିଷ୍ପତ୍ତି ନେଇ ଜଣଙ୍କୁ ଡ୍ୟୁଟିରେ ନିୟୋଜିତ କରିବେ । ଚଳିତ ଥର ୧୯ ଏପ୍ରିଲରୁ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଆରମ୍ଭ ହେବ । ଜୁନ୍ ୪ ରେ ମତଗଣନା ଆରମ୍ଭ ହେବ ।

## ଗୁଳିମାଡ଼ରେ ଟଳିଲା ସରବଜିତ୍‌ଙ୍କ ହତ୍ୟାକାରୀ

**ଲାହୋର:** ପାକିସ୍ତାନର ଲାହୋରରେ କିଛି ଅଜ୍ଞାତ ବନ୍ଧୁକଧାରୀ ଅଣ୍ଡରୱାର୍ଲ୍ଡ ଡନ୍ ଆମୀର ସରଫରାଜକୁ ଗୁଳି କରି ହତ୍ୟା କରିଥିବା ଜଣାପଡିଛି । ଆମୀର ସରଫରାଜ ହେଉଛି ସିଏ ଯିଏକି ଆଇଏସଆଇର ନିର୍ଦ୍ଦେଶରେ ପାକିସ୍ତାନ ଜେଲରେ ଥିବା ଭାରତୀୟ ନାଗରିକ ସରବଜିତଙ୍କୁ ହତ୍ୟା କରିଥିଲା । ଆମୀର ସରଫରାଜ ସରବଜିତଙ୍କ ମୁହଁକୁ ପଲିଥିନରେ ବାନ୍ଧିବା ସହ ଜେଲରେ ପିଟିପିଟି ହତ୍ୟା କରିଥିଲା । ପାକିସ୍ତାନୀ ଗୁଇନ୍ଦା ଏଜେନ୍ସି ଆଇଏସଆଇର ନିର୍ଦ୍ଦେଶରେ ଆମୀର ସରବଜିତଙ୍କୁ ନିର୍ଯାତନା ଦେଇ ହତ୍ୟା କରିଥିବା ସାମ୍ନାକୁ ଆସିଥିଲା । ଏବେ ସେହି ସରଫରାଜକୁ ହତ୍ୟା କରାଯାଇଥିବା ଖବର ପ୍ରକାଶ ପାଇଛି ।

ଉଲ୍ଲେଖଯୋଗ୍ୟ, ସରବଜିତ ସିଂହ ଭାରତ-ପାକିସ୍ତାନୀ ସୀମା ନିକଟବର୍ତ୍ତୀ ତରନତାରନ ଜିଲ୍ଲା ଭିଖିୱିଣ୍ଡ ଗାଁର ବାସିନ୍ଦା ଥିଲେ ଓ ସେ ପେସାରେ ଜଣେ କୃଷକ ଥିଲେ । ୩୦ ଅଗଷ୍ଟ ୧୯୯୦ରେ ସରବଜିତ ଅଜାଣତରେ ପାକିସ୍ତାନ ସୀମାରେ ପହଞ୍ଚିଥିଲେ । ଏଠାରେ ତାଙ୍କୁ ପାକିସ୍ତାନ ସେନା ଗିରଫ କରିଥିଲା । ଲାହୋର ଏବଂ ଫୌସଲାବାଦରେ ହୋଇଥିବା ବୋମା ବିସ୍ଫୋରଣରେ ୧୪ଜଣ ପ୍ରାଣ ହରାଇଥିଲେ । ଏହି ଆକ୍ରମଣରେ ସରବଜିତଙ୍କ ହାତ ଥିବା ଦର୍ଶାଇ ତାଙ୍କୁ ଜେଲରେ ବନ୍ଦୀ କରିଦିଆ ଯାଇଥିଲା । ଏହାପରେ ୧୯୯୧ରେ ସରବଜିତ ସିଂଙ୍କୁ ବୋମା ବିସ୍ଫୋରଣ କରିଥିବା ଅଭିଯୋଗରେ ଫାଶୀଦଣ୍ଡ ଦିଆଯାଇଥିଲା । ହେଲେ ପରେ ବର୍ଷ ବର୍ଷ ଧରି ପାକିସ୍ତାନ ସରକାର ତାଙ୍କ ଦଣ୍ଡ ଘୁଞ୍ଚାଇ ଚାଲିଥିଲା । ୨୦୧୩ରେ ଜେଲରେ କଏଦୀମାନେ ତାଙ୍କ ଉପରେ ଅତି ନିର୍ମମ ଭାବେ ଆକ୍ରମଣ କରିଥିଲେ । ପରେ ପାକିସ୍ତାନ ତାଙ୍କୁ ବ୍ରେନ୍ ଡେଡ୍ ତଥା ମୃତ ଘୋଷଣା କରିଥିଲା ।

# ଏକାଲଢ଼ିଲେ ରୋହିତ, ଜିତିଲା ଚେନ୍ନାଇ

ମୁମ୍ବାଇ,୧୪।୪(ଏଜେନ୍ସି): ରୋହିତ ଶର୍ମାଙ୍କ ଲଢୁଆ ୧୦୫ ରନ୍‌ର ଇନିଂସ ବ୍ୟର୍ଥ ଯାଇଛି । ଚେନ୍ନାଇ ପକ୍ଷରୁ ଧାର୍ଯ୍ୟ ୨୦୭ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରିଥିବା ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୬ ୱିକେଟ୍ ହରାଇ ୧୮୬ ରନ୍ କରିବାକୁ ସମର୍ଥ ହୋଇଥିଲା । ତେଣୁ ମୁମ୍ବାଇ ୨୦ ରନ୍ ବ୍ୟବଧାନରେ ହାରିବା ସହ ଚଳିତ ଆଇପିଏଲ୍‌ରେ ଚତୁର୍ଥ ପରାଜୟ ବରଣ କରିଛି । ଅପରପକ୍ଷରେ ଚେନ୍ନାଇ ସୁପରକିଙ୍ଗ୍ସ ୬ ମ୍ୟାଚରୁ ୪ ବିଜୟ ସହ ୮ ପଏଣ୍ଟ ହାସଲ କରି ତୃତୀୟ ସ୍ଥାନରେ ରହିଛି । ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଚେନ୍ନାଇ ୨୦ ଓଭରରେ ୪ ୱିକେଟ୍ ହରାଇ ୨୦୬ ରନ୍ କରିଥିଲା ।

ଟସ୍ ହାରି ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା ଚେନ୍ନାଇ ପକ୍ଷରୁ ଆଜିଙ୍କ୍ୟ ରାହାଣେ ୫, ରଚିନ ରବିନ୍ଦ୍ର ୨୧, ଅଧିନାୟକ ଋତୁରାଜ ଗାଏକ୍ୱାର୍ଡ ୬୯, ଶିବମ ଦୁବେ ୬୬, ଡାର୍ଲି ମିଚେଲ ୧୭ ରନ୍ ତଥା ଶେଷ ୪ ବଲ୍‌ରେ ମହେନ୍ଦ୍ର ସିଂ ଧୋନି ୨୦ ରନ୍ ସଂଗ୍ରହ କରିଥିଲେ । ହାର୍ଦ୍ଦିକ ପାଣ୍ଡ୍ୟା ୨୬ ରନ୍ ବ୍ୟୟ କରିଥିଲେ । ଏହି ଶେଷ ଓଭର ମହଙ୍ଗା ସାବ୍ୟସ୍ତ ହେବାରୁ ଚେନ୍ନାଇ ୨୦ ଓଭରରେ ୨୦୬/୪ ରନ୍‌ରେ ପହଞ୍ଚିଥିଲା ।

୨୦୭ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରିଥିଲା ମୁମ୍ବାଇ ଇଣ୍ଡିଆନ୍ସ । ରୋହିତ ଶର୍ମାଙ୍କ ସହ ଇଶାନ କିଷାନ ପାଳି ଆରମ୍ଭ କରିଥିଲେ । ପ୍ରଥମ ୱିକେଟ୍ ପାଇଁ ଉଭୟଙ୍କ ମଧ୍ୟରେ ୭୦ ରନ୍‌ର ପାର୍ଟନରସିପ୍ ହୋଇଥିଲା । ଇଶାନ ୨୩ ରନ୍ କରି ଆଉଟ୍ ହେବା ପରେ ସୂର୍ଯ୍ୟକୁମାର ଯାଦବ ଖାତା ଖୋଲିପାରିନଥିଲେ । କେବଳ ତିଲକ ବର୍ମା ରୋହିତଙ୍କୁ ସ୍ୱଳ୍ପ ସମୟ ପାଇଁ ରନ୍ ସଂଗ୍ରହରେ ସହାୟତା କରିଥିଲେ । ତିଲକ ୨୦ ବଲ୍‌ରୁ ୩୧ ରନ୍ କରିଥିବା ବେଳେ ହାର୍ଦ୍ଦିକ ପାଣ୍ଡ୍ୟା ୬ ବଲ୍‌ରୁ ୨ ରନ୍ କରିଥିଲେ । କିନ୍ତୁ ରୋହିତ ଶର୍ମା ଧୈର୍ଯ୍ୟର ସହ ବ୍ୟାଟିଂ କରି ଶତକ ପୂରଣ କରିବା ସହ ପରାଜୟ ବ୍ୟବଧାନକୁ କମାଇଥିଲେ । ରୋହିତ ୬୩ ବଲ୍‌ରୁ ୧୧ ଚୌକା ଓ ୫ ଛକା ସହାୟତାରେ ଅପରାଜିତ ୧୦୫ ରନ କରିଥିଲେ । ଏଥିସହ ରୋହିତ ପ୍ରଥମ ଭାରତୀୟ ଭାବେ ୫୦୦ ଛକା ମାରିବା କ୍ଲବରେ ସାମିଲ ହୋଇଛନ୍ତି । ତେଣୁ ମୁମ୍ବାଇ ନିର୍ଦ୍ଧାରିତ ୨୦ ଓଭରରେ ୧୮୬/୬ ରନ୍ କରି ପରାଜିତ ହୋଇଛି ।

**ଆଜିର ମ୍ୟାଚ**

**ବେଙ୍ଗାଲୁରୁ–ହାଇଦ୍ରାବାଦ**
**ସମୟ: ରାତି ୭.୩୦**
**ସ୍ଥାନ: ବେଙ୍ଗାଲୁରୁ**
**ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ସିନେମା**

# ନାଇଟ୍ ରାଇଡର୍ସର ଚତୁର୍ଥ ବିଜୟ

**ଆଇପିଏଲ୍ ମହାସମର**



କୋଲକାତା,୧୪।୪(ଏଜେନ୍ସି): ଫିଲ୍ ସ୍ଟଟ୍‌ଙ୍କ ବିସ୍ଫୋରକ ୮୯ ରନ୍ ତଥା ଶ୍ରେୟାସ ଆୟରଙ୍କ ଉପଯୋଗୀ ୩୮ ରନ୍ ବଳରେ କୋଲକାତା ନାଇଟ୍ ରାଇଡର୍ସ ଐତିହାସିକ ଇଡେନ୍ ଗାର୍ଡେନରେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍‌କୁ ୮ ୱିକେଟରେ ହରାଇଛି । ଚଳିତ ସିଜନ୍‌ରେ ଏହା କୋଲକାତାର ଚତୁର୍ଥ ବିଜୟ । ଇଡେନ୍‌ରେ ପ୍ରଥମେ ବ୍ୟାଟିଂ କରି ଲକ୍ଷ୍ନୌ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ହରାଇ ୧୬୧ ରନ୍ କରିଥିଲା । ଜବାବରେ କୋଲକାତା ନାଇଟ୍ ରାଇଡର୍ସ ୧୫.୪ ଓଭରରେ ୧୬୨/୨ ରନ୍ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା । ୪୭ ବଲ୍‌ରୁ ଅପରାଜିତ ୮୯ ରନ୍ ତଥା ଦୁଇଟି କ୍ୟାଚ୍ ପାଇଁ କୋଲକାତାର ଫିଲ୍‌ସ୍ଟଟ୍‌ଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା । ଏହି ବିଜୟ ସହ କୋଲକାତା ନାଇଟ୍ ରାଇଡର୍ସ ୫ ମ୍ୟାଚରୁ ୮ ପଏଣ୍ଟ ସହ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି । ପରାଜିତ ଲକ୍ଷ୍ନୌ ୬ ମ୍ୟାଚରୁ ୬ ପଏଣ୍ଟ ସହ ପଞ୍ଚମ ସ୍ଥାନକୁ ଖସିଛି ।

ଟସ୍ ଜିତି କୋଲକାତା ନାଇଟରାଇଡର୍ସ ଅଧିନାୟକ ଶ୍ରେୟାସ ଆୟର ଲକ୍ଷ୍ନୌ ସୁପରଜ୍ୟାଣ୍ଟସ୍‌କୁ ଆମନ୍ତ୍ରଣ କରିଥିଲେ । କ୍ୱିଣ୍ଟନ ଡିକକ୍‌ଙ୍କ ସହ ଲୋକେଶ ରାହୁଲ ପାଳି ଆରମ୍ଭ କରିଥିଲେ । ପ୍ରଥମ ୱିକେଟ୍ ପାଇଁ ଉଭୟଙ୍କ ମଧ୍ୟରେ ୧୯ ରନ୍‌ର ପାର୍ଟନରସିପ୍ ହୋଇଥିଲା । ଡିକକ୍ ୮ ବଲ୍‌ରୁ ୧୦ ରନ୍ କରି ବୈଭବ ଅରୋରାଙ୍କ ଶିକାର ହୋଇଥିଲେ । ପରେ ପରେ ଦୀପକ ହୁଦା ୮ ରନ୍ କରି ଷ୍ଟାର୍କଙ୍କ ବଲ୍‌ରେ ରମଣଦୀପଙ୍କ ହାତରେ ଧରାପଡିଥିଲେ । ଅଧିନାୟକ ଲୋକେଶ ରାହୁଲ ୩ଟି ଚୌକା ଓ ୨ଟି ଛକା ସହାୟତାରେ ୩୯ ରନ୍ କରିଥିଲେ । ସେହିଭଳି ଆୟୁଷ ବଦୋନୀ ୨୭ ବଲ୍‌ରୁ ୨୯ ରନ୍, ମାର୍କସ ଷ୍ଟୋଇନିସ୍ ୧୦ ରନ୍ ଏବଂ ଶେଷ ଭାଗରେ ନିକୋଲାସ ପୁରନ ୩୨ ବଲ୍‌ରୁ ୨ଟି ଚୌକା ଓ ୪ଟି ଛକା ସହାୟତାରେ ୪୫ ରନ କରିବାରୁ ଦଳୀୟ ସ୍କୋର ୨୦ ଓଭରରେ ୧୬୧/୭ ରନ୍‌ରେ ପହଞ୍ଚିଥିଲା । କୋଲକାତାର ବୋଲିଂରେ ମଧ୍ୟ ଜଲୱା ଦେଖାଇଥିଲା । ଆଇପିଏଲ୍‌ର ସବୁଠୁ ମହଙ୍ଗା ଖେଳାଳି ମିଚେଲ ଷ୍ଟାର୍କ ୪ ଓଭରରେ ୨୮ ରନ୍ ଦେଇ ୩ ୱିକେଟ୍ ନେଇଥିଲେ । ବୈଭବ ଆରୋରା, ସୁନୀଲ ନାରିନ, ବରୁଣ ଚକ୍ରବର୍ତ୍ତୀ ଓ ଆନ୍ଦ୍ରେ ରସେଲ ପ୍ରତ୍ୟେକ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ । ନାରିନ ୪ ଓଭରରେ ମାତ୍ର ୧୭ ରନ୍ ଦେଇଥିଲେ ।

୧୬୨ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରିଥିଲା କୋଲକାତା ନାଇଟ ରାଇଡର୍ସ । ଫିନ୍ ସ୍ଟଟ୍‌ଙ୍କ ସହ ସୁନୀଲ ନାରିନ୍ ଦଳକୁ ଆଶାନୁରୂପ ଆରମ୍ଭ ଦେଇପାରିନଥିଲେ । ନାରିନ ୬ ଓ ପରେ ପରେ ଅଙ୍ଗକ୍ରିସ ରଘୁବଂଶୀ ୭ ରନ୍ କରି ଆଉଟ୍ ହେବାରୁ ୪୨ ରନ୍‌ରେ ଦୁଇ ୱିକେଟ୍ ହରାଇଥିଲା କୋଲକାତା । କିନ୍ତୁ ଏହାପରେ ୱିକେଟ୍ ଝଡିବାକୁ ଦେଇନଥିଲେ ଫିଲସ୍ଟଟ୍ ଓ ଶ୍ରେୟାସ ଆୟର । ତୃତୀୟ ୱିକେଟ୍ ପାଇଁ ଦୁହେଁ ୧୨୦ ରନ୍ ସଂଗ୍ରହ କରି ବିଜୟମୁଣ୍ଡି ମାରିଥିଲେ । ସ୍ଟଟ ଏପରି ଖେଳିଲେ ଯେ, ଲକ୍ଷ୍ନୌ ସୁପରଜ୍ୟାଣ୍ଟସ୍‌ର କୌଣସି ବୋଲର ତାଙ୍କୁ ବଲ ଫିଙ୍ଗିବାକୁ ସାହସ କଲେନି । ୪୭ ବଲ୍‌ର ସମ୍ମୁଖୀନ ହୋଇ ୧୪ଟି ଚୌକା ଓ ୩ଟି ଛକା ସହାୟତାରେ ବିସ୍ଫୋରକ ୮୯ ରନ୍ ସଂଗ୍ରହ କରିବାରୁ କୋଲକାତା ନିର୍ଦ୍ଧାରିତ କୋଟାର ୪.୨ ଓଭର ପୂର୍ବରୁ (୧୫.୪) ଲକ୍ଷ୍ୟସ୍ଥଳରେ ପହଞ୍ଚି ଯାଇଥିଲା । ଗୋଟିଏ ପଟେ ଫିଲ ସ୍ଟଟଙ୍କ ବିସ୍ଫୋରକ ରନ୍ ସଂଗ୍ରହ ଜାରି ରହିଥିବା ବେଳେ ଅନ୍ୟପଟେ ଅଧିନାୟକ ଶ୍ରେୟାସ ଆୟର ରକ୍ଷଣାତ୍ମକ ଖେଳିଥିଲେ । ଶ୍ରେୟାସ ୩୮ ବଲ୍‌ରୁ ୬ଟି ଚୌକା ସହାୟତାରେ ଅପରାଜିତ ୩୮ ରନ୍ କରିଥିଲେ । ତେଣୁ କୋଲକାତା ୧୫.୪ ଓଭରରେ ୧୬୨/୨ ରନ୍ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା । ଲକ୍ଷ୍ନୌ ସୁପରଜ୍ୟାଣ୍ଟସ୍‌ର ମୋହସିନ ଖାନ୍ ସର୍ବାଧିକ ୨ ୱିକେଟ୍ ସଫଳତା ହାସଲ କରିଥିଲେ ।

**ପଏଣ୍ଟ ଟେବୁଲ**

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ରାଜସ୍ଥାନ | ୬ | ୫ | ୧ | ୧୦ |
| କୋଲକାତା | ୪ | ୩ | ୧ | ୬ |
| ଚେନ୍ନାଇ | ୫ | ୩ | ୨ | ୬ |
| ଲକ୍ଷ୍ନୌ | ୫ | ୩ | ୨ | ୬ |
| ସନ୍‌ରାଇଜର୍ସ | ୫ | ୩ | ୨ | ୬ |
| ଗୁଜରାଟ | ୬ | ୩ | ୩ | ୬ |
| ମୁମ୍ବାଇ | ୫ | ୨ | ୩ | ୪ |
| ପଞ୍ଜାବ | ୬ | ୨ | ୪ | ୪ |
| ଦିଲ୍ଲୀ | ୬ | ୨ | ୪ | ୪ |
| ବେଙ୍ଗାଲୁରୁ | ୬ | ୧ | ୫ | ୨ |

# ଧାୱନ ଆହତ, ଖେଳିବେନି ଦୁଇଟି ମ୍ୟାଚ



ନୂଆଦିଲ୍ଲୀ,୧୪।୪(ଏଜେନ୍ସି): ପଞ୍ଜାବ କିଙ୍ଗ୍ସ ଅଧିନାୟକ ଶିଖର ଧାୱନ ଆହତ ହୋଇଛନ୍ତି । ତେଣୁ ସେ ଆଇପିଏଲ୍‌ର ଆଗାମୀ ଦୁଇଟି ମ୍ୟାଚ ଖେଳିବେ ନାହିଁ । ପଞ୍ଜାବ କୋଚ ସଞ୍ଜୟ ବାଙ୍ଗର ଏନେଇ ସୂଚନା ଦେଇଛନ୍ତି । ଶିଖରଙ୍କ କାନ୍ଧରେ ଆଘାତ ଲାଗିଛି । ଶନିବାର ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚରେ ଶିଖର ଚୂଡାନ୍ତ ଏକାଦଶରେ ସ୍ଥାନ ପାଇନଥିବା ବେଳେ ସାମ କୁରନ ଅଧିନାୟକ ଦାୟିତ୍ୱ ତୁଲାଇଥିଲେ । ଏପ୍ରିଲ ୧୮ରେ ମୁମ୍ବାଇ ଓ ୨୧ରେ ଗୁଜରାଟ ଟାଇଟନ୍ସ ବିପକ୍ଷରେ ସେ ମ୍ୟାଚ ଖେଳିବେ ନାହିଁ । ଚଳିତ ସିଜନ୍‌ରେ ପଞ୍ଜାବର ପ୍ରଦର୍ଶନ ଉତ୍ସାହଜନକ ରହିନାହିଁ । ଦଳ ୬ଟି ମ୍ୟାଚରୁ ମାତ୍ର ୨ଟି ଜିତିଛି । ଧାୱନ ୫ଟି ମ୍ୟାଚରେ ଗୋଟିଏ ଅର୍ଦ୍ଧଶତକ ସହ ପଞ୍ଜାବ ଖେଳାଳିଙ୍କ ମଧ୍ୟରେ ସବୁଠୁ ଅଧିକ ରନ୍ ସଂଗ୍ରହ କରିଛନ୍ତି । ଶିଖରଙ୍କ ଅନୁପସ୍ଥିତିରେ ପଞ୍ଜାବକୁ ଅସୁବିଧାରେ ପକାଇବ ବୋଲି ଅନୁମାନ କରାଯାଉଛି ।

# ବିଶ୍ୱକପ୍ ଦଳରେ ସ୍ଥାନ ପାଇବେ ତ ହାର୍ଦ୍ଦିକ

ନୂଆଦିଲ୍ଲୀ,୧୪।୪(ଏଜେନ୍ସି): ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଆଇପିଏଲ୍ ପ୍ରଦର୍ଶନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସେ ଫିଟ୍ ନଥିବା ଏବଂ ଭଲ ପ୍ରଦର୍ଶନ କରିନଥିବାରୁ ବିଶ୍ୱକପ୍ ଦଳରେ ସୁଯୋଗ ପାଇବା କଷ୍ଟକର ହୋଇପଡିବ । ସେ ଅଲ୍‌ରାଉଣ୍ଡ ଭାବେ ଭାରତୀୟ ଟି–୨୦ ଦଳରେ ସ୍ଥାନ ପାଇବା ପାଇଁ ଉଦ୍ୟମ କରିବେ । ଚଳିତ ଆଇପିଏଲ୍‌ର ପ୍ରଦର୍ଶନକୁ ଭିତ୍ତିକରି ଭାରତୀୟ ଟି–୨୦ ବିଶ୍ୱକପ୍ ଦଳ ଚୟନ ହେବ । ତେବେ ଆଇପିଏଲ୍‌ରେ ପାଣ୍ଡ୍ୟା ନିୟମିତ ବୋଲିଂ କରୁନାହାନ୍ତି । କେବଳ ବ୍ୟାଟର ଭାବେ ପଡିଆକୁ ଓହ୍ଲାଉଛନ୍ତି । ଏଦୃଷ୍ଟିରୁ ପାଣ୍ଡ୍ୟାଙ୍କୁ ବଡ଼ ସ୍କୋର କରିବାକୁ ହେବ । ଭଲ ପ୍ରଦର୍ଶନ କରିପାରିଲେ ହିଁ ବିଶ୍ୱକପ୍ ଦଳରେ ସ୍ଥାନ ପାଇବେ । ଯଦି ଆମେ ଭାରତୀୟ ଦଳର ଟପ୍ ଅର୍ଡର ଦେଖିବା ତେବେ ସ୍ଥାନ ଖାଲିନାହିଁ କହିଲେ ଭୁଲ ହେବ ନାହିଁ । ଏଦୃଷ୍ଟିରୁ ପାଣ୍ଡ୍ୟାଙ୍କୁ ବିଶ୍ୱକପ୍ ଦଳରେ ଚୟନ କରାଯିବା ନେଇ ଦ୍ୱନ୍ଦ୍ୱ ଉପୁଜିଛି । ଆଇପିଏଲ୍‌ରେ ୫ଟି ମ୍ୟାଚ ଖେଳିଥିବା ପାଣ୍ଡ୍ୟା ଯଥାକ୍ରମେ ୧୧, ୨୪, ୩୪, ୩୯ ଓ ୨୧ ରନ୍ କରିଥିବା ବେଳେ ଗୋଟିଏ ୱିକେଟ୍ ନେଇଛନ୍ତି । ୱେଷ୍ଟଇଣ୍ଡିଜ୍ ଓ ଆମେରିକାରେ ଏଥର ଟି–୨୦ ବିଶ୍ୱକପ୍ ଆୟୋଜିତ ହେବ । ଭାରତ ଜୁନ୍ ୫ରେ ଆୟର୍ଲାଣ୍ଡ ବିପକ୍ଷ ମ୍ୟାଚ ଖେଳି ଅଭିଯାନ ଆରମ୍ଭ କରିବ ।


**SALE SALE SALE**

Flex Printing Machine (10 feet)
As on Where Basis.
Company Name:
"MONOTECH"
Systems PVT.LTD.
For Contact : 8917518606


# ପବିତ୍ର ମୋହନ ମହାନ୍ତି ସ୍ମାରକୀ ଚେସ୍: ନମସ୍ୟା ଚାମ୍ପିଅନ୍



ଭୁବନେଶ୍ୱର,୧୪।୪(ସବ୍ୟୁ): ଓଡ଼ିଶା ରାଜ୍ୟ ଚେସ୍ ସଂଘ ଆନୁକୂଲ୍ୟରେ କେଶୁରା ସ୍ଥିତ ରୟାଲ୍ ପବ୍ଲିକ୍ ସ୍କୁଲ ପ୍ରାଙ୍ଗଣରେ ଅନୁଷ୍ଠିତ ଚତୁର୍ଥ ପବିତ୍ର ମୋହନ ମହାନ୍ତି ସ୍ମାରକୀ ରାଜ୍ୟ ସ୍କୁଲ ଓପନ ଚେସ୍ ଚାମ୍ପିଅନ୍‌ସିପ୍‌ରେ ନମସ୍ୟା ନଳିନୀ ଚାମ୍ପିଅନ୍ ହୋଇଛନ୍ତି । ଖଣ୍ଡଗିରି ସେଣ୍ଟ ଜାଭିୟର ହାଇସ୍କୁଲର ଛାତ୍ରୀ ନମସ୍ୟା ମୋଟ୍ ୪.୫ ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଉଦୟକାନ୍ତ ନାୟକ, ଦିବ୍ୟାଂଶୁ ଦାସ, ପିନାକୀ ରାୟ, ସାହାନା ଲେଙ୍କା, ପ୍ରିୟଙ୍କା ମୁଦୁଲି, ସ୍ୱୟମ୍ ସ୍ୱରୂପ ମହାନ୍ତି, ଅନିରୁଦ୍ଧ ପଥି, ଦିବ୍ୟାଂଶ ମହନ୍ତ ଓ ଇଶାନ ନନ୍ଦ ଯଥାକ୍ରମେ ଦ୍ୱିତୀୟରୁ ଦଶମ ସ୍ଥାନ ମଧ୍ୟରେ ରହିଛନ୍ତି । ୮,୧୦, ୧୨, ୧୪ ଓ ବାଳିକା ବର୍ଗରେ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ରୟାଲ ପବ୍ଲିକ୍ ସ୍କୁଲର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ, ଓଡ଼ିଶା ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଉପସ୍ଥିତ ରହି କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।

# ସ୍ୱଦେଶ ଫେରିଗଲେ ମାର୍ସ



ନୂଆଦିଲ୍ଲୀ,୧୪।୪(ଏଜେନ୍ସି): ଦିଲ୍ଲୀ କ୍ୟାପିଟାଲ୍ସର ତାରକା ଅଲ୍‌ରାଉଣ୍ଡର ମିଚେଲ ମାର୍ସ ଆହତ ହେବା ପରେ ଅଷ୍ଟ୍ରେଲିଆ ଫେରିଯାଇଛନ୍ତି । ମାର୍ସ ଆଉ ଆଇପିଏଲ ମ୍ୟାଚ ଖେଳିବେ ନାହିଁ । ଆଇପିଏଲ୍ ସରିବା ପରେ ଟି–୨୦ ବିଶ୍ୱକପ୍ ଆରମ୍ଭ ହେବ । ମାର୍ସ ଟି–୨୦ ଅଷ୍ଟ୍ରେଲିଆ ଦଳର ଅଧିନାୟକ ଅଛନ୍ତି । ଏପରି ସ୍ଥଳେ କ୍ରିକେଟ୍ ଅଷ୍ଟ୍ରେଲିଆ ତାଙ୍କୁ ଚିକିତ୍ସା ପାଇଁ ସ୍ୱଦେଶ ଫେରାଇ ନେଇଛି । ମାର୍ସଙ୍କ ଡାହାଣ ହାମ୍‌ଷ୍ଟ୍ରିଂରେ ଆଘାତ ଲାଗିଛି । ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ବଡ ଝଟକା ଭଳି ହୋଇଛି । ମାର୍ସ ଦିଲ୍ଲୀ କ୍ୟାପିଟାଲ୍ସ ଟିମ୍ ପାଇଁ କୋଲକାତା ନାଇଟ ରାଉଡର୍ସ ବିପକ୍ଷରେ ଖେଳିଥିଲେ । ଏହାପରେ ମୁମ୍ବାଇ ଇଣ୍ଡିଆନ୍ସ ଓ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ ବିପକ୍ଷରେ ଖେଳିନଥିଲେ । ଏହି ସିଜନ୍‌ରେ ମାର୍ସ ସର୍ବାଧିକ ୨୩ ରନ ସ୍କୋର କରିଛନ୍ତି । ରାଜସ୍ଥାନ ବିପକ୍ଷରେ ସେ ୧୨ ରନ୍ କରିଥିଲେ । ମାର୍ସକ ଛଡା ଅଷ୍ଟ୍ରେଲିଆର ଡେଭିଡ ୱାର୍ଣ୍ଣର ମଧ୍ୟ ଆହତ ହୋଇଛନ୍ତି । ଲକ୍ଷ୍ନୌ ବିପକ୍ଷ ମ୍ୟାଚରେ କ୍ୟାଚ ଧରିବାକୁ ଚେଷ୍ଟା କରିବାରୁ ତାଙ୍କ ଆଙ୍ଗୁଳିରେ ଆଘାତ ଲାଗିଥିଲା । ତାଙ୍କ ଆଙ୍ଗୁଠି ଫୁଲିଛି । ଦିଲ୍ଲୀ କ୍ୟାପିଟାଲ୍ସ ଆଗାମୀ ମ୍ୟାଚ ଗୁଜରାଟ ଟାଇଟନ୍ସ ବିପକ୍ଷ ମ୍ୟାଚ ଖେଳିବ । ଏହି ମ୍ୟାଚରେ ୱାର୍ଣ୍ଣର ଖେଳିବେ ନାହିଁ । ଏକନା ଷ୍ଟାଡିୟମ୍‌ରେ ଲକ୍ଷ୍ନୌ ସୁପରଜ୍ୟାଣ୍ଟସ୍ ଓ ଦିଲ୍ଲୀ କ୍ୟାପିଟାଲ୍ସ ମୁହାଁମୁହିଁ ହୋଇଥିଲେ । ଲକ୍ଷ୍ନୌକୁ ୬ ୱିକେଟ୍‌ରେ ହରାଇଥିଲା ଦିଲ୍ଲୀ । ଏହି ମ୍ୟାଚ ଲକ୍ଷ୍ନୌ ୭ ୱିକେଟ୍ ହରାଇ ୧୬୭ ରନ୍ କରିଥିଲା । ଆୟୁଷ ବଦୋନୀ ୫୫ ରନ୍ କରି ଅପରାଜିତ ଥିଲେ । ଅଧିନାୟକ ଲୋକେଶ ରାହୁଲ ୩୯ ରନ୍ କରିଥିଲେ ।






Meera's COURTYARD

AT KURANGA PHULNAKHARA

Huge lush green happening space situated in between Cuttack and Bhubaneswar.

- Pollution free ambience
- Blend of traditionalism & modernity
- Far from the madding crowd
- Truely magnificent setting
- Hassel free parking,

WILL perfectly match to your dream to make your event a memorable one.

For:
- Wedding • Star night • Conference and work shops
- Birthday party • Musical events • Corporate meet

Please Enquire
info@thegrandcourtyard.com
bookings@thegrandcourtyard.com
Mobile No:- 9937650599,7008320819,9938468076


# ଡ୍ରାଇଭର ସିଟ୍‌ରେ ରୋହିତ



ନୂଆଦିଲ୍ଲୀ,୧୪।୪(ଏଜେନ୍ସି): ଚେନ୍ନାଇ ଓ ମୁମ୍ବାଇ ଇଣ୍ଡିଆନ୍ସ ମ୍ୟାଚ ଆରମ୍ଭ ହେବା ପୂର୍ବରୁ ଉଭୟ ଦଳର ଖେଳାଳି ପଡ଼ିଆକୁ ଯିବାକୁ ବାହାରିଥିବା ବେଳେ ବସ୍ ଡ୍ରାଇଭର ସିଟ୍‌ରେ ରୋହିତ ଶର୍ମାଙ୍କୁ ଦେଖିବାକୁ ମିଳିଥିଲା । ରୋହିତ ଶର୍ମା ବସ୍ ଚଳାଉଥିବାର ଭିଡ଼ିଓ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଛି । ବସ୍‌ର ଡ୍ରାଇଭର ସିଟ୍‌ରେ ଅଛନ୍ତି । ହୋଟେଲ ବାହାରେ ଫ୍ୟାନ୍‌ଙ୍କ ଭିଡ଼କୁ ଦେଖି ରୋହିତ ଶର୍ମା ନିଜେ ବସ ଚଳାଇବାକୁ ନିଷ୍ପତ୍ତି ନେଇଥିଲେ । ତେବେ ରୋହିତ ବସ୍ ଚଳାଇ ଯାଉଛନ୍ତି କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ । ସେ କେବଳ ସିଟ୍‌ରେ ବସିଥିଲେ ଆଉ ଭିଡ଼ିଓ କରିଥିଲେ । ଫ୍ୟାନ୍‌ଙ୍କୁ ରୋହିତଙ୍କ ନୂଆ ଅବତାର ବେଶ ପସନ୍ଦ ଆସିଛି ।


**ସୂଚନା**

ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି । **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି

# ଆରତୀ ଷ୍ଟିଲରେ ଶ୍ରମିକ ମୃତ : ଫାଟକ ଆଗରେ ଧାରଣା



ଆଠଗଡ଼, (ସବ୍ୟୁ) : ଠିକା ଶ୍ରମିକଙ୍କ ମରଣଯନ୍ତା ପାଲଟିଛି ଆରତୀ ଷ୍ଟିଲ କାରଖାନାଛ ସୁରକ୍ଷା ୟସ୍ଥା ରେ ଢିଲା ଯୋଗୁଁ ବାରମ୍ବାର ଏହି କାରଖାନାରେ ଠିକା ଶ୍ରମିକଙ୍କ ଜୀବନ ଯାଉଥିବା ବେଳେ ରବିବାର ଦିନ ମଧ ସମାନ ଅବସ୍ଥା ଯୋଗୁଁ ଜଣେ ଠିକା ଶ୍ରମିକଙ୍କ ଜୀବନ ଯାଇଛି ।

ଆରତୀ ଷ୍ଟିଲ କାରଖାନାରେ ରୋଲିଂ ମିଲରେ ରାତି ଡ୍ୟୁଟି କରୁଥିବା ଠିକା ଶ୍ରମିକ ଆଠଗଡ଼ ଥାନା ଅନ୍ତର୍ଗତ ହରିଡ଼ା ଗହିର ଗ୍ରାମ ସନାତନ ପାଢ଼ୀ (୫୫)ଙ୍କର କ୍ରେନରେ ଚାପି ହୋଇ ମୃତ୍ୟୁ ହୋଇଥିବା ଜଣାପଡିଛି ।ଦୁଇ ମାସ ତଳେ ସମାନ ଜାଗା ରେ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ମହାକାଳବସ୍ତ ଗ୍ରାମର ଜଣେ ଠିକା ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ କାରଖାନା କର୍ତ୍ତୃପକ୍ଷଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଆଉ ଗୋଟିଏ ଜୀବନ ଯାଇଛି । ଖବର ପ୍ରଚାରିତ ହେବା ପରେ ମୃତକଙ୍କ ପରିବାର ସହିତ ପଞ୍ଚାୟତର ଲୋକ ମାନେ କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ । ଖବର ପାଇ ଖୁଣ୍ଟୁଣୀ ପୋଲିସ, କାରଖାନା କର୍ତ୍ତୃପକ୍ଷ ଓ ଆଠଗଡ଼ ପ୍ରଶାସନ ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ଙ୍କ ସହିତ ଆଲୋଚନା କରିଥିଲେ । ଆଲୋଚନା ପରେ ମୃତକଙ୍କ ପରିବାରକୁ ଶବ ସତ୍କାର ପାଇଁ ୫୦ ହଜାର ଟଙ୍କା ର ସହାୟତା ଦେବା ସହିତ ଅନ୍ୟାନ୍ୟ ଆନୁସାଙ୍ଗିକ ସହାୟତା ବାବଦକୁ ଖୁବ ଶିଘ୍ର ୨୦ ଲକ୍ଷ ୫୦ ହଜାର ଟଙ୍କା ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆ ଯାଇଥିଲା । ଏହା ଛଡ଼ା ମୃତକଙ୍କ ପୁଅ ଝିଅ ନା ବାଳକ ଥିବାରୁ ସେମାନେ ସାବାଳକ ହେବା ପରେ ସେମାନଙ୍କ ମଧ୍ୟରୁ ଜଣଙ୍କୁ ସମାନ ସ୍ଥାନ ରେ କର୍ମ ସଂସ୍ଥାନ ଯୋଗାଇ ଦିଆ ଯିବ ବୋଲି ପ୍ରତିଶ୍ରୁତି ଦିଆ ଯାଇଛି । ମୃତକଙ୍କ ଶବ ବ୍ୟବଚ୍ଛେଦ ହୋଇ କଟକ ରୁ ଆସିବା ପରେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରା ଯାଇଛି । ମୃତକଙ୍କ ସ୍ତ୍ରୀ ଗୀତାଞ୍ଜଳୀ ପାଢ଼ୀ ପ୍ରଥମ ପର୍ଯ୍ୟାୟରେ ସହାୟତା ରାଶି ଗ୍ରହଣ କରି ଥିଲେ ।

ଏହି ଆଲୋଚନାରେ କାରଖାନା ସଭାପତି ସୁଦୀପ୍ତ ପାଲ,ମାନବ ସମ୍ବଳ ଅଧିକାରୀ ସରୋଜ ଜେନା, ଲୋକ ସମ୍ପର୍କ ଅଧିକାରୀ ଶରତ ନିଶଙ୍କ, ଚୌଦ୍ୱାର ଉପଖଣ୍ଡ ପୋଲିସ ଅଧିକାରୀ ଉମାକାନ୍ତ ନାୟକ, ପ୍ରଶାସନ ପକ୍ଷରୁ ଅତିରିକ୍ତ ତହସିଲଦାର ଅଶୋକ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିଥିଲେ ।ଗତ ଦୁଇ ଦିନ ତଳେ ଗରିଆ ପାଟ ଠାରେ ଥିବା ଶ୍ରୀ ସିମେଣ୍ଟ କମ୍ପାନୀ ରେ ଠିକା ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ଠିକା କର୍ମଚାରୀ ମାନଙ୍କ ସୁରକ୍ଷା ବ୍ୟବସ୍ଥାପାଇଁ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହିତ ପ୍ରଶାସନିକ ଉଦାସୀନତା ଏଥିପାଇଁ ଦାୟୀ ବୋଲି ସାଧାରଣରେ ଆଲୋଚନା ହେଉଛି ।

# ମା' ବନଦୁର୍ଗାଙ୍କ ପୀଠରେ ମହୋତ୍ସବ



ନିମାପଡା, (ସବ୍ୟୁ) : ନିମାପଡା ବ୍ଲକ ନାଗବସ୍ତ ଗ୍ରାମର ମାଳିକା ବର୍ଣ୍ଣିତ ମା ବନଦୁର୍ଗାଙ୍କ ଶକ୍ତି ପୀଠରେ ଆଜି ଠାରୁ ଆରମ୍ଭ ହୋଇଛି ମହୋତ୍ସବ । ଗତ ଶନିବାର ସଂଧ୍ୟାରେ ୧୦୮ଜଣ ମହିଳା ଏବଂ ପୁରୁଷ ନୂତନ ବସ୍ତ୍ର ପରିଧାନ କରି ଏକ ଶୋଭଯାତ୍ରାରେ ନିକଟସ୍ଥ ଧନୁଆଁ ନଦୀରୁ କଳସ ଆଣି ପୀଠରେ ପହଂଚିଥିଲେ । ମାଙ୍କ ପୀଠରେ ବ୍ରାହ୍ମଣଙ୍କ ଦ୍ୱାରା ସ୍ୱତନ୍ତ୍ର ରୀତିନୀତି ପୂର୍ବକ କଳସ ପ୍ରତିଷ୍ଠା କରାଯାଇଥିଲା ।

ମା' ବନଦୁର୍ଗାଙ୍କ ଏହି ମହୋତ୍ସବ ଦେଖିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଶ୍ରଦ୍ଧାଳୁଙ୍କ ଭିଡ ଜମିବାରେ ଲାଗିଛି । ପୀଠରେ ୬ଦିନ ବ୍ୟାପି ଝାମୁଜାତ,ଲୋକ କଳାକୃତି, ପ୍ରସିଦ୍ଧ ଛଉନୃତ୍ୟ, ଶାରଳା ଘଂଟ ନୃତ୍ୟ, ରାମଲୀଳା, ସିନେ ତାରକାଙ୍କ କଳାକୃତି ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ପୀଠ ପକ୍ଷରୁ ସୂଚନା ଦିଆଯାଇଛି । ପୀଠରେ ଏହି ମହୋତ୍ସବ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ । ସୂଚନା ଯୋଗ୍ୟ କି ପ୍ରତ୍ୟକ ମଙ୍ଗଳବାର ଓ ଶନିବାର ମା' ବନଦୁର୍ଗାଙ୍କ ପୂଜାର୍ଚ୍ଚନା ସରିବା ପରେ ମା'ଙ୍କ କାଳିସୀ ହୁକୁମ ପ୍ରଦାନ କରିଥାନ୍ତି । ହୁକୁମରେ ବହୁ ଦୁଃସାଧ୍ୟ ରୋଗ ଭଲ ହେବା ସହିତ ,ବିଭିନ୍ନ ସମସ୍ୟାର ସମାଧାନ ଏବଂ ଭୂତ ପ୍ରେତ ଛାଡି ଚାଲିଯାଇଥାନ୍ତି ବୋଲି କାଳିସୀ କୁହନ୍ତି ।

# ନିଆଁରେ ଚାଲିଲେ ଭଗତା



ରଣପୁର, (ସବ୍ୟୁ) : ରବିବାର ଦଣ୍ଡଯାତ୍ରାର ଶେଷ ପର୍ବ ପାଳିତ ହୋଇଛି । ଦୀର୍ଘ ୧୭ ଦିନ ଧରି ଠାକୁର ପାଣିତୋଳା ପରେ ଭକ୍ତ ମାନଙ୍କୁଆର୍ଷିବାଦ ଦେଉଥିଲେ । ପ୍ରତିଦିନ ଅପରାହ୍ନରେ ଠାକୁର ସ୍ନାନ ପରେମାନସିକ ଧାରି ଭକ୍ତ ମାନଙ୍କ ଦୁଆରକୁ ଯାଇ ଭୋଗ ଖାଆନ୍ତି । ସନ୍ଧ୍ୟାରେ କାମନା ମନ୍ଦିର ରେ ପଣା ସାରିବା ପରେ ରାତିରେ ସମସ୍ତ ଭଗତାଉଜାଗର ରହି ପୁଣି ମାନସିକ ଧାରି ଭକ୍ତ ଦୁଆରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଷଣ କରନ୍ତି । ଏହିଭଳି ଭାବରେ ରଣପୁରଅଚଂଳରେ ପ୍ରାୟ ୧୭ରୁ ଉର୍ଦ୍ଧ କୋଠି ରେ ନୀତି ପାଳନ ହୋଇଆସୁଥିଲା । ଆଜି ସଂକ୍ରାନ୍ତିରେ ଶେଷ ପର୍ବରେ ଭଗତା ମାନେନିଆଁରେ ଚାଲିଛନ୍ତି । ପ୍ରଥମେ ଆଜି ସକାଳେ ରଣପୁର ର ଆରାଧ ଦେବତା ସ୍ୱପ୍ନେଶ୍ୱର ଙ୍କର ଭଗତା ମାନେ ନିଆଁରେ ଚାଲିଥିଲେ । ଚାଲିବା ପୂର୍ବରୁ ଭଗତା ମନେ ମନ୍ଦିର ନିକଟରେ ଥିବା ପୋଖରୀରେ ଗାଧେଇବା ସହଏକ ଶୋଭାଯାତ୍ରରେ ଆସିଥିଲେ । ପରେ ସେମାନେ ନିଆଁରେ ଚାଲିଥିଲେ । ସେହିଭଳି ରଣପୁର ରଚଣ୍ଡେଶ୍ୱର, କଙ୍କିଆ, ଲେମ୍ବୁଡି, ବରମୁଳ, ଗୋପାଳପୁର, ମଝିଆଖଣ୍ଡ, ନନ୍ଦପୁର ଆଦି ଅଞ୍ଚଳରେ ଦଣ୍ଡଯାତ୍ରା ପାଳିତ ହୋଇଛି ।

# ମାଟିରେ ମିଶିବ କିଆଝର ସମବାୟ ସମିତି କାର୍ଯ୍ୟାଳୟ

ଖଣ୍ଡପଡା, (ସବ୍ୟୁ) : ଖଣ୍ଡପଡ଼ା ବ୍ଲକ୍ ଅଧିନ ସିଂଘାପଡ଼ା ପଂଚାୟତ କାର୍ଯ୍ୟାଳୟ ନିକଟରେ ରହିଛି କିଆଝର ସେବା ସମବାୟ ସମିତି କାର୍ଯ୍ୟାଳୟ । ଦୀର୍ଘବର୍ଷ ଧରି ଜରାଜୀର୍ଣ୍ଣଅବସ୍ଥାରେ ଥିବା ଏହି କାର୍ଯ୍ୟାଳୟ ଗୃହରେ ବିପଦସଂକୁଳ ଅବସ୍ଥାରେ କର୍ମଚାରୀମାନେ କାର୍ଯ୍ୟକରୁଥିବା ଜଣାପଡ଼ିଛି । ପ୍ରତି ମୁହୂର୍ତରେ ଜୀବନକୁ ବିପନ୍ନ କରି କର୍ମଚାରୀମାନେ କାମକରୁଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି । ବାରମ୍ବାର ଦାବି ସତ୍ୱେ ଜିଲ୍ଲା ପ୍ରଶାସନ କିମ୍ବାବିଭାଗୀୟ ଉଚ୍ଚ କର୍ତ୍ତୁପକ୍ଷ ଏହାର ମରାମତି ଦିଗରେ ପଦକ୍ଷେପ ଗ୍ରହଣ କରୁନଥିବା ଅଭିଯୋଗହୋଇଛି । ଗୃହର ଅବସ୍ଥା ଏପରି ହୋଇଛି ଯେ କୌଣସି ସମୟରେ ଏହା ମାଟିରେ ମିଶିବାରଆଶଙ୍କା ପ୍ରକାଶ ପାଇଛି । କୃଷି ଓ କୃଷକଙ୍କର ଉନ୍ନତିକରଣ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବହୁକଲ୍ୟାଣକାରୀ ଯୋଜନାମାନ ପ୍ରଣୟନ କରି ସେ ବାବଦରେ କୋଟିକୋଟି ଟଙ୍କା ବ୍ୟୟ କରୁଥିଲେ ହେଁ ଦୀପତଳ ଅନ୍ଧାର ପରି ଉକ୍ତ ସମବାୟ ସମିତି ଗୃହଟି ପ୍ରତି ପ୍ରଶାସନ ନତୁବା ଲୋକପ୍ରତିନିଧିମାନେ କେହି ହେଲେ ଧ୍ୟାନ ନଦେବା ପରିତାପର ବିଷୟ ବୋଲି ସାଧାରଣରେ ଚର୍ଚ୍ଚାହେଉଛି । ନୟାଗଡ଼ ଜିଲ୍ଲାପାଳ ଓ ବିଭାଗୀୟ ଉଚ୍ଚ କର୍ତ୍ତୁପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଫିଜିଓଥେରାପି ଛାତ୍ରଙ୍କ ଆତ୍ମହତ୍ୟା



କଣ୍ଟାପଡା, (ସବ୍ୟୁ) : ଓଲଟପୁର ଥାନା ଅଧିନ ଓଲଟପୁର ଠାରେ ଥିବା ଏସ୍‌ଭିନିରତାରର ଜନୈକ ଛାତ୍ର ଆତ୍ମହତ୍ୟା କରିଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାଇ ଏସ୍‌ଭିନିରତାରର ୩୪ ବ୍ୟାଚ ଫିଜିଓଥେରାପି ବିଭାଗର ଛାତ୍ର ସୁମିତ କୁମାର ସେଠୀ (୨୩) । ନିକଟସ୍ଥ ପୁଷ୍ପା ଭବନରଭଡାଘରେ ରହି ପାଠ ପଢୁଥିଲେ ସାଙ୍ଗମାନେ ନଥିବା ବେଳେ ଭିତରପଟୁ କବାଟଦେଇ ସେ ବେକରେ ରଶିଲଗାଇ ଝୁଲି ପଡିଥିଲେ ।

ପରେ ଖବର ପ୍ରଚାରିତ ହେବା ପରେ ତାଙ୍କୁ ପ୍ରଥମେ ଅଡଶପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ କଟକ ବଡଡାକ୍ତରଖାନା ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଥିବା ବେଳେ ପୋଲିସ ଏକଅପମୃତ୍ୟୁ ମାମଲା ରୁଜୁ କରିଛି ତଦନ୍ତ ପରେ ସତ୍ୟାସତ ପଦାକୁ ଆସିବ ବୋଲି ଅନୁମାନ କରାଯାଉଛି ।

# ବିଭୁପ୍ରସାଦ ମିଶ୍ର ରଣପୁର କଂଗ୍ରେସ ବିଧାୟକ ପ୍ରାର୍ଥୀ

ରଣପୁର, (ସବ୍ୟୁ) : ଆଗାମୀ ସାଧାରଣ ର୍ନିବାଚନ ପାଇଁ ସାରା ରାଜ୍ୟରେ କଂଗ୍ରେସ ତାର ବିଧାନସଭା ଓ ଲୋକସଭା ପ୍ରାର୍ଥୀ ଘୋଷଣା କରିଛି । ଏହି କ୍ରମ ରେ ୧୧୯ ନମ୍ବର ରଣପୁର ବିଧାନସଭା ଆସନ ପାଇଁ ବିଭୁ ପ୍ରସାଦ ମିଶ୍ରଙ୍କୁ ଦଳ ତରଫରୁ ପ୍ରାର୍ଥୀ କରାଯାଇଛି । ଯାହାକୁ ନେଇ ତାଙ୍କର ସମର୍ଥକ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି । ବିଭୁ ପ୍ରସାଦ ଦୀର୍ଘ ଦିନ ଧରି ରଣପୁର ଅଞ୍ଚଳ ରେ କଂଗ୍ରେସ ଦଳ ପାଇଁ ସଂଗଠନ ଜାରି ରଖିଥିଲେ ।

# ଗିରି ହନୁମାନ ପୀଠରେ ପଞ୍ଚ କୁଣ୍ଡୀୟ ମହାଯଜ୍ଞ

ଖଣ୍ଡପଡା, (ସବ୍ୟୁ): ଖଣ୍ଡପଡା ସହରର ଗିରିହନୁମାନ ପୀଠରେ ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ପଂଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ରବିବାରଅପରାହ୍ନରେ ପୂର୍ଣ୍ଣାହୁତି ଉତ୍ସବ ସହ ଶେଷ ହୋଇଥିବା ଜଣାପଡ଼ିଛି ।ମହାବିଷୁବ ସଂକ୍ରାନ୍ତି ଅବସରରେ ଅୟୋଜିତ ଆଧ୍ୟାତ୍ମିକକାର୍ଯ୍ୟକ୍ରମରେ ଆଖପାଖ ଅଚଂଳରୁ ୨ହଜାରରୁ ଉର୍ଦ୍ଧ ଶ୍ରଦ୍ଧାଳୁଙ୍କ ସମାଗମହୋଇଥିଲା । ବ୍ରାହ୍ମଣ ସମାଜର ବରିଷ୍ଠ କର୍ମକର୍ତାମାନେ ସମସ୍ତ ଦାୟୀତ୍ୱସୁଚାରୁ ରୁପେ ତୁଲାଇଥିଲେ । ଗିରିହନୁମାନ ମନ୍ଦିର କମିଟି ପକ୍ଷରୁ ସମସ୍ତଭକ୍ତଙ୍କ ପାଇଁ ପ୍ରସାଦ ସେବନ ଓ ପଣାର ବ୍ୟବସ୍ଥା କରାଯାଇଥିଲା ।

# ଅଗ୍ନିକାଣ୍ଡ ବିପନ୍ନଙ୍କୁ ସହାୟତା

ସାକ୍ଷୀଗୋପାଳ, (ସବ୍ୟୁ): ସତ୍ୟବାଦୀ ର୍ନିବାଚନ ମଣ୍ଡଳୀ ସତ୍ୟବାଦୀ ବ୍ଲକ ରାଏଖଣ୍ଡି ପଞ୍ଚାୟତର ବିଲିପଡା ଗ୍ରାମର ମାଧବ ବରାଳଙ୍କ ବାସଗୃହରେ ଶୁକ୍ରବାର ବିଳମ୍ବିତ ରାତ୍ରିରେ ଅଗ୍ନିକାଣ୍ଡ ଘଟି ଘର ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଶନିବାର ଦିନ ପୂର୍ବତନ ମନ୍ତ୍ରୀ ,ଯୋଜନା ବୋର୍ଡର ଉପାଧ୍ୟକ୍ଷ ତଥା ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ସଞ୍ଜୟ କୁମାର ଦାସବର୍ମା ଅଗ୍ନି ବିପନ୍ନ ପରିବାରକୁ ଭେଟି ଆଶ୍ୱାସନା ଦେବା ସହିତ ସମବେଦନା ଜଣାଇଛନ୍ତି । ଏହା ସହିତ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ, ଚୁଡ଼ା, ଗୁଡ଼, ବିସ୍କୁଟ, ଚାଉଳ, ଡାଲି, ପାଲ, ମଶାରୀ, ଶୁଖିଲା ଖାଦ୍ୟ ଓ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତିଛ ଏହି ସମୟରେ ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନିଲ କୁମାର ପଣ୍ଡା, ଉପାଧ୍ୟକ୍ଷଙ୍କ ପ୍ରତିନିଧି ପ୍ରକାଶ ପ୍ରଧାନ, ପୁରୀ ଜିଲ୍ଲା ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ଦେବାଶିଷ ରାୟ, ପଞ୍ଚାୟତ ସଭାପତି ଲିଙ୍ଗ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଫୋଡା ପାଟୁଆ ଓ ଝାମୁ ଯାତ୍ରା



ବାଲିପାଟଣା, (ସବ୍ୟୁ) : ବାଲିପାଟଣା ବ୍ଲକର ବିଭିନ୍ନ ସ୍ଥାନରେ ରୀତି ନୀତି ଅନୁଯାୟୀ ପାଳୀତ ହେଇଛି ଚୈତ୍ର ପର୍ବ। ଏହି ପର୍ବରେ କେତେକ ସ୍ଥାନରେ କାଳିଶିମାନଙ୍କ ପିଠିରେ ଲୁହା କଣ୍ଟା ଫୋଡାଯାଇ ଚର୍କିରେ ବୁଲାଯାଇଥାଏ ଓ ଅନ୍ୟ କେତେକ ସ୍ଥାନରେ ନିଷ୍ଠାର ସହ ମେଳି ଉପାସ କରି ନିଆଁରେ ଚାଲିଥାନ୍ତି।

ସେଥିମଧ୍ୟରୁ ବାଲିପାଟଣା ବ୍ଲକର ଗୁଆପୁରର ସାତବିଶ୍ୱା ସାହି, ସରାଟ ଖମାର ସାହି, ଚଣାହଟ୍ଟା , ଧାନହରା, ମାର୍ଥାପୁର, ପମ୍ପାଲୋ, ପୁବାଗଡ, ତୁରିନ୍ତିରା, ବନମାଳୀପୁର, କିଆଯୋରୀ, ରାଜସ, କୁରୁଞ୍ଜିପୁର୍, ଭାକରସାହି, ନରିସୋ, କୁଳନ୍ତିରା ଗ୍ରାମ, କୁଳନ୍ତିରା ଶାସନ ଆଦି ସ୍ଥାନରେ ଯଥା ରୀତି ପର୍ବ ପାଳିତ ହୋଇଯାଇଛି । ଦୀର୍ଘ ୨୦ବର୍ଷ ପରେ କିଆଯୋରୀ ଗ୍ରାମର ମା କ୍ଷେତ୍ରପାଳଙ୍କ ନିକଟରେ ପୁଣି ଥରେ ଆରମ୍ଭ ହୋଇଛି ଝାମୁ ଯାତ୍ରା । କାଳିଶି କୃଷ୍ଣ ଚନ୍ଦ୍ର ଭୋଇ, ଡୁଗୁରୀ ଭୋଇ ଓ ମଞ୍ଜୁଲତା ଭୋଇ ପାଞ୍ଚ ଖନ୍ଦା ବିଶିଷ୍ଟ ନିଆଁରେ ଚାଲିଥିଲେ। ଏହି ପ୍ରସିଦ୍ଧ ଯାତ୍ରା ଦେଖିବା ପାଇଁ ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ସାଂସଦ ଅପରାଜିତା ଷଡ଼ଙ୍ଗୀ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ।

ଉକ୍ତ କାର୍ଯ୍ୟକ୍ରମକୁ ଗ୍ରାମର ଅଇଁଠା ଭୋଇ, କାଳନ୍ଦୀ ଭୋଇ ପ୍ରଫୁଲ୍ଲ କୁମାର ଭୋଇ ପ୍ରମୁଖଙ୍କ ସହ ସମସ୍ତ ଗ୍ରାମ ବାସି ସହଯୋଗ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସୁଶିଲ କୁମାର ରାଉତରାୟ, ଗଣେଶ ରାଉତରାୟ ପରିଚାଳନା କରିଥିଲେ ।

# ବିଭିନ୍ନ ସ୍ଥାନରେ ଝାମୁଯାତ୍ରା

ଖଣ୍ଡପଡା, (ସବ୍ୟୁ): ନୟାଗଡ଼ ଜିଲ୍ଲା ଖଣ୍ଡପଡା ଅଂଚଳର ବିଭିନ୍ନ ସ୍ଥାନରେ ରବିବାର ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡା ସହରର ଆରାଧ୍ୟ ପ୍ରଭୁ ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିର ପରିସରସ୍ଥିତ ବେଢାକାଳୀଙ୍କ ପୀଠ, କାଦୁଆ ଗ୍ରାମର ଗତିଶ୍ୱରଦେବଙ୍କ ପୀଠ, ବୋଦସା ଗ୍ରାମର ବାଲୁଙ୍କରଶ୍ୱର ଦେବଙ୍କ ପୀଠ, ବନମାଳୀପୁରପଂଚାୟତର ରାମଚନ୍ଦ୍ରପୁର ଗ୍ରାମସ୍ଥିତ ମା ମଙ୍ଗଳାଙ୍କ ପୀଠ, ନିମପାଟଣା, ବସନ୍ତପୁର, ଖଳିସାହି ଗ୍ରାମର ନୀଳକଣ୍ଠେଶ୍ୱର ଦେବଙ୍କ ପୀଠ, ଘଣାଶାଳିଆ ଗ୍ରାମର ଶ୍ରୀବାଲୁଙ୍କେଶ୍ୱର ଦେବଙ୍କ ପୀଠ ସମେତ ବିଭିନ୍ନ ଶକ୍ତିପୀଠରେ ଝାମୁଚଲା ପର୍ବ ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଥିବା ଜଣାପଡ଼ିଛି। ସବୁଠି ପାଟଦଣ୍ଡୁଆମାନେ ମା ଙ୍କ ଆଜ୍ଞାମାଳ ପିନ୍ଧି ନିଆଁ ଗାଡ଼ରେ ଚାଲିବାର ଦୃଶ୍ୟକୁ ଶହଶହ ଜନସାଧାରଣ ଉପଭୋଗ କରିଥିଲେ । ଶ୍ରଦ୍ଧାଳୁଙ୍କର ହରିବୋଲ ହୁଳହୁଳି ଧ୍ୱନିରେଗଗନ ପବନ ପ୍ରକମ୍ପିତ ହୋଇ ଉଠିଥିଲା ।

# ବିଭିନ୍ନ ସ୍ଥାନରେ ହନୁମାନ ଜୟନ୍ତୀ

କଣାସ, (ସବ୍ୟୁ): ପୁରୀ ଜିଲ୍ଲା କଣାସ ବ୍ଲକରେ ବିଭିନ୍ନ ଗ୍ରାମରେ ହନୁମାନ ଜୟନ୍ତୀ ମହାଡମ୍ବରରେ ପାଳିତ ହୋଇଯାଇଛି । ବ୍ଲକର, ଦିବ୍ୟସିଂହ ପୁର, ଗୋଲରା, ବଡାସ, ଦୋକନ୍ଦା, କାତପାଢ଼ା, ମଟିଆପଡ଼ା ନିଳାଚଳ ସେବାପ୍ରତିଷ୍ଠାନ ଏବଂ ଏକେଏସଏସ ପରିସରରେ ଥିବା ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା ହୋଇଥିଲା ଏବଂ ହନୁମାନ ଚାଳିସା ଭକ୍ତମାନେ ପଠନ କରିଥିଲେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟିଭୋଇଥିଲା । ମନ୍ଦିରରେ ଶ୍ରଦ୍ଧାଳୁମାନେ ବେଲ ପଣା କଦଳୀ ଓ ଉଖୁଡା ପୂଜା କରିବା ସହ ଆଜିର ଦିନରେ ଶ୍ରୀ ହନୁମାନଙ୍କୁ ଦର୍ଶନ କଲେ କୋଟି ଜନ୍ମର ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି । ଓଡ଼ିଆ ନବବର୍ଷ ହୋଇଥିବାରୁ ଓଡିଆ ପାଞ୍ଜି ପ୍ରଚଳନ ହୋଇଥାଏ ।

ପ୍ରତେକ ଗ୍ରାମର ଭାଗବତ ଘରେ ପାଞ୍ଜି ପଢ଼ାଯାଇଥିବା ବେଳେ ଲୋକମାନେ ବର୍ଷ ଯାକର ଭଲ ମନ୍ଦ କଣ ରହିଛି ପାଞ୍ଜିରେ ତାକୁ ଶୁଣିଥିଲେ । ମହା ବିଷୁବ ପଣା ସଂକ୍ରାନ୍ତିରେ ଗ୍ରାମମାନଙ୍କରେ ପ୍ରତେକ ଘରେ ଘରେ ନଡ଼ିଆ, କଦଳୀ, ବେଲ ପଣା ଘରେ ପ୍ରସ୍ତୁତ କରି ପରିବାର ସହ ପିଇଥିବା ଦେଖିବାକୁ ମିଳିଥିଲା ସନ୍ଧ୍ୟାରେ ଅନେକ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# କାତ୍ୟାୟନୀ ବେଶରେ ମା ବନଦୁର୍ଗା



ନିରାକାରପୁର, (ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱର ସ୍ଥିତ ମା ବନଦୁର୍ଗାଙ୍କ ପୀଠରେ ବିଶ୍ କଲ୍ୟାଣ ନିମନ୍ତେ, ବାସନ୍ତୀକ ଚୈତ୍ର ନବରାତ୍ରର ଷଷ୍ଠ ଦିବସରେ ଓ ହିନ୍ଦୁ ନବବର୍ଷର ମହା ବିଷୁବ ସଂକ୍ରାନ୍ତିରେ କାତ୍ୟାୟନୀ ବେଶରେ ମା ଦର୍ଶନ ଦେଇଛନ୍ତି ।ସକାଳୁ ମା'ଙ୍କର ମଙ୍ଗଳ ଆଳତି, କଳଶ ପୂଜା, ସୂର୍ଯ୍ୟ ପୂଜା ପଞ୍ଚ ଦେବତା ପୂଜା, ଶୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀ ପାଠ, ସନ୍ଧ୍ୟା ବାଳଭୋଗ, ଆଳତି, ଆଧରପଣା ଓ ମହାପ୍ରସାଦ ମା'ଙ୍କୁ ଅର୍ପଣ ପୂର୍ବକ ରୀତିନୀତି ଅନୁଯାୟୀ ପୂଜା ଅର୍ଚ୍ଚନା କରାଯାଇଛି ।

ଡଃ କୃପାସିନ୍ଧୁ ପଣ୍ଡା ପୂଜାର୍ଚ୍ଚନା କରିଥିଲେ ଓ ପଣ୍ଡିତ ତପନ କୁମାର ମହାପାତ୍ର , ବିଷ୍ଣୁପ୍ରୀୟା ପଟ୍ଟଯୋଷୀ ସହଯୋଗ କରିଥିଲେ ଏହି ଅବସରରେ ସମାଜସେବୀ ମଦନ ମୋହନ ମହାପାତ୍ର, ସି.ଏ. ପ୍ରଦୀପ ରଞ୍ଜନ ଆଚାର୍ଯ୍ୟଙ୍କ ସପରିବାର ଉମାକାନ୍ତ ରଥ, ବିଭୂଦତ୍ତ ପାଇକରାୟ ଅଂଶଗ୍ରହଣ କରିଥିଲେ ଓ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ମା'ଙ୍କର ଦିବ୍ୟ ବେଶକୁ ଦର୍ଶନ କରିଥିଲେ ।

# ଆମ୍ବେଦକର ଜୟନ୍ତୀ ପାଳିତ

ଦଶପଲ୍ଲା, (ସବ୍ୟୁ) : ଦଶପଲ୍ଲାର ସାମାଜିକ ଅନୁଷ୍ଠାନ ମାଟିର ସ୍ୱର ର ପକ୍ଷରୁ ଦଶପଲ୍ଲା ଦୁର୍ଗାବଜାର ସ୍ଥିତ ଦଳିତ ବସ୍ତି ମୋଚି ସାହିଠାରେ ଡ଼ଃ ବି ଆର ଆମ୍ବେଦ କର ଙ୍କ ଜୟନ୍ତୀ ପାଳିତ ହୋଇ ଯାଇଛି । ସଂଗଠନ ର ସଭାପତି ପ୍ରଭାତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବ ରେ ବରିଷ୍ଠ ସମାଜ ସେବୀ ପ୍ରସନ୍ନ ପଣ୍ଡା, ପ୍ରାଣକୃଷ୍ଣ ବେହେରା , ଆଇନଜୀବୀ ଶରତ ବେହେରା, ସମାଜ ସେବୀ ପ୍ରଫୁଲ୍ଲ କୁମାର ମିଶ୍ର, ସନ୍ତୋଷ କୁମାର ସାହୁ, କିଶୋର ଚନ୍ଦ୍ର ଦଳବେହେରା ଓ କବି ପ୍ରକାଶ ମଣ୍ଡଳ ଯୋଗଦାନ କରି ଆଂବେଦକରଙ୍କ ତ୍ୟାଗ, ଦକ୍ଷତା, ପାରଦର୍ଶିତା, ଜ୍ଞାନ, ଦାନ ,ଅବଦାନ ଓ ଆଦର୍ଶକୁ ସ୍ମରଣ କରିବା ସହିତ ବିଶ୍ଳେଷଣ କରିଥିଲେ ।

ସଂବିଧାନ ଓ ଗଣତନ୍ତ୍ରର ସୁରକ୍ଷା କରିବା ସମତା ଭିତ୍ତିକ ସମାଜ ପ୍ରତିଷ୍ଠା କରିବା ଏବଂ ନାଗରିକ ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ବରେଣ୍ୟ ଅତିଥି ବୃନ୍ଦ ଆହ୍ୱାନ ଦେଇଥିଲେ । ଗ୍ରାମ୍ୟ ଗୋଷ୍ଠୀଙ୍କ ତରଫରୁ ଦଳିତ ବସ୍ତି ମୋଚି ସାହିକୁ ଆମ୍ବେଦକର ବସ୍ତି ଭାବେ ଘୋଷଣା କରିଥିଲେ ଏବଂ ଏ ଘୋଷଣା କୁ ଲିଖିତ ଭାବେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ପାଇଁ ସଂଗଠନ ପକ୍ଷରୁ ପ୍ରଶାସନ ପାଖରେ ଦାବି କରାଯିବା ପାଇଁ ଘୋଷଣା କରାଯାଇଥିଲା ।

ଏହି ଅବସରରେ ସାମାଜିକ କର୍ମୀ ପ୍ରକାଶ ମଣ୍ଡଳ ନିଜସ୍ୱ ରଚିତ କବିତା ଆବୃତ୍ତି କରି ସ୍ତୁତି ଚାରଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରଭାତ କୁମାର ସାହୁ ସଂଯୋଜନା କରିଥିଲେ ।

# କପିଳେଶ୍ୱରଙ୍କ ନିଆରା ଅଶୋକାଷ୍ଟମୀ ରଥଯାତ୍ରା



ନିରାକାରପୁର,(ସବ୍ୟୁ) : ଓଡିଶାର ଦୁଇଟି ଶୈବ ପୀଠରେ ଅଶୋକାଷ୍ଟମୀ ରଥଯାତ୍ରା ପରମ୍ପରା ବେଶ ପ୍ରାଚୀନ । ସେଦୁଇଟି ହେଲା ଭୂବନେଶ୍ୱରର ଲିଙ୍ଗରାଜଙ୍କ ପୀଠ ଓ ଖୋର୍ଦ୍ଧା ଜିଲା ନିରାକାରପୁର, ଡିଆର ଶ୍ରୀକପିଳେଶ୍ୱର ପୀଠ । ଏକାମ୍ରକ୍ଷେତ୍ରର ପୀଠାଧୀଶ ପ୍ରଭୁ ଲିଙ୍ଗରାଜଙ୍କ ରୁକୁଣା ରଥ ଅଣଲେଓଟା ହୋଇଥିବା ବେଳେ ଦ୍ୱାଦଶୀ ଦିନ ବାହୁଡା ଯାତ୍ରାରେ ଶ୍ରୀ କପିଳେଶ୍ୱରଙ୍କ ବିଜୟା ରଥକୁ ନିଶାର୍ଦ୍ଧରେ ଗହୀର ବିଲ ଦେଇ ମନ୍ଦିର ପର୍ଯ୍ୟନ୍ତ ଟଣା ଯାଇଥାଏ । ଏହା ଏକ ଅନନ୍ୟ ପରମ୍ପରା । ଉତ୍କଳୀୟ ସଂସ୍କୃତିର ଗୌରବଜ୍ଜଳ ଅଧ୍ୟାୟକୁ ସୂଚୀତ କରୁଥିବା ଏହି ରଥଟଣା କାର୍ଯ୍ୟ ମଧ ରାତିରେ କାହିଁକି ହୁଏ ତାହା ଏବେବି ଏକ ଅସମାହିତ ପ୍ରଶ୍ନ । ତେବେ କିମ୍ବଦନ୍ତୀ ଓ ଲୋକ କଥା ଆଧାରକରି ଭିନ୍ନ ଭିନ୍ନମତ ରହିଛି । ଏହା ପ୍ରମୁଖ ତନ୍ତ୍ରପୀଠ ହୋଇଥିବାରୁ ରୀତି ନୀତିରେ ଭିନ୍ନତା ପରିଲକ୍ଷିତ ହେବା ସ୍ୱାଭାବିକ । ସାଧାରଣତଃ ତନ୍ତ୍ର ପୂଜାରେ ସମସ୍ତ ବିଧି ଓ ଉପଚାର ରାତିରେ କରାଯାଇଥାଏ । ପୀଠର ମହାନତା ଦୃଷ୍ଟିକୋଣରୁ ନିଶାର୍ଦ୍ଧରେ ରଥଟଣା ହେଉଥିବା କୁହାଯାଉଛି । ସେହିପରି ଏହି ପୀଠରେ ଅନେକ ବୌଦ୍ଧ ମୂର୍ତ୍ତି ଦେଖିବାକୁ ମିଳୁଥିବାରୁ ଏହାଦିନେ ବୌଦ୍ଧ ଧର୍ମାବଲମ୍ବୀମାନଙ୍କ ଆସ୍ଥାନ ଥିବା ସୂଚନାମିଳେ । ନିଶାର୍ଦ୍ଧରେ ଗୌତମ ବୁଦ୍ଧ ଦିବ୍ୟଜ୍ଞାନ ଲାଭକରିଥିଲେ ।

ସମ୍ରାଟ ଅଶୋକ ପରେ ବୌଦ୍ଧ ସଂସ୍କୃତିକୁ ଆତ୍ମସାତ କଲା ଶୈବ ସଂସ୍କୃତି । ବୌଦ୍ଧମାନଙ୍କ ପ୍ରଭାବରେ ରଥଯାତ୍ରା ପରମ୍ପରା ପ୍ରଚଳନ ହୋଇଥିବାରୁ ଶ୍ରୀକପିଳେଶ୍ୱରଙ୍କ ପୀଠରେ ରାତିରଥ ଟଣା ବ୍ୟବସ୍ଥା ଥାଇପାରେ । ଶ୍ରୀ ଜଗନ୍ନାଥ ମନ୍ଦିର ସହ ଏହି ରଥଯାତ୍ରାର ସମ୍ପର୍କ ରହିଛି । ଗଜପତି ମହାରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ମନ୍ଦିରର ରଥଯାତ୍ରା ଉପଲକ୍ଷେ ଶ୍ରୀ ମନ୍ଦିରରୁ ଚନ୍ଦନ କାଠ, ଆଜ୍ଞାମାଳ, ପାଟପତନୀ, ଯାତ୍ରାପାହୁଣା ପଠାଯିବାର ମାଦଳାପାଞ୍ଜି ଉଲ୍ଲିଖିତ ପ୍ରାଚୀନ ପରମ୍ପରା ଏପର୍ଯ୍ୟନ୍ତ ପାଳିତ ହୋଇ ଆସୁଅଛି । ଗଜପତି ମହାରାଜାଙ୍କ ଆଦେଶରେ ଏହି ରଥଯାତ୍ରାର ଆଇନ ଶୃଙ୍ଖଳା ରକ୍ଷା କରିଆସନ୍ତି ସ୍ଥାନୀୟ ଗଡଖାରଦ, ଖଜୁରିପଡା ଓ ଗଡରାମେଶ୍ୱରର ଦଳବେହେରାମାନେ । ସମ୍ପ୍ରତି ପ୍ରଶାସନ ତରଫରୁ ଆଇନି ଶୃଙ୍ଖଳା ରକ୍ଷାକରନ୍ତି ସ୍ୱତନ୍ତ୍ର ପୁଲିସ ଫୋର୍ସ । ପାରମ୍ପରିକ ରୀତିରେ ମନ୍ଦିର ପରିଚାଳନା ପକ୍ଷରୁ ନିମନ୍ତ୍ରଣ ପାଇବାପରେ ନିକଟସ୍ଥ ମଧୁବନ ଗ୍ରାମର ବିଶ୍ୱକର୍ମାମାନେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥାନ୍ତି ।ଚୈତ୍ର ଶୁକ୍ଳପକ୍ଷ ଅଶୋକା ଅଷ୍ଟମୀ ଦିନ କପିଳେଶ୍ୱରଦେବ,ଆରେଡି ଗ୍ରାମର ଗ୍ରାମେଶ୍ୱର ଦେବଙ୍କ ସହିତ ଗୁଣ୍ଡିଚା ମନ୍ଦିର(ରାଧାକାନ୍ତ)କୁ ଯାତ୍ରା କରନ୍ତି । ଦଶମୀ ରାତିରେ ଶକ୍ତିସ୍ୱରୁପିଣୀ ମାନାରାୟଣୀ, ମହାଲକ୍ଷ୍ମୀ, ମହାକାଳୀ ଆସି ମିଳିତ ହୁଅନ୍ତି । ଡିଆ ରାଧାକାନ୍ତ ମନ୍ଦିରରେ ଏହି ମହାମିଳନ ବୈଷ୍ଣବ ଶୈବ ଶାକ୍ତତତ୍ୱର ଏକ ମହାମିଳନ ହୁଏ । ଚାରିଦିନ ପରେ ଆସେ ବହୁ ପ୍ରତିକ୍ଷିତ ଦ୍ୱାଦଶୀ ରାତି । ବିରାଟ ପଟୁଆର ମଧ୍ୟରେ ଠାକୁରମାନେ ଭୋଗ ସାରନ୍ତି । ଗ୍ରାମଦାଣ୍ଡ ହୁଏ ଲୋକାରଣ୍ୟ । ପଟୁଆର ପଣାକିଆରିରେ ପହଞ୍ଚିବା ପରେ ଜୀଉମାନେ ରଥାରୂଢ ହୁଅନ୍ତି । ପରେ ଗହୀର ବିଲ ମଧ୍ୟରେ ବିଳମ୍ବିତ ରାତିରେ ଆରମ୍ଭ ହୁଏ ରଥ ଟଣା । ଏହା ଅନନ୍ୟ ପରମ୍ପରା । ଯାହ ଆଉ କେଉଁଠି ଦେଖାଯାଏନି । ଶେଷ ପ୍ରହରରେ ରଥ ପହଞ୍ଚେ ଭେଟବାଲିରେ ।

ମାନାରାୟଣୀ ବିମାନ (ଚଉଦୋଳ)ଯୋଗେ ଆସି ସେଠାରେଭେଟ ହୁଅନ୍ତି । ସେହି ସମୟରେ ପ୍ରଭୁଙ୍କ ଦାରୁଭୋଗ କରାଯାଇଥାଏ । ପ୍ରଶିଦ୍ଧ ଚମ୍ପା ବାଣର ଗର୍ଜନ ସହ ଅନ୍ୟାନ ରଙ୍ଗିନ ଆତସବାଜିର ବର୍ଣ୍ଣାଳ ସମାରୋହ ସୂର୍ଯ୍ୟଉଦୟ ଉପଭୋଗ କରନ୍ତି ହଜାର ହଜାର ଶ୍ରଦ୍ଧାଳୁ । ଏସମ୍ପର୍କରେ ଶୁଣାଯାଏ ଯେ ବୁଦ୍ଧଦେବ ରାତିରେ ସନ୍ୟାସ ଗ୍ରହଣ କରିଥିଲେ । ବୌଦ୍ଧ ଧର୍ମରେ ତନ୍ତ୍ରର ପ୍ରବେଶ ଓ ଅଷ୍ଟମ ଶତାବ୍ଦୀରେ ଶଙ୍କରାଚାର୍ଯ୍ୟଙ୍କ ଆର୍ବିଭାବପରେ ଏଠାରୁ ବୌଦ୍ଧ ଧର୍ମ କ୍ରମସ ସଂଙ୍କୁଚିତ ହେଲା ଏବଂ ସନାତନ ଓ ବୌଦ୍ଧ ଧର୍ମର ମିଳନ ହେବା ଫଳରେ ଉଭୟଙ୍କ ଭାବନାକୁ ସମ୍ମାନ ଜଣାଇ ରାତିରେ ରଥ ଟଣା କାର୍ଯ୍ୟ କରାଯାଉଛି । ଗବେଷକ ଡଃ ସଂଜୟ ମହାପାତ୍ର କୁହନ୍ତି ଏହା ଏକ ପ୍ରମୁଖ ତନ୍ତ୍ର ପୀଠ । ସାଧାରଣତଃ ତନ୍ତ୍ର ପୂଜାର ସମସ୍ତ ବିଧି ଉପଚାର ରାତିରେ ସମୟରେ କରାଯାଉଥିଲା ।

ଶାକ୍ତ ଓ ତନ୍ତ୍ରର ମିଳନରୁଏହି ରଥ ଟଣା କାର୍ଯ୍ୟ ରାତିରେ କରାଯାଉଛି । ଖୋର୍ଦ୍ଧା ଜିଲା ନିରାକାରପୁର ଗ୍ରା.ପ ଡିଆ ଗ୍ରାମସ୍ଥିତ ଶ୍ରୀ କପିଳେଶ୍ୱରଙ୍କ ଅଶୋକାଷ୍ଟମୀ ରଥ ଯାତ୍ରା ଅନ୍ୟରଥ ଯାତ୍ରା ଠାରୁ ଅନନ୍ୟ । ନିରାକାରପୁର ରେଳ ଷ୍ଟେସନ ଠାରୁ ଦକ୍ଷିଣକୁ ୨ କି.ମି ଦୂର ଓ ୧୬ ନମ୍ବର ଜାତୀୟ ରାଜପଥର ରାମେଶ୍ୱର ଛକରୁ ମାତ୍ର ୬କି.ମି ଦୂରେ ଏକ ଆମ୍ରକାନନ ଓ ପଞ୍ଚଶ୍ମଶାନ ପରିବେଷ୍ଟିତ ଇଲାକାରେ ଏହି ପ୍ରାଚୀନ ଶୈବପୀଠଟି ରହିଛି । ଏହି ପ୍ରାଚୀନ ପୀଠଟିକୁ ପର୍ଯ୍ୟଟନ ବିଭାଗ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ କରିବାକୁ ବାରମ୍ବାର ଦାବୀ କରାଯାଉଥିଲେ ବି ଏ ପର୍ଯ୍ୟନ୍ତ ତା ସଫଳ ହୋଇପାରିନାହିଁ। ଚଳିତ ବର୍ଷ ରଥଯାତ୍ରା ଆସନ୍ତା ୧୬ ତାରିଖରେ ହେବାକୁ ଥିବାବେଳେ ରଥ କାର୍ଯ୍ୟ ଜୋରସୋରରେ ଚାଲିଛି।

# ହିନ୍ଦୁ ଏକତା ବିଶାଳ ଶୋଭାଯାତ୍ରାକୁ ବିପୁଳ ସମ୍ବର୍ଦ୍ଧନା




କେନ୍ଦ୍ରାପଡ଼ା, (ସବ୍ୟୁ): ପବିତ୍ର ମହା ବିଷୁବ ସଂକ୍ରାନ୍ତି ତଥା ପଣାସଂକ୍ରାନ୍ତି, ଓଡିଆ ନବବର୍ଷ ଓ ମହାବୀର ହନୁମାନ ଜୟନ୍ତୀ ଅବସର ରେବିଶାଳ ହିନ୍ଦୁ ଏକତା ଶୋଭାଯାତ୍ରା ତିନିମୁହାଣୀ ସ୍ଥିତ ଶ୍ରୀରାମମନ୍ଦିର ପରିସର ରୁ ବାହାରି ସହର ପରିକ୍ରମା କରିଥିଲା । ଆଜିପୂର୍ବାହ୍ନରେ ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ରାଷ୍ଟ୍ରୀୟ ସ୍ୱୟଂ ସେବକସଂଘ, ଶ୍ରୀରାମ ସେନା, ଧର୍ମରକ୍ଷା ସେନା ପ୍ରଭୃତି ସଂଗଠନ ଗୁଡିକରମିଳିତ ସଂଯୋଜନା ରେ ଏହି ବିଶାଳ ଶୋଭାଯାତ୍ରା ଅନୁଷ୍ଠିତହୋଇଯାଇଛି । ଶୋଭାଯାତ୍ରା ସହର ଅତିକ୍ରମ କରିବା ସମୟରେମୁଖ୍ୟ ସଡକର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମାନଙ୍କରେଶୋଭାଯାତ୍ରା କୁ ବିପୁଳ ସମ୍ବର୍ଦ୍ଧନା, ପଣା ବଣ୍ଟନ, ପାନୀୟ ଜଳବଣ୍ଟନ କରାଯାଇ ଶୋଭାଯାତ୍ରା କାରୀଙ୍କୁ ଜନ ସାଧାରଣ ଉତ୍ସାହିତକରିଥିଲେ । ଏହି ଅବସର ରେ ବିଜେପି ରାଷ୍ଟ୍ରୀୟ ଉପାଧକ୍ଷ ତଥାକେନ୍ଦ୍ରାପଡା ଲୋକସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ନୂଆ ବସଷ୍ଟାଣ୍ଡଠାରେ ସାମିଲ ହୋଇଥିବା ବେଳେ ବାଲାବାବା ଛକ ଠାରେ ପୂର୍ବତନବିଧାୟକ କିଶୋର କୁମାର ତରାଇ ଶୋଭାଯାତ୍ରା ରେ ଯୋଗ ଦେଇସମ୍ବର୍ଦ୍ଧିତ କରିଥିଲେ । ପୁରୁଣା ବସଷ୍ଟାଣ୍ଡ ଠାରେ ନଗରପାଳ ସରିତାସାହୁ, ସମାଜସେବୀ ରଂଜିତ ସାହୁ, ବିଜେଡି ଜିଲ୍ଲା ସାପତି ଧ୍ରେନକୁମାର ସାହୁ, ମୋ ଓଡିଶା ଜିଲ୍ଲା ସଂଯୋଜକ ହିରଣ୍ୟ କୁମାରପଣ୍ଡା, ଉମେଶ ନାୟକ, ପ୍ରକାଶ ପରିଡା, ସୁନାକର ବେହେରା, ନହେରୁସାହୁ, ଅଭିମନ୍ୟୁ ଗୋଛାୟତ, ଉପୀନ ରାଉତ, କିଶୋର କୁମାରପଣ୍ଡା, କଳ୍ପନା ମଲିକ ଓ ସଂଖ୍ୟାଲଘୁ ସଂପ୍ରଦାୟ ର ବହୁ ବିଶିଷ୍ଟ ବ୍ୟକ୍ତିଉପସ୍ଥିତ ରହି ଶୋଭାଯାତ୍ରା ରେ ସାମିଲ ହେବା ସହ ସ୍ୱାଗତ ସମ୍ବର୍ଦ୍ଧନା ଓଦହି ପାଣି, ପଣା ବିତରଣ କରିଥିଲେ । ଶୋଭାଯାତ୍ରା କୁ ବଳଗଣ୍ଡି,ମଡିଆଳ, ସାନ୍ତସାହି, କେଶପୁର ବଜାର, ସାନ ମଙ୍ଗଳା, ବଡ ମଙ୍ଗଳାପ୍ରଭୃତି ସ୍ଥାନ ମାନଙ୍କରେ ବିଭିନ୍ନ ସଂଗଠନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା,ପୁଷ୍ପ ବୃଷ୍ଟି ଓ ଦହି ସରବତ ବଣ୍ଟନ କରାଯାଇ ଥିଲା । ବଳଦେବ ସେନା ପକ୍ଷରୁଇଛାପୁର ରେ ପଣା ବିତରଣ କରାଯାଇ ଶୋଭାଯାତ୍ରା କାରୀଙ୍କୁଉତ୍ସାହିତ କରାଯାଇ ଥିଲା। ପୋଲିସ ପ୍ରଶାସନ ପକ୍ଷରୁ ସହରର ବିଭିନ୍ନସ୍ଥାନ ଓ ମୁଖ୍ୟ ସଡକରେ ପୋଲିସ ମୁତୟନ କରାଯାଇ ଶାନ୍ତି ଶୃଙ୍ଖଳା ର ସହହିନ୍ଦୁ ଏକତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେଜିଲ୍ଲାର ବିଭିନ୍ନ ବ୍ଲକରୁ ରାଷ୍ଟ୍ରବାଦୀ ସଂଗଠନର କର୍ମକର୍ତା ମାନେହଜାର ହଜାର ସଂଖ୍ୟାରେ ଅଂଶ ଗ୍ରହଣ କରିଥିଲେ । ଆୟୋଜକବିବେକାନନ୍ଦ ମହାରଣାଙ୍କ ସମେତ ମହେଶ କୁମାର ତ୍ରିପାଠୀ, ଉମେଶ ଦାସ,ଶଶାଙ୍କ କୁମାର ଜେନା, ମାଧବ ପ୍ରଧାନ, ସଂଜୟ କୁମାର ପତ୍ରୀ,ପ୍ରସନ୍ନଜିତ ରାଉତ, ବିରେନ୍ଦ୍ର ସାମଲ, ନିରଞ୍ଜନ ସୁଆର, ଅଭିଜିତଦାସ, ସୁଶିଲ ଦାସ ପ୍ରମୁଖ କର୍ମକର୍ତା ମାନେ ଉପସ୍ଥିତ ରହିଶୋଭାଯାତ୍ରାକୁ ନିୟନ୍ତ୍ରଣ କରିଥିଲେ । କେନ୍ଦ୍ରାଂଚଳ ଆଇ.ଜିସଂଜୟ କୁମାର କୌଶଳ, ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କାଟାରିଆ,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଏସଡିପିଓ ଦେବେନ୍ଦ୍ର ମଲିକ, ଟାଉନ ଥାନା ଅଧିକାରୀ ଦିଲିପ କୁମାର ସାହୁ ଓ ସଦର ଥାନା ଅଧିକାରୀ ସରୋଜକୁମାର ସାହୁଙ୍କ ସମେତ ଅନ୍ୟ ପଦସ୍ଥ ପୋଲିସ କର୍ମଚାରୀ ମାନେଉପସ୍ଥିତ ରହି ଶୋଭାଯାତ୍ରା କୁ ମାର୍ଗଦର୍ଶନ କରିବା ସହ ଆଇନଶୃଙ୍ଖଳା ରକ୍ଷା ଉପରେ ଦୃଷ୍ଟି ରଖିଥିଲେ ।

# ଗୋଟିଏ ରାତିରେ ସିରିଜ୍ ଡକାୟତି

ସାଲେପୁର, (ସବ୍ୟୁ): କଟକ ଜିଲ୍ଲା ସାଲେପୁର ବ୍ଲକ୍ ଜଗତପୁର ଥାନା ଅଧିନ ରାମେଶ୍ୱର ପଞ୍ଚାୟତର ଚାହାପଡା ଗାଁରେ ଘଟିଛି ଏକ ଅଭାବନୀୟ ଘଟଣା। ଶନିବାର ବିଳମ୍ବିତ ରାତ୍ରିରେ ଘଟିଛି ୩ ଟି ପରିବାରରେ ଡକାୟତି। ୧୦ରୁ୧୫ଲକ୍ଷ ଟଙ୍କାର ସମ୍ପତି ଲୁଟ ହୋଇଥିବା ଜଣାପଡିଛି।ଘଟଣାରୁ ପ୍ରକାଶ ଗତକାଲି ବିଳମ୍ବିତ ରାତ୍ରି ପ୍ରାୟ ୨ ଟା ରୁ ୩ଟା ସମୟରେ ୩ ଜଣ ଯୁବକ ବନ୍ଧୁକ ,ଖଣ୍ଡା,ଭୁଜାଲି ଧରି ପ୍ରଥମେ ପ୍ରଶାନ୍ତ ରାଉତ ଙ୍କ ଅନୁପସ୍ଥିତରେ ସେ ବାହାରକୁ ଯାଇଥିବା ସମୟରେ ତାଙ୍କ ଘରେ ତାଙ୍କ ଭଉଣୀ ରହୁଥିବାର ସୁଯୋଗ ନେଇ ଘର କବାଟ ଭାଙ୍ଗି ପ୍ରବେଶ କରିଥିଲେ। ତାଙ୍କୁ ମାରଣାସ୍ତ୍ର ଦେଖାଇ ଆଲମୀରା ଭାଙ୍ଗି ପ୍ରାୟ ଦେଢ଼ ଲକ୍ଷ ନଗଦ ଟଙ୍କା ସହିତ ଅଢେଇ ଶହ ଗ୍ରାମର ସୁନା ରୁପା ଅଳଙ୍କାର ନେଇଯିବା ସହ ଆଉ ଦୁଇ ଜଣଙ୍କ ଘରକୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରାଇ ସୁନା ରୁପା ଅଳଙ୍କାର ଓ ନଗଦ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଚୋରି ହୋଇ ଥିବା ଅଳଙ୍କାର ଓ ନଗଦ ଟଙ୍କା ମିଶି ପ୍ରାୟ ୧୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ ଡକାୟତ କରିଥିବା ଦେଖିବାକୁ ମିଳିଛି।ଖବର ପାଇ ସ୍ଥାନୀୟ ଲୋକ ରୁଣ୍ଡ ହୋଇଥିଲେଛଏବଂ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଜଗତପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ପୋଲିସ କୁକୁର ସହ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ଜାରି ରଖିଛି।

# ପଥରପଦାରେ ଟ୍ରକ ଦୁର୍ଘଟଣା

ପାଣିକୋଇଲି, (ସବ୍ୟୁ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପଥରପଦା ଗ୍ରାମର ନିକଟରେ ଶନିବାର ବିଳମ୍ବିତ ରାତ୍ରୀରେ ଦୁଇ ଟ୍ରକ ମଧ୍ୟରେ ଧକ୍କା ହେବା ଫଳରେ ୨୦ରୁ ଉର୍ଦ୍ଧ ଛେଳି ମୃତାହତ ହୋଇଛନ୍ତି । ପ୍ରକାଶଯେ କଲିକତାରୁ ଛେଳି ଓ ମେଣ୍ଢା ନେଇ ଏକ ଟ୍ରକ ( ଡବ୍ଲ୍ୟୁବି ୩୯ସି ୧୨୫୨) ଦ୍ରୁତଗତିରେ ଆସି ପଥରପଦା ଗ୍ରାମ ନିକଟରେ ଭାରସାମ୍ୟ ହରାଇ ରାସ୍ତ କଡ ବାଡାରେ ପିଟିହୋଇ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ (ବି ଆର ୨୭ଏ୨୮୬୮)ସହଧକ୍କା ଖାଇ ଗାଡିଟି ରାସ୍ତା ମଝିରେ ଓଲଟି ପଡିଥିଲା । ଫଳରେ ଉଭୟ ଗାଡିର ୩ଜଣ ଆହତ ହୋଇଥିବା ସେମାନଙ୍କୁ ତୁରନ୍ତ ଚିକିତ୍ସାପାଇଁ ପଠାଯାଇଥିଲା । ଛେଳି ଗାଡିର ପ୍ରାୟ ୨୦ଟି ଛେଳି ଘଟଣାସ୍ଥଳେ ମୃତ୍ୟୁବରଣ କରିଥିବା ଦେଖାଯାଇଥିଲା ।

## *ଯୁବକଙ୍କ ଆତ୍ମହତ୍ୟା*

ପାଣିକୋଇଲି, (ସବ୍ୟୁ) : ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ଅଳତିରି ଗ୍ରାମରେ ଶନିବାର ରାତ୍ରୀରେ ଜଣେ ଯୁବକ ରଶି ଲଗାଇ ଆତ୍ମହତ୍ୟା କରିଛି । ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି । ପ୍ରକାଶଯେ ଅଳତିରି ଗ୍ରାମର ସ୍ୱର୍ଗତ ପୂର୍ଣ୍ଣ ଚନ୍ଦ୍ର ମଲିକଙ୍କ ଏକମାତ୍ର ପୁତ୍ର ବିଭୁଦତ (୩୨) ବିବାହିତ ଓ ତାଙ୍କର ଏକ କନ୍ୟା ସନ୍ତାନ ରହିଛି । ଶନିବାର ରାତ୍ରୀ ତାଙ୍କୁ ପରିବାର ଲୋକେ ଖାଇବାକୁ ଡାକିବାରୁ ସେ ଘରର କବାଟ ବନ୍ଦଥିବା ଦେଖିବାକୁ ପାଇଥିଲେ । ଡାକ ପକାଇବାରୁ ସେ କୌଣସି ଉତର ଦେଇନଥିଲେ । ଫଳରେ ଘରଲୋକ କବାଟ ତାଡି ଦେଖିବା ବେଳକୁ ଏକ ଓନି ସାହାଯ୍ୟରେ ଘର ଛାତର ଏକ ଲୁହା ହୁକରେ ରଶି ଲାଗାଇ ଦେଇଛି । ସଂଗେ ସଂଗେ ତାକୁ ଉଦ୍ଧାର କରି ଯାଜପୁରରୋଡ କ୍ଷେତ୍ରୀୟ ଚିକିତ୍ସାଳୟରେ ଭର୍ତି କରିଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ପରିବାର ପକ୍ଷରୁ ଥାନାରେ ଜଣାଇବା ପରେ ପୁଲିସ ତଦନ୍ତ ଆରମ୍ଭ କରିବା ସହ ଏକ ଅପମୃତ୍ୟୁ ମାମଲା ୬/୨୪ ରୁଜୁ କରିଥିଲା । ଆଜି ଶବ ପଂଚନାମା ପରେ ଦାନଗଦି ସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ୟବଚ୍ଛେଦ କରାଯାଇଥିଲା । ପରେ ମରଶରୀରକୁ ଗ୍ରାମକୁ ଅଣାଯାଇଥିଲା । ଏକ ଶୋକାକୂଳ ପରିବେଷରେ ଶୋଯାତ୍ରାରେ ନିଆଯାଇ ଯାଜପୁର ବାରୁଣୀ ମହ ଶଶ୍ମାନରେ ଶେଷକୃତ ସମ୍ପନ୍ନ କରାଯାଇଥିଲା ।

# ଗୋପାଳଶୁଣୀ ପୀଠରେ ବାର୍ଷିକ ଯଜ୍ଞୋତ୍ସବ

ଧର୍ମଶାଳା, (ସ.ବ୍ୟୁ): ଧର୍ମଶାଳା ବ୍ଲକ ଚୋରମୁହାଁ ଗ୍ରମସ୍ଥିତ ମା ଗୋପାଳଶୁଣୀ ପୀଠରେ ବହୁ ଆଡମ୍ବର ସହକାରେ ବାର୍ଷିକ ଯଜ୍ଞୋତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗୋପୂଜା, ସୂର୍ଯ୍ୟପୂଜା ଅନୁଷ୍ଠିତ ହେବା ସହ ସକାଳ ୯ ଟାରୁ ଯଜ୍ଞ ଶୁଭାରମ୍ଭ ହୋଇଥିଲା । ଏହି ଯଜ୍ଞରେ କର୍ତା ଭାବେ ଅଭୟ କୁମାର ମହାନ୍ତି ଓ କର୍ତୀ ଭାବେ ତାଙ୍କ ପତ୍ନୀ ସୀମାରାଣୀ ମହାନ୍ତି ଯେଗଦେଇଥିଲେ । ଦିନ ତମାମ ଏହି କାର୍ଯ୍ୟକ୍ରମ ଚାଲୁରହିଥିବା ବେଳେ ରାତି ସାଢେ ୯ଟାରେ ପୂର୍ଣ୍ଣାହୁତୀ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ନାୟକ, ପୀତବାସ ବାରିକ, ପ୍ରଫୁଲ୍ଲ କୁମାର କବି,ମନୋଜ କୁମାର ବାରିକ, ଜ୍ଞାନେନ୍ଦ୍ର ଦାସ,ଶୁରେସ କୁମାର ରାଉତ,ପ୍ରବୋଧ କୁମାର ପାତ୍ର, ରାକେଶ ଦାସ ପ୍ରମୁଖ ଗ୍ରାମବାସୀ ପରିଚାଳନା କରିଥିଲେ ।

# ଆମ୍ବେଦକର କମିଟି ତରଫରୁ ଜୟନ୍ତୀ ପାଳିତ

କେନ୍ଦ୍ରାପଡ଼ା,(ସବ୍ୟୁ) : କେନ୍ଦ୍ରାପଡା ଡ଼ଃ ବି.ଆର. ଆମ୍ବେଦକର ଙ୍କରପ୍ରତିମୂର୍ତି କମିଟି ଓ ଅଲ ଇଣ୍ଡିଆ ସମତା ସୈନିକ ଦଳ ପକ୍ଷରୁଭାରତରନ୍ ଡ଼ଃ ବି.ଆର. ଆମ୍ବେଦକର ୧୩୩ ତମ ଜନ୍ମ ଜୟନ୍ତୀ ପାଳନହୋଇଯାଇଛି । ପ୍ରତିମୂର୍ତି କମିଟି ସଭାପତି ସୁଧିର କୁମାରମଲିକଙ୍କ ଅଧକ୍ଷତାରେ ଆୟୋଜିତ ଏହି ସଭାରେ କେନ୍ଦ୍ରାପଡାବିଧାୟକ ଶଶି ଭୂଷଣ ବେହେରା ମୁଖ୍ୟ ଅତିଥି ପୂର୍ବତନ ବିଧାୟିକାଡ଼ଃ ସିପ୍ରା ମଲିକ, ପୌର ଅଧକ୍ଷା ସରିତା ସାହୁ, ପୂର୍ବତନ ଓକିଲ ସଂଘସଭାପତି ବିଚିତ୍ରା ନନ୍ଦ ସାହୁ, ନିର୍ମଳ କୁମାର ମଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସମ୍ବିଧାନ ପ୍ରଣେତା ଭୀମରାଓ ବାବା ସାହେବ ଡ଼ଃ ବି.ଆର. ଆମ୍ବେଦକର ଙ୍କର ଜୀବନୀ ଓ ଆଦର୍ଶ ସଂପର୍କରେମତବ୍ୟକ୍ତ କରିଥିଲେ । ସାରା ବିଶ୍ୱରେ ଆମ୍ବେଦକର ଙ୍କର ଜନ୍ମ ଜୟନ୍ତୀପାଳନ କରାଯାଉଛି ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ ।ସମ୍ବିଧାନରେ ଡ଼ଃ ଆମ୍ବେଦକର ସମସ୍ତ ଭାରତୀୟଙ୍କ ସୁରକ୍ଷା ଓ ସମ୍ମାନ ଜଣାଇସମ୍ବିଧାନ ଲେଖିଥିବା ଅତିଥି ମାନେ ମତବ୍ୟକ୍ତ କରିଥିଲେ ।ଆୟୋଜିତ ଏହି କାର୍ଯ୍ୟକ୍ରମରେ ହଳଧର ମଲିକ, ପ୍ରଭାତୀ ସାହୁ,ପ୍ରବୋଧ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ସଭା ଶେଷରେ ଆଇନଜୀବିଅପୂର୍ବ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ମା' ମଙ୍ଗଳାଙ୍କ ପୀଠରେ ଧ୍ରୁବ, ଅଂଶୁମାନ

ରାଜନଗର, (ସବ୍ୟୁ): ଓଡିଆ ନୂଆ ବର୍ଷ ଓ ମହାବିଷୁବ ପଣା ସଂକ୍ରାନ୍ତି ଅବସରରରେ ଉପକୂଳ ଓଡିଶାର ଅନ୍ୟତମ ଶକ୍ତିପୀଠ ମା'ମାଟିଆ ମଙ୍ଗଳାଙ୍କ ପୀଠରେ ଆଜି ନେତାଙ୍କ ଭିଡ ଦେଖିବାକୁ ମିଳିଥିଲା। ବିଜେପି ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ମା'ଙ୍କ ଦର୍ଶନ କରି ଯିବା ପରେ ମା'ଙ୍କ ପୀଠରେ ବିଜୁ ଜନତା ଦଳର କେନ୍ଦ୍ରାପଡା ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ ପହଁଚିଥିଲେ। ମା'ଙ୍କ ଦର୍ଶନ କରି ଆର୍ଶ୍ରିବଛଦ ଭିକ୍ଷା କରିଥିଲେଛ ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କ ସହିତ ପଂଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ବ୍ଲକ ବିଜେଡି ସଭାପତି ନିରଂଜନ ରାଉତ, ଆମ୍ବାର ଅଧକ୍ଷ ଗୋବର୍ଦ୍ଧନ ପ୍ରଧାନ,ଚାନ୍ଦିବାଉଶମୂଳ ପଂଚାୟତର ସରପଂଚ ଚିତ ରଂଜନ ପଣ୍ଡା, ସମିତିସଭ୍ୟ ସସ୍ମିତା ସ୍ୱାଇଁ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଅରୁଣ କୁମାର ସାହୁ, ରାଜ୍ୟ ଛାତ୍ର ବିଜେଡି ସଂପାଦକ ବୈବର୍ତ ନାରାୟଣ ବିଶ୍ୱାଳ, ଦେବେନ୍ଦ୍ର କୁମାର ଜେନ, ସରୋଜ କୁମାର ରାଉତ, ମଳୟ ଓଝା, ରଂଜନ କୁମାର ରାଉତ, ମୋହନ କୁମାର ଦାସ, ଗଗନ ବଳ, ବିଜୟ ନାୟକ, ସୁବାଷ ଜେନା, ରବିନ୍ଦ୍ର ସିଂ ପ୍ରମୁଖ ଶତାଧିକ କର୍ମୀ ମା'ଙ୍କ ଦର୍ଶନ କରି ଆର୍ଶ୍ରିବଛଦ ଭିକ୍ଷା କରିଥିଲେ। ସୂଚନା ଯୋଗ୍ୟ ମା ମଙ୍ଗଳା ଙ୍କୁ ଦର୍ଶନ କରିବା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ଅଞ୍ଚଳ ରୁ ୪୫ହଜାର ରୁ ଉର୍ଦ୍ଧ ଭକ୍ତ ମା ଙ୍କୁ ଦର୍ଶନ କରିଥଲେ। ମା ମଙ୍ଗଳା ଙ୍କ ଆଜିର ବଡ଼ ପର୍ବର ସୁରକ୍ଷା ପାଇଁ ଆଇଆଇସି ଅଜୟ କୁମାର ଜେନା ଙ୍କ ନେତୃତ୍ୱ ରେ ପୋଲିସ ବାହିନୀ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

## *ଯଜ୍ଞ ଉତ୍ସବ*

କୁଆଖିଆ, (ସ.ବ୍ୟୁ): ରସୁଲପୁର ବ୍ଲକ ଅନ୍ତର୍ଗତ ସାରଙ୍ଗପୁର ଡାହାଣୀବର ଠାରେ ମାତାରିଣୀଙ୍କ ୩୨ ତମ ଯଜ୍ଞ ଉତ୍ସବ ୧୨ ତାରିଖ ରୁ ଆରମ୍ଭ ହୋଇ ଆଜି ପୂର୍ଣ୍ଣାହୁତି ହୋଇଛି । କର୍ତା ମଳୟ ଜେନା, କର୍ତୀ ନମିତା ଜେନା, ଦେବେନ୍ଦ୍ର ଜେନା ଓ ସାରଙ୍ଗପୁର ଗ୍ରାମବାସୀ ମାତାରିଣୀଙ୍କ ପୂଜା ଆଧାତ୍ମିକ ଢଙ୍ଗରେ ପାଳନ କରିଛନ୍ତି ।

# ଉତ୍ସାହ ପରିବାର ପକ୍ଷରୁ ଜଳଦାନ କାର୍ଯ୍ୟକ୍ରମ

ନିଶ୍ଚିନ୍ତକୋଇଲି,(ସ.ବ୍ୟୁ): ନିଶ୍ଚିନ୍ତକୋଇଲିର ଅଗ୍ରଣୀ ସଂଗଠନ ଉତ୍ସାହ ପରିବାର ପକ୍ଷରୁ ଓଡ଼ିଆ ନୂତନ ବର୍ଷ ଓ ପଣା ସଂକ୍ରାନ୍ତି ଅବସରରେ ଜଳଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଯାତାୟତ କରୁଥିବା ପଥିକ ମାନଙ୍କର ତୃଷ୍ଣା ମେଣ୍ଟାଇବା ପାଇଁ କଟକ-ଚାନ୍ଦବାଲି ରାସ୍ତା ପାର୍ଶ୍ୱ କଟରପଡ଼ା ବସଷ୍ଟାଣ୍ଡ ନିକଟରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହା ଏକ ମାସ ଧରି ଚାଲିବ ବୋଲି ସଂଗଠନର ସଭାପତି ଦେବାଶିଷ ବେହୁରା ପ୍ରକାଶ କରିଛନ୍ତି । ଉପସଭାପତି ସନ୍ତୋଷ କୁମାର ଜେନାଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମକୁ ବୟୋଜ୍ୟୋଷ୍ଠ ମୁରବୀ ନିରଞ୍ଜନ ନାୟକ ଉଦଘାଟନ କରିଥିଲେ । ସ୍ୱେଚ୍ଛାସେବୀ ସୟଦ୍ ମହମ୍ମଦ ଗୁଫ୍ରାନ୍, ଦିପ୍ତୀରଂଜନ ସ୍ୱାଇଁ, ଚନ୍ଦନ ତରାଇ, ସୁଧାଂଶୁ ଜେନା,ବାବାଜୀ ବେହୁରା,ଛବିନ୍ଦ୍ର ତରାଇ ଜଳଦାନ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

କୁଆଖିଆ, (ସବ୍ୟୁ): ରସୁଲପୁର ବ୍ଲକ ଅନ୍ତର୍ଗତ ନଠୁଆବର ପଂଚାୟତ ଲଗୁଆଁ ଗ୍ରାମର ଅବସର ପ୍ରାପ୍ତ ଶିକ୍ଷକ ଧରଣୀ ଧର ମହାନ୍ତି (୯୨)ଙ୍କର ବାର୍ଦ୍ଧକ୍ୟ ଜନିତ ରୋଗରେ ପରଲୋକ ହୋଇଯାଇଛି । ସେ ରସୁଲପୁର ବ୍ଲକର ବିଭିନ୍ନ ସ୍କୁଲରେ ଶିକ୍ଷକତା କରି ଛାତ୍ର ଛାତ୍ରୀ ଓ ଅଭିଭାବକଙ୍କ ନିକଟରେ ପ୍ରଶଂସିତ ହୋଇଛନ୍ତି। ତାଙ୍କ ମୃତ୍ୟୁରେ ସୁଧାଂଶୁ ଶେଖର ମହାନ୍ତି, ସ୍ୱଦେଶ ରଂଜନ ମହାନ୍ତି, ବିଶ୍ୱନାଥ ନାୟକ, ଛବିରାଣୀ, ବିଜୟ କୁମାର ମହାନ୍ତି, ରେବତୀ, ଇତିଶ୍ରୀ ରାଉତରାୟ, ଆଲୋକ ଜିତ ମହାନ୍ତି, ସସ୍ମିତା ମହାନ୍ତି, ସୌଦାମିନି ମହାନ୍ତି, ଟୁକୁ ମହାନ୍ତି ଓ ପରିବାର ବର୍ଗ, ଗ୍ରାମବାସୀ ଶୋକ ପ୍ରକଟ କରିଛନ୍ତି। ପୁରି ସ୍ୱର୍ଗ ଦ୍ୱାର ରେ ସଂସ୍କାର କରାଯାଇଛି । ବଡ ପୁଅ ସୁଧାଂଶୁ ମୁଖାଗ୍ନି ଦେଇଛନ୍ତି ।

# ଡ.ଆମ୍ବେଦକରଙ୍କ ଜୟନ୍ତୀ




କୁଆଁରପାଳ, (ସବ୍ୟୁ): ଭାରତୀୟ ସମ୍ବିଧାନର ପ୍ରଣେତା ବାବାସାହେବ ଡ.ଭିମରାଓ ଆମ୍ବେଦକରଙ୍କ ୧୩୪ ତମ ଜୟନ୍ତୀ ଜେଏନ କଲେଜ ଛକ ସ୍ଥିତ ଦ୍ରିଷ୍ଟି ଶିକ୍ଷାନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆମ୍ବେଦକର ବିଚାର ମଞ୍ଚସଭାପତିସମାଜସେବୀ ଶିବ ଚରଣ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ପ୍ରଫେସର ଅରକ୍ଷୀତ ମଲ୍ଲିକ ଯୋଗଦେଇ ଡ.ଭିମରାୟ ଆମ୍ବେଦକର ଭାରତୀୟ ସମ୍ବିଧାନର ଜନକ ଭାବେ ଭାବେ ଅଭିହିତ କରିବା ସହ ସେ ଜଣେ ବିଶିଷ୍ଟ ରାଷ୍ଟ୍ରନାୟକ ଥିଲେ ବୋଲି ବକ୍ତବ୍ୟ ରଖିଥିଲେ। ଏଥିରେ ମୁଖ୍ୟ ବକ୍ତା ଭାବେ ଆଇନଜୀବୀ ନିୟତୀ ରଞ୍ଜନ ସାମଲ,ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ବିଜୟ କୁମାର ଜେନା ପ୍ରମୁଖ ଯୋଗଦେଇ ଡ.ଆମ୍ବେଦକରଙ୍କ ବହୁମୂଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ସାମ୍ବାଦିକ ଧନେଶ୍ୱର ସେଠୀ । ଶିବଚରଣ ଦାସ ବାର୍ଷିକ ବିବରଣୀ ପାଠ କରିଥିଲା ବେଳେ ଧନ୍ୟବାଦ ପ୍ରଦାନ କରିଥିଲେ ଅଜୟ କୁମାର ମଲ୍ଲିକ।

## *ପଣାସଂକ୍ରାନ୍ତି ପାଳିତ*

ପାଣିକୋଇଲି, (ସବ୍ୟୁ): କୋରେଇ ବ୍ଲକ ଅନ୍ତର୍ଗତ ବୈତରଣୀରୋଡ଼ ଅଂଚଳର ବିଭିନ୍ନ ସ୍ଥାନରେ ଥିବା ତାରିଣୀ ମଣ୍ଡପରେ ପୂଜାର୍ଚ୍ଚନା ମହା ସମାରୋହରେ ଅନୁଷ୍ଠିତ ହୋଇଥିଲା ବେଳେ ମହାବୀର ଶ୍ରୀ ହନୁମାନଙ୍କ ଜୟନ୍ତୀ ଉତ୍ସବ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି । ବୈତରଣୀରୋଡ଼ ସ୍ଥିତ ରେଲୱେ ଷ୍ଟେସନ ସମ୍ମୁଖ ତାରିଣୀ ମନ୍ଦିରରେ ପୂଜକ ନାରାୟଣ ଶତପଥିଙ୍କ ଦ୍ୱାରା ଆଜି ପୂର୍ବାହ୍ନରେ କଳସ ସ୍ଥାପନ କରାଯାଇ ମା'ଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ବେଲପଣା ଭକ୍ତ ଓ ଯାତ୍ରୀଙ୍କୁ ଦିଆଯାଇଥିଲା ଏହି ପରିଭାବେ ମୁକୁନ୍ଦପୁର, ରଣପୁର, ତୁଳସୀପୁର, ଗୌରପୁର, ଦୁଲାଖପାଟଣା, କରଦା, ଇଚ୍ଛାପୁର ତାରିଣୀ ମନ୍ଦିର ଓ ହନୁମାନଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା । ସେହିପରି ମହାବୀର ହନୁମାନଙ୍କ ଜୟନ୍ତୀ ନିମନ୍ତେ ବୈତରଣୀରୋଡ ବଜାର ହନୁମାନ ମନ୍ଦିରରେ ବଜାର କମିଟି ତରଫରୁ ପୂଜକ ଲକ୍ଷ୍ମୀଧର ଶତପଥିଙ୍କ ଦ୍ୱାରା ଯଜ୍ଞ ଅନୁଷ୍ଠିତ ହୋଇଥିଲା ।

# ଖମଣ ପଞ୍ଚାୟତ ବିଜେପି କର୍ମୀଙ୍କ ବନ୍ଧୁମିଳନ



ବ୍ୟାସନଗର, (ସ.ବ୍ୟୁ): କୋରେଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୋରେଇ ବ୍ଲକ୍ ଖମଣ ପଞ୍ଚାୟତର ସମସ୍ତ ବଜେପି କର୍ମୀମାନେ ବଢେଇଟିକର ବୁଢିବାସୁଳାଇ ପୀଠ ଠାରେ ବନ୍ଧୁମିଳନର ଆୟୋଜନ କରିଥିଲେ। ଖମଣ ପଞ୍ଚାୟତ ବିଜେପି ପ୍ରମୁଖ ଅକ୍ଷୟ କୁମାର ନାୟକଙ୍କ ସଭାପତିତ୍ୱରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଜେପି କର୍ମୀମାନଙ୍କ ବନ୍ଧୁମିଳନରେ କୋରେଇ ବିଧାନସଭା ବିଧାୟକ ପ୍ରାର୍ଥୀ ଆକାଶ ଦାସନାୟକ ଯାଜପୁର ଲୋକସଭା ପ୍ରାର୍ଥୀ ରବିନାରାୟଣ ବେହେରା ଉପସ୍ଥିତ ଥିଲେ। ବିଜେପି କର୍ମୀମାନେ ଶ୍ରୀ ଦାସନାୟକ ଓ ଶ୍ରୀ ବେହେରାଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ଆଗାମୀ ନିର୍ବାଚନ ପାଇଁ ବିଶେଷ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ମଧୁସୁଦନ ସାହୁ, ସୁରେଶ କୁମାର ସାହୁ, ନରେନ୍ଦ୍ର କୁମାର ସାହୁ, ଭୁବନ ମଲ୍ଲିକ, ଗୋବିନ୍ଦ ଦାସ, ଶଶିକାନ୍ତ ସାହୁ, ଶତୃଘ୍ନ ସାହୁ, ମନ୍ମଥ ଗେଡି, ବାଇଧର ନାୟକ, ପ୍ରଶାନ୍ତ ଗୁରୁ, ସୁଶାନ୍ତ କୁମାର ସାହୁ, ଗଜେନ୍ଦ୍ର ମହାକୁଡ, ସୁଜିତ ସାହୁ, ମାନସ ସାହୁ, ସୁରେନ୍ଦ୍ର କୁମାର ନାୟକ, ସୁରଜ ନାୟକ, ମନମୋହନ ସାହୁ, ମଦନ ମୋହନ ସାହୁ, ଅକ୍ଷୟ କୁମାର ସାହୁ, ସୁରେଶ କୁମାର ସାହୁ, ଶ୍ରୀଧର ସାହୁ, ସୁଲୋଚନା ନାଥ, ବନିତା ମଲ୍ଲିକ, ସୁଦର୍ଶନ ପୃଷ୍ଟି, ଗଗନ ସାହୁ, ଧନେଶ୍ୱର ସାହୁ, କାଶିନାଥ ସାହୁ, ଅଜୟ ଶଙ୍କର ସାହୁ, ଅବିନାଶ ସାହୁ ଏବଂ ସମସ୍ତ ୱାର୍ଡର ବିଜେପି କର୍ମୀ ଉପସ୍ଥିତ ଥିଲେ।

## ଅଗ୍ନିବିପନ୍ନଙ୍କୁ ସହାୟତା

ତିର୍ତ୍ତୋଲ, (ସବ୍ୟୁ ) ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ତେନ୍ତୁଳିପଦା ରାଜସ୍ୱ ଗ୍ରାମର କୁଳସାହିର ଦିବାକର ଦାସଙ୍କ ଘରେ ଗତକାଲି ସନ୍ଧ୍ୟାରେ ନିଆଁ ଲାଗି ଦୁଇ ବଖରା ଘରସଂପୂର୍ଣ୍ଣ ଜଳିଯାଇଥିଲା। ଏହି ଅଗ୍ନିକାଣ୍ଡରେ ଦୁଇ ବଖରା ଘରେ ଥିବା ସମସ୍ତ ଆସବାବପତ୍ର ପୋଡିଯାଇଥିଲା । ଆଜି ଘଟଣାସ୍ଥଳରେ ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ସୁବ୍ରତ ଦାଶ, ବ୍ଲକ ଯୁବ ବିଜେଡି ଉପସଭାପତି ଦେବବ୍ରତ ବାରିକ, ସମାଜସେବୀ ଅକ୍ଷୟ କୁମାର ମହାନ୍ତି ପ୍ରମୁଖ ପହଞ୍ଚି କ୍ଷୟକ୍ଷତି ବୁଲି ଦେଖିବା ସହ ଦିବାକରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ ।

# ବଡଚଣା ଭାଜପା ପକ୍ଷରୁ ଆମ୍ବେଦକରଙ୍କ ଜୟନ୍ତୀ




ଚଣ୍ଡିଖୋଲ, (ସବ୍ୟୁ) :ଭାରତ ବର୍ଷର ସମ୍ବିଧାନ ପ୍ରଣେତା ଡ ଭିମରାଓ ଆମ୍ବେଦକରଙ୍କ ୧୩୩ ତମ ଜୟନ୍ତି ବଡଚଣା ଭାଜପା ପକ୍ଷରୁ ଚଣ୍ଡିଖୋଲ ସ୍ଥିତଛଦଳୀୟ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି।ଯାଜପୁର ଜିଲ୍ଲା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ପ୍ରଭାକର ମଲ୍ଲିକଙ୍କ ସଂଚାଳନରେ ଆୟୋଜିତ ସଭାରେ ବଡଚଣା ଭଜପା ପ୍ରାର୍ଥୀ ଅମର ନାୟକ, ଭାଜପା ଜିଲ୍ଲା ସାଧାରଣ ସମ୍ପାଦକ ଦେବଜାନୀ ପ୍ରଧାନ,ସମ୍ପାଦକ ପ୍ରମୋଦ କୁମାର ଜେନା,ମଣ୍ଡଳ ସଭାପତି ଲଲାଟ କେଶରୀ ମହାପାତ୍ର,ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରୀତମକୁମାର ନାୟକ,ଅନୁସୁଚିତ ଜାତି ମୋର୍ଚ୍ଚା ମଣ୍ଡଳ ସଭାପତି ଶରତ ଯେନା,କୂଳମଣୀ ମଲିକ,ବଳରାମ ଯେନା,ପ୍ରଶାନ୍ତ ଯେନା,ନରେନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ଆମ୍ବେଦକରଙ୍କ ଚିନ୍ତାଧାରା ଓ କାର୍ଯ୍ୟଧାରାକୁ ଭାରତ ବର୍ଷର ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଅନୁସରଣ କରି ଆସୁଛନ୍ତି ବୋଲି କହିବା ସହ ଆମ୍ବେଦକରଙ୍କ ନିତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ଉପସ୍ଥିତ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ। ବରିଷ୍ଠ ନେତା ଅଜୟ ଜେନା,ବାଇଧର ସେନାପତି,ନାରାୟଣ ସାମଲ,ମଣ୍ଡଳ ସଭାପତି ପ୍ରଦୀପ ସାମଲ,ସୀତାନାଥ ବଳ ସାମନ୍ତ,ବେଣୁଧର ବିଶ୍ୱାଳ, ସୁଙ୍ଗୁଡା ଗ୍ରାମ ପଂଚାୟତ ସରପଂଚ ଅଞ୍ଜୁଲତା ସ୍ୱାଇଁ, ନାରୀନେତ୍ରୀ କ୍ଷମାରାଣୀ ପ୍ରଧାନ,ମାମାଲି ମହାନ୍ତି ,ବିଭିନ୍ନ ପଂଚାୟତର ଅନୁସୁଚିତ ଜାତି ଓ ଅନୁସୁଚିତ ଜନଜାତି ନେତୃ ମଣ୍ଡଳୀଙ୍କ ସହ ଶତାଧିକ କାର୍ଯ୍ୟକର୍ତ୍ତା ଏଥିରେ ଯୋଗ ଦେଇଥିଲେ।

# ପବିତ୍ର ମହାବିଷୁବ ସଂକ୍ରାନ୍ତିରେ ବରପଡ଼ା, ନତକାଇରେ ପାଟୁଆ ଯାତ୍ରା



ନିଶ୍ଚିନ୍ତକୋଇଲି, (ସବ୍ୟୁ): ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ବୁହାଲୋ ପଞ୍ଚାୟତ ବରପଡ଼ା ସ୍ଥିତ ସୋମନାଥ ମନ୍ଦିର ପ୍ରାଙ୍ଗଣ ଓ ନତକାଇ ପଞ୍ଚାୟତ ବଣୁଆସାହିର ମା' ବୁଢୀ ଜାଗୁଳାଇ ପୀଠରେ ପାରମ୍ପାରିକ ପାଟୁଆ ଯାତ୍ରା ଅନୁଷ୍ଠିତ ହୋଇଛି । ବରପଡ଼ାରେ ଶ୍ରୀ ପାଟୁଆଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଗ୍ରାମରୁ ଶତାଧିକ ମାନସିକଧାରୀ ପାଟୁଆମାନେ ଏହି ଯାତ୍ରାରେ ଯୋଗ ଦେଇଥିଲେ। ସମସ୍ତ ପାଟୁଆମାନଙ୍କ ମଧ୍ୟରେ ଅଗ୍ନିପାଟୁଆ, କାଣ୍ଡ ପାଟୁଆ, ଚରକିପାଟୁଆ ଓ ଖଣ୍ଡା ପାଟୁଆ ହୋଇ ଯାତ୍ରା ମହୋତ୍ସବକୁ ପାଳନ କରିଛନ୍ତି । ସେହିପରି ବଣୁଆ ସାହିରେ ଶ୍ରୀ ପାଟୁଆ ସର୍ବେଶ୍ୱର ରାଉତଙ୍କ ତତ୍ତ୍ୱାବଧାନରେ ୧୦ଜଣ ପାଟୁଆ ଯାତ୍ରା କରିଥାନ୍ତି । ସମସ୍ତ ପାଟୁଆମାନଙ୍କୁ ଏକରୁଖି ନଳ ପୁଷ୍କରିଣୀକୁ ନିଆଯାଇ ପବିତ୍ର ସ୍ନାନ ଓ କାଣ୍ଡ ଫୋଡ଼ା ହେବା ପରେ ସେମାନେ ଯାତ୍ରା ମଣ୍ଡପରେ ପହଞ୍ଚିଥାନ୍ତି। ଯାତ୍ରା ମଣ୍ଡପରେ ପାଟୁଆମାନେ ଅଗ୍ନି ଉପରେ ଖାଲି ପାଦରେ ଚାଲୁଥିବା ଦୃଶ୍ୟ ଦେଖିବା ପାଇଁ ଭିଡ଼ ଜମେଇଥାନ୍ତି । ଏହି କାର୍ଯ୍ୟକ୍ରମକୁ ଦୀପରଂଜନ ରାଉତ ,ପ୍ରବୀର କୁମାର ରାଉତଙ୍କ ସମେତ ସମସ୍ତ ଗ୍ରାମବାସୀମାନେ ପରିଚାଳନାରେ ସହଯୋଗ କରିଥିଲେ।

# କେନ୍ଦ୍ରାଞ୍ଚଳ ଆଇଜିଙ୍କ କେନ୍ଦ୍ରାପଡ଼ା ଗସ୍ତ, ସମୀକ୍ଷା

କେନ୍ଦ୍ରାପଡ଼ା, (ସବ୍ୟୁ): କେନ୍ଦ୍ରାପଡା ରେ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ତରଫରୁ ଆୟୋଜନ କରାଯାଇ ଥିବା ହିନ୍ଦୁ ଏକତାଶୋଭାଯାତ୍ରା କୁ ଶାନ୍ତି ଶୃଙ୍ଖଳା ର ସହ ପାଳନ କରିବା ପାଇଁକେନ୍ଦ୍ରାଂଚଳ ଆଇ.ଜି ସଂଜୟ କୁମାର କୌଶଳ କେନ୍ଦ୍ରାପଡା ରେପହଁଚି ସହରର ବିଭିନ୍ନ ସ୍ଥାନ ପରିଦର୍ଶନ କରିବା ସହିତ ବିଭିନ୍ନସମ୍ବେଦନଶୀଳ ସ୍ଥାନରେ ପୋଲିସ ମୁତୟନ କରାଯାଇ ଥିବା ଓ ଟ୍ରାଫିକନିୟନ୍ତ୍ରଣ କରିବା ଆଦି ସଂପର୍କରେ ପୋଲିସ ପ୍ରଶାସନ ପକ୍ଷରୁ ନିଆଯାଇଥିବା ପଦକ୍ଷେପକୁ ସମୀକ୍ଷା କରିଥିଲେ । ଶୋଭାଯାତ୍ରା କୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ଓ ଆଇନ ଶୃଙ୍ଖଳା ବଜାୟ ରଖିବାସଂପର୍କରେ ଆଲୋଚନା କରିଥିଲେ । କେନ୍ଦ୍ରାପଡା ଆରକ୍ଷୀ ଅଧିକ୍ଷକସିଦ୍ଧାର୍ଥ କାଟାରିଆ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଏସଡିପିଓଦେବେନ୍ଦ୍ର ମଲିକ, ଟାଉନ ଥାନା ଅଧିକାରୀ ଦିଲିପ କୁମାର ସାହୁ ଓ ସଦରଥାନା ଅଧିକାରୀ ସରୋଜ କୁମାର ସାହୁଙ୍କ ସମେତ ଅନ୍ୟ ପଦସ୍ଥ ପୋଲିସକର୍ମଚାରୀ ମାନେ ଉପସ୍ଥିତ ଥିଲେ ।ସତ୍ୟସାଇ ବାଳ ବିକାଶ ଛାତ୍ରଛାତ୍ରୀଙ୍କ ଦ୍ୱାରା ପଣା ବଣ୍ଟନ କେନ୍ଦ୍ରାପଡ଼ା-୧୪/୪: ସତ୍ୟସାଇ ବାଳ ବିକାଶ ଛାତ୍ରଛାତ୍ରୀଙ୍କ ଦ୍ୱାରାପଣା ବଣ୍ଟନ କରାଯାଇଛି । କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଆୟବାପଂଚାୟତରେ ପବିତ୍ର ବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ତଥାଓଡିଆ ନବବର୍ଷ ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରାଜନଗର,ପଟ୍ଟାମୁଣ୍ଡାଇ ଓ କେନ୍ଦ୍ରପଡା ରାସ୍ତାର ଆୟବା ଠାରେ ପ୍ରବଳଗ୍ରୀଷ୍ମ ପ୍ରବାହରେ ବାଟୋଇ ମାନଙ୍କୁ ପଣା ବଣ୍ଟନ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଅବିନାଶ ଜେନା, ପ୍ରିୟଙ୍କାଦାସ, ନିଲେଶ ବାରିକ, ଜ୍ୟୋର୍ତିମୟୀ ଦାସ, ଜ୍ଞାନମୟୀ ଦାସ, ରୁଦ୍ରପ୍ରକାଶ ଦାସଙ୍କ ସମେତ ବହୁ ଛାତ୍ରଛାତ୍ରୀ ଓ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।